R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୧୭
ତିଥି: ଦଶମୀ
୨୨ ଅଗଷ୍ଟ ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 317
22 August 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ନୀରବିଲେ ପ୍ରଣବ ପଟ୍ଟନାୟକ

## ବାସଭବନରେ ଗାର୍ଡ ଅଫ୍ ଅନର | ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତାଙ୍କ ସମେତ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ଭୁବନେଶ୍ୱର, ୨୧।୮ (ସବ୍ୟୁ): ଏମିତି ରାତି ସେ ଯେ ଅଭୁଲା ସ୍ମୃତି... ହେଉ କି ମାଝୀରେ... ତାଙ୍କ କଣ୍ଠରେ ସେ ସମସ୍ତଙ୍କୁ ମତୁଆଲା କରି ରଖୁଥିଲେ। ସେହି ସ୍ୱରରେ କିଛି ଏମିତି ଯାଦୁ ଥିଲା, ଯାହା ଶୁଣିଲେ ସମୟ ଅଟକି ଯାଉଥିଲା। କେତେବେଳେ ପ୍ରେମର ଭିଜା ଭିଜା ଅନୁଭୂତି ତ କେତେବେଳେ ବିରହର ଅକୁହା ଯନ୍ତ୍ରଣା, ପ୍ରତିଟି ଓଡ଼ିଆର ହୃଦୟର ସ୍ପନ୍ଦନକୁ ସେ ନିଜ କଣ୍ଠରେ ରୂପ ଦେଉଥିଲେ । ହେଲେ ଆଜି ସେହି ଯାଦୁକରୀ କଣ୍ଠ ହଠାତ ନୀରବି ଯାଇଛି । ଯାହା ସଙ୍ଗୀତ ଜଗତକୁ ସ୍ତବ୍ଧ କରିଦେଇଛି।

ମୁଁ କେଉଁ ସହରର ଶହରୀ' କହି



ସେ ସବୁଦିନ ପାଇଁ ଶୋଇଗଲେ । ସେ ହେଉଛନ୍ତି ଓଡ଼ିଆ ସଙ୍ଗୀତର ଅପ୍ରତିଦ୍ୱନ୍ଦୀ ସମ୍ରାଟ ତଥା ବର୍ଷୀୟାନ ସଙ୍ଗୀତଜ୍ଞ ପ୍ରଣବ ପଟ୍ଟନାୟକ । ୮୮ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରପାରିକୁ ଚାଲିଯାଇଛନ୍ତି ଆପଣାର ପ୍ରଣବ ପଟ୍ଟନାୟକ । ଚିକିତ୍ସାଧୀନ ଅବସ୍ଥାରେ ଦିନ ସାଢେ ୧୧ଟାରେ ଜୀବନର ନାଟକରୁ ସବୁଦିନ ପାଇଁ ବିଦାୟ ନେଇଛନ୍ତି ପ୍ରଣବ । ପଡ଼ୋଶୀଙ୍କଠୁ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ପ୍ରଣବଙ୍କ ଶେଷ ଦର୍ଶନ କରି ଅଲବିଦା ଜଣାଉଥିଲେ । ଶେଷରେ ବନ୍ଧୁ ଓ ପରିବାରଜନଙ୍କ ଉପସ୍ଥିତିରେ ବାସଭବନରେ (୯ ପୃଷ୍ଠାରେ)

# ଆଇପିଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୨୧।୮ (ସବ୍ୟୁ) : ଆଇପିଏସ୍ ସ୍ତରରେ ରାଜ୍ୟ ସରକାର ଏକ ଅଦଳବଦଳ କରିଛନ୍ତି। ୬ ଆଇପିଏସ୍ ଅଫିସରଙ୍କୁ ନୂଆ ନିଯୁକ୍ତି ଦିଆଯାଇଛି। ୨୦୦୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ହିମାଂଶୁ ଲାଲ୍‌ଙ୍କୁ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଓ ଏସ୍‌ଟିଏଫ୍‌ର ନୂତନ ଆଇଜି ଭାବେ ନିଯୁକ୍ତି ଦିଆଯାଇଛି।

ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୨୦୦୪ ଆଇପିଏସ୍ ଅଫିସର ସତ୍ୟବ୍ରତ ଭୋଇଙ୍କୁ ଗୁଇନ୍ଦା ବିଭାଗର ଆଇଜି ଭାବେ ନିଯୁକ୍ତି ଦିଆଯାଇଥିଲାବେଳେ ୨୦୦୫ର ଆଇପିଏସ୍ ଅଫିସର ଜୟନାରାୟଣ ପଙ୍କଜଙ୍କୁ ଦକ୍ଷିଣାଞ୍ଚଳ (୯ ପୃଷ୍ଠାରେ)

# ୨୭୮୦ କୋଟିର ନିବେଶକୁ ମଞ୍ଜୁର

ଭୁବନେଶ୍ୱର,୨୧।୮ (ସବ୍ୟୁ): ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ବୈଠକରେ ୨୭୮୦.୧୦ କୋଟି ଟଙ୍କାର ୧୪ ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକ୍ଷମ ହେଲାପରେ ୧୪୧୦୪ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏସଏଲ୍‌ଏସ୍‌ଡବ୍ଲ୍ୟୁସିଏ ବୈଠକରେ ଖାଦ୍ୟ ପ୍ରକ୍ରିୟାକରଣ, କୃଷି, ବୟନ ଓ ପୋଷାକ, କେମିକାଲ, ମେଡିକାଲ ଯନ୍ତ୍ରାଂଶ, ଫାର୍ମା, ଇଲେକ୍‌ଟ୍ରୋନିକ୍ ସିଷ୍ଟମ ଡିଜାଇନିଂ ଆଣ୍ଡ ମାନ୍ୟୁଫାକ୍ଚରିଂ, ଇସ୍ପାତ ଓ ଫେରୋ ଆଲୟ (୯ ପୃଷ୍ଠାରେ)

## ସ୍ୱାମୀ ଲକ୍ଷଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକ

# ଗୁରୁଜାଙ୍ଗ ହେବ ଐତିହ୍ୟ ଗ୍ରାମ, ଆଦର୍ଶ ପଞ୍ଚାୟତ

ତାଳଚେର, ୨୧।୮ (ସବ୍ୟୁ) : ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଜୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଅନୁଗୋଳ ଜିଲ୍ଲା ତାଳଚେର ନିକଟସ୍ଥ ଗୁରୁଜାଙ୍ଗଠାରେ ଆୟୋଜିତ ମହୋତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବଡ଼ ଘୋଷଣା କରିଛନ୍ତି।

ସ୍ୱାମୀଜୀଙ୍କ ସ୍ମୃତିପୂତ ପବିତ୍ର ଗୁରୁଜାଙ୍ଗ ଗ୍ରାମକୁ 'ଐତିହ୍ୟ ଗ୍ରାମ'ଦ ଭାବେ ଗଢ଼ିତୋଳାଯିବା ସହ ଗୁରୁଜାଙ୍ଗ ପଞ୍ଚାୟତକୁ 'ଆଦର୍ଶ ପଞ୍ଚାୟତ'ଦ ଭାବେ



ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ କେବଳ ଜଣେ ବ୍ୟକ୍ତି ନଥିଲେ,

### ସ୍ୱାମୀଜୀଙ୍କ ପ୍ରତ୍ୟେକ ରକ୍ତ ଟୋପାକୁ ମିଳିବ ନ୍ୟାୟ

ସେ ଥିଲେ ଏକ ମହାନ ଆଦର୍ଶ, ଅଲୌକିକ ଅନୁଷ୍ଠାନ ଓ (୯ ପୃଷ୍ଠାରେ)

# ପେଲେଟ୍ ଗନ୍ ବ୍ୟବହାର ନେଇ ଏତଲା ରୁଜୁ

ନୂଆଦିଲ୍ଲୀ,୨୧।୮: ଶେଷରେ ଦିଲ୍ଲୀ ପୋଲିସ ପେଲେଟ ଗନ୍ ମାମଲାରେ ଏତଲା ରୁଜୁ କରିଛି । ଗତ ୨୦ ତାରିଖରେ ସିଜେପି ଆନ୍ଦୋଳନ ସମୟରେ ପେଲେଟ ଗନ୍‌ର ଉପଯୋଗ ଯୋଗୁ ଆହତ ହୋଇଥିବା ସାହିଲ ଲୋଚଭଙ୍କ

### ଥାନା ସମ୍ମୁଖରେ ଧାରଣା ଦେଲେ ରାହୁଲ

ଅଭିଯୋଗ ଉପରେ ପୋଲିସ ଅଜ୍ଞାତ ଲୋକଙ୍କ ନାମରେ ଏତଲା ରୁଜୁ କରିଛି । ପୂର୍ବରୁ ଏହି ମାମଲାରେ ଏତଲା ରୁଜୁ କରିବାକୁ ପୋଲିସ ରାଜି ନଥିଲା ।




ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ସଂସଦ ମାର୍ଗ ଥାନା ସମ୍ମୁଖରେ ଧାରଣାରେ ବସିବାରୁ ପୋଲିସ ବାଧ୍ୟହୋଇ ମାମଲା ରୁଜୁ କରିଛି ।


ପେଲେଟ୍ ଗନ୍‌ରେ ଆହତ ହୋଇଥିବା ସାହିଲଙ୍କ ସହ (୯ ପୃଷ୍ଠାରେ)



# ନିରବୀଲେ ପ୍ରଣବ ପଟ୍ଟନାୟକ







ପ୍ରଣବ କିଶୋର ପଟ୍ଟନାୟକ ଓଡ଼ିଆ ସଙ୍ଗୀତ ଜଗତର ଜଣେ ଅନ୍ୟତମ ଶ୍ରେଷ୍ଠ ଗାୟକ, ଯିଏକି ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ଧରି ଓଡିଆ ସଙ୍ଗୀତ ଜଗତରେ ଆଧିପତ୍ୟ ବିସ୍ତାର କରିରହିଥିଲେ । ଅଗଷ୍ଟ ୨୧, ୨୦୨୬ରେ ୮୮ ବର୍ଷରେ ତାଙ୍କର ଦେହାନ୍ତ ହୋଇଛି, ତାଙ୍କ କଣ୍ଠ ଆଜି ନିରବୀ ଯାଇଛି ସତ ହେଲେ ସେ ଶ୍ରୋତାଙ୍କ ହୃଦୟରେ ସବୁବେଳେ ତାଙ୍କ ସଙ୍ଗୀତ ମାଧ୍ୟମରେ ଜୀବନ୍ତ ରହିବେ । ୧୯୩୮ ମସିହା ଜାନୁଆରୀ ୨୦ ତାରିଖରେ ଜନ୍ମଗ୍ରହଣ କରିଥିବା ପ୍ରଣବ ପଟ୍ଟନାୟକ ତାଙ୍କ ପିତା ଦ୍ୱାରା ଅତ୍ୟନ୍ତ ଅନୁପ୍ରାଣିତ ହୋଇଥିଲେ, ଯିଏକି ସ୍ୱର୍ଗତ ଲାଲ ମୋହନ ପଟ୍ଟନାୟକ (ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି) ଥିଲେ । ସେ ଓଡ଼ିଶୀ, ଲୋକଗୀତ, ଭକ୍ତିଗୀତ ଓ ଭଜନ, ସେମି କ୍ଲାସିକାଲ୍, ପାରମ୍ପରିକ, ହିନ୍ଦୀ ଗୀତ ଏବଂ ଗଜଲ ଭଳି ସଙ୍ଗୀତର ବିଭିନ୍ନ ବିଭାଗରେ ନିଜର କଣ୍ଠଦାନ କରିଛନ୍ତି । ଗୁରୁ କୁନାଲ ଆଦିନାରାୟଣଙ୍କ ତାଲିମ ଅଧୀନରେ ସେ ଆନୁଷ୍ଠାନିକ ଭାବେ ସଙ୍ଗୀତ ଜଗତରେ ପାଦ ଥାପିଥିଲେ । ୧୯୫୮ ମସିହାରେ "ମା" ଫିଲ୍ମ ମାଧ୍ୟମରେ ସେ ପ୍ରଥମ ଥର ପାଇଁ ପ୍ରଚ୍ଛଦପଟ ଗାୟକ (ପ୍ଲେବ୍ୟାକ୍ ସିଙ୍ଗର) ଭାବରେ ନିଜର ସଙ୍ଗୀତ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କୁ ହେମଲତା, ବାଣୀ ଜୟରାମ, ଏସ. ଜାନକୀ, ପି. ସୁଶୀଲା, ନିର୍ମଳା ମିଶ୍ର, ଭୂପିନ୍ଦର ସିଂହ, ଉଷା ମଙ୍ଗେସକର ଏବଂ ହୈମନ୍ତୀ ଶୁକ୍ଳାଙ୍କ ଭଳି ପ୍ରସିଦ୍ଧ ଗାୟକ-ଗାୟିକାଙ୍କ ସହ ଗାଇବାର ସୁଯୋଗ ମିଳିଥିଲା । ସେ ଏକମାତ୍ର ଓଡ଼ିଆ ପ୍ରଚ୍ଛଦପଟ ଗାୟକ, ଯିଏକି ଓଡ଼ିଶା ସରକାରଙ୍କ ଦ୍ୱାରା ଏକାଧିକ ଥର "ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ପୁରସ୍କାର"ରେ ସମ୍ମାନିତ ହୋଇଛନ୍ତି । ସଙ୍ଗୀତ ଦୁନିଆର ଶ୍ରେଷ୍ଠ ପୁରସ୍କାର ଜୟଦେବ ପୁରସ୍କାରରେ ମଧ୍ୟ ସେ ସମ୍ମାନୀତ ହୋଇଛନ୍ତି । ତାଙ୍କ ଗୀତଗୁଡ଼ିକର କଣ୍ଠଶୈଳୀ ଅତ୍ୟନ୍ତ ବ୍ୟାପକ ଏବଂ ତାଙ୍କର ଗାଇବାର ନିଆରା ଶୈଳୀ ଅତୁଳନୀୟ । ତାଙ୍କ ଗୀତ ଶ୍ରୋତାମାନଙ୍କୁ ସୃଷ୍ଟିର ସର୍ବୋଚ୍ଚ ସତ୍ତାକୁ ଉପଲବ୍ଧି କରାଏ । ସେ ଓଡ଼ିଶା ଏବଂ ଓଡ଼ିଶା ବାହାରର ପ୍ରାୟ ସମସ୍ତ ସଙ୍ଗୀତ ନିର୍ଦ୍ଦେଶକଙ୍କ ଅଧୀନରେ ୨୦୦ରୁ ଅଧିକ ଓଡ଼ିଆ ଫିଲ୍ମରେ ନିଜର ସ୍ୱର ଦେଇଛନ୍ତି । ଓଡିଆ ସଙ୍ଗୀତ ଦୁନିଆର ଅନେକ କଳାକାରଙ୍କର ସେ ଥିଲେ ମାର୍ଗଦର୍ଶକ ଓ ପ୍ରେରଣା । ଅନେକ ତାଙ୍କୁ ଦେଖି ତାଙ୍କଠାରୁ ଶିଖି ଏହି ସଙ୍ଗୀତ ଦୁନିଆରେ ପାଦ ଥାପିଥିଲେ । ତାଙ୍କ ପଥ ଅନୁସରଣ କରି ଅନେକଙ୍କୁ ସେମାନଙ୍କ କ୍ୟାରିୟରରେ ସଫଳତା ମିଳିଛି । ସେ ଆଜି ନାହାନ୍ତି ସତ ହେଲେ ତାଙ୍କ ଗୀତ ଓଡିଆ ସଙ୍ଗୀତ ତଥା ଓଡିଆ ଶିଳ୍ପୀ ଓ ଦର୍ଶକଙ୍କ ପାଇଁ ସବୁବେଳେ ଅଭୁଲା ହୋଇ ରହିବ ।

## କାଳଜୟୀ ସଙ୍ଗୀତ

| ଗୀତ | ଚଳଚ୍ଚିତ୍ର |
|---|---|
| ଆସ ପ୍ରିୟତମା, ସାଥିରେ ଆମ ଗୀତିରେ | ଶଙ୍ଖ ମହୁରୀ |
| ଏହି କି ବିଚାର | ସାକ୍ଷୀ ଗୋପୀନାଥ |
| ଏ ଗ୍ରାମର ଚଷାଭାଇ, ଇନ୍ଦ୍ରଧନୁର ସପ୍ତରଙ୍ଗୁ | ସମର୍ପଣ |
| ମଧୁଝରା ଫୁଲବନେ, ଜୀବନ ଯମୁନା ନଈ | ପିପାସା |
| ରାତି ପାହିଥିଲେ | କୁଳ ଚନ୍ଦ୍ରମା |
| ପୂରିଲା ଆଶା ମୋର, ହାତୀ ଝୁଲୁଥାଏ | ପରିବାର |
| ମାଝିରେ ଉଆସ ରାତି, ଉର୍ମି ଅଧୀରା ରୂପସୀ ଚିଲିକା | ଚିଲିକା ତୀରେ |
| ମନ ରସିଆରେ | ରକ୍ତ ଗୋଲାପ |
| ଯାହା ମୁଁ ଖୋଜିଛି, ଏ ଜୀବନେ ସବୁ ଘଟଇ | ପୁନର୍ମିଳନ |
| ହେ ଦୁଃଖହାରୀ | ସୁନା ସଂସାର |
| ଏ ନୁହେଁ କାହାଣୀ, ମୋ ଗଣ୍ଠିଧନ | ଏ ନୁହେଁ କାହାଣୀ |
| ମାଝିରେ ଶେଷ ଶ୍ରାବଣ | ଶେଷ ଶ୍ରାବଣ |
| ଯଉବନରୁ ଅପରାଧ, କେଉଁ ନାମ ଧରି | ସିନ୍ଦୂର ବିନ୍ଦୁ |
| ହୃଦୟ ଭରି ମୋର, ଧାର ଧାର ହୋଇ | କୃଷ୍ଣ ସୁଦାମା |
| ସୀମାହୀନ ଦରିଆ | ବତିଘର |
| ହାୟ ସେ ହରିଣୀ ଆଖି | ଯାଯାବର |
| ରେ ଆମ୍ଭନ୍ ନିଦ୍ରାପରିହରି, ଆ'ରେ ମିତ | ମମତା |
| ନ କର ନ କର ମନ | ସଂସାର |
| ଏ ନୀଳଆଖି, ମା କାଳୀଯାଇ ଲୋ, ପୂର୍ଣ୍ଣିମା ଜହ୍ନ ସତେ | ବନ୍ଧନ |
| ତୁମ ବିନା ଏଇ ରାତି, ବିତିଯାଏ ରେ | ସ୍ତ୍ରୀ |

### ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର

୧୯୯୩ -ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ (ଆଶା)
୧୯୮୯ - ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ (ପ୍ରତିଶୋଧ ଅପରାଧ ନୁହେଁ)
୧୯୮୮ - ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ (କନ୍ୟାଦାନ)
୧୯୮୩ - ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ (ଝିଅଟି ସୀତା ପରି)
୧୯୮୨ - ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ (ଅସ୍ତରାଗ)
୧୯୭୬ - ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ (ସିନ୍ଦୂର ବିନ୍ଦୁ)

### ସମ୍ମାନ

୨୦୨୫- ସରଳାଦେବୀ ସମ୍ମାନ, ଭୁବନେଶ୍ୱର
୨୦୨୩ - ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ
୨୦୧୬ - ଜୟଦେବ ପୁରସ୍କାର
୨୦୧୭ - ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ
୨୦୧୧ - ପ୍ରଫୁଲ୍ଲ କର ସମ୍ମାନ
୨୦୧୦ - ବିଗଓଡ଼ିଆ ଏଣ୍ଟରଟେନମେଣ୍ଟ ଆୱାର୍ଡ୍
୧୯୯୭-୯୮ - ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆୱାର୍ଡ୍

# କ୍ରିଏଟର୍ସମାନଙ୍କ ପାଇଁ ନୂଆ ସ୍କିମ୍

ବିହାର ସରକାର କଣ୍ଟେଣ୍ଟ କ୍ରିଏଟର୍ସମାନଙ୍କ ପାଇଁ ଏକ ନୂଆ ଯୋଜନା ଆରମ୍ଭ କରିଛନ୍ତି । ଯେଉଁଥିରେ ସୋସିଆଲ୍ ମିଡିଆରେ ରିଲ୍ସ ବନାଇ କ୍ରିଏଟର୍ସମାନେ ୧ ଲକ୍ଷ ପର୍ଯ୍ୟନ୍ତ ରୋଜଗାର କରିପାରିବେ । ଏବେ ରିଲ୍ସ ପ୍ରସ୍ତୁତ କରିବା କେବଳ ଭ୍ୟୁଜ୍ ପାଇବାର ମାଧ୍ୟମ ହୋଇ ରହିବ ନାହିଁ, ବରଂ ଏହା ମାଧ୍ୟମରେ ଭ୍ୟୁଜ୍ ଆଧାରରେ ଭଲ ଆୟ ମଧ୍ୟ ହୋଇପାରିବ । ଅର୍ଥାତ୍ ଯେତେ ଅଧିକ ଭ୍ୟୁଜ୍ ମିଳିବ, ସେତେ ଅଧିକ ରୋଜଗାର ହେବ । ଏହି ଯୋଜନା ଅଧୀନରେ ୩୦ ଦିନ ମଧ୍ୟରେ ୧ ଲକ୍ଷ ଭ୍ୟୁଜ୍ ଆସିଲେ ୧୦ ହଜାର ଏବଂ ଗୋଟିଏ ରିଲ୍‌ରେ ୧୦ ଲକ୍ଷ ଭ୍ୟୁଜ୍ ଆସିଲେ ସରକାର ୧ ଲକ୍ଷ ପ୍ରଦାନ କରିବେ । ତେବେ ଏହି ଭିଡିଓଗୁଡ଼ିକ ବିହାର ସରକାରଙ୍କ ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମ ସହ ଜଡ଼ିତ ହୋଇଥିବା ଆବଶ୍ୟକ । କେଉଁ କ୍ରିଏଟର୍ସମାନେ ଏଥିପାଇଁ ଯୋଗ୍ୟ ହେବେ, ସେ ସମ୍ପର୍କିତ ବିସ୍ତୃତ ତଥ୍ୟ ଶୀଘ୍ର ପ୍ରକାଶ ପାଇବ ।



# ଦ୍ୱିତୀୟ ବିବାହ ପାଇଁ ଯୋଜନା



ବଲିଉଡ୍ ଅଭିନେତା ଗୋବିନ୍ଦା ଓ ତାଙ୍କ ପତ୍ନୀ ସୁନିତା ଆହୁଜାଙ୍କ ବୈବାହିକ ବିବାଦ ଏବେ ଏକ ନୂଆ ମୋଡ଼ ନେଇଛି । ବର୍ତ୍ତମାନ ସୁନିତାଙ୍କ ଦାବି ଅନୁଯାୟୀ ଗୋବିନ୍ଦା ଓ ଅଭିନେତ୍ରୀ କୋମଲ ରାଣୀ ସ୍ୱର୍ଣ୍ଣକାର ବିବାହ କରିବାକୁ ଯୋଜନା କରୁଥିଲେ । ତେବେ ସେ ଏହି ଦାବି ରାକ୍ଷୀ ସାୱନ୍ତଙ୍କ ଆଗରେ କରିଥିବା ଜଣା ପଡିଛି । ଯେଉଁଥିପାଇଁ ସେ ନିଜ ଛାଡପତ୍ର ଆବେଦନ ପ୍ରତ୍ୟାହାର କରିଥିବା ଜଣାପଡିଛି । ସେହିଭଳି ଗୋବିନ୍ଦା ଓ କୋମଲଙ୍କୁ ଏକାଠି ଦେଖିବା ତାଙ୍କ ପାଇଁ ଖୁବ ଯନ୍ତ୍ରଣାଦାୟକ ଥିଲା ବୋଲି ସୁନିତା ରାକ୍ଷୀଙ୍କ ଆଗରେ ପ୍ରକାଶ କରିଥିବା ଜଣାପଡିଛି । ଅନ୍ୟପଟେ, ଏହି ବ୍ୟକ୍ତିଗତ ବିବାଦ ମଧ୍ୟରେ ଗୋବିନ୍ଦା ଦୀର୍ଘ ସାତ ବର୍ଷ ପରେ 'ରୂପା' ଚଳଚ୍ଚିତ୍ର ଜରିଆରେ ବଡ଼ ପରଦାକୁ ଫେରୁଛନ୍ତି, ଯେଉଁଥିରେ ସେ ନିଜେ ପ୍ରଯୋଜକ ଅଛନ୍ତି ଏବଂ ତାଙ୍କ ବିପକ୍ଷରେ କୋମଲ ରାଣୀ ସ୍ୱର୍ଣ୍ଣକାର ମୁଖ୍ୟ ନାୟିକା ଭାବେ ଅଭିନୟ କରୁଛନ୍ତି ।

# ମୁହଁରେ ବସାଇଲେ ହଜାର ହଜାର ମହୁମାଛି

ତାମିଲନାଡୁର ତିରୁନେଲବେଲି ଅଞ୍ଚଳର ଇସାକ୍କି ମୁଥୁ (ଯିଏ ସୋସିଆଲ ମିଡିଆରେ 'ମୁରୁଗନ୍' ନାମରେ ମଧ୍ୟ ଜଣାଶୁଣା) ସେ ଏକ ଅଜବ କାରନାମା କରି ଚର୍ଚ୍ଚାକୁ ଆସିଛନ୍ତି । ସେ ହଜାର ହଜାର ଭାରତୀୟ ମହୁମାଛିଙ୍କୁ ନିଜ ମୁହଁ ଓ ମୁଣ୍ଡରେ ବସାଇ ୫ ଘଣ୍ଟା ୩ ମିନିଟ୍ ପର୍ଯ୍ୟନ୍ତ ବିନା ହଲଚଲ ହୋଇ ରହିଥିଲେ । ସୂଚନା ଅନୁସାରେ ଫେବୃଆରୀ ୨୦ ତାରିଖରେ ମାରିଆ ଆର୍ଟସ ଆଣ୍ଡ ସାଇନ୍ସ କଲେଜରେ ସେ ଏହି ରେକର୍ଡ ସୃଷ୍ଟି କରିଥିଲ, ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ତାଙ୍କର ଏହି ନିଆରା ସଫଳତାକୁ 'ଚୋଲନ୍ ୱାର୍ଲ୍ଡ ରେକର୍ଡସ' ଏବଂ 'ଚାଇନା ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ'ରେ ସ୍ଥାନ ମିଳିଛି । କୃଷି ବିଜ୍ଞାନରେ ପାଠପଢ଼ା ଶେଷ କରିବା ପରେ ଇସାକ୍କି ଏବେ ପୂର୍ଣ୍ଣକାଳୀନ ମହୁମାଛି ପାଳନକୁ ନିଜର ବୃତ୍ତି ଭାବେ ଆପଣେଇଛନ୍ତି । ତାଙ୍କ କହିବା ଅନୁଯାୟୀ, ଏହି କାରନାମାର ମୁଖ୍ୟ ଉଦ୍ଦେଶ୍ୟ କେବଳ ବିଶ୍ୱ ରେକର୍ଡ ଗଢ଼ିବା ନୁହେଁ, ବରଂ ମହୁମାଛିଙ୍କ ପ୍ରତି ଲୋକଙ୍କ ମନରେ ଥିବା ଭୟକୁ ଦୂର କରିବା । ଏହାସହ ମହୁମାଛି ପାଳନକୁ ରୋଜଗାରର ଏକ ଭଲ ବିକଳ୍ପ ଭାବେ ପ୍ରୋତ୍ସାହିତ କରିବାପାଇଁ ଏହି କାର୍ଯ୍ୟ ସେ କରିଥିବା ପ୍ରକାଶ କରିଛନ୍ତି ।



## ଇତିହାସ

୧୬୩୯- ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ତାମିଲନାଡୁର ରାଜଧାନୀ ଚେନ୍ନାଇ ସ୍ଥାପିତ ।
୧୮୧୮ - ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ୍ ୱରେନ୍ ହେଷ୍ଟିଂଙ୍କ ଦେହାନ୍ତ ।
୧୮୪୮ - ନ୍ୟୁ ମେକ୍ସିକୋ ଉପରେ ଆମେରିକାର କବଜା ।
୧୯୧୮ - ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଲଣ୍ଡନରେ ଜର୍ମାନୀ ସହିତ ବିମାନ ଯୁଦ୍ଧରେ ଭାରତର ପ୍ରଥମ ପ୍ରବୀଣ ପାଇଲଟ୍ ଇନ୍ଦ୍ରଲାଲ୍ ରାୟଙ୍କ ପରଲୋକ ।
୧୯୨୧- ବିଦେଶୀ ବସ୍ତ୍ର ଜଳାଇ ମହାତ୍ମା ଗାନ୍ଧୀଙ୍କ ବିରୋଧ ।
୧୯୯୬- ମାଡ୍ରାସକୁ ଚେନ୍ନାଇରେ ପରିବର୍ତ୍ତନ କରାଗଲା ।
୧୯୯୯ - ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ ଦ୍ୱାରା ସମାନ କାର୍ଯ୍ୟକୁ ସମାନ ପାରିଶ୍ରମିକ ଯୋଜନା ଲାଗୁ ।
୨୦୦୭ - ଇଜିପ୍ଟର ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଦ୍ୱାରା ପଶ୍ଚିମ ମରୁଭୂମିରେ ପ୍ରାୟ ୨୦ ଲକ୍ଷ ବର୍ଷ ପୁରୁଣା ମାନବ ପାଦଚିହ୍ନର ସନ୍ଧାନ ।
୨୦୧୮ - ଏସିଆନ୍ ଗେମ୍ସରେ ପ୍ରଥମ ମହିଳା ଭାରତୀୟ ରୂପେ ରାହି ସରନୋବତଙ୍କୁ ସୁଟିଂରେ ସ୍ୱର୍ଣ୍ଣ ପଦକ ।



**ମେଷ:** ସୁସମ୍ପର୍କ, ବିବାଦ ସମାଧାନ, ମାନସିକ ଚାପରୁ ମୁକ୍ତି, ଦୂରଯାତ୍ରା ସଫଳ, ପଦବୀଲାଭ, ପୂର୍ବକାର୍ଯ୍ୟରେ ଲାଭ, ଶରୀର ସୁସ୍ଥ, ସମ୍ପତ୍ତିଲାଭ, ଆୟବୃଦ୍ଧି, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା- ୯, ଆରାଧନା- ମା' କ୍ଷେତ୍ରପାଳ ।

**ବୃଷ:** କର୍ମେ ଆନନ୍ଦ, ପାରିବାରିକ ସମ୍ପର୍କ, ସୁସମ୍ପର୍କ, ବ୍ୟବସାୟରେ ସ୍ୱଳ୍ପ ଲାଭ, ପୁରାତନ ବିବାଦରୁ ମୁକ୍ତି, ନୂତନ ବ୍ୟବସାୟ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା- ୭, ଆରାଧନା-ମା' ଲକ୍ଷ୍ମୀ ।

**ମିଥୁନ:** ସୁମ୍ପର୍କରେ ବାଧା, ଉଚ୍ଚଆଶା ବିଫଳ, କର୍ମକ୍ଷେତ୍ରେ ପରିଶ୍ରମ, ମିଥ୍ୟା ଅପବାଦ, ଦୂରଯାତ୍ରା ସଫଳ, ଭ୍ରାତୃସ୍ନେହ, ପାରିବାରିକ ସାହାଯ୍ୟ, ଅର୍ଥଲାଭ, ଗୃହେ ଉତ୍ସବ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଲାଲ, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

**କର୍କଟ:** ଯାତ୍ରାରେ ସତର୍କ, ପାରିବାରିକ ଖୁସି, ଦ୍ରବ୍ୟଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୁରୁଜନଙ୍କ ସମସ୍ୟା, ଦେବଦର୍ଶନ, ଅଯଥା ଖର୍ଚ୍ଚାନ୍ତ, ବନ୍ଧୁସାହାଯ୍ୟ, ଦାମ୍ପତ୍ୟଖୁସି, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ପିଙ୍କ୍, ସଂଖ୍ୟା-୬, ଆରାଧନା-ପ୍ରଭୁ ହନୁମାନ ।

**ସିଂହ:** କାର୍ଯ୍ୟରେ ବିଳମ୍ବ, ପ୍ରୀତିବୃଦ୍ଧି, କର୍ମକ୍ଷେତ୍ରେ ପ୍ରଶଂସା, ନିର୍ଭର ପ୍ରତିଶ୍ରୁତି ମିଳିବ, ପୁତ୍ରସ୍ନେହରେ ଖୁସି, ମାନସିକ ଶାନ୍ତି, ଶୁଭଖବର, ଶରୀର ସୁସ୍ଥ, ଦାମ୍ପତ୍ୟସୁଖ, ମଘା, ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଇସତ୍ ଲାଲ, ସଂଖ୍ୟା-୭, ଆରାଧନା-ଗୁରୁଜନଙ୍କ ସେବା ।

**କନ୍ୟା:** ଦ୍ରବ୍ୟଲାଭ, ଉତ୍ସବପ୍ରତି ଆଗ୍ରହ, ବ୍ୟବସାୟିକ ଖୁସି, ଲୋକସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ, ସମସ୍ୟା ସମାଧାନ, ଅଯଥା କଷ୍ଟ, ଶରୀର ସୁସ୍ଥ, ଶତ୍ରୁସମସ୍ୟା, ସନ୍ତାନଲାଭ, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା-ବାବା ବାଲୁଙ୍କେଶ୍ୱର ।

**ତୁଳା:** ସନ୍ତାନଚିନ୍ତା, ବିବାଦକୁ ନେଇ ଚିନ୍ତିତ, ମାନସିକ ଅବସାଦ, ଦୂରଯାତ୍ରାରେ ଆଗ୍ରହ, ଅର୍ଥଲାଭ, ଶତ୍ରୁସମସ୍ୟା, ସୁମିଷ୍ଟ ଭୋଜନ ବନ୍ଧୁଲାଭ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା- ଶଙ୍କରଭଗବାନ ।

**ବିଛା:** ସମ୍ପତ୍ତିବିବାଦ, ବିଶିଷ୍ଟ ବ୍ୟକ୍ତି ସାହାଯ୍ୟ, ଶରୀର ସୁସ୍ଥ, ଲୋକସମ୍ପର୍କ ବୃଦ୍ଧି, ଦାମ୍ପତ୍ୟଖୁସି, ଅର୍ଥସମସ୍ୟା, ଉଚ୍ଚଆଶା ବିଫଳ, ବିଦ୍ୟାରେ ଅସଫଳ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଲାଲ, ସଂଖ୍ୟା-୬, ଆରାଧନା- ପ୍ରଭୁ ଗଣେଶ ।

**ଧନୁ:** ଆର୍ଥିକସୁଖ, ବିବାଦ ସମାଧାନ, ଶତ୍ରୁପରାଜିତ, ଦୂରଯାତ୍ରା ସଫଳ, ଦ୍ରବ୍ୟଲାଭ, ନୂତନ ନିଯୁକ୍ତି, ସନ୍ତାନଖୁସି, କର୍ମକ୍ଷେତ୍ରେ ସନ୍ତୁଷ୍ଟ, ବାନ୍ଧବୀଲାଭ, ନୂତନ ବ୍ୟବସାୟ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା- ୯, ଆରାଧନା-ମା' ଗୌରୀ ।

**ମକର:** ଅଯଥା ଖର୍ଚ୍ଚାନ୍ତ, ମିଥ୍ୟାଅପବାଦ, ଶତ୍ରୁସମସ୍ୟା, ବନ୍ଧୁସହଯୋଗ, ବ୍ୟବସାୟିକଖୁସି, ପରିବହନରେ ସାମାନ୍ୟ ଲାଭ, ଶତ୍ରୁସମସ୍ୟା, ସମ୍ପତ୍ତିବିବାଦ, ବୟୋଜ୍ୟେଷ୍ଠଙ୍କ ଶରୀର ଅସୁସ୍ଥ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୩, ଆରାଧନା-ମା' ବଗଳାମୁଖୀ ।

**କୁମ୍ଭ:** ସମ୍ମାନଲାଭ, ଆକସ୍ମିକଲାଭ, ଶୁଭଖବର, ଦୂରଯାତ୍ରା ସଫଳ, ବନ୍ଧୁଲାଭ, ସମସ୍ୟା ସମାଧାନ, ଶରୀରସୁସ୍ଥ, ଲୋକସମ୍ପର୍କବୃଦ୍ଧି, ଦ୍ରବ୍ୟଲାଭ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୧୦, ଆରାଧନା-ଛୋଟପିଲାଙ୍କୁ ଭୋଜନ ।

**ମୀନ:** କିଛି କାର୍ଯ୍ୟରେ ଅସନ୍ତୋଷ, ଅର୍ଥଚିନ୍ତା, ବ୍ୟବସାୟରେ ମାନ୍ଦାବସ୍ଥା, ଅଯଥାକଷ୍ଟ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ବନ୍ଧୁସାହାଯ୍ୟ, କିଛି କ୍ରୟକରିବେ, ସ୍ୱଜନ ବିରୋଧ, ସନ୍ତାନସମସ୍ୟା, ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' ସ୍ୱର୍ଣ୍ଣବାରାହୀ ।

ଶ୍ରାବଣ ଶୁକ୍ଳପକ୍ଷ ଦଶମୀ
୨୨.୮.୨୦୨୬, ଶନିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ଶ୍ରାବଣରେ ଚାଲିଗଲେ ଆରପାରିକୁ



ଭୁବନେଶ୍ୱର(ସବ୍ୟୁ):ଓଡ଼ିଆ ସଙ୍ଗୀତ ଜଗତର ଦରଦୀ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ଜନ୍ମ ୧୯୩୮ ମସିହା ଜାନୁଆରୀ ୨୦ ତାରିଖରେ । ଆବେଗଭରା ସ୍ୱର ଓ ସୁଲଳିତ ଗାନ ଶୈଳୀ ପାଇଁ ସେ ଓଡ଼ିଆ ସଙ୍ଗୀତପ୍ରେମୀଙ୍କ ମଧ୍ୟରେ ବେଶ୍ ପରିଚିତ ଥିଲେ । ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ଧରି ସେ ଓଡ଼ିଆ ସଙ୍ଗୀତ ଶିଳ୍ପରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି ।

ଗୁରୁ କୁନାଲ ଆଦିନାରାୟଣଙ୍କ ତାଲିମରେ ପ୍ରଣବ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ସଙ୍ଗୀତ ଶିକ୍ଷା ଗ୍ରହଣ କରିଥିଲେ । ପରେ ନିଜ ପ୍ରତିଭା ଓ ସ୍ୱରର ମାଧୁର୍ଯ୍ୟ ବଳରେ ସେ ଓଡ଼ିଆ ସଙ୍ଗୀତ ଜଗତରେ ଏକ ଅନନ୍ୟ ପରିଚୟ ସୃଷ୍ଟି କରିଥିଲେ । ୧୯୫୮ ମସିହାରେ "ମା' ଚଳଚ୍ଚିତ୍ରରେ ପ୍ରଥମ ଥର ପାଇଁ ପ୍ଲେବ୍ୟାକ୍(ପ୍ରଚ୍ଛଦପଟ) ଗାୟକ ଭାବେ ସେ କଣ୍ଠଦାନ କରିଥିଲେ । "ମାଝୀରେ' ଗୀତରୁ ମିଳିଥିଲା ସ୍ୱତନ୍ତ୍ର ପରିଚୟ

"ଶେଷ ଶ୍ରାବଣ' ଚଳଚ୍ଚିତ୍ରର "ମାଝୀରେ' ଗୀତ ପାଇଁ ପ୍ରଣବ ପଟ୍ଟନାୟକ ବିଶେଷ ଭାବେ ଲୋକପ୍ରିୟ ହୋଇଥିଲେ । ତାଙ୍କ ଆବେଗଭରା କଣ୍ଠରେ ଏହି ଗୀତ ଶ୍ରୋତାଙ୍କ ହୃଦୟ ଛୁଇଁଥିଲା । ଏହି ଗୀତ ତାଙ୍କ ସଙ୍ଗୀତ ଯାତ୍ରାର ଏକ ସ୍ମରଣୀୟ ଅଧ୍ୟାୟ ହୋଇ ରହିଛି । ପ୍ରଣବ ପଟ୍ଟନାୟକ କେବଳ ଓଡ଼ିଆ ଗୀତରେ ସୀମିତ ରହିନଥିଲେ । ଓଡ଼ିଶୀ, ଲୋକଗୀତ, ଭକ୍ତି ଓ ଭଜନ, ଅର୍ଦ୍ଧଶାସ୍ତ୍ରୀୟ, ପାରମ୍ପରିକ ସଙ୍ଗୀତ ସହ ହିନ୍ଦୀ ଗୀତ ଓ ଗଜଲରେ ମଧ୍ୟ ସେ ନିଜର ସ୍ୱରର ଯାଦୁ ଦେଖାଇଥିଲେ ।

## ସାତ ଥର ଶ୍ରେଷ୍ଠ ପ୍ଲେବ୍ୟାକ୍ ଗାୟକ ପୁରସ୍କାର

ଓଡ଼ିଆ ସଙ୍ଗୀତ ଶିଳ୍ପରେ ପ୍ରଣବ ପଟ୍ଟନାୟକଙ୍କ ଅବଦାନ ଓ ସଫଳତାର ଅନ୍ୟତମ ବଡ଼ ପ୍ରମାଣ ହେଉଛି ତାଙ୍କ ପୁରସ୍କାର । ସେ ଓଡ଼ିଶା ସରକାରଙ୍କ ପକ୍ଷରୁ ସାତ ଥର "ଶ୍ରେଷ୍ଠ ପ୍ଲେବ୍ୟାକ୍ ଗାୟକ ପୁରସ୍କାର' ପାଇଥିବା ଏକମାତ୍ର ଓଡ଼ିଆ ପ୍ଲେବ୍ୟାକ୍ ଗାୟକ ବୋଲି କୁହାଯାଏ । ସୁମଧୁର ସ୍ୱର, ଭାବପୂର୍ଣ୍ଣ ଗାୟନ ଓ ବିଭିନ୍ନ ସଙ୍ଗୀତ ଧାରାରେ ନିଜକୁ ଖାପ ଖୁଆଇବାର ଅସାଧାରଣ କ୍ଷମତା ପ୍ରଣବ ପଟ୍ଟନାୟକଙ୍କୁ ଓଡ଼ିଆ ସଙ୍ଗୀତ ଜଗତର ଜଣେ ଶ୍ରେଷ୍ଠ ଗାୟକ ଭାବେ ପରିଚିତ କରିଥିଲା । ତାଙ୍କ ସ୍ୱରରେ ଗାଇଥିବା ଅନେକ ଗୀତ ଆଜି ବି ସଙ୍ଗୀତପ୍ରେମୀଙ୍କ ମନରେ ତାଜା ହୋଇ ରହିଛି । ଓଡ଼ିଆ ସଙ୍ଗୀତ ପାଇଁ ପ୍ରଣବ ପଟ୍ଟନାୟକଙ୍କ ଦୀର୍ଘ ଅବଦାନ ତାଙ୍କୁ ସବୁଦିନ ପାଇଁ ସଙ୍ଗୀତ ପ୍ରେମୀଙ୍କ ହୃଦୟରେ ଅମର କରି ରଖିବ । ତାଙ୍କ ସ୍ୱର ଓ ଗୀତର ସ୍ମୃତି ଆଗାମୀ ପିଢ଼ି ପାଇଁ ମଧ୍ୟ ଓଡ଼ିଆ ସଙ୍ଗୀତର ଏକ ପ୍ରେରଣା ହୋଇ ରହିବ ।

## ଖ୍ୟାତନାମା କଣ୍ଠଶିଳ୍ପୀଙ୍କ ସହ ଗାଇଥିଲେ

ନିଜର ଦୀର୍ଘ ସଙ୍ଗୀତ ଯାତ୍ରାରେ ପ୍ରଣବ ପଟ୍ଟନାୟକ ଅନେକ ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ସହ ଗୀତ ଗାଇବାର ସୁଯୋଗ ପାଇଥିଲେ । ହେମଲତା, ବାଣୀ ଜୟରାମ, ଏସ୍. ଜାନକୀ, ପି. ସୁଶୀଳା, ନିର୍ମଳ ମିଶ୍ର, ଭୂପିନ୍ଦର ସିଂହ, ଉଷା ମଙ୍ଗେସକର ଓ ହୈମନ୍ତୀ ଶୁକ୍ଲାଙ୍କ ଭଳି ଖ୍ୟାତନାମା ଗାୟକ-ଗାୟିକାଙ୍କ ସହ ସେ କଣ୍ଠଦାନ କରିଥିଲେ ।



## କିଛି କାଳଜୟୀ ଗୀତ

ରୂପସୀ ରାଣୀ ଗୋ ମୋର
ଏମିତି ରାତି ସେ ଯେ ଅଭୁଲା ସ୍ମୃତି
ଯାରେ ମାଝୀ ଯା ତୁ ନୌକା ବାହି ଯା
ସୀମା ହୀନ ଦରିଆ ସାଥୀହୀନ ଦୁନିଆ
ଆହା କି ବଢ଼ିଆ ଯୋଡ଼ି ତୋର ମୋର
ଛଇ ଛବେଲି ରଙ୍ଗ ରଙ୍ଗେଲି
ଆରେ ମିତ ଆ ସଙ୍ଗାତ
ଇନ୍ଦ୍ରଧନୁର ସପ୍ତରଙ୍ଗ
ସାଥୀରେ ଆମ ଗୀତିରେ

### ଅନ୍‌ଲାଇନ୍ ଟ୍ୟାକ୍ସିଚାଳକ ଆନ୍ଦୋଳନ

# ସଭାପତି ଦୀନବନ୍ଧୁ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଅନ୍‌ଲାଇନ୍ ଟ୍ୟାକ୍ସିଚାଳକ ଆନ୍ଦୋଳନ ଉଗ୍ରରୂପ ନେବା ପରେ ପ୍ରଶାସନ ପକ୍ଷରୁ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଶୁକ୍ରବାର ସଂଘର ସଭାପତି ଦିନବନ୍ଧୁ ନାୟକଙ୍କୁ ପୋଲିସ ଗିରଫ କରିଛି । ତାଙ୍କୁ ପୁରୀରୁ ଗିରଫ କରାଯାଇଥିବା ନେଇ ଭୁବନେଶ୍ୱର ଡିସିପି ସୂଚନା ଦେଇଛନ୍ତି । ଏହି ଘଟଣାରେ ପୂର୍ବରୁ ୧୧୩ଜଣ ଗିରଫ ହୋଇଥିବା ବେଳେ ୩୫୪ ଅଟୋ ଜବତ ହୋଇଛି । ଅପରପକ୍ଷରେ ସୋସିଆଲ ମିଡିଆରେ ସଭାପତି ଦିନବନ୍ଧୁ ଅନ୍‌ଲାଇନ୍ ଡ୍ରାଇଭରମାନଙ୍କ ହଙ୍ଗାମାକୁ ନେଇ କ୍ଷମା ପ୍ରାର୍ଥନା କରିଛନ୍ତି । ସଂଘ ପକ୍ଷରୁ ଆନ୍ଦୋଳନ ବେଳେ ଯାହା ଘଟିଛି, ତାହା ସମ୍ପୂର୍ଣ୍ଣ ଭୁଲ୍, ତେଣୁ ରାଜ୍ୟବାସୀ ମୋତେ କ୍ଷମା କରନ୍ତୁ ବୋଲି ସେ ନିବେଦନ କରିଛନ୍ତି ।

୫ଦିନ ପରେ ଅନ୍‌ଲାଇନ ଟ୍ୟାକ୍ସି ଚାଲିବା ଆରମ୍ଭ କରିଥିବା ବେଳେ କେତେକ ଭୟରେ ଅନ୍‌ଲାଇନ୍ ଆପ୍ ନଖୋଲି ଅଫ୍‌ଲାଇନ୍‌ରେ ଅଟୋ ଚଳାଉଛନ୍ତି । ଯେଉଁମାନେ ଆନ୍ଦୋଳନକୁ ଆସିନଥିଲେ ସେମାନେ ଅନ୍‌ଲାଇନ୍‌ରେ ଯାତ୍ରୀଙ୍କୁ ସେବା ଯୋଗାଉଛନ୍ତି । ଅନ୍‌ଲାଇନ୍ ଟ୍ୟାକ୍ସି ଆବଶ୍ୟକ ଅନୁଯାୟୀ ମିଳୁନଥିବାରୁ ଯାତ୍ରୀମାନେ ନାହିଁ ନଥିବା ହିନସ୍ତା ଭୋଗୁଛନ୍ତି । କାରଣ ଅଫ୍ ଲାଇନ୍‌ରେ ଯେଉଁ ଗାଡି ଭଡାରେ ଯାଉଛନ୍ତି, ସେମାନେ ଅଧିକ ଟଙ୍କା ନେଉଛନ୍ତି ବୋଲି ଅଭିଯୋଗ ହେଉଛି । ଦୁଇଦିନ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବା ପରେ ତୃତୀୟ ଦିନ କାହିଁକି ଡ୍ରାଇଭରମାନେ ହିଂସାତ୍ମକ ପନ୍ଥା ଗ୍ରହଣ କଲେ ତାହା ଜାଣିବା ପାଇଁ ପୋଲିସ ତଦନ୍ତର ଦିଗକୁ ବ୍ୟାପକ କରିଛି । ଅନ୍‌ଲାଇନ୍ ଅଟୋଚାଳକଙ୍କ ଆନ୍ଦୋଳନ ପଛରେ କେଉଁମାନେ ଅଛନ୍ତି, ତାହା ସ୍ପଷ୍ଟ ହେବା ପାଇଁ ପ୍ରଶାସନ ଚେଷ୍ଟା କରୁଛି । ୧୧୩ଜଣଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଥିବା ସେମାନେ ଜେଲ୍‌ରେ ଅଛନ୍ତି ।

## ବ୍ରାଉନସୁଗାର ଜବତ, ୨ ଗିରଫ

କାକଟପୁର,(ସବ୍ୟୁ): କାକଟପୁର ଥାନା ପୁଲିସ ନିଶାଦ୍ରବ୍ୟ ବିରୋଧରେ ଚଢ଼ଉ କରି ୪୦ ଗ୍ରାମ ବ୍ରାଉନ ସୁଗର ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି । ଏହା ସହ ଏକ ହୁଣ୍ଡାଇ କାର, ୭ଟି ମୋବାଇଲ ଫୋନ ଏବଂ ନଗଦ ୪୧ ହଜାର ଟଙ୍କା ଜବତ କରିଛି । କାକଟପୁର ଥାନା ପୁଲିସର ସୂଚନା ଅନୁଯାୟୀ, ବିଶ୍ୱସ୍ତ ସୂଚନା ଆଧାରରେ ପ୍ରାଚୀ ନଦୀ ବ୍ରିଜ ନିକଟ ବଲରା ଅଞ୍ଚଳରେ ପୁଲିସ ଚଢ଼ଉ କରିଥିଲା । ସେଠାରେ ଏକ ଧଳା ରଙ୍ଗର ହୁଣ୍ଡାଇ କାର ସହ ଦୁଇ ଜଣ ବ୍ୟକ୍ତିଙ୍କୁ ସନ୍ଦେହଜନକ ଅବସ୍ଥାରେ ଅଟକାଇ ଯାଞ୍ଚ କରାଯାଇଥିଲା ।ପୁଲିସ ସେମାନଙ୍କ ପରିଚୟ ପଚାରିବାରୁ ଜଣେ ଆସିକ ଖାନ (୨୩), ସୁଜାଗଡ଼ା, ଗୋପ ଥାନା ଅଞ୍ଚଳର ବାସିନ୍ଦା ଏବଂ ଅନ୍ୟଜଣ ମହମ୍ମଦ ଗୟାସ (୨୨), ନରସିଂହପୁର, ପିପିଲି ଥାନା ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଥିଲା । ପୁଲିସର ପଚରାଉଚରା ସମୟରେ ସେମାନେ କାକଟପୁର ଥାନା ଅଞ୍ଚଳରେ ନିଶାସକ୍ତ ବ୍ୟକ୍ତିମାନଙ୍କୁ ବ୍ରାଉନ ସୁଗାର ବିକ୍ରି କରୁଥିବା ସ୍ୱୀକାର କରିଥିବା ପୁଲିସ ପକ୍ଷରୁ କୁହାଯାଇଛି । ଚଢ଼ଉ ସମୟରେ ଏକ ଜରି ପଲିଥିନ ପ୍ୟାକେଟରୁ ୪୦ ଗ୍ରାମ ବ୍ରାଉନ ସୁଗର, ଏକ ଧଳା ହୁଣ୍ଡାଇ କାର, ୭ଟି ମୋବାଇଲ ଫୋନ ଏବଂ ୪୧ହଜାର ଟଙ୍କା ନଗଦ ଜବତ କରାଯାଇଥିଲା । ଏନେଇ କାକଟପୁର ଥାନାରେ କେସ ନଂ-୨୯୫, ତାରିଖ ୧୯/୦୮/୨୦୨୬ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

### ଆଗକୁ ପାର୍ବଣ : ଅପରାଧ ନିୟନ୍ତ୍ରଣ ପାଇଁ ସଜାଗ ରହିବାକୁ ଡିଜିପିଙ୍କ ନିର୍ଦ୍ଦେଶ

# ଅଭ୍ୟାସଗତ ଅପରାଧୀ ଓ ସଂଗଠିତ ଅପରାଧୀଙ୍କ ଉପରେ ରହିବ କଡ଼ା ନଜର

କଟକ, (ସବ୍ୟୁ):ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟର ଆଇନ-ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ପୋଲିସ ବ୍ୟବସ୍ଥା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ବର୍ତ୍ତମାନର ଆଇନ-ଶୃଙ୍ଖଳା ପରିସ୍ଥିତି, ଅପରାଧ ଦମନ ଓ ନିୟନ୍ତ୍ରଣ, ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ, ଗୁରୁତ୍ୱପୂର୍ଣ୍ଣ ଅପରାଧର ସମୀକ୍ଷା, ଜନସାଧାରଣଙ୍କୁ ଉତ୍ତମ ପୋଲିସ ସେବା ପ୍ରଦାନ ଏବଂ ବିଭିନ୍ନ ପ୍ରଶାସନିକ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଥାନାକୁ ଅଭିଯୋଗ ନେଇ ଆସୁଥିବା ପ୍ରତ୍ୟେକ ନାଗରିକଙ୍କୁ ଧୈର୍ଯ୍ୟର ସହ ଶୁଣିବା, ସମ୍ମାନଜନକ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର କରିବା ଏବଂ ଅଭିଯୋଗର ନିରପେକ୍ଷ ଓ ତ୍ୱରିତ ତଦନ୍ତ ନିଶ୍ଚିତ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ। ପୋଲିସ ଅଧିକାରୀ ଓ କର୍ମଚାରୀମାନେ ନିୟମିତ ଭାବେ ନିଜ କାର୍ଯ୍ୟାଳୟରେ ଉପସ୍ଥିତ ରହି ଦାୟିତ୍ୱ ତୁଲାଇବା ସହ ଥାନାଗୁଡ଼ିକର କାର୍ଯ୍ୟପ୍ରଣାଳୀ ଓ ଜନସାଧାରଣଙ୍କୁ ମିଳୁଥିବା ପୋଲିସ ସେବାରେ ଅଧିକ ସୁଧାର ଆଣିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏସ୍‌ଡିପିଓମାନେ ନିୟମିତ ଭାବେ ଅଧୀନସ୍ଥ ଥାନାଗୁଡ଼ିକ ପରିଦର୍ଶନ କରି କାର୍ଯ୍ୟର ତଦାରଖ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ। ଅଗଷ୍ଟରୁ ନଭେମ୍ବର ମଧ୍ୟରେ ପ୍ରଫେଟ୍ ମହମ୍ମଦଙ୍କ ଜନ୍ମଦିନ, ଜନ୍ମାଷ୍ଟମୀ, ଗଣେଶ ପୂଜା, ନୂଆଖାଇ, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, ଦୀପାବଳି/କାଳୀପୂଜା, ଅଁଳା ନବମୀ, ପଞ୍ଚୁକ ଓ ବାଲିଯାତ୍ରା ଭଳି ବିଭିନ୍ନ ପର୍ବପର୍ବାଣୀ ଅନୁଷ୍ଠିତ ହେବ। ଏହି ପର୍ବଗୁଡ଼ିକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ପରିବେଶରେ ପାଳନ ପାଇଁ ଆଗୁଆ ସୁରକ୍ଷା ପ୍ରସ୍ତୁତି ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ସମ୍ବେଦନଶୀଳ ସ୍ଥାନରେ ପର୍ଯ୍ୟାପ୍ତ ପୋଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା, ଶାନ୍ତି କମିଟି ବୈଠକ ଏବଂ ସ୍ଥାନୀୟ ଲୋକପ୍ରତିନିଧି ଓ ବିଭିନ୍ନ ଗୋଷ୍ଠୀଙ୍କ ସହ ନିରନ୍ତର ସମନ୍ୱୟ ରକ୍ଷା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସାମ୍ପ୍ରଦାୟିକ ଭାବେ ସମ୍ବେଦନଶୀଳ ଅଞ୍ଚଳରେ ନିରନ୍ତର ନଜର ରଖିବା ସହ ସମ୍ଭାବ୍ୟ ଅପ୍ରୀତିକର ଘଟଣାକୁ ଏଡ଼ାଇବା ପାଇଁ ଆଗୁଆ ପ୍ରତିଷେଧମୂଳକ ପଦକ୍ଷେପ ନେବାକୁ ସେ କହିଥିଲେ।

ଅପରାଧ ନିୟନ୍ତ୍ରଣ ଦିଗରେ ଅଭ୍ୟାସଗତ ଅପରାଧୀ ଓ ସଂଗଠିତ ଅପରାଧୀଙ୍କ ବିରୋଧରେ କଡ଼ା ଓ ଦୃଢ଼ ଆଇନଗତ ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ବେଆଇନ ଗୋରୁ ପରିବହନ ଓ ବେଆଇନ ବାଣ ପ୍ରସ୍ତୁତି ରୋକିବା ପାଇଁ ନାକା ଚେକିଂ ଓ ପାଟ୍ରୋଲିଂ ବୃଦ୍ଧି କରିବା ସହ ବେଆଇନ ଖଣିଜ ଉତ୍ତୋଳନ ଓ ପରିବହନ ବିରୋଧରେ ନିୟମିତ ଚଢ଼ାଉ, ଯାନବାହନ ଯାଞ୍ଚ ଏବଂ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ତ୍ୱରିତ ଆଇନଗତ ପଦକ୍ଷେପ ନେବାକୁ ସେ କହିଥିଲେ। ସୋସିଆଲ ମିଡିଆରେ ପ୍ରସାରିତ ଗୁଜବ, ଉତ୍ତେଜନାମୂଳକ, ଆପତ୍ତିଜନକ ଓ ବିଭ୍ରାନ୍ତିକର ତଥ୍ୟ ଉପରେ ନିୟମିତ ଓ କଡ଼ା ନଜର ରଖିବା ସହ ଏଭଳି ପ୍ରଚାର ବିରୋଧରେ ତ୍ୱରିତ ଓ ଆଇନସମ୍ମତ ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଗୁଇନ୍ଦା ସୂଚନା ସଂଗ୍ରହକୁ ଆହୁରି ସୁଦୃଢ଼ କରିବା, ସମ୍ଭାବ୍ୟ ଅପରାଧ ଓ ଅପ୍ରୀତିକର ଘଟଣା ସମ୍ପର୍କରେ ଆଗୁଆ ସୂଚନା ହାସଲ କରିବା ଏବଂ ତଦନୁଯାୟୀ ପ୍ରତିଷେଧମୂଳକ ପଦକ୍ଷେପ ନେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଶାନ୍ତି କମିଟି ବୈଠକ ନିୟମିତ ଆୟୋଜନ, ସ୍ଥାନୀୟ ଅଂଚଳରେ ଲୋକ ସମ୍ପର୍କ ବୃଦ୍ଧି ଏବଂ ସମ୍ଭାବ୍ୟ ଅପ୍ରୀତିକର ଘଟଣାକୁ ଆଗୁଆ ରୋକିବା ପାଇଁ ପ୍ରତିଷେଧମୂଳକ ପଦକ୍ଷେପ ନେବାକୁ ସମସ୍ତ ଜିଲ୍ଲା ଏସ୍‌ପିଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ପ୍ରତୀକ ମହାନ୍ତି, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଯତୀନ୍ଦ୍ର କୋଏଲ, ଆଇଜିପି (ପର୍ସୋନେଲ) ଏସ୍. ପ୍ରବୀଣ କୁମାର, ଡିଆଇଜିପି (ଏସ୍‌ଟିଏଫ୍) କନୱର ବିଶାଳ ସିଂହ, ଡିଆଇଜିପି (ପ୍ରୋଭିଜନିଂ) ଚରଣ ସିଂ ମୀନା, ଡିଆଇଜିପି (ପର୍ସୋନେଲ) ଯୁଗଳ କିଶୋର କୁମାର ବନୋଥଙ୍କ ସମେତ ରାଜ୍ୟର ସମସ୍ତ ରେଞ୍ଜ ଆଇଜି/ଡିଆଇଜି ଏବଂ ସମସ୍ତ ଜିଲ୍ଲାର ଏସ୍‌ପିମାନେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବୈଠକରେ ଯୋଗଦେଇଥିଲେ । ଭିଡିଓ କନ୍‌ଫରେନ୍ସିଂ ଜରିଆରେ ରାଜ୍ୟର ସମସ୍ତ ରେଞ୍ଜର ଆଇଜି,ଡିଆଇଜି ଏବଂ ସମସ୍ତ ଜିଲ୍ଲାର ଏସ୍‌ପିମାନେ ବୈଠକରେ ଯୋଗଦେଇଥିଲେ।





### ସୋସିଆଲ ମିଡିଆରେ ପ୍ରସାରିତ ଗୁଜବ ଉପରେ ଫୋକସ

# ୨୮ରେ ସୁଭଦ୍ରାର ୫ମ କିସ୍ତି

ଭୁବନେଶ୍ୱର(ସବ୍ୟୁ): ଚଳିତମାସ ୨୮ ତାରିଖ ରାଖୀ ପୂର୍ଣ୍ଣିମା ଅବସରରେ ନୟାଗଡ଼ ଜିଲ୍ଲାରେ ସୁଭଦ୍ରା ଯୋଜନାର ୫ମ କିସ୍ତି ପ୍ରଦାନ କରାଯିବ । ଏହି ପରିପ୍ରେକ୍ଷୀରେ ଆଜି(ଶୁକ୍ରବାର) ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତିମୂଳକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ୫ମ କିସ୍ତିର ଡିବିଟି ପ୍ରଦାନ, ହିତାଧିକାରୀଙ୍କ ତାଲିକା, ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ପ୍ରସ୍ତୁତି ସମ୍ପର୍କରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ସବିଶେଷ ସମୀକ୍ଷା କରିଥିଲେ ।

୫ମ କିସ୍ତି ପ୍ରଦାନ ପାଇଁ ମୋଟ ୧,୦୩,୨୬,୧୬୨ ଜଣ ଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯାଇଛି । ରାଖୀ ପୂର୍ଣ୍ଣିମା ଅବସରରେ ଏହି ହିତାଧିକାରୀମାନଙ୍କୁ ୫ମ କିସ୍ତି ବାବଦରେ ୫,୧୬୦ କୋଟିରୁ ଅଧିକ ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।





ଉପମୁଖ୍ୟମନ୍ତ୍ରୀ ୫ମ କିସ୍ତିର ସୁଚାରୁ ଓ ନିର୍ବିଘ୍ନ ବଣ୍ଟନ ପାଇଁ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଡିବିଟି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା, ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ସୁଦୃଢ଼ ରଖିବା ଏବଂ ହିତାଧିକାରୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀ ଓ ବ୍ୟାଙ୍କ ପ୍ରତିନିଧିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ, ଓକାକ୍ ଟିମ୍ ଏବଂ ବ୍ୟାଙ୍କ ପ୍ରତିନିଧିମାନେ ଯୋଗ ଦେଇଥିଲେ ।

### ୬ବର୍ଷର ଶିଶୁକୁ ଯୌନ ନିର୍ଯାତନା ମାମଲା

# ୫ ମାସ ଭିତରେ ମିଳିଲା ନ୍ୟାୟ ,ଦୋଷୀକୁ ୨୦ ବର୍ଷ ଜେଲ ଦଣ୍ଡାଦେଶ

କଟକ,(ସବ୍ୟୁ): ୬ବର୍ଷର ଶିଶୁକୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଆସାମୀ ସୁବାସ ଜାନୀକୁ କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ୨୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଆସାମୀକୁ ୨୦ହଜାର ଟଙ୍କାର ଜରିମାନା କରାଯାଇଛି । ଜରିମାନା ଅନାଦାୟ ଆସାମୀ ଅଧିକ ୨ବର୍ଷ ଜେଲ୍‌ଦଣ୍ଡ ଭୋଗିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି। ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ଲାଗି ଅଦାଲତ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ଘଟିବାର ମାତ୍ର ୫ମାସ ମଧ୍ୟରେ ଜଣେ ଅଭିଯୁକ୍ତ ଅଦାଲତରେ ଦଣ୍ଡ ପାଇପାରିଛନ୍ତି। ପୀଡ଼ିତା ଗତ ମାର୍ଚ୍ଚ ୯ତାରିଖ ଦିନ ଗାଁ ଦାଣ୍ଡରେ ଖେଳୁଥିବାବେଳେ ଅଭିଯୁକ୍ତ ସୁବାସ ଜାନୀ ତାକୁ ଚକଲେଟ୍ ଦେବାର ପ୍ରଲୋଭନ ଦେଖାଇ ଘରକୁ ଡାକି ନେଇଥିଲା । ଘରେ ପୀଡ଼ିତାକୁ ଯୌନ ନିର୍ଯାତନା ଦେଇଥିଲା। ପିଲାଟି ଚିତ୍କାର କରିବାରୁ ଅଭିଯୁକ୍ତ ପଳାଇଥିଲା । ୧୧ ତାରିଖରେ ପୀଡ଼ିତାଙ୍କ ଜେଜ ନରସିଂହପୁର ଥାନାରେ ଏତଲା ଦେଇଥିଲେ। ନରସିଂହପୁର ଥାନା ପକ୍ଷରୁ ତଦନ୍ତ କରାଯାଇ ଅଭିଯୁକ୍ତକୁ ଗିରଫ କରାଯିବା ସହ ତା' ନାମରେ ଚାର୍ଜସିଟ୍ ମଧ୍ୟ ଦାଖଲ କରାଯାଇଥିଲା । ମାମଲାର ଶୁଣାଣି କଟକ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ହୋଇଥିଲା । ଅଦାଲତ ବିଭିନ୍ନ ସାକ୍ଷୀ ଏବଂ ପ୍ରମାଣକୁ ଆଧାର କରି ଅଭିଯୁକ୍ତକୁ ଏହି ଘଟଣା ପାଇଁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି କୃଷ୍ଣ ଚନ୍ଦ୍ର ମହାପାତ୍ର ମାମଲା ପରିଚାଳନା କରୁଥିଲେ।

# ୧୯ ଲକ୍ଷର ବ୍ରାଉନସୁଗର ଜବତ: ୨ ବେପାରୀ ଗିରଫ

କଟକ,(ସବ୍ୟୁ): ଅବକାରୀ ବିଭାଗ ଆଜି ପୃଥକ ସ୍ଥାନରେ ଚଢଉ କରି ୨ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି । ସେମାନଙ୍କ ପାଖରୁ ମୋଟ ୧୯୦ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି । ଯାହାର ମୂଲ୍ୟ ପ୍ରାୟ ୧୯ ଲକ୍ଷ ଟଙ୍କା ହେବ । ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପରେ ଜେଲ୍ ପଠାଇ ଦିଆଯାଇଛି । ଜଗତପୁର ଗୋଲେଇ ଛକ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଜଣେ ନିଶା ବେପାରୀର ଗତିବିଧି ନେଇ ସୂଚନା ମିଳିଥିଲା । ଏହାପରେ ଅବକାରୀ ଗୁଇନ୍ଦା ବିଭାଗ ଟିମ ତୁରନ୍ତ ସେଠାରେ ଚଢଉ କରି ଉକ୍ତ ନିଶା ବେପାରୀକୁ ଗିରଫ କରିଥିଲା । ଅଭିଯୁକ୍ତ ହେଉଛି ଯୋବ୍ରା ଟିଣପିଟା ସାହିର ଏସକେ. ଇସମାଇଲ(୨୮) । ତଲାସି ପରେ ତା' ପାଖରୁ ୧୨୭ ଗ୍ରାମ ଓଜନର ବ୍ରାଉନ୍‌ସୁଗର ଜବତ ହୋଇଛି । ଯାହାର ମୂଲ୍ୟ ପ୍ରାୟ ୧୨ ଲକ୍ଷ ୭ ହଜାର ଟଙ୍କା ହେବ । ଅବକାରୀ ଉପ ଅଧିକ୍ଷକ ବିକାଶ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ଶ୍ରୀଧର ସିଂହ, ଆଶୁତୋଷ ଜେନା, ସୌରଜିତ ନାଥ, ଯୋଗେନ୍ଦ୍ର ସାହୁ, ଚନ୍ଦ୍ରମା ବାଗ ପ୍ରମୁଖ ଚଢଉରେ ସାମିଲ ଥିଲେ । ସେହିପରି ଜିଲ୍ଲା ଅବକାରୀ ବିଭାଗ ଜଣେ ପେସାଦାର ନିଶା ବେପାରୀକୁ ଗିରଫ କରିଛି । ଅଭିଯୁକ୍ତ ହେଉଛି ଜଗତପୁର ଚମ୍ପତି ଅଞ୍ଚଳର ଜିତନ ସାମଲ(୫୫) । ଶୁକ୍ରବାର ମଧ୍ୟାହ୍ନରେ ଅଭିଯୁକ୍ତ ଜିତନ ନିଶାଦ୍ରବ୍ୟ ଧରି ଜଗତପୁର ପୀରବଜାର ଛକ ପେଟ୍ରୋଲ ପମ୍ପ ପାଖରେ ଗ୍ରାହକ ଅପେକ୍ଷାରେ ଛିଡା ହୋଇଥିଲା । ଗିରଫଦାରୀ ସମୟରେ ତା' ପାଖରୁ ୬୨ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି । ଯାହାର ମୂଲ୍ୟ ପ୍ରାୟ ୬ ଲକ୍ଷ ୨୦ ହଜାର ଟଙ୍କା ହେବ । ଇନ୍ସପେକ୍ଟର ଭକ୍ତବତ୍ସଳ ବର୍ମାଙ୍କ ନେତୃତ୍ୱରେ ନିରୁପମା ସାହୁ, ହରିହର ନାୟକ, ଅଜୟ କୁମାର ଜେନା, ଦେବବ୍ରତ ଓଝା, ଲକ୍ଷ୍ମଣ କୁମାର ବେହେରା, ପ୍ରତିମା ରଥ, ଶଙ୍କର ସିଂହ ପ୍ରମୁଖ ଚଢଉରେ ସାମିଲ ଥିଲେ ।

# ଲାଲବାଗ ପୁଲିସର ସାଇବର ସଚେତନତା

କଟକ,(ସବ୍ୟୁ): ଲାଲବାଗ ଥାନା ପକ୍ଷରୁ ଭକ୍ତମଧୁ ବିଦ୍ୟାପୀଠ ଏବଂ ବାଲୁ ବଜାର ସ୍ଥିତ ମାରୱାଡି ହାଇସ୍କୁଲରେ ସାଇବର ଓ ନିଶାମୁକ୍ତି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଥାନା ଅଧିକାରୀ ସତ୍ୟବ୍ରତ ଭୂତିଆ ଛାତ୍ରଛାତ୍ରୀଙ୍କୁ ସାଇବର ଅପରାଧର ବିଭିନ୍ନ ଦିଗ ଏବଂ ନିଶା ସେବନର କୁପ୍ରଭାବ ଉପରେ ସଚେତନତା କରାଇଥିଲେ । ମୁଖ୍ୟତଃ ଅନଲାଇନ ଠକେଇ, ଡିଜିଟାଲ ଆରେଷ୍ଟ, ବ୍ଲାକମେଲିଂ ସମ୍ବନ୍ଧୀତ ସାଇବର ଅପରାଧ ସମ୍ପର୍କରେ ଅବଗତ କରାଯାଇଥିଲା । ସାଇବର ଅପରାଧରୁ ବର୍ତ୍ତିବା ପାଇଁ ସୋସିଆଲ ମିଡିଆର ସୁରକ୍ଷିତ ବ୍ୟବହାର, ସନ୍ଦେହଜନକ ଲିଙ୍କ, ଜାଲ ବିଜ୍ଞାପନରୁ ଦୂରେଇ ରହିବା, ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ନିମନ୍ତେ କଠିନ ପାସୱାର୍ଡ ସମ୍ପର୍କରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ବୁଝାଯାଇଥିଲା । ସାଇବର ଠକେଇର ଶିକାର ହେବାମାତ୍ରେ ତୁରନ୍ତ ସାଇବର ସହାୟତା ନମ୍ବର ୧୯୩୦ରେ ଜଣାଇବା ଲାଗି ପରାମର୍ଶ ଦିଆଯାଇଛି । ସେହିପରି କମ ବୟସରୁ ନିଶା ସେବନ ଦ୍ୱାରା ଶାରୀରିକ ଓ ମାନସିକ ଅସୁସ୍ଥତା ସମ୍ପର୍କରେ ମଧ୍ୟ ଥାନା ଅଧିକାରୀ ଶ୍ରୀ ଭୂତିଆ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ଏହି ସମୟରେ ଥାନାର ଅନ୍ୟ କର୍ମଚାରୀଙ୍କ ସମେତ ଉପରୋକ୍ତ ଦୁଇ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ ।

### ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କୁଳପତିଙ୍କ ଉଚ୍ଚସ୍ତରୀୟ ବୈଠକ

# ବିଶ୍ୱ ବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ଯଥାଶୀଘ୍ର ପୂରଣ ହେବ

ଭୁବନେଶ୍ୱର(ସବ୍ୟୁ): ବିଶ୍ୱ ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ପଦବୀଗୁଡ଼ିକୁ ଖୁବଶୀଘ୍ର ପୂରଣ କରାଯିବ । ନିଯୁକ୍ତି ପ୍ରକ୍ରିୟା ପାଇଁ ବିଷୟ ଭିତ୍ତିକ ଚୟନ କମିଟି ଗଠନ ଠାରୁ ଆରମ୍ଭ କରି ସମସ୍ତ ଆନୁଷଙ୍ଗିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମସ୍ତ କୁଳପତିମାନଙ୍କ ସହ ଆଲୋଚନା କରିଛନ୍ତି । ଛାତ୍ରୀମାନଙ୍କର ସଶକ୍ତିକରଣ ପାଇଁ ଶକ୍ତିଶ୍ରୀ ଯୋଜନା କାର୍ଯ୍ୟକାରୀ ହେବା, ଆଭ୍ୟନ୍ତରଣ କମିଟିର ପରିଚାଳନା, ବିଶ୍ୱ ବିଦ୍ୟାଳୟରେ ସିନେଟ୍ ଗଠନ ହେବା ଏବଂ ସିନେଟର ବୈଠକ ଅନୁଷ୍ଠିତ ହେବା ଆଦି ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା ।

ଶୁକ୍ରବାର ଲୋକସେବା ଭବନ କନଭେନସନ୍ ସେଣ୍ଟର ଠାରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜଙ୍କ ଅଧ୍ୟକ୍ଷତାରେ ରାଜ୍ୟର ସମସ୍ତ ସରକାରୀ ବିଶ୍ୱ ବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ପିଜି କାଉନସିଲ ଅଧକ୍ଷମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସମସ୍ତ ବିଶ୍ୱ ବିଦ୍ୟାଳୟର କାର୍ଯ୍ୟାବଳୀ ସମ୍ବନ୍ଧରେ ସମୀକ୍ଷା କରିଛନ୍ତି । ବିଶ୍ୱ ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ପଦବୀଗୁଡ଼ିକୁ ଖୁବଶୀଘ୍ର ପୂରଣ କରାଯିବା ଉପରେ ମନ୍ତ୍ରୀ ଶ୍ରୀ ସୂରଜ ଗୁରୁତ୍ୱାରୋପ କରିଛନ୍ତି । ନିଯୁକ୍ତି ପ୍ରକ୍ରିୟା ପାଇଁ ବିଷୟ ଭିତ୍ତିକ ଚୟନ କମିଟି ଗଠନ ଠାରୁ ଆରମ୍ଭ କରି ସମସ୍ତ ଆନୁଷଙ୍ଗିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଉଚ୍ଚଶିକ୍ଷା ମନ୍ତ୍ରୀ ସମସ୍ତ କୁଳପତିମାନଙ୍କ ସହ ଆଲୋଚନା କରିଛନ୍ତି ।



ଉଚ୍ଚଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷା ନୀତି-୨୦୨୦ ଲାଗୁ ହେବା ପରେ ନୂତନ ପାଠ୍ୟକ୍ରମ ପ୍ରସ୍ତୁତ ହେବା ଏବଂ ବିଶ୍ୱ ବିଦ୍ୟାଳୟମାନଙ୍କରେ ଏହାର କାର୍ଯ୍ୟକାରିତାକୁ ନେଇ ଆଜିର ବୈଠକରେ ଆଲୋଚନା କରାଯାଇଥିଲା । ସ୍ନାତକ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଇଣ୍ଟର୍ନସିପ୍ ସୁଯୋଗ ପ୍ରଦାନ କରିବା ଏବଂ ଆପରେଣ୍ଟିସିପ୍ ଏମବେଡେଡ ଡିଗ୍ରୀ ପ୍ରୋଗ୍ରାମ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କ୍ଷେତ୍ରରେ ଆପରେଣ୍ଟିସିପ୍ ପ୍ରଦାନ କରିବା, ଆଗାମୀ ଦିନରେ ଅଧିକରୁ ଅଧିକ ପାଠ୍ୟକ୍ରମରେ ଏଇଡିପିକୁ ଲାଗୁ କରିବା, ବିଶ୍ୱ ବିଦ୍ୟାଳୟମାନଙ୍କରେ ଉଚ୍ଚକୋଟୀର ଗବେଷଣାକୁ ପ୍ରୋତ୍ସାହନ ଦେବା, ସେଣ୍ଟର ଅଫ୍ ଏକ୍ସିଲେନ୍ସର ସ୍ଥାପନ ଓ କାର୍ଯ୍ୟକାରିତା ସମ୍ବନ୍ଧରେ ସବିସ୍ତୃତ ଆଲୋଚନା କରାଯାଇଥିଲା ।

ସମସ୍ତ ବିଶ୍ୱ ବିଦ୍ୟାଳୟମାନଙ୍କରେ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ ଦିଆଯାଇଛି । କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ସମସ୍ତ ପ୍ରାଧ୍ୟାପକ, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ ଏବଂ ବିଶ୍ୱ ବିଦ୍ୟାଳୟ ପାଠ୍ୟକ୍ରମରେ କୃତ୍ରିମ ବୁଦ୍ଧିମତା ସମ୍ବନ୍ଧୀୟ ପାଠ୍ୟକ୍ରମର ଅନ୍ତର୍ଭୁକ୍ତିକରଣ, ଭାରତୀୟ ଶିକ୍ଷା ପ୍ରଣାଳୀ ସହ ଆଧୁନିକ ପାଠ୍ୟକ୍ରମର ସଂଯୋଗୀକରଣ ଆଦିକୁ ନେଇ ଆଲୋଚନା କରାଯାଇଥିଲା । ବିଶ୍ୱ ବିଦ୍ୟାଳୟର ଶୈକ୍ଷିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ପ୍ରାଧାନ୍ୟ ଦେବା ଏବଂ ଏକ ସମାବେଶୀ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ହିଁ ସରକାରଙ୍କ ପ୍ରାଥମିକତା ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଥିଲେ । ଏହି ବୈଠକରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଅତିରିକ୍ତ ଶାସନ ସଚିବ ସଂଗ୍ରାମ ଶେଖର ପଣ୍ଡା, ଧରଣୀଧର ନନ୍ଦ, ପ୍ରତିଭା ସାହୁ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।



ଦଳୀୟ ନେତା, ଜିଲ୍ଲାପରିଷଦ ଅଧ୍ୟକ୍ଷ ଓ ସଦସ୍ୟଙ୍କ ସମେତ ଢ଼େଙ୍କାନାଳ ଜିଲ୍ଲା ପିଆରଆଇ ସଭ୍ୟମାନଙ୍କ ସହିତ ଆଲୋଚନା କରୁଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ

### ନର୍ଲା ବିଧାନସଭା ନିର୍ବାଚନୀ ମାମଲାରେ ନୂଆ ମୋଡ଼

## ଭକ୍ତ ଦାସ ମାମଲା ପ୍ରତ୍ୟାହାର କରିଥିଲେ ବି ଆଉ ଏକ ମାମଲା ରୁଜୁ

କଟକ,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ନର୍ଲା ବିଧାନସଭା ନିର୍ବାଚନୀ ମାମଲାରେ ଏବେ ଏକ ନୂଆ ମୋଡ଼ ଦେଖିବାକୁ ମିଳିଛି। ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ନିର୍ବାଚନକୁ ଚାଲେଞ୍ଜ କରି କଂଗ୍ରେସ ନେତା ଭକ୍ତ ଚରଣ ଦାସ ଦାଖଲ କରିଥିବା ପିଟିସନ୍ ପ୍ରତ୍ୟାହାର କରିନେଇଥିଲାବେଳେ ଏହି ମାମଲା ଏକପ୍ରକାର ବନ୍ଦ ହୋଇଯାଇଥିଲା । ଏହି ମାମଲାକୁ ପୁନର୍ବାର ଚଲାଇ ରଖିବା ପାଇଁ ବିଜେପି ପ୍ରାର୍ଥୀ ଅନିରୁଦ୍ଧ ପ୍ରଧାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ମାମଲାରେ ନୂତନ ଅନ୍ତରୀଣ ଆବେଦନର ଶୁଣାଣି କରି ହାଇକୋର୍ଟ ପ୍ରତିପକ୍ଷ ତଥା ବିଧାୟିକା ମନୋରମା ମହାନ୍ତିଙ୍କୁ ନୋଟିସ୍ ଜାରି ଜରିଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏହି ଆଦେଶ ଦେବାସହ ମାମଲାର ଶୁଣାଣି ଅକ୍ଟୋବର ୨୯କୁ ଧାର୍ଯ୍ୟ କରିଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ମନୋରମା ମହାନ୍ତି ୬୭,୫୩୨ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିବାବେଳେ କଂଗ୍ରେସର ଭକ୍ତ ଚରଣ ଦାସ ୬୨,୩୨୭ ଭୋଟ୍ ସହ ଦ୍ୱିତୀୟ ଏବଂ ବିଜେପିର ଅନିରୁଦ୍ଧ ପ୍ରଧାନ ୪୭,୪୧୭ ଭୋଟ୍ ପାଇ ତୃତୀୟ ସ୍ଥାନରେ ରହିଥିଲେ। ମନୋରମାଙ୍କ ନାମାଙ୍କନପତ୍ର ଓ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କିତ ତଥ୍ୟକୁ ଚାଲେଞ୍ଜ କରି ଭକ୍ତ ଦାସ ମାମଲା ରୁଜୁ କରିଥିଲେ। ସାକ୍ଷ୍ୟଗ୍ରହଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଗତ ମାର୍ଚ୍ଚ ୩୦ରେ ଦଳୀୟ ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଦର୍ଶାଇ ଭକ୍ତ ଦାସ ମାମଲା ପ୍ରତ୍ୟାହାର କରିନେଇଥିଲେ। ଅନ୍ୟପକ୍ଷରେ ଜନପ୍ରତିନିଧ ଆଇନ, ୧୯୫୧ ର ଧାରା ୧୧୦(୩) (ସି) ଅନୁଯାୟୀ, କୌଣସି ଆବେଦନକାରୀ ମାମଲା ପ୍ରତ୍ୟାହାର କଲେ ଅନ୍ୟ କୌଣସି ପ୍ରତିଦ୍ୱନ୍ଦୀ ପ୍ରାର୍ଥୀ ତାଙ୍କ ସ୍ଥାନରେ ମାମଲା ପରିଚାଳନା କରିପାରିବେ ବୋଲି ବ୍ୟବସ୍ଥା ରହିଥିଲାବେଳେ ଏହି ଆଇନକୁ ଆଧାର କରି ବିଜେପି ପ୍ରାର୍ଥୀ ଅନିରୁଦ୍ଧ ପ୍ରଧାନ ହାଇକାର୍ଟରେ ସାନି ମାମଲା ରୁଜୁ କରିଛନ୍ତି। ଭକ୍ତ ଦାସଙ୍କ ସ୍ଥାନରେ ତାଙ୍କୁ ସାମିଲ କରି ମାମଲା ଆଗକୁ ବଢ଼ାଇବାକୁ ସେ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଧନଞ୍ଜୟ ମୁଣ୍ଡ ମାମଲା ପରିଚାଳନା କରୁଛନ୍ତି।

## ଓସିଏ କର୍ମକର୍ତ୍ତା ନିର୍ବାଚନୀ ମାମଲା ଶୁଣାଣି ୨୭ରେ

କଟକ,(ସବ୍ୟୁ):ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) କର୍ମକର୍ତ୍ତା ନିର୍ବାଚନ ପ୍ରସଂଗ ନେଇ ଦାୟର ମାମଲାର ଶୁଣାଣି ଆସନ୍ତା ୨୭ତାରିଖରେ କରାଯିବ । ଆଜି ହାଇକୋର୍ଟରେ ଶୁଣାଣି ଅସମାପ୍ତ ରହିଥିବା ବେଳେ ଆବେଦନକାରୀ ଓ ଓସିଏ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ସନରାଇଜ କ୍ଲବ ତରଫରୁ ଦାୟର ଆବେଦନର ଶୁଣାଣି କରି କରିଥିଲେ ଜଷ୍ଟିସ ସାବିତ୍ରୀ ରଥ। ପ୍ରକାଶଥାଉକି ନିୟମ ଅନୁସାରେ ଓସିଏ ନିର୍ବାଚନ ବିଳମ୍ବ ହୋଇଥିବା ବେଳେ ଏହା ଘୋଷଣା କରାଯାଉନାହିଁ। ୨୦୨୫ ଅକ୍ଟୋବରରେ କାର୍ଯ୍ୟକାଳ ସରିଥିଲେ ବି ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି । ଓସିଏର ବିଭିନ୍ନ ପଦ ପଦବି ପାଇଁ ନିର୍ବାଚିତ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ମାମଲାରେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ, ବିସିସିଆଇ, ଓସିଏ, ଓସିଏ ସଭାପତି, ଉପସଭାପତି, ଯୁଗ୍ମସଚିବ, କୋଷାଧ୍ୟକ୍ଷ ଓ କଟକ ଜିଲ୍ଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସୁବିର ପାଲିତ ମାମଲା ପରିଚାଳନା କରୁଥିବା ବେଳେ ଅମିତାଭ ମିଶ୍ର ଓ ଶଶାଙ୍କ ଦାସ ସହାୟତା କରୁଛନ୍ତି।

## ଡ୍ରିମ୍ସରେ ପୂଜ୍ୟପୂଜା ସମାରୋହ : ପ୍ରକାଶ ପାଇବ ଅମୃତ ଅନୁଭବ

କଟକ, (ସ୍ୱପ୍ର) : ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ୩୨ତମ ପୁଣ୍ୟ ତିଥିରେ ପୂଜ୍ୟପୂଜ୍ୟ ସମାରୋହ-୨୦୨୬ ଆସନ୍ତା ୪ ଅକ୍ଟୋବର, (ରବିବାର) ଅନୁଷ୍ଠିତ ହେବାକୁ ଯାଉଛି । ଏହି ଅବସରରେ ସ୍ୱର୍ଗତ ଧନେଶ୍ୱର ରଥଙ୍କ କର୍ମମୟ ଜୀବନୀ, ଶିକ୍ଷା, ସଂସ୍କୃତି, ଧର୍ମଧାରଣା, ଅନୁଚିନ୍ତା ଓ ଆଧ୍ୟାତ୍ମିକ ପ୍ରସଙ୍ଗ ଆଧାରିତ ସ୍ମରଣିକା ଅମୃତ ଅନୁଭବ ପ୍ରକାଶ ପାଇବ । ଏଥିନିମନ୍ତେ ଆଗ୍ରହୀ ଲେଖକ, ଲେଖିକା ଆସନ୍ତା ୧୫ ସେପେଟମ୍ବର ସୁଦ୍ଧା ସେମାନଙ୍କର ଲେଖା ଆବାହକ, ଧନେଶ୍ୱର ରଥ ଫାଉଣ୍ଡେସନ୍, ଡ୍ରିମ୍ସ ବିଶ୍ୱବିଦ୍ୟାଳୟ, ଟାଙ୍ଗୀ, କଟକ-୭୫୪୦୨୨ ଠିକଣାରେ ପଠାଇବା ସହ ହ୍ୱାଟ୍ସପ୍ ନଂ ୯୪୩୭୧୨୦୯୪୫ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।


## କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ଶୋକ ପ୍ରକାଶ

ଭୁବନେଶ୍ୱର,( ସବ୍ୟୁ )ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟନାୟକଙ୍କ ବିୟୋଗରେ ସମୟର ମୁଖ୍ୟ ସମ୍ପାଦକ ଗୁରକଲ୍ୟାଣ ମହାପାତ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି। ଆଧୁନିକ କଣ୍ଠ ସଂଗୀତ କ୍ଷେତ୍ରରେ ଜଣେ ଅଦ୍ୱିତୀୟ ପ୍ରତିଭାଙ୍କ ଦେହାବସାନ ହେଲା ବୋଲି ଏକ ଶୋକ ବାର୍ତ୍ତାରେ ପ୍ରକାଶ କରି ତାଙ୍କର ସହଧର୍ମିଣୀ କସ୍ତୁରୀକା ପଟନାୟକ ଓ ପିଲାମାନଙ୍କୁ ସେ ସମବେଦନା ଜ୍ଞାପନ କରିଛନ୍ତି।

### ପୂର୍ବତନ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା

## ଲିଖିତ "ଦି ଭାରତ ମଡେଲ: ନାଭିଗେଟିଂ ୨୧ଷ୍ଟ ସେଞ୍ଚୁରୀ" ପୁସ୍ତକ ଉନ୍ମୋଚିତ

ନୂଆଦିଲ୍ଲୀ, (ସବ୍ୟୁ): ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସାଂସଦ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀରେ "ଦି ଭାରତ ମଡେଲ: ନାଭିଗେଟିଂ ୨୧ଷ୍ଟ ସେଞ୍ଚୁରୀ" ପୁସ୍ତକ ଉନ୍ମୋଚନ କରିଛନ୍ତି। ଯାହା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ର ଶ୍ରୀକୃଷ୍ଣ ପାତ୍ରଙ୍କ ଦ୍ୱାରା ଲିଖିତ। ଏହି ପୁସ୍ତକଟି ବିକସିତ ଭାରତର ଲକ୍ଷ୍ୟ ପୂରଣ କରିବା ଦିଗରେ ଭାରତର ଯାତ୍ରା ପାଇଁ ଏକ ଯୁବ-ନେତୃତ୍ୱାଧୀନ ଦୃଷ୍ଟିକୋଣ ପ୍ରଦାନ କରେ। ଉନ୍ମୋଚନ ଅବସରରେ ଶ୍ରୀ ପ୍ରଧାନ ଏବଂ ଯୁବ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ପୁସ୍ତକର ବିଷୟବସ୍ତୁ ଏବଂ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ



ଭୂମିକା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଯୁବ ଲେଖକ ଶ୍ରୀକୃଷ୍ଣ ରଞ୍ଜନ ପାତ୍ର ଙ୍କୁ କମ୍ ବୟସରେ ଏପରି ଏକ ରାଷ୍ଟ୍ର ସମ୍ପର୍କିତ ପୁସ୍ତକ ଲେଖି ଥିବାରୁ ଶ୍ରୀ ପ୍ରଧାନ ସାଧୁବାଦ ଜଣାଇଥିଲେ।

## ଭୁଶୁଡିଲା ଓୟୁଏଟି ମୁଖ୍ୟ ଫାଟକ, ୩ ଆହତ

ଭୁବନେଶ୍ୱର, (ସବ୍ୟୁ) : ନିର୍ମାଣାଧୀନ ଓୟୁଏଟି ମୁଖ୍ୟ ଫାଟକ ଭୁଶୁଡି ପଡିବାରୁ ଶ୍ରମିକ ଚାପି ହୋଇଯାଇଥିଲେ । ଜଣେ ଗୁରୁତର ହୋଇ ହସ୍ପିଟାଲ ଯାଇଥିବା ବେଳେ ଅନ୍ୟ ଦୁଇଜଣ ସାମାନ୍ୟ ଆହତ ହୋଇଥିବାରୁ ହସ୍ପିଟାଲ ଯାଇନଥିଲେ । ନିମ୍ନମାନର କାମ ପାଇଁ ଏପରି ଘଟିଲା ବୋଲି କୁହାଯାଉଥିବା ବେଳେ ତାହାକୁ ଅସ୍ୱୀକାର କରିଛନ୍ତି ନିର୍ମାଣ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ । ତାଙ୍କ କହିବା କଥା ଗୋଟିଏ ବହ୍ଲା ଭିଡିହୋଇଯିବାରୁ ସମ୍ପୂର୍ଣ୍ଣ ଫାଟକର ଉପର ଭାଗ ଛାତ ଭୁଶୁଡି ପଡିଲା । ଚାପି ହୋଇ ରହିଥିବା ଶ୍ରମିକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲ ନିଆଯାଇଥିବା ବେଳେ ସେ ସୁସ୍ଥ ଥିବା ଖବର ମିଳିଛି । ଓୟୁଏଟି ମୁଖ୍ୟ ଫାଟକ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ସେଠାରେ ଯେଉଁ ସେଣ୍ଟ୍ରିଂ କରାଯାଇଥିଲା ତାହା ଠିକ୍ ଭାବେ ହୋଇନଥିବା ଅଭିଯୋଗ ହେଉଛି । ଯଦି ସେଣ୍ଟ୍ରିଂ ଭୁଶୁଡି ପଡ଼ିଲା ନିର୍ମାଣ ସରିଥିବା ଫାଟକର ଉପରଭାଗ ଛାତ କିପରି ସମ୍ପୂର୍ଣ୍ଣ ଭୁଶୁଡିଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେଠାରେ ୬ଜଣ ଶ୍ରମିକ କାମରେ ନିୟୋଜିତ ଥିବାବେଳେ ଜଣେ ଗୁରୁତର ଆହତ ହୋଇ ହସ୍ପିଟାଲ ଯାଇଥିଲେ । ଅନ୍ୟ ଦୁଇଜଣ ସାମାନ୍ୟ ଆହତ ହୋଇଥିବାରୁ ହସ୍ପିଟାଲ ଗଲେନାହିଁ । ମୁଖ୍ୟ ଫାଟକ ଉପରଭାଗ ଛାତରେ କେତେ ପରିମାଣର ସିମେଣ୍ଟ ଭାଗ ଦିଆଯାଇଥିଲା ଓ କେତେ ଏମ୍ଏମ୍ ଲୁହାଛଡ ବ୍ୟବହାର ହେବା କଥା ତାହା ଠିକ୍ ଭାବେ ହୋଇଥିଲା କି ନାହିଁ ତଦନ୍ତ ସାପେକ୍ଷ୍ୟ ବୋଲି କୁହାଯାଉଛି ।

### ବେଦାନ୍ତ ଆଲୁମିନିୟମ୍ ଲାଞ୍ଜିଗଡ଼ର କଣ୍ଟ୍ରୋଲ୍ ରୁମରେ ମହିଳା ଶକ୍ତି

## କଣ୍ଟ୍ରୋଲ ରୁମକୁ ଶକ୍ତି ଯୋଗାଉଛନ୍ତି ବେଦାନ୍ତର ୧୦୦% ମହିଳା ଅପରେଟର

ଭୁବନେଶ୍ୱର, (ସବ୍ୟୁ): ଔଦ୍ୟୋଗିକ କାର୍ଯ୍ୟକଳାପର ମୂଳରେ ଥିବା ଦାୟିତ୍ୱ ଗ୍ରହଣ କରି, ଉତ୍ପାଦନ କ୍ଷେତ୍ରର ଭବିଷ୍ୟତକୁ ରୂପ ଦେବାରେ ମହିଳାମାନେ ଅଧିକରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ବେଦାନ୍ତ ଆଲୁମିନିୟମରେ ଏହି ପରିବର୍ତ୍ତନ ଲାଞ୍ଜିଗଡ଼ ବିଶୋଧନାଗାରରେ ସ୍ପଷ୍ଟ ହୋଇଛି, ଯେଉଁଠାରେ ମହିଳାମାନେ କଣ୍ଟ୍ରୋଲ ରୁମ୍ ଅପରେଟର (ସିଆରଓ) କାର୍ଯ୍ୟବଳର ୧୦୦% ଗଠନ କରନ୍ତି, ଯାହା ବିଶ୍ୱର ସର୍ବବୃହତ ଆଲୁମିନା ବିଶୋଧନାଗାର ମଧ୍ୟରୁ ଗୋଟିଏ । ୯ ଜଣ ମହିଳା ଏବଂ ୭ ଜଣ ପୁରୁଷଙ୍କ ସମେତ ୪ ଜଣ ଡ୍ୟୁଟି ଅଫିସର (ଡିଓ) ଏବଂ ୧୬ ଜଣ କଣ୍ଟ୍ରୋଲ୍ ରୁମ୍ ଇଞ୍ଜିନିୟର (ସିଆରଇ) ଙ୍କୁ ନେଇ ଗଠିତ ଏକ ଦଳ ସେମାନଙ୍କୁ ସମର୍ଥନ କରୁଛନ୍ତି।

ଡିଷ୍ଟ୍ରିବ୍ୟୁଟେଡ୍ କଣ୍ଟ୍ରୋଲ୍ ସିଷ୍ଟମ୍ (ଡିସିଏସ୍) ବିଶୋଧନାଗାରର କେନ୍ଦ୍ରରେ ରହିଛି, ଯାହା ଶହ ଶହ ଡାଟା ଷ୍ଟ୍ରିମକୁ ଏକୀକୃତ କରିଥାଏ ଏବଂ ଉତ୍ପାଦନ ପ୍ରକ୍ରିୟାକୁ ନିରବଚ୍ଛିନ୍ନ ନିୟନ୍ତ୍ରଣରେ ସକ୍ଷମ କରିଥାଏ। କଣ୍ଟ୍ରୋଲ୍ ରୁମ୍ ଅପରେଟର ଭାବରେ, ଏହି ମହିଳାମାନେ ପ୍ରକ୍ରିୟା ପରିମାପକ



ଉପରେ ନଜର ରଖନ୍ତି, ପରିଚାଳନା ଧାରାର ବିଶ୍ଳେଷଣ କରନ୍ତି, ସୁରକ୍ଷା ସୂଚନାର ମୂଲ୍ୟାଙ୍କନ କରନ୍ତି ଏବଂ ସ୍ଥିର ଏବଂ ଦକ୍ଷ ପରିଚାଳନା ବଜାୟ ରଖିବା ପାଇଁ ତ୍ୱରିତ ନିଷ୍ପତ୍ତି ନିଅନ୍ତି । ବିଶୋଧନାଗାରର କମାଣ୍ଡ ହବ୍ ରୁ କାର୍ଯ୍ୟ କରିବା, ଯେଉଁଠାରେ ପ୍ରତ୍ୟେକ ସେକେଣ୍ଡ ଗଣନା ଏବଂ ପ୍ରତ୍ୟେକ ନିଷ୍ପତ୍ତି ପ୍ରଭାବ ବହନ କରେ, ଏହି ମହିଳାମାନେ ବିଶ୍ୱର ସର୍ବବୃହତ ଆଲୁମିନା ବିଶୋଧନାଗାର ମଧ୍ୟରୁ ଗୋଟିଏରେ ନିରାପଦ, ସ୍ଥିର ଏବଂ ଦକ୍ଷ ପରିଚାଳନା ନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ସେମାନଙ୍କର ଦକ୍ଷତା, ନିର୍ଭୁଲତା ଏବଂ ଜଟିଳ ପ୍ରକ୍ରିୟାକୁ ପରିଚାଳନା କରିବାର ଦକ୍ଷତା ଶିଳ୍ପ କାର୍ଯ୍ୟସ୍ଥଳୀର ପରିବର୍ତ୍ତିତ ରୂପକୁ ରେଖାଙ୍କିତ କରେ, ଯେଉଁଠାରେ ପ୍ରତିଭା ଏବଂ ପ୍ରଦର୍ଶନ ପରିଚାଳନା ଉତ୍କର୍ଷକୁ ପରିଚାଳିତ କରୁଛି।

ଏହା ଉପରେ ମନ୍ତବ୍ୟ ଦେଇ ଲାଞ୍ଜିଗଡ ସ୍ଥିତ ବେଦାନ୍ତ ଆଲୁମିନିୟମର ସିଇଓ, ଆଲୁମିନା ବିଜନେସ୍, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି: "ଆମର କଣ୍ଟ୍ରୋଲ୍ ରୁମଗୁଡ଼ିକର ନେତୃତ୍ୱ ନେଉଥିବା ମହିଳାମାନେ ବୈଷୟିକ ଉତ୍କର୍ଷତା, ପ୍ରତିବଦ୍ଧତା ଏବଂ ନେତୃତ୍ୱର ଉଦାହରଣ ଯାହା ଆମର କାର୍ଯ୍ୟକଳାପକୁ ପ୍ରତିଦିନ ମଜବୁତ କରିଥାଏ। ସେମାନଙ୍କର ସଫଳତା ଏକ ସମାବେଶୀ କାର୍ଯ୍ୟକ୍ଷେତ୍ରକୁ ପ୍ରୋତ୍ସାହିତ କରିବାରେ ଆମର ବିଶ୍ୱାସକୁ ପ୍ରତିଫଳିତ କରେ ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତି ଉତ୍କର୍ଷ ହେବାର ସୁଯୋଗ ପାଆନ୍ତି ଏବଂ ଆମର ଅଭିବୃଦ୍ଧିରେ ଅର୍ଥପୂର୍ଣ୍ଣ ଯୋଗଦାନ କରନ୍ତି ।

### ଏମ୍ଏମ୍ଡିଆର ଆଇନ ୨୦୨୬ ରଦ୍ଦ ଦାବିରେ

## ୨୫ରେ ରାଜ୍ୟବ୍ୟାପୀ ପ୍ରତିରୋଧ ଦିବସ ଆହ୍ୱାନ

ଭୁବନେଶ୍ୱର,(ସବ୍ୟୁ): କଂଗ୍ରେସ ଭବନ ଠାରେ ଇଣ୍ଡିଆ ବ୍ଲକର ବିଭିନ୍ନ ଦଳ କଂଗ୍ରେସ, ସିପିଆଇ, ସିପିଆଇ(ଏମ), ସିପିଆଇ(ଏମଏଲ) ଲିବରେସନ, ଫରୱାର୍ଡ ବ୍ଲକ, ଏନ୍ସିପି, ଏସ ପି ଏବଂ ଆର୍ ଜେ ଡି ର ରାଜ୍ୟ ନେତୃବୃନ୍ଦ ଏକତ୍ରିତ ହୋଇଥିଲେ । ଓଡ଼ିଶାର ସ୍ୱାର୍ଥ ବିରୋଧୀ ଏମ ଏମ ଡି ଆର୍ ଆଇନ ୨୦୨୬କୁ ତୁରନ୍ତ ରଦ୍ଦ କରିବାକୁ ଦାବି କରାଯାଇଛି । ଏହି ଆଇନ ଯୋଗୁଁ ରାଜ୍ୟର ଖଣିଜ ସମ୍ପଦ, ରାଜସ୍ୱ ଅଧିକାର ଓ ସଂଘୀୟ ଅଧିକାର ଉପରେ ଭୟଙ୍କର ପ୍ରଭାବ ପକାଇବ ବୋଲି ଦଳମାନେ ମତ ପ୍ରକାଶ କରିଛନ୍ତି । ଏହି ଆଇନ ଦ୍ୱାରା ଓଡ଼ିଶା ଆର୍ଥିକ ସ୍ଥିତି ବିପର୍ଯ୍ୟସ୍ତ ହେବ । କର୍ପୋରେଟ ଲୁଣ୍ଠନ ଏବଂ ଆଦିବାସୀ ଶୋଷଣ ତୀବ୍ର ଭାବେ ବୃଦ୍ଧି ପାଇବ ।

ଏମ.ଏମ.ଡି.ଆର୍. ଆଇନ୨୦୨୬ ରଦ୍ଦ ଦାବିରେ ଆସନ୍ତା ୨୫ ଅଗଷ୍ଟରେ ରାଜ୍ୟବ୍ୟାପୀ ପ୍ରତିରୋଧ ଦିବସ ପାଳନ ପାଇଁ ଆହ୍ୱାନ ଦିଆଯାଇଛି । ଏହାକୁ ସଫଳ କରିବା ପାଇଁ ୨୩ ଅଗଷ୍ଟରେ ଜିଲ୍ଲାସ୍ତରୀୟ ମିଳିତ ବୈଠକ ଏବଂ ୨୪ ଅଗଷ୍ଟରେ ରାଜ୍ୟବ୍ୟାପୀ ଜନଜାଗରଣ ଅଭିଯାନ କରାଯିବ । ଏଥି ସହିତ ଏମ.ଏମ. ଡି.ଆର୍. ଆଇନ୨୦୨୬ର ଓଡ଼ିଶା ଉପରେ ପଡ଼ିବାକୁ ଥିବା ଭୟଙ୍କର ପ୍ରଭାବ ନେଇ ଆଲୋଚନା କରିବା ସହ ଏହାର ରଦ୍ଦ ଦାବିରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଓ ସର୍ବଦଳୀୟ ବୈଠକ ଡାକିବା ପାଇଁ ଦାବି କରାଯିବ । ଆସନ୍ତା ୯ ସେପେଟମ୍ବରରେ ରାଜ୍ୟସ୍ତରୀୟ କନଭେନସନ ଆୟୋଜନ କରାଯାଇ ସେଠାରେ ଓଡ଼ିଶା ବନ୍ଦ ଓ ଆର୍ଥିକ ଅବରୋଧ ଭଳି ପରବର୍ତ୍ତୀ ଶକ୍ତିଶାଳୀ ଆନ୍ଦୋଳନମୂଳକ କାର୍ଯ୍ୟକ୍ରମ ପାଇଁ



ଆହ୍ୱାନ ଦିଆଯିବ । ଏମ.ଏମ.ଡି.ଆର୍. ଆଇନ୨୦୨୬ ରଦ୍ଦ ନହେବା ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଇଣ୍ଡିଆ ବ୍ଲକର ସହଯୋଗୀ ଦଳଗୁଡ଼ିକ ଐକ୍ୟବଦ୍ଧ ଭାବେ ନିରନ୍ତର ଲଢ଼େଇ ଜାରି ରଖିବେ ବୋଲି ଘୋଷଣା କରାଯାଇଛି ।

ବୈଠକରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ସିପିଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ମିଶ୍ର, ସିପିଆଇ(ଏମଏଲ) ଲିବରେସନ ରାଜ୍ୟ ନେତା ରାଧାକାନ୍ତ ସେଠୀ,ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର,ଏନସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ସମାଜବାଦୀ ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ ଏବଂ ଆର୍ ଜେ ଡି ସାଧାରଣ ସମ୍ପାଦକ ହେମନ୍ତ କୁମାରଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ବିଧାୟକ ସନ୍ତୋଷ ସିଂ ସାଲୁଜା, କଂଗ୍ରେସ ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ଏବଂ ବାମପନ୍ଥୀ ନେତା ଆଶିଷ କାନୁନଗୋ,ବଦ୍ରୀ ନାରାୟଣ ଦାଶ ଏବଂ ମହେନ୍ଦ୍ର ପରିଡ଼ା ପ୍ରମୁଖ ବିଭିନ୍ନ ଦଳର ନେତାମାନେ ଯୋଗଦେଇଥିଲେ ।

### ସାମ୍ବାଦିକ ଭବନ ପଛରେ ଜମି ଖନନକୁ ନେଇ ବିବାଦ

## ରାତିରେ ଜେସିବି ଚଳାଇ ଗାତ ଖୋଳା ଅଭିଯୋଗ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ସହରର ସାମ୍ବାଦିକ ଭବନ ପଛପଟେ ଥିବା ଜମିରେ ରାତିଅଧିଆ ଜେସିବି ମେସିନ୍ ଲଗାଇ ଖନନ କରାଯାଇଥିବା ଅଭିଯୋଗକୁ ନେଇ ନୂଆ ବିବାଦ ଦେଖାଦେଇଛି। ଖନନ ସମୟରେ ଅଂଚଳ ରେ ଥିବା ବିଭିନ୍ନ ଗଛ କ୍ଷତିଗ୍ରସ୍ତ ହେବା ସହ ବହୁ ପରିମାଣର ମାଙ୍କଡ଼ା ପଥର ଭଙ୍ଗାଯାଇଥିବା ଅଭିଯୋଗ ମଧ୍ୟ ଉଠିଛି। ଉକ୍ତ ଜମିର ପ୍ରକୃତ ମାଲିକାନା, ଖନନର ଉଦ୍ଦେଶ୍ୟ ଓ ଏଥିପାଇଁ ଆବଶ୍ୟକ ଅନୁମତି ନିଆଯାଇଥିଲା କି ନାହିଁ ତାହାର ସରକାରୀ ଯାଂଚ ପାଇଁ ସାମ୍ବାଦିକ ମହଲରୁ ଦାବି ହୋଇଛି। ଦୁଇ ଦିନ ତଳେ ରାତି ସମୟରେ ଏକ ଜେସିବି ମେସିନ୍ ଦ୍ୱାରା ସାମ୍ବାଦିକ ଭବନ ପଛପଟେ ଗାତ ଖୋଳାଯାଇଥିଲା। ଏହି ସମୟରେ ସେଠାରେ ଥିବା ତାଳ, ଖଜୁରୀ, ଶାଗୁଆନ, ଶିଶୁ ଆଦି ବିଭିନ୍ନ ପ୍ରଜାତିର ଗଛ କ୍ଷତିଗ୍ରସ୍ତ କିମ୍ବା ନଷ୍ଟ ହୋଇଥିବା ଅଭିଯୋଗ ରହିଛି। ଏଥିସହ ପ୍ରାୟ ୨୦୦ରୁ ଅଧିକ ମାଙ୍କଡ଼ା ପଥର ଭାଙ୍ଗି ଦିଆଯାଇଥିବା ମଧ୍ୟ କୁହାଯାଉଛି। ତେବେ ଅଭିଯୋଗଗୁଡ଼ିକର ସ୍ୱତନ୍ତ୍ର



ସରକାରୀ ଯାଂଚ ହୋଇନଥିବାରୁ ଏହାର ପ୍ରକୃତ ସତ୍ୟତା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ଘଟଣାକୁ ନେଇ ସ୍ଥାନୀୟ ସାମ୍ବାଦିକମାନଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ସେମାନଙ୍କ ଦାବି ହେଉଛି, ପ୍ରଥମେ ରାଜସ୍ୱ ବିଭାଗ ପକ୍ଷରୁ ଜମିର ସରକାରୀ ମାପଚୁପ କରାଯାଇ ଖାତା ନମ୍ବର, ପ୍ଲଟ୍ ନମ୍ବର, କିସମ ଓ ଜମିର ବର୍ତ୍ତମାନର ସ୍ଥିତି ସ୍ପଷ୍ଟ କରାଯାଉ। ଏହା ସହ ଜେସିବି ଦ୍ୱାରା ଖନନ ପାଇଁ କୌଣସି ସରକାରୀ କିମ୍ବା ସ୍ଥାନୀୟ

**ଗଛ ନଷ୍ଟ ଓ ମାଙ୍କଡ଼ା ପଥର ଭଙ୍ଗା ନେଇ ତଦନ୍ତ ଦାବି**

ପ୍ରଶାସନିକ ଅନୁମତି ନିଆଯାଇଥିଲା କି ନାହିଁ, ତାହାର ମଧ୍ୟ ଯାଂଚ ହେଉ।

ଖୋର୍ଦ୍ଧାରେ ଏକ ସାମ୍ବାଦିକ ଭବନ ପ୍ରତିଷ୍ଠା ପାଇଁ ସାମ୍ବାଦିକମାନେ ଦୀର୍ଘଦିନ ଧରି ଦାବି କରିଆସୁଥିଲେ। ଏହି ପରିପ୍ରେକ୍ଷୀରେ ୨୦୧୩ ଅଗଷ୍ଟ ୭ରେ ସାମ୍ବାଦିକ ଭବନର ଉଦ୍‌ଘାଟନ ହୋଇଥିଲା। ପ୍ରତିଷ୍ଠା ପରଠାରୁ ଏହି ଭବନ କେବଳ ସାମ୍ବାଦିକମାନଙ୍କ ବୈଠକ ଓ ଆଲୋଚନାର କେନ୍ଦ୍ର ହୋଇ ରହିନାହିଁ। ରକ୍ତଦାନ ଶିବିର, ବୃକ୍ଷରୋପଣ, ଜଳଛତ୍ର, ସଡ଼କ ସୁରକ୍ଷା ସଚେତନତା ସହ ବିଭିନ୍ନ ସାମାଜିକ ଓ ଜନସେବାମୂଳକ କାର୍ଯ୍ୟକ୍ରମ ଏଠାରେ ଆୟୋଜିତ ହୋଇଆସୁଛି। ତେଣୁ ଭବନର ପଛପଟ ଜମିର ବ୍ୟବହାରକୁ ନେଇ ଉଠିଥିବା ପ୍ରଶ୍ନ ଏବେ ଗୁରୁତ୍ୱ ନେଇଛି। ସାମ୍ବାଦିକମାନଙ୍କ କହିବା ଅନୁଯାୟୀ, ଭବନ ପଛପଟ ଅଂଚଳ କୁ ଆଗାମୀ ଦିନରେ ବୃକ୍ଷରୋପଣ କରି ଏକ ସବୁଜ ପରିବେଶ ସୃଷ୍ଟି କରିବାର ଯୋଜନା ଥିଲା। ଏପରି ସ୍ଥିତିରେ ରାତି ସମୟରେ ଜେସିବି ଦ୍ୱାରା ଖନନ କରାଯିବା ନେଇ ସନ୍ଦେହ ଓ ପ୍ରଶ୍ନ ଉଠିଛି। ଏହି ଖନନ କାର୍ଯ୍ୟ ଖୋର୍ଦ୍ଧା ପେନସନର୍ସ ଆସୋସିଏସନ୍ ପକ୍ଷରୁ କରାଯାଇଥିବା ନେଇ ଅଭିଯୋଗ ରହିଥିଲେ ମଧ୍ୟ ଏହାର ସତ୍ୟତା ଏବଂ ସମ୍ପୃକ୍ତ ସଂସ୍ଥା ପାଖରେ କୌଣସି ଅନୁମତି ଥିଲା କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଏନେଇ ସମ୍ପୃକ୍ତ ପକ୍ଷର ଅଧିକୃତ ପ୍ରତିକ୍ରିୟା ମିଳିନଥିବାରୁ ଅଭିଯୋଗକୁ ନିରପେକ୍ଷ ଭାବେ ଯାଂଚ କରିବାର ଆବଶ୍ୟକତା ରହିଛି। ଏଥିସହ ଖୋର୍ଦ୍ଧା ସହରରେ ସରକାରୀ ଜମିର ବ୍ୟବହାର, ଦଖଲ ଓ ନିର୍ମାଣକୁ ନେଇ ବ୍ୟାପକ ଯାଂଚ କରାଯିବା ଆବଶ୍ୟକ ବୋଲି ସାମ୍ବାଦିକମାନେ ଦାବି କରିଛନ୍ତି। ସାମ୍ବାଦିକ ମହଲର ଆଉ ଏକ ଦାବି ହେଉଛି, ତଦନ୍ତ ସମାପ୍ତ ନହେବା ପର୍ଯ୍ୟନ୍ତ ବିବାଦୀୟ ଜମିରେ ଆଉ କୌଣସି ଖନନ କିମ୍ବା ନିର୍ମାଣ କାର୍ଯ୍ୟକୁ ଅନୁମତି ନଦିଆଯାଉ। ଜିଲ୍ଲା ପ୍ରଶାସନ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ଆବଶ୍ୟକ ଆଇନଗତ ପଦକ୍ଷେପ ନେଉ।

### ଏମ୍ଏମ୍ଡିଆର ଆମେଣ୍ଡମେଣ୍ଟ ବିଲ୍ ପ୍ରସଙ୍ଗ

## ଖୋଲା ବିତର୍କ ପାଇଁ ବିଜେପି ସରକାରଙ୍କୁ ବିଜେଡିର ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ): ଏମଏମଡିଆର ଆମେଣ୍ଡମେଣ୍ଟ ବିଲ୍ ସଂସଦରେ ପାସ୍ ହେବା ପରେ ଓଡ଼ିଶାର ବ୍ୟାପକ କ୍ଷତି ହେବ ବୋଲି ନବୀନ ପଟ୍ଟନାୟକ ଦେଇଥିବା ଭିଡିଓ ବାର୍ତ୍ତା ଉପରେ ବିଜେପି ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଖଣି ମନ୍ତ୍ରୀ ବିଭୁତି ଜେନାଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ବିଜୁ ଜନତା ଦଳ ଏହି ଦୁଇ ନେତା ଓ ବିଜେପି ସରକାରଙ୍କ ଉପରେ ବର୍ଷିଛି । ନବୀନ ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି ବୋଲି ଧର୍ମେନ୍ଦ୍ରଙ୍କ ମନ୍ତବ୍ୟ ଉପରେ, ଖୋଲା ବିତର୍କ ପାଇଁ ଆହ୍ୱାନ ଦେଇଛି ବିଜେଡି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ଼ ଅରୁଣ ସାହୁ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ନିକଟରେ ଲୋକସଭାରେ ବିନା ଆଲୋଚନାରେ ପାସ ହୋଇଥିବା ଏହି ବିଲ୍ ଓଡିଶା ସମେତ ଦେଶର ସମସ୍ତ ଖଣିଜ ସମ୍ପଦ ଥିବା ରାଜ୍ୟର ବ୍ୟାପକ କ୍ଷତି ହେବ ବୋଲି କହିଛନ୍ତି । ଡ଼ ଅରୁଣ ସାହୁ କହିଥିଲେ, ଖଣି ଖାଦାନ ଉପରେ ପ୍ରତ୍ୟେକ ରାଜ୍ୟର ଆଇନଗତ ଓ ସାମ୍ବିଧାନିକ ଅଧିକାର ରହିଛି । ଜୁଲାଇ ୨୦୨୪ରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟର ୯ ଜଣିଆ ଖଣ୍ଡପୀଠ ଏହା ଉପରେ ବିଚାର କରି ଖଣି ଓ ଖଣିର ଜମି ଉପରେ ରାଜ୍ୟ ମାନଙ୍କର ଅଧିକାର ରହିଛି, ତେଣୁ ରାଜ୍ୟମାନେ ଖଣିଜ ପଦାର୍ଥ ଉପରେ ଲେଭି ଓ ଟ୍ୟାକ୍ସ ଲଗାଇ ପାରିବେ ବୋଲି ମତ ଦେଇଥିଲେ । ଏହି ବିଚାରରେ, ୧ ଏପ୍ରିଲ ୨୦୦୫ରୁ ଖଣି ମାଲିକମାନଙ୍କଠାରୁ ବକେୟା ଟ୍ୟାକ୍ସ ଆଦାୟ କରିପାରିବେ ବୋଲି ଉଚ୍ଚତମ ନ୍ୟାୟାଳୟ କହିଥିଲେ । ପ୍ରତିବର୍ଷ ଖଣି ରାଜସ୍ୱ ଅଧିକ ୧୨,୦୦୦ କୋଟି ଟଙ୍କା ଆଦାୟ ହେବ ବୋଲି ଆକଳନ ହୋଇଥିଲା । କିନ୍ତୁ ଏମଏମଡିଆର ଆମେଣ୍ଡେମେଣ୍ଟ ବିଲ୍ ଜରିଆରେ ଓଡ଼ିଶାର ନ୍ୟାର୍ଯ୍ୟ ପ୍ରାପ୍ୟକୁ କେନ୍ଦ୍ର ସରକାର ହଡ଼ପ କରିଦେଲେ । ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତା ମାଧ୍ୟମରେ ଏହି ବିଲ ଦ୍ୱାରା ଓଡ଼ିଶାର ପ୍ରଭୁତ କ୍ଷତି ହେବ ବୋଲି କହି ଏହାକୁ ବିରୋଧ କରିବା ପରେ ବିଜେପି ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ନବୀନ ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି ବୋଲି କହିଛନ୍ତି । ନବୀନ ସରକାର ୨୦୦୦ ମସିହାରେ ରାଜ୍ୟର ଦାୟିତ୍ୱ ଗ୍ରହଣ କରିବା ପରେ ଅଭାବୀ ଓଡିଶାକୁ ଦେଶର ଶ୍ରେଷ୍ଠ ଆର୍ଥିକ ପରିଚାଳନା ରାଜ୍ୟ ଭାବେ ପ୍ରତିଷ୍ଠିତ କରିପାରିଥିଲେ । କିନ୍ତୁ ଦୁର୍ଭାଗ୍ୟର ବିଷୟ ବିଜେପି ସରକାର ଏମ୍ଏମ୍ଡିଆର ଆକ୍ଟ ଆଣିବା ପରେ ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଖଣି କ୍ଷେତ୍ରରୁ ଟିକସ୍ ଆଦାୟ କ୍ଷମତା କେନ୍ଦ୍ର ହାତକୁ ଟେକି ଦେଇଛି ।

ଡ଼ ସାହୁ ଆହୁରି କହିଥିଲେ, କାହା ସ୍ୱାର୍ଥରେ ଓଡ଼ିଶାର ନ୍ୟାର୍ଯ୍ୟ ପ୍ରାପ୍ୟକୁ କେନ୍ଦ୍ର ହାତକୁ ଟେକି ଦିଆଗଲା । ଭୃଗୁ ବକ୍ସିପାତ୍ର କହିଥିଲେ, ଏମଏମଡିଆର ଆମେଣ୍ଡମେଣ୍ଟ ବିଲ ଯୋଗୁଁ ଓଡ଼ିଶାର କୌଣସି କ୍ଷତି ହେବନାହିଁ ବୋଲି ଧର୍ମେନ୍ଦ୍ରଙ୍କ ମନ୍ତବ୍ୟ ବାସ୍ତବତାଠାରୁ ବହୁ ଦୂରରେ । ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟର ଆଡ଼ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ସର୍ବୋଚ୍ଚ ନ୍ୟାୟାଳୟରେ ଏକ ସତ୍ୟପାଠ ଦାଖଲ କରିଥିଲେ, ଯେଉଁଥିରେ ଖଣିରୁ ଲେଭି ଓ ଟିକସ ଆଦାୟ ଓଡିଶା ସ୍ୱାର୍ଥ ଦୃଷ୍ଟିରୁ ନିତ୍ୟାନ୍ତ ଜରୁରୀ ଓ ବକେୟା ଖଣି ରାଜସ୍ୱ ନ ମିଳିଲେ ଓଡ଼ିଶାର ବ୍ୟାପକ କ୍ଷତି ହେବ ବୋଲି କହିଥିଲେ । ଏବେ ରାଜ୍ୟକୁ କ୍ଷତି ହେବ ନାହିଁ ବୋଲି ଧର୍ମେନ୍ଦ୍ରଙ୍କ ମନ୍ତବ୍ୟ ଯଦି ଠିକ୍, ତାହେଲେ ରାଜ୍ୟ ସରକାରଙ୍କ ତରଫରୁ ଆଡ଼ଭୋକେଟ ଜେନେରାଲଙ୍କ ଦେଇଥିବା ସତ୍ୟପାଠ ମିଥ୍ୟା ବୋଲି ବୁଝିବାକୁ ହେବ ।

# ଧରାକୋଟରେ ଲକ୍ଷପତି ଦିଦି କର୍ମଶାଳା ଉଦ୍‌ଯାପିତ

ଧରାକୋଟ, (ସବ୍ୟୁ) : ଧରାକୋଟ ବ୍ଲକ ମିଶନ ଶକ୍ତି ବିଭାଗ ପକ୍ଷରୁ ଦୀର୍ଘ ତିନି ଦିନ ଧରି ଚାଲିଥିବା ଲକ୍ଷପତି ଦିଦି କର୍ମଶାଳା ଓ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ବିପିସି ସୁଶାନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଏସିପି ଅମେସ ବେହେରାଙ୍କ ସଂଯୋଜନାରେ ଲକ୍ଷପତି ଦିଦି କର୍ମଶାଳା ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଜୟ କୃଷ୍ଣ ମହାପାତ୍ର, ତହସିଲଦାର ଲମ୍ବୋଦର ମାରାଣ୍ଡି, ଏବିଡି ଓ ଭବାନୀ ଶଙ୍କର ପ୍ରଧାନ, ସିଡିପି ଓ ସୁନୀଲ ପ୍ରଭା ରଥ, ବ୍ଲକ ବିତ୍ତ ଅଧିକାରୀ ସୁରେଶ ବେହେରା, ସହକାରି ଯନ୍ତ୍ରୀ ଚିନ୍ମୟ ରାଉତ, କଲ୍ୟାଣ ଅଧିକାରୀ ଅନନ୍ୟା ପଣ୍ଡା, ଏପିଓ ନନ୍ଦିନୀ ଦାସ, ସାମାଜିକ ସୁରକ୍ଷା ଅଧିକାରୀ ସଚିନ ପାତ୍ର, ବିପିଏମ ପ୍ରତାପ ସ୍ୱାଇଁ ପ୍ରମୁଖ



ଉପସ୍ଥିତ ରହିଥିଲେ ।

ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କୁ ଆତ୍ମ ନିର୍ଭରଶିଳ କରି ଅଧିକ ଲକ୍ଷପତି ଦିଦିରୁ ମହା ଲକ୍ଷପତି ଦିଦି ସୃଷ୍ଟି କରିବା ପାଇଁ ଏସବିଆଇ ଧରାକୋଟ ଶାଖାର କ୍ଷେତ୍ର ଅଧିକାରୀ ଦେବାଶିଷ ପଣ୍ଡାଙ୍କ ଦ୍ୱାରା ୨୫ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଏକ କୋଟି ପଚିଶି ଲକ୍ଷ ଟଙ୍କାର ଆର୍ଥିକ ସହାୟତା, ଆଇଓବି ଯାହାଡା ପକ୍ଷରୁ ଶାଖା ପରିଚାଳକ ରାଜ ପ୍ରତୀକ ଦାସଙ୍କ ଦ୍ୱାରା ୮ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଏକ କୋଟି ଦଶ ଲକ୍ଷ ଟଙ୍କାର ଆର୍ଥିକ ସହାୟତା, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଧରାକୋଟ ଶାଖା ପରିଚାଳକ ଅଶେଷ କୁମାର ଦାସଙ୍କ ଦ୍ୱାରା ୨୦ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୯୦ ଲକ୍ଷ ଟଙ୍କାର ଆର୍ଥିକ ସାକ୍ଷରତା, ମୁଣ୍ଡମରାଇୟୁନିଅନ ବ୍ୟାଙ୍କ ଶାଖା ତରଫରୁ ୫ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଖାଦ୍ୟ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଦଶ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ମାନପତ୍ର, ସିଲ ସହ ୪୦୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।

ଏହି ଅବସରରେ ଦେଶାତ୍ମ ବୋଧକ ସଙ୍ଗୀତ, ଗୋଷ୍ଠୀ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବ୍ୟାଙ୍କମିତ୍ର ସଂଯୁକ୍ତା ପଟନାୟକ, ବିଷ୍ଣୁ ପ୍ରିୟା ଦଳେଇ, ସନ୍ଧ୍ୟାରାଣୀ ସ୍ୱାଇଁ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ ।

# ୨୫ କିଲୋ ଗଞ୍ଜେଇ ଜବତ, ଦୁଇ ଗିରଫ

ଭଞ୍ଜନଗର, (ସବ୍ୟୁ) : କନ୍ଧମାଳରୁ ନୟାଗଡକୁ ଗଞ୍ଜେଇ ଚାଲାଣ ବେଳେ, ଦୁଇ ଜଣ ଯୁବକ ଓ ଯୁବତୀକୁ ଗିରଫ କଲା ତାରାସିଂ ଥାନା ପୋଲିସ । ଘଟଣା ସ୍ଥଳରୁ ୨୫ କିଲୋ ୬୦୦ଗ୍ରାମ କିଲୋ ଗଞ୍ଜେଇ ଜବତ ହୋଇଛି । ଏଥିରେ ସଂପୃକ୍ତ ଦୁଇ ଜଣଙ୍କ ମଧ୍ୟରୁ ଜଣେ ଯୁବକ ଅନ୍ୟ ଜଣେ ଯୁବତୀ ଥିବାବେଳେ ଯୁବକ ଜଣକ ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ଓ ଅନ୍ୟ ଜଣେ ପୁରୀ ଜିଲ୍ଲା ଗୋପ ଥାନା ଅଞ୍ଚଳର ଉଭୟଙ୍କୁ ଗିରଫ କରିଛି ପୋଲିସ । ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ଦେଇଥିବା ସୂଚନା ପ୍ରକାରେ ଅତିରିକ୍ତ ଥାନାଧିକାରୀ ଅଭୟ କୁମାର ପ୍ରଧାନ ଏବଂ ଅନ୍ୟ କର୍ମଚାରୀ ମାନେ ପେଟ୍ରୋଲିଂ ସହ ହେଲିମେଟ୍ ଚେକିଙ୍ଗ କରୁଥିବା ବେଳେ ହରିଗଡ ନୂଆଁପଲ୍ଲି ଛକ ନିକଟରେ କନ୍ଧମାଳ ଜିଲ୍ଲା ଚକାପାଦ ଆଡୁ ଏକ ବାଇକ୍ ଯୋଗେ ଆସୁଥିବା ଦୁଇଜଣ ଯୁବକ ଯୁବତୀ ପୋଲିସକୁ ଦେଖି ବାଇକ ବୁଲାଇ ପଳାଇ ଯାଉଥିଲେ ।



ଏନେଇ ପୋଲିସର ସନ୍ଦେହ ହେବାରୁ ସେମାନଙ୍କ ପିଛା କରି ଚକାପାଦ ଓ ଗଞ୍ଜାମ ସିମାନ୍ତ ମଧ୍ୟଭାଗ ହରିଗଡ ନୂଆଁପଲ୍ଲି ଉଭୟଙ୍କୁ କାବୁ କରାଯାଇଥିଲା । ସଂପୃକ୍ତ ବ୍ୟକ୍ତି ଦୁହେଁଙ୍କୁ ଯାଞ୍ଚ କଲାପରେ, ତାଙ୍କର ଠାରୁ ଦୁଇଟି ବ୍ୟାଗରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଜଣା ପଡ଼ିଥିଲା । ଥାନାକୁ ଆଣି ଜେରା ପରେ ଯୁବକ ଜଣକ ଗଞ୍ଜାମ ଜିଲ୍ଲାର ଜଗନ୍ନାଥପ୍ରସାଦ ଥାନା ପଞ୍ଚୁଭୁତୀ ଅଞ୍ଚଳର ରାଜେସ ସେଠୀ(୧୯) ଓ ଅନ୍ୟ ଯୁବତୀ ଜଣକ ପୁରୀ ଜିଲ୍ଲା ଗୋପ ଥାନା ଗୋବାସିଙ୍ଗ ଅଞ୍ଚଳର ରୁପାଲି ସ୍ୱାଇଁ(୨୫) ବୋଲି ଜଣା ପଡିଥିଲା ।

ତାଙ୍କ ଠାରୁ ୨୫ କିଲୋ ୬୦୦ ଗ୍ରାମ ଗଞ୍ଜେଇ ସହ ନଗଦ ୧୪ ଶହ ଟଙ୍କା, ଗୋଟିଏ ମୋବାଇଲ ଜବତ ହୋଇଥିଲା ଓ ଗୋଟିଏ ମଟର ସାଇକେଲ ଜବତ କରାଯାଇଛି । ଏନେଇ ତାରାସିଂ ଥାନା କେଶ୍ ନମ୍ବର ୨୯୦/୨୬ ରେ ଏକ ମାମଲା ରୁଜୁ କରି, ଅଭିଯୁକ୍ତ ଯୁବକ ଓ ଯୁବତୀ ଦୁହିଁକୁ କୋର୍ଟ ଚାଲାଣ କରାଯାଇଥିବା ନେଇ କହିଛନ୍ତି ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ।

# ରାକ୍ଷୀ ପୂର୍ଣ୍ଣିମା ପାଇଁ ବୁଗୁଡ଼ା ଚଳଚଞ୍ଚଳ, ଦୋକାନ ମାଳମାଳ

ବୁଗୁଡ଼ା, (ସବ୍ୟୁ) : ଆଗକୁ ଆସୁଛି ରାକ୍ଷୀ ପୂର୍ଣ୍ଣିମା ପ୍ରଭୁ ବଳଦେବ ଜୀଉଙ୍କର ଜନ୍ମଦିନ ଶ୍ରାବଣ ପୂର୍ଣ୍ଣିମାରେ ପାଳନ ହେଉଥିବା ରକ୍ଷାବନ୍ଧନ ଉତ୍ସବ ଭାଇ-ଭଉଣୀଙ୍କ ମଧ୍ୟରେ ସ୍ନେହର ବନ୍ଧନକୁ ଆହୁରି ନିବିଡ଼ କରିଥାଏ । ରାକ୍ଷୀ ପୂର୍ଣ୍ଣିମା ଦିନ ଭଉଣୀମାନେ ଚନ୍ଦନ, ହଳଦୀ, ଦୀପ, ଅରୁଆ ଚାଉଳ ରଖି ପୂଜାଥାଳି ପ୍ରସ୍ତୁତ କରି ଭାଇ ହାତରେ ରାକ୍ଷୀ ବାନ୍ଧି ତା'ର ଶୁଭ ମନାସୀ ଦୀର୍ଘାୟୁ କାମନା କରିଥାନ୍ତି । ଭାଇ ନିଜ ଭଉଣୀର ସୁଖଦୁଃଖରେ ସହଭାଗୀ ହେବା ପାଇଁ ପ୍ରତିଶ୍ରୁତି ଦେଇଥାଏ । ଏ ମାସର ୨୭ ତାରିଖ ଗୁରୁବାର ଦିନ ସହରଠୁ ଆରମ୍ଭକରି ପୁରପଲ୍ଲୀ ପର୍ଯ୍ୟନ୍ତ ସବୁଠି ଆନନ୍ଦ ଉଲ୍ଲାସର ସହ ପାଳିତ ହେବ ପବିତ୍ର ରକ୍ଷାବନ୍ଧନ ଉତ୍ସବ । ରକ୍ଷାବନ୍ଧନ ଉତ୍ସବକୁ ନେଇ ବୁଗୁଡ଼ାର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଚଳଚଞ୍ଚଳ ହୋଇ ପଡିଥିଲା ବେଳେ ରାକ୍ଷୀ ବ୍ୟବସାୟ ଜୋର୍ ଧରିଛି । ରାକ୍ଷୀ ପୂର୍ଣ୍ଣିମାକୁ ନେଇ ବୁଗୁଡ଼ା ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଭରି ରହିଥିବା ବେଳେ ମାଳ ମାଳ ରାକ୍ଷୀ ଦୋକାନ ଦେଖିବାକୁ ମିଳିଛି । ଅଧିକାଂଶ ଦୋକାନରେ ଶତାଧିକ ପ୍ରକାରର ରାକ୍ଷୀ ବିକ୍ରି ହେଉଥିବା ବେଳେ ଏକ ଟଙ୍କାରୁ ଆରମ୍ଭ କରି ସାଢେ ତିନି ଶହ ଟଙ୍କାର ରାକ୍ଷୀ ବିକ୍ରି ହେଉଛି । ବିଶେଷ କରି ବ୍ରେସଲେଟ୍ ଶୈଳୀର ଷ୍ଟୋନ୍ ରାକ୍ଷୀର ଚାହିଦା ବେଶ୍ ରହିଛି । ଅନ୍ୟପକ୍ଷରେ, ରାକ୍ଷୀ ବିକ୍ରି କରୁଥିବା ବ୍ୟବସାୟୀମାନେ ଏ ବର୍ଷ ରାକ୍ଷୀ ବିକ୍ରି କରି ଭଲ ଦି'ପଇସା ରୋଜଗାର କରିବେ ବୋଲି ଆଶା ବାନ୍ଧିଥିବା ଜଣାଯାଇଛି ।

# ନାବାଳିକା ଦୁଷ୍କର୍ମ ମାମଲାରେ ବୃଦ୍ଧଙ୍କୁ ୨୦ବର୍ଷ ଜେଲ୍

ବାରିପଦା, (ସବ୍ୟୁ) : ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅତିରକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ବିଚାରପତି ଅଭିଯୁକ୍ତ ଜଗନ୍ନାଥ ମହାନ୍ତ (୭୦) ଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୪୦ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୨ବର୍ଷ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି ଅଶ୍ୱନୀ କୁମାର ମହାନ୍ତ ମାମଲା ପରିଚାଳନା କରିଥିଲେ।

ଘଟଣାରୁ ପ୍ରକାଶ ଯେ, ୨୦୨୧ ଡିସେମ୍ବର ୧୧ତାରିଖ ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ ଥାନା ଅନ୍ତର୍ଗତ ସାନହାଟନା ବେଡା ଗ୍ରାମର ଧାନିପାଟ୍ ଫୁଟ୍‌ବଲ ପଡିଆ ଡୁଙ୍ଗୁରୀରେ ଉକ୍ତ ଅଞ୍ଚଳର ଜଣେ ନାବାଳିକା ଗାଈ ଚରାଇବାକୁ ଏକୁଟିଆ ଯାଇଥିବାବେଳେ ଉକ୍ତ ଅଞ୍ଚଳର ଅଶ୍ୱନୀ ମହାନ୍ତ ନାବାଳିକା ଜଣଙ୍କୁ ଏକୁଟିଆ ପାଇ ପଛପଟୁ ଆସି ମୁହଁକୁ ବନ୍ଦ କରିବା ସହ ଜୋରଜବରଦସ୍ତ ଦୁଷ୍କର୍ମ କରିବା ସହ ଏହି ବାବଦରେ ଯଦି କେହି ଜାଣନ୍ତି ତେବେ ଜୀବନରୁ ମାରିବା ଦେବାର ଧମକ ଦେବାସହ ବାରମ୍ବାର ଦୁଷ୍କର୍ମ କରିଥିଲେ।

ପରେ ପୀଡିତା ନାବାଳିକା ଜଣଙ୍କ ୬ମାସର ଗର୍ଭବତୀ ହେବା ପରେ ପୀଡିତାଙ୍କ ମା ଜାଣିବାକୁ ପାଇଥିଲେ। ଏନେଇ ପୀଡିତାଙ୍କ ପରିବାର ପକ୍ଷରୁ ୨୦୨୨ ଜୁଲାଇ ୧ତାରିଖରେ ବାଦାମପାହାଡ ଥାନାରେ ଅଭିଯୋଗ କ୍ରମେ ୬୩/୨୨ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଶୁକ୍ରବାର ୨୨ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଏଥିସହ କ୍ଷତିପୂରଣ ବାବଦରେ ପୀଡିତା ନାବାଳିକାଙ୍କୁ ୬ଲକ୍ଷଟଙ୍କା ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

# ବାରିପଦା ଇନରହ୍ୱିଲ କ୍ଲବ ପାଳିଲା ସାୱନ୍ ମହୋତ୍ସବ



ବାରିପଦା, (ସବ୍ୟୁ) : ବାରିପଦାର ଅଗ୍ରଣୀ ମହିଳା ସାମାଜିକ ସଂଗଠନ ବାରିପଦା ଇନରହ୍ୱିଲ କ୍ଲବ ତରଫରୁ ଲୁଲୁଂର ଅର୍ଚିଡ଼ ଗାର୍ଡେନଠାରେ ସାୱନ ମହୋତ୍ସବ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ସୁପ୍ରତି ଦଳବେହେରାଙ୍କ ପରିଚାଳନାରେ ଆୟୋଜିତ ଉକ୍ତ ଉତ୍ସବରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏତଦ୍‌ବ୍ୟତୀତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା ।

ଉକ୍ତ କାର୍ଯ୍ୟକ୍ରମରେ ଆମ ଉତ୍କଳର ସାଂସ୍କୃତିକ ଐତିହ୍ୟର ଗୌରବମୟ ଗାଥା ପରିବେଷିତ ହୋଇଥିଲା । ଦିବସ ବ୍ୟାପି ଉକ୍ତ କାର୍ଯ୍ୟକ୍ରମକୁ ଇନରହ୍ୱିଲ କ୍ଲବର ସଦସ୍ୟାମାନେ ସଫଳତାର ସହ ପରିଚାଳନା କରିଥିଲେ ।

# ଦିନକରେ ରେଳଧାରଣାରୁ ମିଳିଲା ଦୁଇ ମୃତଦେହ

ବ୍ରହ୍ମପୁର, (ସବ୍ୟୁ) : ଜିଆରପି ପୁଲିସ ଶୁକ୍ରବାର ସକାଳେ ରେଳଧାରଣାରୁ ଦୁଇଟି ପୃଥକ୍ ମୃତ ଦେହ ଉଦ୍ଧାର କରିଛି । ଜଣକର ପରିଚୟ ମିଳିନଥିବା ବେଳେ, ଅନ୍ୟ ଜଣକର ପରିଚୟ ମିଳିଥିବା ପୁଲିସ କହିଛି । ଅଜଣା ମୃତଦେହ ବ୍ୟବଚ୍ଛେଦ ପରେ ତାହାକୁ ଏମକେସିଜିର ସଂରକ୍ଷଣ ଗୃହରେ ସଂରକ୍ଷିତ ରଖାଯାଇଛି । ପରିଚୟ ମିଳିଥିବା ଯୁବକଙ୍କ ମୃତ ଦେହ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି । ପୁଲିସ ଏସଂକ୍ରାନ୍ତରେ ୬୦/୨୬ ଏବଂ ୬୧/୨୬ ରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି । ଶୁକ୍ରବାର ସକାଳେ ଗୋସାଣୀନୂଆଗାଁ ଓଭର ବ୍ରିଜ୍ ତଳ ରେଳ ଧାରଣାରେ ଏକ ମୃତ ଦେହ ପଡ଼ିଥିବା ଖବର ମିଳିଥିଲା । ପୁଲିସ ମୃତ ଦେହ ଜବତ କରିଥିବା ବେଳେ ତାହାର ପରିଚୟ ମିଳିପାରି ନଥିଲା । ସେହିପରି ଲାଞ୍ଜିପଲ୍ଲି ଓଭର ବ୍ରିଜ୍ ଦେଇ ଯାଇଥିବା ରେଳ ଧାରଣାରୁ ଏକ ମୃତ ଦେହ ପଡ଼ିଥିବା ମେମୋ ଟ୍ରେନର ଲୋକୋ ପାଇଲଟ୍ ଠାରୁ ଖବର ପାଇ ପୋଲିସ ସେଠାରେ ପହଞ୍ଚିଥିଲା । ସେଠାରେ ମୃତକଙ୍କ ପରିବାର ଉପସ୍ଥିତ ଥିଲେ । ମୃତକ ଅଙ୍କୁଲିର ଭୋଳାନାଥ ବିଶ୍ୱାଳ(୪୦) ବୋଲି ପୁଲିସ କହିଛି । ଭୋଳାନାଥଙ୍କୁ ପକେଟରୁ ୧୩ ଶହ ଟଙ୍କା ଥିବା ବେଳେ ନିକଟରେ ତାଙ୍କ ବାଇକ୍ ପଡ଼ିଥିବା ଦେଖିବାକୁ ପାଇଥିଲା ପୁଲିସ । ଗତକାଲି ଠାରୁ ସେ ନିଖୋଜ ଥିଲା ପରିବାର ଲୋକ କହିଥିଲେ । ଶୁକ୍ରବାର ଦିନ ତାଙ୍କରି ମୃତ ଦେହ ମିଳିଛି । ପ୍ରାଥମିକ ତଦନ୍ତରୁ ଯୁବକ ଜଣକ ଟ୍ରେନ ପାଖକୁ ଆସି ଆତ୍ମହତ୍ୟା କରିଥିବା ପୁଲିସ ଅନୁମାନ କରୁଛି ।

# ଯବାନଙ୍କ ପାଇଁ ଶିଶୁ ଯତ୍ନ ଛାତ୍ରୀଙ୍କ ରାକ୍ଷୀ ପ୍ରେରଣ

ଧରାକୋଟ, (ସବ୍ୟୁ) : ରକ୍ଷାବନ୍ଧନ କେବଳ ଭାଇ-ଭଉଣୀଙ୍କ ସ୍ନେହର ପର୍ବ ନୁହେଁ, ଏହା ତ୍ୟାଗ, ସୁରକ୍ଷା ଓ ଭାଇଚାରାର ଏକ ପବିତ୍ର ପ୍ରତୀକ। ଦେଶର ସୀମାରେ ଦିନରାତି ସଜାଗ ରହି ଦେଶ ମାତୃକାର ସୁରକ୍ଷା କରୁଥିବା ବୀର ଯବାନମାନଙ୍କ ପ୍ରତି ସମ୍ମାନ ଓ ଭଲପାଇବା ଜଣାଇ ଏକ ନିଆରା ପଦକ୍ଷେପ ନେଇଛନ୍ତି ଧରାକୋଟ ସ୍ଥିତ ବାଲ୍ମୀକେଶ୍ୱର ଶିଶୁ ଯତ୍ନ ଅନୁଷ୍ଠାନର ଛାତ୍ରୀମାନେ। ଦେଶର ସୁରକ୍ଷା ପାଇଁ ପରିବାରଠାରୁ ଦୂରରେ ରହି କର୍ତ୍ତବ୍ୟରତ ବୀର ଯବାନମାନଙ୍କୁ ନିଜ ଭାଇ ଭାବେ ସମ୍ମାନ ଜଣାଇ ଛାତ୍ରୀମାନେ ନିଜ ହାତରେ ପ୍ରସ୍ତୁତ କରିଥିବା ରାକ୍ଷୀ ପଠାଇଛନ୍ତି । ଏହି ଅବସରରେ ଗଞ୍ଜାମ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାଶ, ଧରାକୋଟ ଅନୁଷ୍ଠାନର ଅଧୀକ୍ଷକ ଗୀତାଞ୍ଜଳି ଦୋରା,ପୋଷ୍ଟ ମାଷ୍ଟର ପ୍ରତାପ କୁମାର ସେଠୀ, ମୁଖ୍ୟ କିରାଣୀ ବଂଶୀଧର ମଳିକଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

## ୱାର୍ଲ୍ଡ କଣ୍ଟିନେଣ୍ଟାଲ ସିଲଭର୍ ଲେଭଲ୍ ଆଥଲେଟିକ୍ସ ମିଟ୍ ବୈଷୟିକ ଷ୍ଟାଫ୍ ଭାବେ ମୟୂରଭଞ୍ଜ କ୍ରୀଡ଼ା ଅଧିକାରୀ ମନୋନୀତ

ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ. ଶୁଭାଶିଷ ନାୟକଙ୍କୁ ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ୱାର୍ଲ୍ଡ କଣ୍ଟିନେଣ୍ଟାଲ ସିଲଭର୍ ଲେଭଲ୍ ଆଥଲେଟିକ୍ସ ମିଟ୍-୨୦୨୬ ପାଇଁ ବୈଷୟିକ ଷ୍ଟାଫ୍ ଭାବେ ଚୟନ କରାଯାଇଛି । ଏହି ଅନ୍ତର୍ଜାତୀୟସ୍ତରୀୟ ଆଥଲେଟିକ୍ସ ମିଟ୍ ଆସନ୍ତା ୨୨ ଅଗଷ୍ଟ ୨୦୨୬ରେ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ । ଏକ ପ୍ରତିଷ୍ଠିତ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନରେ ବୈଷୟିକ ଦାୟିତ୍ୱ ନିର୍ବାହ ପାଇଁ ଡ. ନାୟକଙ୍କ ଚୟନ ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବର ବିଷୟ । ଏହି ଚୟନ ତାଙ୍କର କ୍ରୀଡ଼ା କ୍ଷେତ୍ରରେ ଦକ୍ଷତା, ଅଭିଜ୍ଞତା ଓ ବୈଷୟିକ ଜ୍ଞାନର ସ୍ୱୀକୃତି ବହନ କରୁଛି ।

ସୂଚନାଯୋଗ୍ୟ ଯେ, ଡ. ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିକଟରେ ୭୨ତମ ଓଡ଼ିଶା ରାଜ୍ୟ ଜୁନିଅର ଆଥଲେଟିକ୍ସ ଚାମ୍ପିୟନସିପ୍-୨୦୨୬ ରାଇରଙ୍ଗପୁର ସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସରେ ସଫଳତାର ସହ ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତାର ସଫଳ ଆୟୋଜନରେ ତାଙ୍କର ଦକ୍ଷତା, ଅଭିଜ୍ଞତା ଓ ନେତୃତ୍ୱର ପ୍ରତିଫଳନ ଦେଖିବାକୁ ମିଳିଥିଲା । ଏହି ଗୌରବମୟ ସଫଳତା ପାଇଁ ଡ. ନାୟକଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ମିଳିବା ସହ ବିଶ୍ୱ କଣ୍ଟିନେଣ୍ଟାଲ୍ ସିଲଭର ଲେଭଲ୍ ଆଥଲେଟିକ୍ସ ମିଟରେ ତାଙ୍କର ବୈଷୟିକ ଦାୟିତ୍ୱର ସଫଳ ନିର୍ବାହ ପାଇଁ ଶୁଭେଚ୍ଛା ଜଣାଯାଇଛି ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ଛାତ୍ରଛାତ୍ରୀଙ୍କ ସଫଳତା

ବ୍ରହ୍ମପୁର, (ସବ୍ୟୁ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଗ୍ଲୋବାଲ ଫାଇନାନ୍ସ ଟେକ୍ନୋଲୋଜି ନେଟଓ୍ୱର୍କ ଦ୍ୱାରା ପରିଚାଳିତ ପରୀକ୍ଷାରେ ବିଶ୍ୱବିଦ୍ୟାଳୟର ପାଞ୍ଚ ଜଣ ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି ।'

ଭାରତ ନେତ୍ର ' ଯୋଜନା ଅଧୀନରେ ହୋଇଥିବା ଏହି ଚୟନ ପରୀକ୍ଷାରେ ରବି ବିଷୋୟୀ, ହରପ୍ରିୟା ସାସମଲ, ଅରିଜିତ ସାହୁ, ରୁଦ୍ରନାରାୟଣ ପାଣିଗ୍ରାହୀ ଓ ଶ୍ରାବଣୀ ସାହୁ ପ୍ରମୁଖ କୃତକାର୍ଯ୍ୟ ହୋଇ ସାର୍ଟିଫିକେଟ ଅଫ ଫିନଟେକ ଏବଂ ଇନସିଓରଟେକ ପାଠ୍ୟକ୍ରମରେ ଯୋଗ ଦେବା ନିମନ୍ତେ ସେମାନେ ଦଶଜଣିଆ କୃତିତ୍ୱ ସମ୍ପନ୍ନ ଦଳରେ ଅନ୍ତର୍ଭୁକ୍ତ ହୋଇ ଜାପାନର ଟୋକିଓ ସହରକୁ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି । ଏଥି ନିମନ୍ତେ ଭାରତରୁ ପ୍ରତିନିଧିତ୍ୱ କରିବା ସହିତ ଡିଜିଟାଲ ଫାଇନାନ୍ସ



ଟେକ୍ନୋଲୋଜିରେ ଅଧିକ ଜ୍ଞାନ କୌଶଳ ହାସଲ କରିବେ ଓ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିବାର ଦକ୍ଷତା ଅର୍ଜନ କରିବେ । ଛାତ୍ରଛାତ୍ରୀଙ୍କ ଏହି ସଫଳତା ହେତୁ ବିଶ୍ୱବିଦ୍ୟାଳୟର ତଥା ସମଗ୍ର ଦେଶର ଗୌରବ ବୃଦ୍ଧି ହୋଇଛି ।

କୁଳପତି ପ୍ରଫେସର ଅସୀମା ସାହୁ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ, ଛାତ୍ରୀ ଛାତ୍ର କଲ୍ୟାଣ ଅଧିକାରୀ ଉଷାରାଣୀ ରଥ ସମେତ ଅନ୍ୟାନ୍ୟ ଅଧ୍ୟାପିକା, ଅଧ୍ୟାପକ ଏହି ସଫଳତା ନିମନ୍ତେ କୃତିତ୍ୱ ହାସଲ କରିଥିବା ପାଞ୍ଚ ଛାତ୍ରଛାତ୍ରୀ ତଥା ବାଣିଜ୍ୟ ବିଭାଗ ମୁଖ୍ୟ ତଥା ଜି.ଏଫ.ଟି.ଏନ.ର ନୋଡାଲ ଅଫିସର ଡ. ଅନ୍ନପୂର୍ଣ୍ଣା ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ବେଆଇନ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ରଙ୍ଗେଇଲୁଣ୍ଡା, (ସବ୍ୟୁ) : ବ୍ରହ୍ମପୁର ଅବକାରୀ ଜିଲ୍ଲାରେ କିଛି ଅସାଧୁ କର୍ମଚାରୀ ବିଦେଶୀ ମଦ ଦୋକାନ ମାଲିକ ଏବଂ କିଛି ବାର ମାଲିକଙ୍କ ଠାରୁ ମୋଟା ଅଙ୍କର ହାତଗୁଞ୍ଜା ନେଇ ବେଆଇନ ଭାବେ ବିଦେଶୀ ମଦ ଦୋକାନକୁ ମଞ୍ଜୁରୀ ଦେଉଛନ୍ତି । ଯାହାର ସଦ୍ୟତମ ଉଦାହରଣ ହେଲା ବ୍ରହ୍ମପୁର ଉପକଣ୍ଠ ହଳଦିଆ ପଦର ବସଷ୍ଟାଣ୍ଡ ସାମନାରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନ, ଯାହାକି ଏନ.ଏଚ, ୧୬ ଠାରୁ ମାତ୍ର ଅଶି ମିଟର ଦୂରରେ ଅବସ୍ଥିତ। ଯାହାକି ସର୍ବୋଚ୍ଚ ନ୍ୟାୟାଳୟର ଆଦେଶକୁ ବି ଅବମାନନା କରାଯାଇଛି ।

ଏଠାରେ ପ୍ରଶ୍ନ ଉଠେ ଯେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଠାରୁ ଅବକାରୀ ବିଭାଗର କିଛି ଲାଞ୍ଚୁଆ ଅଧିକାରୀ ଊର୍ଦ୍ଧ୍ୱ କି ? ଅବକାରୀ ଅଧିକ୍ଷକ କିପରି ଜାଣି ପାରିଲେନି? ନା ଜାଣି ଅଜଣା ଭଳି ଅଭିନୟ କଲେ । ବ୍ରହ୍ମପୁର ଉପକଣ୍ଠ ହଳଦିଆ ପଦର ଠାରୁ କନିସି ପ୍ରର୍ଯ୍ୟନ୍ତ ଯେତିକି ବାର ବା ଠିପି ଖୋଲା ବିଦେଶୀ ମଦ ଦୋକାନ ଅଛି ସେ ସବୁ ଠିକ ନିୟମ ଅନୁସାରେ ହୋଇଛି ତ ? ତାହା ବି ତଦନ୍ତ ସାପେକ୍ଷ । ସ୍ଥାନୀୟ ଅବକାରୀ ବିଭାଗର କିଛି ଅଧିକାରୀ, କନିସି ତହସିଲଦାର ଏବଂ କୁକୁଡାଖଣ୍ଡି ତହସିଲଦାର ଉକ୍ତ ଅଞ୍ଚଳର ଆରଆଇ, ଅମିନ ବ୍ରହ୍ମପୁର ଠାରୁ ଉକ୍ତ ବାର ଗୁଡିକର ଦୂରତା ସଠିକ ଭାବେ ଚିହ୍ନଟ କରିଛନ୍ତି ତ, ତାହା ବର୍ତ୍ତମାନ ବଡ ପ୍ରଶ୍ନବାଚୀ ସୃଷ୍ଟି ହଉଛି । ଏନେଇ କିଛି ବୁଦ୍ଧିଜୀବୀ ଆରଟିଆଇ ମାଧ୍ୟମରେ ଖୁଲାସା କରିବେ ବୋଲି କହିଛନ୍ତି ।

# ବିତନୁ ନାୟକଙ୍କ ତିରୋଧାନ ଦିବସରେ ଯୁବ ସଂକଳ୍ପ ସମାବେଶ




ବାରିପଦା, (ସବ୍ୟୁ) : ଅକାଳରେ ନିଧନ ଘଟିଥିବା ମୟୂରଭଞ୍ଜର ବରପୁତ୍ର ବିତନୁ ନାୟକଙ୍କ ତିରୋଧାନ ଦିବସରେ ଏକ ଯୁବ ସଂକଳ୍ପ ସମାବେଶ ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ ସମରେନ୍ଦ୍ର ବଶାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ହାୟାର ସେକେଣ୍ଡାରୀ ସ୍କୁଲର ମେନେଜିଂ ଡାଏରେକଟର ଯୁବ ଶିଳ୍ପୋଦ୍ୟୋଗୀ ଇଂ ପ୍ରଭାସ ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ଯୁବକମାନେ ଚାହିଁଲେ ଦେଶର ଉନ୍ନତି ହୋଇପାରିବ ବୋଲି ମତ ରଖିଥିଲେ । ମୟୂରଭଞ୍ଜ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଅଜିତ କୁମାର କବାଟ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ସ୍ୱର୍ଗତ ବିତନୁଙ୍କ ତ୍ୟାଗମୟ ଜୀବନ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବରେ ବିତନୁ ସ୍ମୃତିନ୍ୟାସର ଅଧ୍ୟକ୍ଷ ହାରାମଣି ଦଳେଇ ଯୋଗଦେଇ ଯୁବକମାନଙ୍କୁ ମାଆ ଓ ମାଟିର ସେବା ପାଇଁ ସଂକଳ୍ପବଦ୍ଧ ହୋଇ କିଭଳି କାର୍ଯ୍ୟ କରିବେ ମାର୍ଗଦର୍ଶନ କରାଇଥିଲେ ।

ବରିଷ୍ଠ ସାହିତ୍ୟିକ ପଦ୍ମନାଭ ସାହୁ ଏବଂ ସ୍ମୃତିନ୍ୟାସର ଅନ୍ୟତମ ଟ୍ରଷ୍ଟି ଇଂ ମନୋଜ ଦଳବେହେରା ଓ କବୟିତ୍ରୀ କାବେରୀ ମିଶ୍ର ଯୁବ ସଂକଳ୍ପ ସମାବେଶକୁ ସମ୍ବୋଧିତ କରିଥିଲେ । ପୂର୍ଣ୍ଣଚନ୍ଦ୍ର ହାୟାର ସେକେଣ୍ଡାରୀ ସ୍କୁଲର ଛାତ୍ର ରାମଚନ୍ଦ୍ର ବାସ୍କେ ଓ ଅଭୟ ପ୍ରତାପ ହାଁସଦା ମଧ୍ୟ ବିନୁ ତିରୋଧାନ ଦିବସରେ ବିକଶିତ ଭାରତ ଗଠନରେ ଯୁବସମାଜର ଭୂମିକା ଉପରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କବିତା ସଂକଳନ "ମୃତ୍ୟୁଞ୍ଜୟୀ ଯୁବକ' ବରେଣ୍ୟ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ପରିଶେଷରେ ଯୁବକବି ଗୋପାଳଚନ୍ଦ୍ର ସାଓ ଏବଂ ପୂର୍ଣ୍ଣଚନ୍ଦ୍ର ହାୟାର ସେକେଣ୍ଡାରୀ ସ୍କୁଲ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଶୁଭମ ପାତ୍ରଙ୍କ ମିଳିତ ସଂଯୋଜନାରେ କବିତାପାଠ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ସୁନାମଧନ୍ୟ କବିମାନେ ସ୍ୱରଚିତ କବିତାଗୁଡିକ ପାଠ କରିଥିଲେ । କାର୍ଯ୍ୟକ୍ରମର ବିଶିଷ୍ଟ ଆକର୍ଷଣ ଶିଶୁକବି ନୂତନୁ କୁମାର ନାୟକ କବିତାପାଠ କରିଥିବାବେଳେ ନବମ ଶ୍ରେଣୀର ଛାତ୍ର ସୁତନୁ କୁମାର ନାୟକ ଧନ୍ୟବାଦ ଦେଇଥିଲେ । କବି ଅଜିତ କୁମାର ପାଣିଗ୍ରାହୀ, ଡଃ ଶଶିଧର ବିଶ୍ୱାଳ, ଅଶୋକ କୁମାର ପଲେଇ, ଶଙ୍କର ଜେନା ଓ ବାସନ୍ତୀଲତା ମହାପାତ୍ର ପ୍ରମୁଖ ସାମଗ୍ରିକ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

## ଗଞ୍ଜାମ ଓଡ଼ିଶାର ସୌର ଶକ୍ତି କ୍ଷେତ୍ରରେ ଅଗ୍ରଣୀ

# ୮ ଜିଲ୍ଲାରେ ୨୫,୨୭୭ଟି ସୌର ସ୍ଥାପନା

ବ୍ରହ୍ମପୁର, (ସବ୍ୟୁ) : ଛାତ ଉପରେ ସୌର ଶକ୍ତି ସ୍ଥାପନା କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା ଓଡ଼ିଶାର ଅଗ୍ରଣୀ ଜିଲ୍ଲା ଭାବେ ଉଭା ହୋଇଛି । ଜିଲ୍ଲାରେ ୧୬,୪୧୮ ଟି ସୌର ସ୍ଥାପନା ହୋଇଥିବା ବେଳେ ଏହା ରାଜ୍ୟରେ ସର୍ବାଧିକ । ଏହି ସଫଳତା ଦକ୍ଷିଣ ଓଡ଼ିଶାର ଏହି ଜିଲ୍ଲାକୁ ସ୍ୱଚ୍ଛ ଓ ଅକ୍ଷୟ ଶକ୍ତି ଆଡ଼କୁ ଓଡ଼ିଶାର କ୍ରମବର୍ଦ୍ଧିଷ୍ଣୁ ରୂପାନ୍ତରଣରେ ଅଗ୍ରଭାଗରେ ସ୍ଥାନିତ କରିଛି । ଏହି ସଫଳତା ଘରୋଇ ଉପଭୋକ୍ତାଙ୍କ ମଧ୍ୟରେ ସୌର ଶକ୍ତିର ବଢୁଥିବା ଗ୍ରହଣୀୟତା ଏବଂ ସ୍ଥାୟୀ ଶକ୍ତି ଉତ୍ପାଦନ ଦିଗରେ ବଢୁଥିବା ଆଗ୍ରହକୁ ପ୍ରତିଫଳିତ କରୁଛି । ରାଜ୍ୟସ୍ତରୀୟ ତଥ୍ୟରୁ ଓଡ଼ିଶାରେ ଛାତ ଉପରେ ସୌର ଶକ୍ତି ସ୍ଥାପନା ପ୍ରତି ବଢୁଥିବା ଆଗ୍ରହର ଏକ ସ୍ପଷ୍ଟ ଚିତ୍ର ମିଳୁଛି । ସ୍ଥାପନା ସଂଖ୍ୟାରେ ବାଲେଶ୍ୱର ଦ୍ୱିତୀୟ ସ୍ଥାନରେ ଥିବାବେଳେ ଏହା ପରେ ଖୋର୍ଦ୍ଧା ଓ କଟକ ରହିଛନ୍ତି ।

ଏହି ଜିଲ୍ଲାଗୁଡ଼ିକର ସଫଳତା ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଛାତ ଉପରେ ସୌର ଶକ୍ତିର ବିସ୍ତାରକୁ ପ୍ରତିଫଳିତ କରୁଥିବାବେଳେ, ସ୍ଥାପନା ସଂଖ୍ୟାରେ ଗଞ୍ଜାମ ରାଜ୍ୟରେ ଶୀର୍ଷସ୍ଥାନ ଅଧିକାର କରିଛି । ଦକ୍ଷିଣ ଓଡ଼ିଶା ପାଇଁ ଗଞ୍ଜାମର ଏହି ସଫଳତା ବିଶେଷ ଗୁରୁତ୍ୱ ବହନ କରୁଛି । ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ଅଧୀନରେ ଥିବା ଆଠଟି ଜିଲ୍ଲା ମଧ୍ୟରେ ଗଞ୍ଜାମ ଅଗ୍ରଣୀ ହୋଇଛି । ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଓ ବୌଦ୍ଧ-ଏହି ଆଠଟି ଜିଲ୍ଲାରେ ମିଳିତ ଭାବେ ୨୫,୨୭୭ଟି ଛାତ ଉପରିସ୍ଥ ସୌର ସ୍ଥାପନା ହୋଇଛି ।



ଏହି ଗ୍ରହଣୀୟତା ପଛରେ ପିଏମ୍ ସୂର୍ଯ୍ୟ ଘର, ମୁଫ୍ତ ବିଜଳି ଯୋଜନାର ପ୍ରମୁଖ ଭୂମିକା ରହିଛି । ସରକାରୀ ସହାୟତା ମାଧ୍ୟମରେ ଏହି ଯୋଜନା ଘରୋଇ ଉପଭୋକ୍ତାଙ୍କୁ ଛାତ ଉପରେ ସୌର ଶକ୍ତି ବ୍ୟବସ୍ଥା ସ୍ଥାପନ କରିବାରେ ସକ୍ଷମ କରୁଛି । ଟିପିଏସ୍‌ଓଡିଏଲ୍ ମଧ୍ୟ ଉପଭୋକ୍ତା ସଚେତନତା, ତୃଣମୂଳସ୍ତରୀୟ ପହଞ୍ଚିଛି ଏବଂ ୟୁଟିଲିଟି-ଲେଡ୍ ଏଗ୍ରିଗେସନ୍ (ୟୁଏଲଏ) ମଡେଲ୍ ମାଧ୍ୟମରେ ଏହି ପଦକ୍ଷେପକୁ ସମର୍ଥନ କରିବା ସହ ଏହାର କାର୍ଯ୍ୟକ୍ଷେତ୍ରଭୁକ୍ତ ଜିଲ୍ଲାଗୁଡ଼ିକରେ ଛାତ ଉପରେ ସୌର ଶକ୍ତିର ସୁବିଧାକୁ ଅଧିକ ସହଜ ଓ ବ୍ୟାପକ କରୁଛି ।

ଘରଗୁଡ଼ିକର ଛାତ ଉପରେ ବଢୁଥିବା ସୌର ପ୍ୟାନେଲର ଉପସ୍ଥିତି ଧୀରେ ଧୀରେ ଲୋକଙ୍କ ବିଦ୍ୟୁତ ବ୍ୟବହାର ଓ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣୁଛି । ଉପଭୋକ୍ତାମାନେ ଏବେ ସ୍ୱଚ୍ଛ ଶକ୍ତି ଉତ୍ପାଦନରେ ନିଜକୁ ମଧ୍ୟ ଅଂଶୀଦାର ଭାବେ ଦେଖୁଛନ୍ତି । ସୂର୍ଯ୍ୟକିରଣର ଉପଯୋଗ କରି ସେମାନେ ନିଜର ବିଦ୍ୟୁତ ଆବଶ୍ୟକତାର ଏକ ଅଂଶ ପୂରଣ କରିବା ସହ ଅଧିକ ସବୁଜ ଓ ପରିବେଶ ଅନୁକୂଳ ଶକ୍ତି ମିଶ୍ରଣରେ ମଧ୍ୟ ଅବଦାନ ରଖୁଛନ୍ତି । ଏହି ସଫଳତା ସମ୍ପର୍କରେ ମତବ୍ୟକ୍ତ କରି ଟିପିଏସ୍‌ଓଡିଏଲ୍‌ର ସିଇଓ ଅମିତ କୁମାର ଗର୍ଗ କହିଛନ୍ତି, ଛାତ ଉପରେ ସୌର ଶକ୍ତି ବ୍ୟବହାରରେ ଗଞ୍ଜାମ ଓଡ଼ିଶାର ଅଗ୍ରଣୀ ଜିଲ୍ଲା ଭାବେ ଉଭା ହେବା ରାଜ୍ୟର ସ୍ୱଚ୍ଛ ଶକ୍ତି ଯାତ୍ରାରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ । ଏହି ସଫଳତା ସୌର ଶକ୍ତି ପ୍ରତି ଉପଭୋକ୍ତାଙ୍କ ବଢୁଥିବା ବିଶ୍ୱାସ ଏବଂ ପ୍ରଶାସନ, ସମୁଦାୟ ଓ ସମସ୍ତ ଅଂଶୀଦାରଙ୍କ ସମୂହ ପ୍ରୟାସକୁ ପ୍ରତିଫଳିତ କରୁଛି । ଛାତ ଉପରେ ସୌର ଶକ୍ତିର ସଚେତନତା ଓ ଗ୍ରହଣୀୟତା ବଢ଼ାଇବାରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ସମେତ ଆମର ସମସ୍ତ କାର୍ଯ୍ୟକ୍ଷେତ୍ରଭୁକ୍ତ ଜିଲ୍ଲାର ପ୍ରଶାସନ ପକ୍ଷରୁ ମିଳିଥିବା ସକ୍ରିୟ ସହଯୋଗ ଓ ସମର୍ଥନ ପାଇଁ ଆମେ ଗଭୀର କୃତଜ୍ଞ ।

ଏହି ଗତିକୁ ଆହୁରି ଆଗକୁ ନେବା ସହ ଦକ୍ଷିଣ ଓଡ଼ିଶାରେ ଅଧିକରୁ ଅଧିକ ପରିବାରକୁ ସ୍ୱଚ୍ଛ, ସ୍ଥାୟୀ ଏବଂ ଶକ୍ତି ସୁରକ୍ଷିତ ସମାଧାନ ଆପଣାଇବା ପାଇଁ ସକ୍ଷମ କରିବା ଦିଗରେ ଟିପିଏସ୍‌ଓଡିଏଲ୍ ସମସ୍ତ ଅଂଶୀଦାରଙ୍କ ସହ ଘନିଷ୍ଠ ଭାବେ କାର୍ଯ୍ୟ କରିବାକୁ ପ୍ରତିବଦ୍ଧ । ଛାତ ଉପରେ ସୌର ଶକ୍ତି ଗ୍ରହଣକୁ ଉତ୍ସାହିତ କରିବା ପାଇଁ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଘରକୁ ଘର ସଚେତନତା ଅଭିଯାନ, ଗ୍ରାମ ପଞ୍ଚାୟତ ସହ ଯୋଗାଯୋଗ, ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଏବଂ ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା ଭଳି ପଦକ୍ଷେପ ନିରନ୍ତର ଭାବେ ଗ୍ରହଣ କରାଯାଉଛି । ସରକାରଙ୍କ ସମର୍ଥିତ ସୌର ଯୋଜନାଗୁଡ଼ିକର ସୁଫଳ ପାଇବାରେ ଉପଭୋକ୍ତାଙ୍କୁ ସହଯୋଗ କରିବା ସହ ଦକ୍ଷିଣ ଓଡ଼ିଶାର ଅକ୍ଷୟ ଶକ୍ତି ଯାତ୍ରାରେ ଅବଦାନକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଟିପିଏସ୍‌ଓଡିଏଲ୍ ପ୍ରତିବଦ୍ଧ ।

## /// କିଶୋରନଗର ପଞ୍ଚାୟତ ସମିତି ବୈଠକ ///

# ଲୋକଙ୍କ ପାଖରେ ସମସ୍ତ ଯୋଜନା ପହଞ୍ଚିବା ପାଇଁ ପରାମର୍ଶ

ଠାକୁରଗଡ଼, (ସବ୍ୟୁ) : ଗ୍ରାମାଞ୍ଚଳରେ ରହୁଥିବା ଲୋକେ କିପରି ସମସ୍ତ ସୁବିଧା ପାଇବେ ସେ ନେଇ ସରକାର ଅନେକ ଯୋଜନା କାର୍ଯ୍ୟକାରି କରିଛନ୍ତି । ଏପରିକି ଗାଁ ର ବିକାଶ ପାଇଁ ଗୁରୁତ୍ୱ ଦେଉଛନ୍ତି । ଗାଁ ର ବିକାଶ ହେଲେ ରାଜ୍ୟ ର ବିକାଶ ହେବ । ଲୋକେ କିପରି ସମସ୍ତ ଯୋଜନା ପାଇ ପାରିବେ ସେ ନେଇ ବ୍ଲକ ପ୍ରଶାସନ ଅଧିକ ଯନି ବାନ ହୁଅନ୍ତୁ ବୋଲି ଶୁକ୍ରବାର ଦିନ କିଶୋରନଗର ବ୍ଲକ ସଭା ଗୃହ ପରିସରରେ ଷଷ୍ଠ ପଞ୍ଚାୟତ ସମିତି ବୈଠକ ରେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ବିଧାୟକ ନଳିନୀ କାନ୍ତ ପ୍ରଧାନ ଯୋଗ ଦେଇ ମତପ୍ରକାଶ କରିଛନ୍ତି ।

ବ୍ଲକ ଅଧକ୍ଷା ଶୈରେନ୍ଦ୍ରି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅନ୍ୟତମ ଅତିଥି



ଭାବରେ ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁ ପ୍ରିୟା ପ୍ରଧାନ, ଅନୁପମା ସାହୁ, କିଶୋରନଗର ବିଡ଼ିଓ ଶୁଭକାନ୍ତ ନାୟକ, ସମ୍ବଲପୁର ଏମପି ଙ୍କ ପ୍ରତିନିଧି ସରୋଜ ସାହୁ, ବ୍ଲକ ଉପାଧକ୍ଷ ଲବ କୁମାର ପ୍ରଧାନ, ଏ ବିଡ଼ିଓ ହିମାଂଶୁ ନାୟକ ଯୋଗ ଦେଇଥିଲେ । ଏଥିରେ ସମସ୍ତ ପଞ୍ଚାୟତକୁ କିପରି ସରକାରୀ ଯୋଜନା ପହଂଚିବ ସେ ନେଇ ଆଲୋଚନା କରାଯାଇଥିଲା । ପ୍ରତେକ ଅଂଚଳ କୁ କଂକ୍ରିଟ ରାସ୍ତା ସହ ପାନୀୟ ଜଳ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରା ଯାଇଥିଲା ।

ସେହିପରି ସରପଞ୍ଚ ,ସମିତିସଭ୍ୟ ମାନେ ବ୍ଲକକୁ ଆସୁଥିଲେ ମଧ୍ୟ ସେମାନଙ୍କ ବସିବା ପାଇ ବ୍ଲକରେ ଏକ ସ୍ୱତନ୍ତ୍ର କୋଠରୀ ଯୋଗାଇ ଦେବା ପାଇ କିଛି ସରପଞ୍ଚ ସମିତିସଭ୍ୟ ଦାବି କରିଥିଲେ । ସେହିପରି ବଇଣ୍ଡା ଓ ବାମୁର ଅଂଚଳ କୁ ହୀରାକୁଦ ଓ ଏନଟିପିସି ଅଂଚଳ ରୁ ୩୩ କେଭି ମାଧ୍ୟମରେ ବିଦ୍ୟୁତ ଯୋଗାଇ ଦେବା ପାଇ ଦାବି ହୋଇଥିଲା ।ଯାହାକି ଲୋକେ ୨୪ ଘଣ୍ଟିଆ ବିଦ୍ୟୁତ ସେବା ପାଇ ପାରିବେ ବୋଲି କହିଥିଲେ ।

ଡାକୁଆ ମୁଣ୍ଡା ଓ ଶରଧା ମୁଣ୍ଡା ଠାରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା କୋଟି କୋଟି ଟଙ୍କା ବ୍ୟୟର ନୂତନ ଶ୍ରେଣୀ ଗୃହ ଗୁଡିକ ସାମାନ୍ୟ ବର୍ଷା ହେଲେ ପାଣି ଗଳୁଥିବା ନୁଁନୁକାପଶି ସରପଞ୍ଚ ଦୀପ୍ତି ମୟୀ ସାହୁ ଅଭିଯୋଗ କରିଛନ୍ତି । ଯାହାକି ବର୍ଷା ଦିନେ ପାଣି ଗଳୁଥିବା ଯୋଗୁଁ ପାଠ ପଢା ରେ ବ୍ୟାଘାତ ହେଉଥିବା ବେଳେ ଡାକୁଆ ମୁଣ୍ଡା ନୂତନ ବିଦ୍ୟାଳୟ କୁ ପୁରୁଣା ବିଦ୍ୟାଳୟ ସ୍ଥାନାନ୍ତର ହୋଇ ପାରୁ ନାହିଁ ।

ସେହିପରି ସ୍ୱାଧୀନତା ୮୦ ବର୍ଷ ହୋଇ ଥିଲେ ମଧ୍ୟ ବାମୁର ପଞ୍ଚାୟତର ପଥରଗଡ଼ ଓ ରଙ୍ଗମାଟି ଦୁଇଟି ଗ୍ରାମକୁ ବିଦ୍ୟୁତ ଯୋଗାଣ ହୋଇ ନଥିବା ବାମୁର ସରପଞ୍ଚ ସଂଜୀବ କୁମାର ପ୍ରଧାନ ଅଭିଯୋଗ କରିଛନ୍ତି । କିଶୋରନଗର ଠାରେ ଶୀଘ୍ର କୋର୍ଟ ସ୍ଥାପନ ପାଇ ମଧ୍ୟ ଉକ୍ତ ବୈଠକରେ ଦାବି ହୋଇ ଥିଲା। ଏଥିରେ ସମସ୍ତ ସରପଞ୍ଚ, ସମିତିସଭ୍ୟ ମାନେ ଉପସ୍ଥିତ ଥିଲେ ।

## ହୃଦୟ ବିଦାରକ ଦୁର୍ଘଟଣା : ସ୍ୱାମୀ ଦେଖୁଛି ସ୍ତ୍ରୀ ମୃତ୍ୟୁ

ବଅଁରପାଳ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ଅନ୍ତର୍ଗତ ନାରାୟଣଚନ୍ଦ୍ରପୁର ଗ୍ରାମସ୍ଥିତ ୧୪୯ ନମ୍ବର ଜାତୀୟ ରାଜପଥ ଚାଇଁପାଳ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ହୃଦୟ ବିଦାରକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଠିଆ ହୋଇଥିବା ବାଇକକୁ ଏକ କୋଇଲା ବୋଝେଇ ଟ୍ରକ ଧକ୍କା ଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ତିନିଜଣ ଗୁରୁତର ଆହତ ହୋଇଛନ୍ତି । ମୃତ ମହିଳା ଜଣକ ତାଳଚେର ଟାଉନ ଭୈରବୀ ସାହିର ହର୍ଷ ଭୁତିଆଙ୍କ ପତ୍ନୀ ଆରତି ଭୁତିଆ ବୋଲି ସମ୍ପର୍କୀୟଙ୍କଠାରୁ ସୂଚନା ମିଳିଛି ।

ସୂଚନା ଅନୁସାରେ ହର୍ଷ ତାଳଚେରରୁ ନିଜ ପତ୍ନୀ ଓ ଦୁଇ ଛୁଆଙ୍କୁ ନେଇ ବଅଁରପାଳର ଏକ ଡାକ୍ତରଖାନାକୁ ସମ୍ପର୍କୀୟ ରୋଗୀଙ୍କୁ ଦେଖା କରିବାକୁ ଯାଉଥିଲେ। ଜାତୀୟ ରାଜପଥରେ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇ ଅନେକ ଗାଡ଼ି ଅଟକି ରହିଥିଲା । ଏହି ସମୟରେ ଦ୍ରୁତ ଗତିରେ ଏକ କୋଇଲା ବୋଝେଇ ଟ୍ରକ ନିୟନ୍ତ୍ରଣ ହରାଇ ଠିଆ ହୋଇଥିବା ବାଇକକୁ ପଛରୁ ଧକ୍କା ଦେଇଥିଲା । ଧକ୍କା ପରେ ଟ୍ରକ ଆରତିଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଂଚି ରାସ୍ତା ଅବରୋଧ କରିଥିଲେ । ଖବର ପାଇ ବଅଁରପାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲା । ମୃତକଙ୍କ ପରିବାରକୁ ସରକାରୀ ସହାୟତା ଶୀଘ୍ର ଯୋଗାଇଦେବାକୁ ପ୍ରତିଶ୍ରୁତି ମିଳିବା ପରେ ଲୋକେ ରାସ୍ତା ଅବରୋଧ ପ୍ରତ୍ୟାହାର କରିଥିଲେ । ଘଟଣାକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଦୁର୍ଘଟଣା ସମ୍ପର୍କରେ ପୁଲିସ ତଦନ୍ତ ଜାରି ରଖିଛି ।

## ୬୯ ଗ୍ରାମ ହେରୋଇନ୍ ଜବତ : ଜଣେ ଗିରଫ

ତାଳଚେର, (ସବ୍ୟୁ) : ତାଳଚେର ଅବକାରୀ ବିଭାଗ ପକ୍ଷରୁ କୋଲିୟରୀ ଥାନା ଅନ୍ତର୍ଗତ ଦେଉଳବେଡ଼ା ଅଂଚଳରେ ଚଢ଼ାଉକରି ଜଣେ ମହିଳାଙ୍କ ନିକଟରୁ ୬୯ଗ୍ରାମ ହେରୋଇନ୍ ଜବତ କରାଯିବା ସହିତ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଅବକାରୀ ଉପନିରୀକ୍ଷକ ଧିରେନ ଦେବତାଙ୍କ ନେତୃତ୍ୱରେ ବିଶେଷ ସୂତ୍ରରୁ ଖବର ପାଇଁ ଅବକାରୀ ନିରିକ୍ଷକ ଉମାକାନ୍ତ ସ୍ୱାଇଁ ଓ କର୍ମଚାରୀ ଚଢ଼ାଉ କରି ୬୯ଗ୍ରାମ ହେରୋଇନ୍ ଓ ୫ହଜାର ୫ଶହ ଟଙ୍କା ଜବତ କରିଛନ୍ତି । କୋଲିୟରୀ ଥାନା ଅନ୍ତର୍ଗତ ଦେଉଳବେଡ଼ା ଗ୍ରାମର ସଲାମ ବେଗମ (୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜବତ ହେରୋଇନର ମୂଲ୍ୟ ୭ଲକ୍ଷଟଙ୍କା ହେବ ବୋଲି ଅବକାରୀ ସୂତ୍ରରୁ ଜଣାପଡ଼ିଛି ।

## ବିପଦସଙ୍କୁଳ ଅବସ୍ଥାରେ ରେଙ୍ଗାଳୀ କେନାଲ ପୂର୍ତ୍ତ ରାସ୍ତା

# ରାସ୍ତା ଦୁଇଫୁଟ ଦବିଲା

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାକାମାକ୍ଷାନଗର ସହର ଦେଇ ଯାଇଥିବା ରେଙ୍ଗାଳୀ କେନାଲ ରାସ୍ତା ଦୁଇଫୁଟ ରାସ୍ତା ଦବି ଯାଇଛି ।ଫଳରେ ଯାତାୟତରେ ଘୋର ବ୍ୟାଘାତ ସୃଷ୍ଟି ହେବା ସହିତ ତୁରନ୍ତ ପଦକ୍ଷେପ ନେବାକୁ ଦାବୀ ହୋଇଛି । କାମାକ୍ଷାନଗର ସହର ଦେଇ ଯାଇଥିବା ରେଙ୍ଗାଳି କେନାଲ ରାସ୍ତା ଦବିଗଲା ଫେଭର ଓ ପିଚୁ ରାସ୍ତା ଦୁଇ ଫୁଟ ତଳକୁ ରାସ୍ତା ଦବି ଯାଇଥିବା ବେଳେ ରାସ୍ତା ଫାଟି ଆଁ କରିଛି ।

ଦୁଇ ଫୁଟ ରାସ୍ତାଟି ଦବି ଯାଇଥିଲା ବେଳେ ପ୍ରାୟ ଆଠଫୁଟ ଗୋଲେଇରେ ରାସ୍ତା ଟି ଫାଟି ଆଁ କରିଛି । ପୂର୍ତ୍ତବିଭାଗ ତରଫରୁ ଏହି ରାସ୍ତାର ପାର୍ଶ୍ୱରେ ଫେଭର ପକାଯାଇ ଚାରିମାସ ତଳେ କାମ କରାଯାଇଥିବା ବେଳେ ଏବେ ଏହି ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଛି ।

ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ହଜାର ହଜାର ଲୋକ, ବିଭିନ୍ନ ବିଦ୍ୟାଳୟର ଛାତ୍ର, ଛାତ୍ରୀ ଯିବାଆସିବା କରୁଥିବା ବେଳେ ରାସ୍ତା ପାର୍ଶ୍ୱରେ ରେଙ୍ଗାଳି କେନାଲ ପ୍ରବାହିତ ହୋଇଛି ।

ଗୋଟିଏ ପଟେ କେନାଲ ଓ ଅନ୍ୟ ପଟେ ବିପଦସଂକୁଳ ରାସ୍ତା ଯୋଗୁ ଏହି ରାସ୍ତାରେ ଦୈନିକ ଯିବାଆସିବା କରୁଥିବା ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ରାସ୍ତାଟି କାମାକ୍ଷାନଗର ସହରକୁ ଯୋଗାଯୋଗ କରୁଥିବା ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ ତାହାର ଏପରି ଅବସ୍ଥାକୁ ନେଇ ସାଧାରଣରେ ବିଭାଗୀୟ ଅଧିକାରୀ ମାନଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଏହି ରାସ୍ତାଟି ସହରର ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ଏହାର କାହିଁକି ମରାମତି କରାଯାଉ ନାହିଁ ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ଯାହାକୁ ନେଇ ତୁରନ୍ତ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହିତ ମରାମତି କରିବାପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । ରାସ୍ତାଟି ତୁରନ୍ତ ମରାମତି ନକଲେ ଆଗାମୀ ସମୟରେ ବଡ଼ ଅଘଟଣ ସୃଷ୍ଟି ହେବା ନେଇ ସ୍ଥାନୀୟ ବାସିନ୍ଦା ମତ ପ୍ରକାଶ କରିଛନ୍ତି ।

## ନାଲକୋ ଅଫିସର୍ସ ସଂଘ ପକ୍ଷରୁ ନୂତନ ସଦସ୍ୟଙ୍କୁ ଭବ୍ୟ ସ୍ୱାଗତ




ବଅଁରପାଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ନାଲକୋ ନଗର ଠାରେ ଅବସ୍ଥିତ ନାଲକୋ ଅଫିସର୍ସ ସଂଘ କାର୍ଯ୍ୟାଳୟ ପରିସରରେ ନୂତନ ସଦସ୍ୟ ଙ୍କ ଯୋଗଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ନାଲକୋ ଅଫିସର୍ସ ସଂଘର ସଭାପତି ଦେବାଶିଷ ମିଶ୍ର ଯୋଗଦାନ କରି ନାଲକୋରେ ନିଯୁକ୍ତ ୫୩ ଜଣ ନୂତନ ଅଫିସର ଓ ଅନ୍ୟ କାର୍ଯ୍ୟାଳୟରୁ ସ୍ଥାନାନ୍ତରିତ ହୋଇ ଆସିଥିବା ଅଫିସରମାନଙ୍କୁ ନୂତନ ସଦସ୍ୟତା ଗ୍ରହଣ କରାଇଥିଲେ ।

ଅନ୍ୟତମ ସମ୍ମାନିତ ଅତିଥି ଭାବେ ସଂଘର ସାଧାରଣ ସମ୍ପାଦକ ନଳିନୀ କାନ୍ତ ପଣ୍ଡା ତାଙ୍କ ଅଭିଭାଷଣ ରେ ସଂଘର ଆଭିମୁଖ୍ୟ ଓ ଉପଯୋଗିତା ସମ୍ପର୍କରେ କହିଥିଲେ । ଉପ ସଭାପତି କିଶୋର କୁମାର ବେହେରା ସଂଘର ନୀତି ନିୟମ, ନାଲକୋର ଅଭିବୃଦ୍ଧି ତଥା ବିଗତ ବର୍ଷର ସଫଳତା ବିଷୟରେ ଆଲୋକପାତ କରିଥିଲେ ।

ଅନ୍ୟତମ ଉପସଭାପତି ଶରତ ଚନ୍ଦ୍ର ହେମ୍ବ୍ରମ ନାଲକୋ ଓ ସଂଘର ବିକାଶ ପାଇଁ ସମସ୍ତ ଅଫିସରଙ୍କୁ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସଭାକୁ ଯୁଗ୍ମ ସମ୍ପାଦକ ପ୍ରତାପ ଚନ୍ଦ୍ର ମଲ୍ଲିକ ଓ ଦେବୀ ପ୍ରସାଦ ମହାପାତ୍ର ପରିଚାଳନା କରିଥିଲେ। ଉତ୍ସବରେ ସମସ୍ତ ନୂତନ ସଦସ୍ୟମାନେ ସେମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଉତ୍ସବରେ ମନୋଜ ଚନ୍ଦନ, ନରେଶ ମିଶ୍ର, ବିଭୂତି କୁମାର ସାହୁ, ଅଭିଷେକ ପଣ୍ଡା ଓ ଶୁକଦେବ ପଟ୍ଟାୟତଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଂଘର ଯୁଗ୍ମ ସମ୍ପାଦିକା କୁମାରୀ ଇରା ଧନ୍ୟବାଦ ଅର୍ପଣ କରିଥିଲେ ।

## ତାଳଚେରରେ ରାଜୀବ ଗାନ୍ଧୀ ସଦଭାବନା ଦିବସ ପାଳନ

ତାଳଚେର,(ସବ୍ୟୁ) : ତାଳଚେର ସ୍ଥିତ ପଂଚାୟତ ସମିତି ସଭାଘର ଠାରେ ରାଜୀବ ଗାନ୍ଧୀ ଜନ କଲ୍ୟାଣ ସଂଘ ତରଫରୁ ରାଜୀବ ଗାନ୍ଧୀଙ୍କ ୮୨ ତମ ଜୟନ୍ତୀ ଅବସରରେ ସଦଭାବନା ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଦିବସରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ଗଡନାୟକ ଯୋଗଦେଇ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ଏବଂ ସ୍ୱର୍ଗତ ଗାନ୍ଧୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ସଂଘର ପ୍ରତିଷ୍ଠାତା ତଥା ସାଧାରଣ ସଂପାଦକ ସୌମ୍ୟ ସଂଜୀବ ମିଶ୍ର ସ୍ୱାଗତ ଭାଷଣ ତଥା ବିବରଣୀ ପାଠ କରିଥିଲେ। ସଂଘର ପ୍ରବକ୍ତା ହରେକୃଷ୍ଣ ମହାପାତ୍ର, ପୂର୍ବତନ ନଗରପାଳ କେଶବ ଭୂତିଆ, ପ୍ରଭାତ ରଥ, ଦୁର୍ଗା ଶତପଥି, ଦୁଷ୍ମନ୍ତ କାଞ୍ଜି, ସାମ୍ବାଦିକ ମନୋଜ ଶତପଥି, ସନ୍ତୋଷ ମହାରଣା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଗାନ୍ଧୀଙ୍କ ସ୍ମୃତି ଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଗ୍ରାମ କେଶରୀ କୁଅଁର, ଦୁର୍ଗା ପ୍ରସାଦ ସାହୁ, ଭାଗିରଥି ନାଏକଙ୍କ ସମେତ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ସାମ୍ବାଦିକ ପ୍ରଦୀପ ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ମାଧପୁର ପଞ୍ଚାୟତ ବଲୁଆଘୋରା ଗ୍ରାମର ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଦେବେନ୍ଦ୍ର ପ୍ରଧାନ ଙ୍କ ପରଲୋକ ହୋଇଯାଇଛି । ସେ ତାଙ୍କ ସାରା ଜୀବନ ଶିକ୍ଷକତାରେ ବିତାଇ ଥିବା ବେଳେ ସେ ଜଣେ ସାହିତ୍ୟପ୍ରେମୀ ଭାବରେ ଅଞ୍ଚଳରେ ପରିଚିତ ଥିଲେ । ତାଙ୍କ ଦେହାନ୍ତ ଖବର ଶୁଣି ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସ ସ୍ଥାନକୁ ଯାଇ ଶେଷ ଦର୍ଶନ କରିଥିଲେ । ତାଙ୍କ ମୃତ୍ୟୁ ରେ ବଲୁଆ ଘୋରା ଗ୍ରାମ ସହିତ ଆଖ ପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ପରିବାର ସଦସ୍ୟ, ଜ୍ଞାତି କୁଟୁମ୍ବ ଉପସ୍ଥିତ ଥିଲେ ।

## କଙ୍କାକାଳିଆ ଦୁର୍ଗାପୂଜା କମିଟି ନୂତନ କର୍ମକର୍ତ୍ତା

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ କଙ୍କାକାଳିଆ ଦୁର୍ଗାପୂଜା କମିଟି ପକ୍ଷରୁ ଏକ ସର୍ବସାଧାରଣ ବୈଠକ କଙ୍କା କାଳିଆ କ୍ଲବ ଘର ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ କମିଟିର ସଭାପତି ରତିକାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କ୍ଲବର ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି କମିଟିରେ ନୂତନ କର୍ମକର୍ତ୍ତା ଚୟନରେ ଭାଗ ନେଇଥିଲେ । ବୈଠକ କମିଟିର ସଭାପତି ଭାବେ ସୁନ୍ଦର ମୋହନ ମହାନ୍ତ, ଉପସଭାପତି ଭାବେ ଶଶାଙ୍କ ଶେଖର ମହାନ୍ତ ଓ ପୂର୍ଣ୍ଣ ଚନ୍ଦ୍ର ସାହୁ, ସମ୍ପାଦକ ଭାବେ ସଞ୍ଜୀବ କୁମାର ଜେନା, ସହ ସମ୍ପାଦକ ଭାବେ ରାସ ବିହାରୀ ନାୟକ, ସଂଗ୍ରାମ ମାରାଣ୍ଡି, କୋଷାଧ୍ୟକ୍ଷ ଅଲେଖ କୁମାର ମହାନ୍ତ, ସହ କୋଷାଧ୍ୟକ୍ଷ ଭାବେ ଲଳିତ କୁମାର ମହାନ୍ତଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଥିଲା । ଉପସ୍ଥିତ ସମସ୍ତ ସଦସ୍ୟ ମାନେ ଏହି ନୂତନ କମିଟି ଚୟନ ପ୍ରସ୍ତାବକୁ ସମର୍ଥନ ଜଣାଇ ଆସନ୍ତା ମାଁଙ୍କ ଦୁର୍ଗାପୂଜାକୁ ସବୁ ପ୍ରକାର ଦାୟିତ୍ୱ ବହନ କରି କିଭଳି ଉନ୍ନତ ଧରଣର କରିପାରିବେ ସେନେଇ ଆଲୋଚନା ହୋଇଥିଲା । ବୈଠକରେ ଅନନ୍ତ ମହାନ୍ତ, ଡାକ୍ତର ମହାନ୍ତ, ନରୋତ୍ତମ ମହାନ୍ତ, ରବୀନ୍ଦ୍ର ନାଥ ମିଶ୍ର, ଲକ୍ଷ୍ମୀଧର ମହାନ୍ତ, ରତିକାନ୍ତ ମହାନ୍ତ, ଅନିଲ ସିଂ ମହାନ୍ତ, ସନ୍ତୋଷ ମହାନ୍ତ, ଆଦିକାନ୍ତ ମହାନ୍ତ, ହୃଷିକେଶ ମହାନ୍ତ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହି ବୈଠକକୁ ସଫଳ କରିଥିଲେ ।ଶେଷରେ ଶିତିକଣ୍ଠ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଟାଟା ଷ୍ଟିଲ ପକ୍ଷରୁ ନିଯୁକ୍ତି ମେଳା



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ନରେନ୍ଦ୍ରପୁର ସ୍ଥିତ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସିଆଇଆଇ ସହଯୋଗରେ ନିଯୁକ୍ତି ମେଳା ଆୟୋଜିତ ହୋଇଯାଇଛି ।

ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପାଇଁ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ୯ଶହରୁ ଅଧିକ ଚାକିରି ଆଶାୟୀ ପଞ୍ଜୀକୃତ କରିଥିବାର ଜଣାପଡିଛି ।ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ କନଫରେଡେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିର ସହଯୋଗରେ ବଅଁରପାଳସ୍ଥିତ ପିଏସ୍ଏସ୍‌ଜେ ଡିଗ୍ରୀ କଲେଜରେ ଅଗଷ୍ଟ ୧୯ ଓ ୨୦ ତାରିଖରେ ଦୁଇଦିନିଆ ନିଯୁକ୍ତି ମେଳା ଆୟୋଜିତ ହୋଇଥିଲା। ଏହି ମେଳା ମାଧ୍ୟମରେ ଚାକିରି ଆଶାୟୀମାନଙ୍କୁ ବିଭିନ୍ନ କ୍ଷେତ୍ରର ନିଯୁକ୍ତିଦାତାଙ୍କ ସହ ସିଧାସଳଖ ଯୋଗାଯୋଗର ସୁଯୋଗ ମିଳିଥିଲା । ନିଯୁକ୍ତି ମେଳାକୁ ବ୍ୟାପକ ସମର୍ଥନ ମିଳିଥିବାବେଳେ ୯ଶହରୁ ଅଧିକ ପ୍ରାର୍ଥୀ ବିଭିନ୍ନ ନିଯୁକ୍ତି ସୁଯୋଗ ପାଇଁ ପଞ୍ଜୀକରଣ କରିଥିଲେ । ଟିପିଏଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ଅଟୋମେସନ୍ ଆଣ୍ଡ ଟେକ୍ନିକାଲ୍ ସର୍ଭିସେସ୍, ପ୍ରୋଟେକଫିଭ୍ ଜେନେରାଲ୍ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡ୍, ଏସ୍ଏସ୍ ଇଲେକଫ୍ରିକାଲ୍ସ, ଏମ୍ଏସ୍‌ପି କନ୍‌ଷ୍ଟ୍ରକ୍ସନ୍, ଅବ୍ରେଷ୍ଟ ଇଞ୍ଜିନିୟରିଂ କୋ, ଆକ୍ସିସ୍ ବ୍ୟାଙ୍କ, ବ୍ଲିଙ୍କିଟ୍, ଶାହୀ ଏକ୍ସପୋର୍ଟ, ଟିଏଚ୍‌କେ ଇଣ୍ଡିଆ, ଲିଙ୍ଗରାଜ ଏଣ୍ଟରପ୍ରାଇଜେସ୍ ଏବଂ ଏନ୍‌ଟିଟିଏଫ୍ ଭଳି ସଂସ୍ଥା ଏଥିରେ ଅଂଶଗ୍ରହଣ କରିଥିଲେ ।

ଏହି ନିଯୁକ୍ତି ମେଳାରେ ଉତ୍ପାଦନ, ଇଞ୍ଜିନିୟରିଂ, ନିର୍ମାଣ, ବ୍ୟାଙ୍କିଂ, ଲଜିଷ୍ଟିକ୍ସ, ରିଟେଲ୍, ବୈଷୟିକ ପ୍ରଶିକ୍ଷଣ ଓ ସେବା କ୍ଷେତ୍ରରେ ବିଭିନ୍ନ ନିଯୁକ୍ତି ସୁଯୋଗ ଉପଲବ୍ଧ ହୋଇଥିଲା। ଦୁଇଦିନିଆ କାର୍ଯ୍ୟକ୍ରମରେ କମ୍ପାନୀଗୁଡ଼ିକ ପ୍ରାର୍ଥୀ ଚୟନ, ସାକ୍ଷାତକାର ଏବଂ ବିଭିନ୍ନ ପଦବୀ ପାଇଁ ଦକ୍ଷତା ମୂଲ୍ୟାୟନ କରିଥିଲେ । ଏହି ପଦକ୍ଷେପ ଶିଳ୍ପ ଓ ସ୍ଥାନୀୟ ଯୁବପିଢ଼ି ମଧ୍ୟରେ ସିଧାସଳଖ ଯୋଗାଯୋଗର ଏକ ମଞ୍ଚ ସୃଷ୍ଟି କରିବା ସହ ପ୍ରାର୍ଥୀମାନଙ୍କୁ ବିଭିନ୍ନ କ୍ୟାରିୟର ସୁଯୋଗ ସମ୍ପର୍କରେ ଜାଣିବାର ସୁଯୋଗ ଦେଇଛି ।ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ଯୁବପିଢ଼ିଙ୍କ ନିଯୁକ୍ତି ଯୋଗ୍ୟତା ବୃଦ୍ଧି, ଜୀବିକା ସୁଯୋଗରେ ସହଜ ପ୍ରବେଶ ଏବଂ ଶିଳ୍ପ ସହ ଯୁବପିଢ଼ିର ସମ୍ପର୍କକୁ ମଜବୁତ କରିବା ଦିଗରେ ଚାଲିଥିବା ପ୍ରୟାସର ଏକ ଅଂଶ ଭାବେ ଏହି ନିଯୁକ୍ତି ମେଳା ଆୟୋଜିତ ହୋଇଥିଲା ।

## ତାଳଚେର ଗଣେଶ ପୂଜାର ନୂତନ କର୍ମକର୍ତ୍ତା ଚୟନ

ତାଳଚେର ,(ସବ୍ୟୁ) :ବହୁ ବାଦ, ବିବାଦ, ଛକାପଞ୍ଝା ନେଇ ପୂର୍ବରୁ କେନ୍ଦ୍ରୀୟ ଗଣେଶ ପୂଜା କମିଟି କର୍ମକର୍ତାଙ୍କୁ ବିଦାଅ ଦେଇ ଆଜି ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କ ଅଧ୍ୟତାରେ ସ୍ଥାନୀୟ ଦେଉଳବେଡ଼ା ସ୍ଥିତ ମଙ୍ଗଳମ କ୍ଲବ ଠାରେ ଚଳିତ ୨୦୨୬-୨୯ ମସିହା ଯାଏଁ ନୂତନ କର୍ମକର୍ତା ଚୟନ ହୋଇଯାଇଛି । ସଭାପତି ଭାବେ ତାଳଚେର ଉପଜିଲ୍ଲାପାଳ , କାର୍ଯ୍ୟକାରୀ ସଭାପତି ଉପଖଣ୍ଡ ପୋଲିସ୍ ଅଧିକାରୀ, ଉପସଭାପତି କେଶବ ଭୂତିଆ, ପ୍ରଭାତ ପଟ୍ଟନାୟକ, ସାଧାରଣ ସମ୍ପାଦକ ଜିତେନ୍ଦ୍ର ଦାସ, ସହସମ୍ପାଦକ ନାରାୟଣ ସେଠୀ, ବିଶ୍ୱରଞ୍ଜନ ତୁଙ୍ଗସାମନ୍ତ, ମନୋରଞ୍ଜନ ଦାସ, ମନୋରଞ୍ଜନ ଭୂତିଆ ଚୟନ ହୋଇଥିବା ବେଳେ କୋଷାଧ୍ୟକ୍ଷ ଦୁଇଜଣ ଆଶ ।ୟୀ ହୋଇଥିବାରୁ ଏହାକୁ ନେଇ ବିବାଦ ଦେଖା ଦେଇଥିଲା । ଫଳରେ ଦୁଇ ପ୍ରତିଦ୍ୱନ୍ଦିଙ୍କ ମଧ୍ୟରେ ନିର୍ବାଚନ ହୋଇଥିଲା । ଅଶୋକ ଶତପଥୀ ଓ ରିଷିକେଶ ସାହୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦି ହେବାରୁ ଶ୍ରୀ ସାହୁ ୬୩ଖଣ୍ଡ ଭୋଟରେ ଆଗୁଆ ରହି କୋଷାଧ୍ୟକ୍ଷ ପଦକୁ ହାତେଇ ଥିବା ବେଳେ ଅଡ଼ିଟର ଭାବେ ଆଇନଜିବୀ ଦୟାସାଗର ମିଶ୍ରଙ୍କୁ ମନୋନୀତ କରାଯାଇଥିବା କେନ୍ଦ୍ରୀୟ ଗଣେଶ ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

## ପିଏମଆଇଟିରେ ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

# ଶିକ୍ଷାର ସାମଗ୍ରୀକ ବିକାଶ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା




ତାଳଚେର ,(ସବ୍ୟୁ) : ପବିତ୍ର ମୋହନ ଇନଷ୍ଟିଚ୍ୟୁଟ୍ ଟେକନୋଲୋଜି ଠାରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ହିଙ୍ଗୁଳା କୋଇଲା ଖଣି କ୍ଷେତ୍ରର ପ୍ରବନ୍ଧକ ସୁନିଲ ଯୋଶୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦଘାଟନ କରି ଶିକ୍ଷାର ସାମଗ୍ରୀକ ବିକାଶକ୍ଷେତ୍ରରେ ଛାତ୍ରଛାତ୍ରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ସହ ଛାତ୍ରଛାତ୍ରୀମାନେ ନିଜର ଆତ୍ମବଳ, ପ୍ରଚେଷ୍ଟା ଏବଂ ଇଚ୍ଛାଶକ୍ତି ସହ ଅଧ୍ୟନ କଲେ ନିଶ୍ଚିତ ଭାବେ ଶିକ୍ଷାକ୍ଷେତ୍ରରେ ସଫଳତା ହାସଲ କରିବା ସହ ଦେଶର ପ୍ରଗତି ଏବଂ ଉନ୍ନତି ସୁନିଶ୍ଚିତ ବୋଲି ଅଭିଭାଷଣରେ ପ୍ରକାଶ କରିଥିଲେ । ସେହିଭଳି ଲିଙ୍ଗରାଜ କୋଇଲା ଖଣି କ୍ଷେତ୍ର ଡ଼ିଏଭି ପବ୍ଲିକ ସ୍କୁଲର ସଞ୍ଜୁକ୍ତା ପୃଷ୍ଟି ମୁଖ୍ୟବକ୍ତାଭାବେ ଯୋଗଦେଇ ପ୍ରତ୍ୟେକ ଇଞ୍ଜିନିଅର ଛାତ୍ରଛାତ୍ରୀ ନିଜକୁ ବୈଷୟିକ ଜ୍ଞାନକ୍ଷେତ୍ରରେ ଅଧିକରୁ ଅଧିକ ଜ୍ଞାନକୌଶଳ ଶିଖିବା ସହ ନିଯୁକ୍ତି ପାଇଁ ପ୍ରକାଶ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷତା ସ୍ୱପନିତା ପଣ୍ଡା ଯୋଗଦେଇ ନିଜର ମୌଳିକ ମୂଲ୍ୟବୋଧ ଏବଂ ପ୍ରାକଫିକାଲ ଟ୍ରେନିଙ୍ଗକୁ ଗୁରୁତ୍ୱଦେଇ ଡ଼ିଜିଟାଲ ଇଣ୍ଡିଆ ଏବଂ ମେକ ଇନ ଇଣ୍ଡିଆର ପାରଦର୍ଶିତା ଲାଭ କରିବାକୁ ଉଦବୋଧନ ଦେଇଥିଲେ । ବିକାଶ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷା ମୃଦୁଳା ଟି ପ୍ରଧାନ ଛାତ୍ରଛାତ୍ରୀଙ୍କୁ ଇଞ୍ଜିନିଅରିଙ୍ଗ ଶିକ୍ଷାକ୍ଷେତ୍ରରେ ଦୁଇପାଦ ବଢ଼ିବାକୁ ଆହ୍ୱାନ ଦେଇଥିଲେ । ଏଥିସହ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜର ଅଭିଭାବକ ମାନଙ୍କର ପଥକୁ ଅନୁଶରଣ କରିବା ପାଇଁ ପ୍ରକାଶ କରିଥିଲେ । ପିଏମଆଇଟି ଅନୁଷ୍ଠାନର ମାଇନିଙ୍ଗ ଇଞ୍ଜିନିଅରିଙ୍ଗ ଛାତ୍ରୀ ସୁଭଶ୍ରୀ ନନ୍ଦ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶ୍ରୀମତୀ ପ୍ରଧାନ ଅତିଥିମାନଙ୍କୁ ସମ୍ମାନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଅନୁଷ୍ଠାନର ଉପାଧ୍ୟକ୍ଷ ନରେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଏକାଡ଼େମୀ ଡ଼ିରେକଫର ଶରତ ବିଶ୍ୱାଳ, ରାଜେନ୍ଦ୍ର ମହାପାତ୍ର, ସମସ୍ତ କମଚାରୀ, ଛାତ୍ରଛାତ୍ରୀ ଅଭିଭାବକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ପ୍ରସ୍ତାବିତ ଅଳକା ନନ୍ଦା କୋଇଲା ଖଣି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପରିବେଶ ସମ୍ବନ୍ଧୀୟ ଜନ ଶୁଣାଣି

ଛେଣ୍ଡିପଦା, (ସବ୍ୟୁ) : ଛେଣ୍ଡିପଦା ତହସିଲ ଅନ୍ତର୍ଗତ କଙ୍କୁର ପାଳ ଗ୍ରାମ ଠାରେ ପ୍ରସ୍ତାବିତ ଅଳକା ନନ୍ଦା କୋଇଲା ଖଣି ପ୍ରକଳ୍ପ ପ୍ରତିଷ୍ଠା ସକାଶେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ , ଅନୁଗୋଳ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ପରିବେଶ ସମ୍ବନ୍ଧୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳା ସହ ଅନୁଷ୍ଠିତ ହୋଇଯାଇଛି । ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଗୋଳ ଆଞ୍ଚଳିକ ଅଧିକାରୀ ଇଞ୍ଜିନିୟର ରମେଶ କୁମାର ଏକ୍କା ଜନ ଶୁଣାଣୀ ଶିବିର ପରିଚାଳନା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଜନ ପ୍ରତିନିଧି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା , ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଦିଲ୍ଲୀପ କୁମାର ବେହେରା, ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରା, ସୁରେଶ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଗୋପବନ୍ଧୁ ଗଡ଼ନାୟକ, ଧନେଶର



ବେହେରା, ଶ୍ରୀରାମ ନାଏକ, ଲମ୍ବୋଦର ବେହେରା, ଶୁଭେନ୍ଦୁ ବେହେରା, ବରିଷ୍ଠ ନେତା ଚୌଧୁରୀ ପ୍ରଧାନଙ୍କ ସମେତ କ୍ଷତିଗ୍ରସ୍ତ ପ୍ରଜା ଓ ଜମିହରା ପ୍ରଜା ମାନେ ପରିବେଶ ମଞ୍ଜୁରୀ ଏବଂ କୋଇଲା ଖଣି ପ୍ରତିଷ୍ଠା ସପକ୍ଷରେ ମତାମତ ପ୍ରଦାନ କରିଥିଲେ । ଅଧିକାଂଶ କ୍ଷତିଗ୍ରସ୍ତ ତଥା ଜମିହରା ପ୍ରଜା ଉପଯୁକ୍ତ କ୍ଷତି ପୂରଣ ରାଶି ପ୍ରଦାନ ସାଙ୍ଗକୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ସହ ବିସ୍ଥାପିତ ପରିବାର ବର୍ଗଙ୍କୁ ଉପଯୁକ୍ତ ଥଇଥାନ ବ୍ୟବସ୍ଥା କରିବା ପାଇଁ ଦାବି ଆପତ୍ତି କରିଥିଲେ ।

ତେବେ କମ୍ପାନୀ ପକ୍ଷରୁ ଉପରୋକ୍ତ ପ୍ରସ୍ତାବ, ଦାବି ଆପତ୍ତି ଉପରେ ବିଚାର ତର୍ଜମା କରାଯାଇ ଆଶୁ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ସୂଚନା ଯୋଗ୍ୟ ଯେ , ଅଳକା ନନ୍ଦା କୋଇଲା ଖଣି ପ୍ରକଳ୍ପ ଖଣି ଖନନ, ଉତ୍ତୋଳନ, ଉତ୍ପାଦନ ପରିବହନ,ପରିଚାଳନା କାର୍ଯ୍ୟ ସକାଶେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ ଘରୋଇ କମ୍ପାନୀ ମେସର୍ସ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀ କୁ ଲିଜ ଅନୁମତି ପ୍ରଦାନ କରାଯାଇଛି । ଏହି ପ୍ରକଳ୍ପ ଦ୍ୱାରା ମୋଟ ୧୧୦୨ ହେକ୍ଟର ଜମି ଅଧିଗ୍ରହଣ ହେବ ଏବଂ ବାର୍ଷିକ ୧୦ ମିଲିୟନ ଟନ କୋଇଲା ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ କମ୍ପାନୀ ମୁଖ୍ୟ ମହା ପ୍ରବନ୍ଧକ (ମାନବ ସମ୍ବଳ ଓ କର୍ପୋରେଟ ସାମାଜିକ ଦାୟି ବିଭାଗ ) ଲଳିତ ନାରାୟଣ ରାଉତ ଯୋଗ ଦେଇ ପ୍ରକଳ୍ପ ସମ୍ପର୍କିତ ସବିଶେଷ ତଥ୍ୟ ଓ ପରିବେଶ ସୁରକ୍ଷା ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡିକ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ସଭା କାର୍ଯ୍ୟ ଶେଷରେ କମ୍ପାନୀ ନିର୍ଦ୍ଦେଶକ ଦେବବ୍ରତ ମିଶ୍ର ଉପସ୍ଥିତ ରହି ଜନ ଶୁଣାଣୀ ସମୟରେ ଗ୍ରାମବାସୀଙ୍କ ଦ୍ୱାରା ଉତ୍ଥାପିତ ବିଭିନ୍ନ ପ୍ରସଙ୍ଗ ଓ ଦାବି ଆପତ୍ତି ଏବଂ ସମସ୍ୟା ସଂମ୍ପର୍କରେ ଉତ୍ତର ପ୍ରଦାନ କରିବା ସହ ପ୍ରକଳ୍ପ ପ୍ରସ୍ତାବକଙ୍କ ପକ୍ଷରୁ ଆବଶ୍ୟକ ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ଉପରୋକ୍ତ କାର୍ଯ୍ୟକ୍ରମରେ ଛେଣ୍ଡିପଦା ତହସିଲଦାର ମାନସ ରାୟ , ଥାନା ଅଧିକାରୀ ଦିଗ ବିଜୟ ବିଶ୍ୱାଳ, ଜଙ୍ଗଲ ବିଭାଗୀୟ ଅଧିକାରୀ, କମ୍ପାନୀ ପଦାଧିକାରୀ ,କର୍ମଚାରୀ , ପୋଲିସ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ ।

# ମା' ଛେଉଣ୍ଡ ୪ ଭଉଣୀ ପାଖରେ ଉପଜିଲ୍ଲାପାଳ



ନୀଳଗିରି,(ସବ୍ୟୁ): ଭୋକ ଉପବାସରେ ରହୁଥିବା ବାପା, ମାଆ ଛେଉଣ୍ଡ ୪ ଭଉଣୀଙ୍କ ପାଖରେ ପହଞ୍ଚିଲେ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ। ନୀଳଗିରି ଏନଏସି ମଧ୍ୟରେ ଏଭଳି ଘଟଣାକୁ ଦେଖି ଉପଜିଲ୍ଲାପାଳ ଶ୍ରୀମତୀ ରଥ ଆଶ୍ଚର୍ଯ୍ୟ ହୋଇଥିଲେ। ବାଲେଶ୍ୱର ଜିଲ୍ଲା ନୀଳଗିରି ଏନ.ଏ.ସି ୨ନଂ ୱାର୍ଡ ଅଧୀନ ଘାଟଘରସାହି ଅଞ୍ଚଳରେ ସ୍ୱର୍ଣ୍ଣଚୂଡ଼ ପାହାଡ଼ ପାଦଦେଶ ପାନବରଜ ଗାଁରେ ବାପା ଓ ମା କିଛିଦିନ ଆଗରୁ ଚାରି ଝିଅଙ୍କୁ ଏକୁଟିଆ କରି ଜଣକ ପରେ ଜଣେ ଆରପାରିକୁ ଚାଲି ଯାଇଥିଲେ। ଏହାପରେ ଏହି ପରିବାର ଉପରେ ଦୁଃଖର ବାଦଲ ମାଡି ଆସିଥୁଲା ଓ ବଡ଼ ଭଉଣୀ କାମ କରି ଅନ୍ୟ ତିନି ଭଉଣୀଙ୍କ ପେଟ ପୋଷୁଥିବା ବେଳେ ସାନ ଭଉଣୀ ରୋଗଗ୍ରସ୍ତ। ପାହାଡ଼ ଚତୁରି ପାଦଦେଶ ଥିବା ଘରେ ଚାରି ଭଉଣୀ ରହିବା ବଡ଼ କଷ୍ଟ ସାଧ ହୋଇଥିବା ବେଳେ ଲଗାଣ ବର୍ଷାର ପାହାଡ଼ ପାଣି, ଭାଲୁ, ଆଦି ଯେମିତି ସମସ୍ତ ଦୁଃଖ ଏହି ବାପା, ମାଆ ଛେଉଣ୍ଡ ୪ ଭଉଣୀଙ୍କ ଆଣି ଦେଇଛି। ଜୀବନ ବଞ୍ଚାଇବାକୁ ସଂଗ୍ରାମ କରୁଥିବା ଏହି ଚାରି ଭଉଣୀ କଥା ପ୍ରଶାସନ ପାଖରେ କିଛି ଖବର ନଥିବା ବେଳେ ଏହି ଅସହାୟ ପରିବାର ବିଷୟରେ ପ୍ରଥମେ ସମାଜସେବୀ ସବ୍ୟସାଚୀ ମହାପାତ୍ର ତାଙ୍କର ସଦସ୍ୟଙ୍କୁ ପଠାଇ ପରିବାରକୁ ରାସନ ସାମଗ୍ରୀ କିଛି ସାହାଯ୍ୟ ପଠାଇଥିଲେ। ଏହି ଘଟଣା ଖବର ପାଇ ଶ୍ରୀମତୀ ରଥ ଗୁରୁବାର ତାଙ୍କ ଘରେ ପହଞ୍ଚି ଚାରି ଭଉଣୀଙ୍କ ଦୁଃଖ ବୁଝିଛନ୍ତି। ତୁରନ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହ ପାହାଡ଼ ପାଦଦେଶରେ ଝିଅ ପିଲା ରହିବା ନିରାପଦ ନୁହଁ ହୃଦବୋଧ କରି ପିଲାମାନଙ୍କର ଭବିଷ୍ୟତ ପାଇଁ ସରକାରୀ ଯୋଜନାରେ ଯାହା ସୁବ୍ୟବସ୍ଥା ହୋଇପାରିବ ସେ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଜାଲ ସାର୍ଟିଫିକେଟ ଦେଇ ନିଯୁକ୍ତିର ଯାଞ୍ଚ ଆରମ୍ଭ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ହରିପୁର ପ୍ରାଣୀ ଚିକିତ୍ସାକେନ୍ଦ୍ରରେ କାର୍ଯ୍ୟରତ ପ୍ରାଣୀଧନ ନୀରିକ୍ଷକ କମଳାକାନ୍ତ ମଲ୍ଲିକ ଜାଲ ସାର୍ଟିଫିକେଟ ଦେଇ ଚାକିରି ହାତେଇଥିବା ସୂଚନା ଅଧିକାରରେ ତଥ୍ୟ ହସ୍ତଗତ ହୋଇଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାପାଳ ଯାଞ୍ଚ ଆରମ୍ଭ କରିଛନ୍ତି । ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟଅନୁଯାୟୀ ଶ୍ରୀ ମଲ୍ଲିକ ୨୦୧୦ ମସିହାରେ ପ୍ରାଣୀଧନ ନୀରିକ୍ଷକ ଚାକିରିରେ ଯୋଗଦାନ କରିଥିବା ବେଳେ ଯୋଗଦାନ ବେଳେ ଦେଇଥିବା ନକଲି ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଓ ମ୍ୟାଟ୍ରିକ ସାର୍ଟିଫିକେଟରେ ବୟସର ତାଳମେଳ ରହିନଥିବାରୁ ଅଧିକାଂଶ ସାର୍ଟିଫିକେଟ ଜାଲ କରାଯାଇଥିବା ସମ୍ପର୍କରେ ସୂଚିତ କରୁଛି । ସେ ନିଯୁକ୍ତି ବେଳେ ଦେଇଥିବା ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର କେସ ନମ୍ବର ୩୦୦୯/୧୦ଟି ପ୍ରକୃତରେ ବ୍ରହ୍ମଚାରୀ ଗ୍ରାମର ସଂଯୁକ୍ତା ବିଶ୍ୱାଳଙ୍କ ନାମରେ ଇସ୍ୟୁ କରାଯାଇଥିବା ନେଇ ଜଣାପଡିଛି । ସେହିଭଳି ପ୍ରଥମେ ସେ ୨୦୦୦ ମସିହାରେ ରାଇରାମଚନ୍ଦ୍ରପୁର ହାଇସ୍କୁଲରେ ମ୍ୟାଟ୍ରିକ ପରୀକ୍ଷା ଦେଇ ଫେଲ ହୋଇଥିବା ବେଳେ ସ୍କୁଲ ରେକର୍ଡରେ ତାଙ୍କର ବୟସ ୩ ଏପ୍ରିଲ ୧୯୮୪ ଉଲ୍ଲେଖ ଅଛି । ପରବର୍ତ୍ତୀ ସମୟରେ ସେ ୨୦୦୩ ମସିହାରେ ମଙ୍ଗଳପଡା ହାଇସ୍କୁଲରୁ ପୁନର୍ବାର ମ୍ୟାଟ୍ରିକ ପରୀକ୍ଷା ଦେଇ ହାସଲ କରିଥିବା ପ୍ରମାଣପତ୍ରରେ ବୟସ ୨୪ସେପ୍ଟେମ୍ବର ୧୯୮୮ ଲିପିବଦ୍ଧ ରହିଛି । ୨ଟି ପ୍ରମାଣପତ୍ରରେ ଭିନ୍ନ ଭିନ୍ନ ବୟସ ଉଲ୍ଲେଖ ରହିଥିବା ବେଳେ ଏହା ଚାକିରି ପାଇଁ ଏପଟସେପଟ କରାଯାଇଥିବା ଅଭିଯୋଗ ହୋଇଛି । ସଂପୃକ୍ତ ତଥ୍ୟ ଆଧାରରେ କାର୍ଯ୍ୟାନୁଷ୍ଠାନ ପାଇଁ ନୂଆଗାଁବଡ ଗ୍ରାମର ଉଦୟ କୁମାର ବାରିକ ଉଚ୍ଚ ଅଦାଲତରେ ଆଶ୍ରୟ ନେବା ପରେ ଅଦାଲତ କେଶ ନମ୍ବର ୩୩୫୨୩/୨୩ ବିଚାରକୁ ନେଇ ଉକ୍ତ ଘଟଣାରେ ସମସ୍ତ ପ୍ରମାଣପତ୍ରର ଯାଞ୍ଚପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଆଦେଶ କ୍ରମେ ଜିଲ୍ଲାପାଳ ଜିଲ୍ଲା ଶିକ୍ଷାଧିକାରୀଙ୍କ ଜରିଆରେ ସାର୍ଟିଫିକେଟ ଯାଞ୍ଚପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ କମଳାକାନ୍ତ ବିଶ୍ୱାଳଙ୍କ ପ୍ରତିକ୍ରିୟା ନେବାରେ କେବଳ ବାସିନ୍ଦା ପ୍ରମାଣପତ୍ରରେ କିଛି ତୃଟିଥିଲା । ପରବର୍ତ୍ତୀ ସମୟରେ ଏହାକୁ ସଂଶୋଧନ କରାଯାଇଥିବା ସ୍ୱୀକାର କରିଛନ୍ତି ।

# ପରକୀୟା ପ୍ରୀତି : ୩ ମହଲା କୋଠାରୁ ଡେଇଁ ମହିଳା ଗୁରୁତର

ସୋର,(ସବ୍ୟୁ): ସୋରରେ ପରକୀୟା ପ୍ରୀତିର କରୁଣ ପରିସ୍ଥିତି ଦେଖିବାକୁ ମିଳିଛି।ଜଣେ ମହିଳା ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଏକ ଲଜରେ ଥିବା ବେଳେ ଅଚାନକ ପୁରୁଷ ବନ୍ଧୁଙ୍କ ପତ୍ନୀ ପହଂଚି ଯିବାରୁ ମହିଳା ଜଣଙ୍କ ୩ ମହଲା କୋଠାରୁ ଡେଇଁ ଗୁରୁତର ଆହତ ହୋଇଛନ୍ତି।ସୋର ଥାନା ବର୍ଦ୍ଧମା ଅଞ୍ଚଳର ଜଣେ ମହିଳାଙ୍କ ସହ ସୋର ପୌରାଞ୍ଚଳର ଜଣେ ଯୁବକଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଫଳରେ ଶୁକ୍ରବାର ସକାଳେ ଉଭୟ ଅତଙ୍ଗ ବଜାରରେ ଥିବା ଏକ ଲଜରେ ଥିବା ବେଳେ ହଠାତ ପୁରୁଷ ବନ୍ଧୁଙ୍କ ପତ୍ନୀ ସେଠାରେ ପହଂଚି ହୋହାଲ୍ଲା କରିଥିଲେ।ଏଥିରେ ଭୟଭିତ ହୋଇ ମହିଳା ଜଣଙ୍କ ତିନି ମହଲା କୋଠା ଉପରୁ ତଳକୁ ଡେଇଁ ପଡ଼ିଥିଲେ। ଫଳରେ ତାଙ୍କର ଗୋଟିଏ ଗୋଡ ଭାଙ୍ଗିବା ସହ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ଏ ବାବଦରେ ପୁରୁଷ ବନ୍ଧୁଙ୍କ ପତ୍ନୀ ସୋର ଥାନାରେ ଅଭିଯୋଗ କରିବା ପରେ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପୁରୁଷ ବନ୍ଧୁଙ୍କ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ଅପରାହ୍ନରେ ସୋର ଥାନାରେ ଉଭୟ ପକ୍ଷ ମଧ୍ୟରେ ଆପୋଷ ସମାଧାନ ହୋଇଥିବା ଜଣାପଡ଼ିଛି।

# ଦୁଇ ଦିନ ହେବ ମହମ୍ମଦଙ୍କ ଜୟନ୍ତୀ ପାଳନ

ଧାମନଗର,(ସବ୍ୟୁ): ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଜସ୍ନେ-ଇଦ୍-ମିଲାଦୁନ ନବୀ ପର୍ବ ୨୫ ଓ ୨୬ ତାରିଖ ଦୁଇ ଦିନ ଧରି କିପରି ଶାନ୍ତି ଶୃଙ୍ଖଳାରେ ପାଳନ ହେବ ସେ ନେଇ ଧାମନଗର ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଅପରାହ୍ଣରେ ଧାମନଗର ପଞ୍ଚାୟତ ସମିତି ସଭାଗୃହରେ ଶାନ୍ତି କମିଟିର ଆବାହକ ତଥା ତହସିଲଦାର ଜ୍ଞାନରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏନଏସି ଅଧ୍ୟକ୍ଷା ନିବେଦିତା ଜେନା,ସାଂସଦଙ୍କ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ,ନଗର ପ୍ରତିନିଧି ସରୋଜ ମହାପାତ୍ର,ଧାମନଗର ଏସଡିପିଓ ବିଷ୍ଣୁଚରଣ ବାରିକ,ଆଇଆଇସି ଶୁଭ୍ରଜିତ ଦାଶ,ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ପ୍ରମୁଖ ମଂଚାସିନ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜୁଲୁସ ଓ କାଫଲା ଶୋଭାଯାତ୍ରା ଯିବା ରାସ୍ତାର ମରାମତି,ରାସ୍ତା କଡରେ ଥିବା ଗଛ ଡାଳ ସଫା କରିବା,ଅଚଳ ଷ୍ଟ୍ରିଟଲାଇଟ ମରାମତି କରିବା,ଜଗତି କଦମରସୁଲ ଠାରେ ସ୍ୱାସ୍ଥ୍ୟ ସେବା ଓ ପାନୀୟ ଜଳଯୋଗାଣ ବ୍ୟବସ୍ଥା ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ କମିଟି ପକ୍ଷରୁ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। କ୍ଷେତ୍ର ପରିଦର୍ଶନ କରି ଯଥାଶୀଘ୍ର ରାସ୍ତାର ମରାମତି ସହିତ ପର୍ବ ପାଳନ ପାଇଁ ଯାହା ଆବଶ୍ୟକ ରହିଛି ସେଗୁଡିକର ସମାଧାନ ନିମନ୍ତେ ତହସିଲଦାର ଏବଂ ଏନଏସି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ପ୍ରଫେଟ ମହମ୍ମଦଙ୍କ ଜନ୍ମଦିନ ଅବସରରେ ଧାମନଗର ସହରରେ ୩୪ରୁ ଊର୍ଦ୍ଧ୍ୱ ଜୁଲୁସ ଓ କାଫଲା ଶୋଭାଯାତ୍ରା ବିଭିନ୍ନ ସାହି ବସ୍ତିରୁ ବାହାରି ଖାନକା ସରିଫଠାରେ ପହଂଚିବା ପରେ ଏକ ସଙ୍ଗେ ଇଦଗା ମଇଦାନ,ବଡ଼ ବଜାର,ସାନ ବଜାର ଦେଇ ଜଗତି କଦମରସୁଲ ଠାରେ ପହଂଚିବ ବୋଲି ସୂଚନା ଦିଆଯାଇଥିଲା।

# ଟ୍ରେନରୁ ଖସି ଗୁରୁତର ଯୁବକଙ୍କ ମୃତ୍ୟୁ

ସୋର,(ସବ୍ୟୁ): କଲିକତାରୁ ଗଙ୍ଗାସ୍ନି ସାରି ଘରକୁ ଫେରୁଥିବା ବେଳେ ଟ୍ରେନରୁ ଖସିପଡି ଗୁରୁତର ଆହତ ହୋଇଥିବା ଯୁବକଙ୍କ ଚିକିତ୍ସାଧିନ ଅବସ୍ଥାରେ ବୁଧବାର ସନ୍ଧ୍ୟାରେ ମୃତ୍ୟୁ ହୋଇଛି। ସୋର ଥାନା ଆଙ୍ଗୁଳା ଗ୍ରାମର କରୁଣାକର ବେହେରା ଗତ ୧୩ ତାରିଖ ରାତିରେ ତାଙ୍କ ଶଶୁରଙ୍କ ଗଙ୍ଗାସ୍ନି ସାରି କଲିକତାରୁ ବାଘାଯତିନ ଟ୍ରେନରେ ଘରକୁ ଫେରୁଥିଲେ। ରୁପ୍ସା ଷ୍ଟେସନ ନିକଟରେ ସେ ଅସାବଧାନତାବଶତଃ ଟ୍ରେନରୁ ଖସିପଡି ଗୁରୁତର ଆହତ ହୋଇଥିଲେ।ରେଳ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ବୁଧବାର ସନ୍ଧ୍ୟାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁରୁବାର ତାଙ୍କ ମୃତ ଶରୀର ଗ୍ରାମରେ ପହଞ୍ଚିବା ପରେ ଗାଁ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ଶବ ସତ୍କାର କରାଯାଇଥିଲା।ତାଙ୍କ ମୃତ୍ୟୁରେ ଅଂଚଳରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି।

# ଗାଡ଼ି ଧକ୍କାରେ ଡାକ କର୍ମଚାରୀ ମୃତ

ସୋର,(ସବ୍ୟୁ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଅଲିପୁର ଛକ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ଡାକ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ବାରିପଦା ଦାମୋଦରପୁର ଅଂଚଳର ହରିଶ୍ଚନ୍ଦ୍ର କ୍ଷେତ୍ରମ(୪୫) ଲୋଷ୍ଟା ପୋଷ୍ଟ ଅଫିସରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ବାରିପଦାରୁ ଭୁବନେଶ୍ୱର ଅଭିମୁଖେ ଓଡି ୧୧ ଏସ ୮୩୧୦ ନମ୍ବର ବିଶିଷ୍ଟ କାରରେ ତାଙ୍କର ଜଣେ ସହଯୋଗୀ ସତ୍ୟଜିତ ବେହେରାଙ୍କ ସହ ଯାଉଥିଲେ। ଏହି ସମୟରେ ସୋର ଥାନା ୧୬ ନଂ ଜାତୀୟ ରାଜପଥ ଅଲୀପୁର ଛକ ନିକଟରେ ଉଭୟ କାର ରଖି ପରିଶ୍ରା କରୁଥିବା ବେଳେ ଏକ ଅଜଣା ଗାଡି ତାଙ୍କ କାରକୁ ପଛରୁ ଧକା ଦେଇ ଫେରାର ହୋଇ ଯାଇଥିଲା । ଫଳରେ କାର ଆଗରେ ଥିବା ହରିଶ୍ଚନ୍ଦ୍ରଙ୍କ ସହିତ କାରଟି ପିଟି ହୋଇ ରାସ୍ତା କଡରେ ଥିବା ଏକ ଗଛକୁ ଧକା ଦେଇଥିଲା। ଏଥିରେ ଉଭୟ ଗୁରୁତର ଆହତ ହୋଇଥିବା ବେଳେ ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ଉଭୟଙ୍କୁ ଉଦ୍ଧାର କରି ସୋର ଡାକ୍ତର ଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ହରିଶ୍ଚନ୍ଦ୍ରଙ୍କୁ ମୃତ ଘୋଷଣା କରିଥିବା ବେଳେ ସତ୍ୟଜିତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ପୁଲିସ ପରିବାର ଲୋକଙ୍କ ଅଭିଯୋଗ ମୂଳେ ଥାନାରେ କେଶ ନମ୍ବର ୬୨୭/୨୬ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ପ୍ରସ୍ତାବିତ ଜେଏସଡବ୍ଲ୍ୟୁ ଷ୍ଟିଲ ୫ ଏମ୍‌ଟିପିଏ ସମନ୍ୱିତ ଇସ୍ପାତ ପ୍ରକଳ୍ପ ପାଇଁ ୧୨ରେ ଗ୍ରାମସଭା



କେନ୍ଦୁଝର, (ଜିପ୍ର/ସବ୍ୟୁ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକରେ ଜେଏସଡବ୍ଲ୍ୟୁ ଷ୍ଟିଲ ଲିମିଟେଡ ଦ୍ୱାରା ବାର୍ଷିକ ୫ ମିଲିୟନ ଟନ ଉତ୍ପାଦନକ୍ଷମ ସମନ୍ୱିତ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଚିହ୍ନଟ ହୋଇଥିବା ସମସ୍ତ ୧୨ଟି ଗ୍ରାମରେ ଗ୍ରାମସଭା ପ୍ରକ୍ରିୟା ସଫଳତାର ସହ ଶେଷ ହୋଇଛି।ଶୁକ୍ରବାର ଦିନ ଯମୁନାପୋଷୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଯମୁନାପୋଷୀ ଗ୍ରାମରେ ଆୟୋଜିତ ଗ୍ରାମସଭା ସହିତ ଅନ୍ୟ ସମସ୍ତ ଗ୍ରାମଗୁଡ଼ିକରେ ଏହି ପ୍ରକ୍ରିୟା ସଫଳତାପୂର୍ବକ ସମ୍ପୂର୍ଣ୍ଣ ହୋଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ତଥା ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକରଙ୍କ ନେତୃତ୍ୱରେ ପୋଲିସ ପ୍ରଶାସନର ସହଯୋଗରେ କେନ୍ଦୁଝର ଜିଲ୍ଲା ପ୍ରଶାସନର ଦ୍ରୁତ, ସମନ୍ୱିତ ଏବଂ ବ୍ୟାପକ ପ୍ରୟାସ ଯୋଗୁଁ ଏହି ସଫଳତା ମିଳିଛି। ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ନେତୃତ୍ୱରେ ଏହି ପ୍ରକ୍ରିୟାକୁ ସୁଗମ କରାଯାଇଥିଲା। ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ ଦଣ୍ଡପାଟ, ସ୍ୱତନ୍ତ୍ର ଭୂ-ଅର୍ଜନ ସେଲର ଅଧିକାରୀ ରଞ୍ଜିତ କୁମାର ଦାଶ, ତ୍ରିଭୁବନ ଦାସ, ପ୍ରଦ୍ୟୁମ୍ନ କୁମାର ଜେନା ଓ ଅନ୍ୟ ରାଜସ୍ୱ କର୍ମଚାରୀଙ୍କ ସମନ୍ୱିତ ପ୍ରୟାସ ଯୋଗୁଁ ବୈଧାନିକ ଗ୍ରାମସଭା ପ୍ରକ୍ରିୟା ଶୃଙ୍ଖଳିତ ଓ ସଫଳତାର ସହ ସମାପ୍ତ ହୋଇପାରିଛି।ଗ୍ରାମସଭା ପ୍ରକ୍ରିୟାର ସମାପ୍ତି ପ୍ରସ୍ତାବିତ ଇସ୍ପାତ କାରଖାନାକୁ ଆଗକୁ ନେବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଗ୍ରାମସଭା ପ୍ରକ୍ରିୟା ଶେଷ ହେବା ପରେ, ଜମି ଅଧିଗ୍ରହଣ, ପୁନର୍ବାସ ଓ ସ୍ଥାନାନ୍ତରଣ କ୍ଷେତ୍ରରେ ନ୍ୟାୟୋଚିତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର ଅଧିନିୟମ ଅନୁଯାୟୀ ଆବଶ୍ୟକୀୟ ବିଜ୍ଞପ୍ତି ପ୍ରକାଶ ପାଇବ ।ଯାହା ପରେ ସାମାଜିକ ପ୍ରଭାବ ଆକଳନ ଅନୁଧ୍ୟାନ ଏବଂ ଜମି ଅଧିଗ୍ରହଣ ସମ୍ବନ୍ଧୀୟ ଅନ୍ୟାନ୍ୟ ବୈଧାନିକ ପ୍ରକ୍ରିୟା ଆରମ୍ଭ କରାଯିବ।

# ବିପନ୍ନଙ୍କୁ ଭେଟିଲେ ବବି ଦାସ ଘରଭଙ୍ଗା, ଗୁରୁତର ରୋଗୀଙ୍କୁ ସହାୟତା

ଭଦ୍ରକ,(ସବ୍ୟୁ): ବନ୍ୟାରେଧାମନଗର ବ୍ଲକର ବିଭିନ୍ନ ଅଂଚଳ ଜଳମଗ୍ନ ହୋଇଥିବାବେଳେ ବିପନ୍ନଙ୍କ ଦୁର୍ଦ୍ଦଶା ଚରମସୀମାରେ ପହଂଚିଛି। ଏପରି ସମୟରେ ସରକାରୀ ବନ୍ୟା ସହାୟତା ବଣ୍ଟନକୁ ନେଇ ଅସନ୍ତୋଷ ଓ ଅଭିଯୋଗ ସାମ୍ନାକୁ ଆସିଛି। ପ୍ରକୃତ ବନ୍ୟାପ୍ରଭାବିତଙ୍କ ନିକଟରେ ପର୍ଯ୍ୟାପ୍ତ ରିଲିଫ୍ ପହଞ୍ଚୁ ନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡ଼ି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଧାମନଗର ବ୍ଲକର ଅର୍ଜୁନପୁର ଓ ହସନାବାଦ ପଂଚାୟତର ବିଭିନ୍ନ ବନ୍ୟାପ୍ରଭାବିତ ଅଂଚଳ ଗସ୍ତ କରି ବିପନ୍ନଙ୍କ ସହ ଆଲୋଚନା କରିଛନ୍ତି। ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା, ତରେଇସାହି, ବ୍ରହ୍ମଚାରୀପାଟଣା, ମୁକ୍ତାନଗର, ମଠସାହି ଏବଂ ହସନାବାଦ ପଞ୍ଚାୟତର ମଠସାହି, ବନବାଗ,ହ ସନାବାଦ, ତଳଅସ୍ତକ, ଉପରଅସ୍ତକ, ପଙ୍ଗଟା ଶାସନ ଓ ଅନଳଡିହ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ।ଅନେକ ବିପନ୍ନ ପରିବାର ପର୍ଯ୍ୟାପ୍ତ ସହାୟତାରୁ ବଂଚିତ ଥିବାରୁ ସ୍ଥାନୀୟ ସରପଞ୍ଚ ମାନେ ନିଜସ୍ୱସ୍ତରରେ ଲୋକଙ୍କୁ ସହାୟତା ଯୋଗାଇ ଦେଉଥିବା ନେଇ ମଧ୍ୟ ଗ୍ରାମବାସୀ ପ୍ରକାଶ କରିଥିଲେ। ବିପନ୍ନଙ୍କ ଅଭିଯୋଗ ଶୁଣି ବବି ଦାସ ସେମାନଙ୍କ ସମସ୍ୟା ସରକାରଙ୍କ ଦୃଷ୍ଟିକୁ ଆଣିବାକୁ କହିବା ସହ ସରପଞ୍ଚ ଙ୍କ ମାଧ୍ୟମରେ ନିଜସ୍ୱସ୍ତରରୁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ସେ କହିଥିଲେ। ବନ୍ୟାରେ ଘର ଭାଙ୍ଗିଯାଇଥିବା ଦୁର୍ଗତ ଏବଂ ଚିକିତ୍ସା ପାଇଁ ଡାକ୍ତରଖାନା ଯିବାକୁ ଥିବା ଗୁରୁତର ରୋଗୀଙ୍କୁ ସେ ତୁରନ୍ତ ବ୍ୟକ୍ତିଗତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଗସ୍ତ ସମୟରେ ଧାମନଗର ନିର୍ବାଚନମଣ୍ଡଳୀ ନେତା ଡାକ୍ତର ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ସବ୍ୟପ୍ରଦୀପ ମଲ୍ଲିକ, ସାରଦା ପ୍ରସନ୍ନ ସାହୁ,ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଯୁବ ସଭାପତି ଭାରତ ବିଜୟ ଦଳେଇ, ଅର୍ଜୁନପୁର ସରପଞ୍ଚ ସରିତା ମହାନ୍ତି, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ଯୁବନେତା ସୁଧ୍ୱନା ନାୟକ, ପୂର୍ବତନ ବ୍ଲକ ସଭାପତି ଉମେଶ ମହାନ୍ତି, ଧୂଷୁରୀ ସେବା ସମବାୟ ସମିତି ସଭାପତି ସନ୍ଦୀପ ସ୍ୱାଇଁ, ସମିତି ସଭ୍ୟ ଜ୍ଞାନ ମହାକୁଡ଼ ଓ ସୁଦୀପ୍ତ ଖଟୁଆଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ।

# ଧସିଲା ସାଳନ୍ଦୀ ନଦୀ କୂଳରୁ ମାଟି,ଲୋକେ ଭୟଭୀତ

ଆଗରପଡ଼ା,(ସବ୍ୟୁ):ଲଗାଣ ବର୍ଷା ଯୋଗୁଁ ସାଳନ୍ଦୀ ନଦୀରେ ଅତ୍ୟଧିକ ବନ୍ୟା ଜଳ ପ୍ରବାହିତ ହେବା ପରେ ଆଗରପଡ଼ା ନିକଟସ୍ଥ ବଡ଼ମହିଁଷଗୋଠ ପଞ୍ଚାୟତ ଅଧିନ ହରିପୁର ବ୍ରାହ୍ମଣ ଶାସନ ନଦୀ ଘାଟରେ କୂଳ ଖାଇ ମାଟି ଧସି ପଡ଼ି ଗାଁ ପ୍ରତି ବିପଦ ସୃଷ୍ଟି କରିଛି। ବର୍ତ୍ତମାନ ସାଳନ୍ଦୀ ବନ୍ୟାପାଣି ଗାଁ ମୁହାଁ। ଯଦ୍ୱାରା ଲୋକମାନେ ଭୟରେ ନଦୀ ଘାଟକୁ ଯାଉନାହାଁନ୍ତି ଓ ଖବରପାଇ ଘଟଣାସ୍ଥଳରେ ପହଁଚି ନଦୀକୂଳ ସ୍ଥିତି ସମୀକ୍ଷା କରିଛନ୍ତି ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ। ହରିପୁର ନଦୀଘାଟ ଓ ଆଖପାଖ ଅଂଚଳ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କ ସହ ଆଲୋଚନା କରି ଏହାର ସମାଧାନର ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତନ୍ ନନ୍ଦ,ପଂଚାୟତ ସଭାପତି ଜେଯାତିଶଙ୍କର ପଣ୍ଡା,ସମିତିସଭ୍ୟ ନିର୍ମଳ ନାୟକ,ବରିଷ୍ଠ ନେତା ଗୋପାଳକୃଷ୍ଣ ଦାସ,ବସନ୍ତ ପତି,ହିମାଦ୍ରୀ ମହାନ୍ତି,ମାନସ ରଞ୍ଜନ ପଟ୍ଟନାୟକ,ତବାରକ ସାହା ପ୍ରମୁଖ ଉପସ୍ଥିତ ଥିଲେ।

# ପିଏମ ହାଇସ୍କୁଲରେ ଶିକ୍ଷକ ବଦଳି ପ୍ରତିବାଦ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପିଏମ ହାଇସ୍କୁଲର ସଂସ୍କୃତ ଶିକ୍ଷକ ପ୍ରିୟବ୍ରତ ବାରିକଙ୍କ ଡେପୁଟେସନ ଆଦେଶ ବାତିଲ ଦାବିରେ ଗୁରୁବାର ବିଦ୍ୟାଳୟ ଫାଟକରେ ତାଲା ପକାଯାଇ ପ୍ରତିବାଦ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତି ସଭାନେତ୍ରୀ ଅନୁସୂୟା ବାରିକଙ୍କ ନେତୃତ୍ୱରେ ସକାଳେ ବିଦ୍ୟାଳୟ ଫାଟକରେ ତାଲା ପକାଯାଇ ଡେପୁଟେସନ ଆଦେଶ ବାତିଲ ନହେବା ପର୍ଯ୍ୟନ୍ତ ବିଦ୍ୟାଳୟ ବନ୍ଦ ରଖାଯିବ ବୋଲି କୁହାଯାଇଥିଲା। କିଛି ସମୟ ପରେ ଫାଟକ ଖୋଲାଯାଇ ପ୍ରଧାନଶିକ୍ଷକ ଦେବଦତ୍ତ ଜେନାଙ୍କ ବ୍ୟତୀତ ଛାତ୍ରଛାତ୍ରୀ ଓ ଅନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ବିଦ୍ୟାଳୟ ଭିତରକୁ ଛଡାଯାଇଥିଲା। ବିଚରା ପ୍ରଧାନଶିକ୍ଷକ ବିଦ୍ୟାଳୟ ଫାଟକ ବାହାରେ ବସିରହିଥିଲେ। ମଧ୍ୟାହ୍ନ ୧୨ଟା ବେଳେ ପ୍ରଧାନଶିକ୍ଷକଙ୍କୁ ଭିତରକୁ ଛଡାଯାଇଥିଲା। ବିଦ୍ୟାଳୟ ପକ୍ଷରୁ ସୂଚନା ପାଇ ପୁଲିସ ବିଦ୍ୟାଳୟରେ ପହଞ୍ଚି ଆଲୋଚନା କରିଥିଲା। ଶୁକ୍ରବାର ପ୍ରଧାନଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ଡେପୁଟେସନ ବାତିଲ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସାକ୍ଷାତ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ଘଟଣାକୁ ନେଇ ବିଦ୍ୟାଳୟରେ ବିଶୃଙ୍ଖଳିତ ପରିସ୍ଥିତି ସୃଷ୍ଟି ହୋଇ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିଲା।

# ବନ୍ୟା ପୀଡ଼ିତଙ୍କୁ ମାକ୍ରୋୱେଭ୍ ଟେକ୍ନୋଲୋଜି ଆନନ୍ଦମାର୍ଗର ଖାଦ୍ୟ ବଣ୍ଟନ

ଭଦ୍ରକ,(ସବ୍ୟୁ): ବନ୍ୟା ପୀଡ଼ିତଙ୍କ ସହାୟତା ପାଇଁ ମାକ୍ରୋୱେଭ୍ ଟେକ୍ନୋଲୋଜି ଓ ଆନନ୍ଦମାର୍ଗ ସୋସିଆଲ୍ ଅର୍ଗାନାଇଜେସନ୍,ଭଦ୍ରକ ଶାଖାର ମିଳିତ ଉଦ୍ୟମରେ ଶୁକ୍ରବାର ଦିନ ଭଦ୍ରକ ଜିଲ୍ଲାର ରଇପୁର ପଂଚାୟତର ମଉଦପୁର ଏବଂ ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା ଓ ଜେନାସାହି ଅଂଚଳରେ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି। ଏହି ଅଭିଯାନରେ ପ୍ରାୟ ୧୫୦ଟି ବନ୍ୟା ପ୍ରଭାବିତ ପରିବାରଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ବଂଟନ କାର୍ଯ୍ୟକ୍ରମରେ ମାକ୍ରୋୱେଭ୍ ଟେକ୍ନୋଲୋଜିର ପ୍ରୋଗ୍ରାମ୍ କୋଅର୍ଡିନେଟର ରାଜକିଶୋର ମହାନ୍ତି,ପ୍ରୋଜେକ୍ଟ କୋଅର୍ଡିନେଟର ନିର୍ମଳ କୁମାର ମାଝୀ,ସିନିୟର ଟେକ୍ନିସିଆନ୍ ଭକ୍ତହରି ସାହୁ,ସିନିୟର ଟେକ୍ନିସିଆନ୍ ସୁନୀଲ କୁମାର ବେହେରା,ଟେକ୍ନିସିଆନ୍ ପ୍ରମୋଦ କୁମାର ପୁହାଣ,ପୂର୍ଣ୍ଣଚନ୍ଦ୍ର ରାଉତ ଓ ବଳରାମ ପାତ୍ର ଯୋଗଦେଇଥିଲେ। ଏଥିସହ ଆନନ୍ଦମାର୍ଗ ସୋସିଆଲ୍ ଅର୍ଗାନାଇଜେସନ୍,ଭଦ୍ରକ ଶାଖାର ସମ୍ପାଦକ ଜଗନ୍ନାଥ ରାୟ ଉପସ୍ଥିତ ରହି ବଂଟନ କାର୍ଯ୍ୟରେ ସହଯୋଗ କରିଥିଲେ। ନଦୀଗାଁର ସମାଜସେବୀ ମାନସ ରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଗର୍ଭବତୀ ମହିଳାଙ୍କୁ ଉଦ୍ଧାର କଲା ଓଡ୍ରାଫ୍ ଟିମ୍

ଭଦ୍ରକ,(ସବ୍ୟୁ): :ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ନନ୍ଦପୁର ପଞ୍ଚାୟତର କୋଇଲେଖା ଗ୍ରାମର ଗର୍ଭବତୀ ମହିଳା ତୃପ୍ତିମୟୀ ନାୟକଙ୍କୁ ଓଡ୍ରାଫ୍ ଟିମ୍ ସଫଳତାର ସହ ଉଦ୍ଧାର କରିଛି। ବନ୍ୟା ପରିସ୍ଥିତି ମଧ୍ୟରେ ତୃପ୍ତିମୟୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କୁ ଆବଶ୍ୟକ ଚିକିତ୍ସା ସେବା ପ୍ରଦାନ କରାଯାଉଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ବନ୍ୟା ପ୍ରଭାବିତ ଅଂଚଳରେ ଉଦ୍ଧାରକାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। କେହି ଯେପରି ବିପଦ ସମୟରେ ସହାୟତାରୁ ବଂଚିତ ନ ହୁଅନ୍ତିଏହି ନିର୍ଦ୍ଦେଶକୁ ଗୁରୁତ୍ୱ ଦେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରଭାବିତ ଅଂଚଳ ଉପରେ ନଜର ରଖାଯାଇଛି। ବନ୍ୟା ପରିସ୍ଥିତିରେ ଜନସାଧାରଣଙ୍କ ସୁରକ୍ଷା ଓ ଆବଶ୍ୟକ ସହାୟତା ଯୋଗାଣ ପାଇଁ ଜିଲ୍ଲା ପ୍ରଶାସନ,ଓଡ୍ରାଫ୍ ଓ ଅନ୍ୟାନ୍ୟ ଉଦ୍ଧାରକାରୀ ଦଳଙ୍କ ପକ୍ଷରୁ ନିରନ୍ତର କାର୍ଯ୍ୟ ଜାରି ରହିଛି।

# ୩ ଦିନ ହେଲା ଜଳବନ୍ଦୀ ଜଳେଶ୍ୱର ଗାଁ

ବାଲେଶ୍ୱର, (ସବ୍ୟୁ) : ନଦୀର ଜଳସ୍ତର କମୁଥିଲେ ମଧ୍ୟ ଅନେକ ଗାଁରୁ ଏବେ ବି ଛାଡ଼ିନି ବନ୍ୟା ପାଣି । ରାସ୍ତା ଉପରେ ଅଣ୍ଟାଏ ପାଣି ଜମି ରହିଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି । ବାଲେଶ୍ୱର ଜଳେଶ୍ୱରର କୁହ୍ଲା ଗାଁର ରାସ୍ତା ଉପରେ ଏବେ ବି ଅଣ୍ଟାଏ ପାଣି । ଘର ଦାଣ୍ଡ ଓ ଦୁଆର ନିକଟରେ ମଧ୍ୟ ବନ୍ୟା ପାଣି ଜମି ରହିଛି । ଫଳରେ ଲୋକମାନେ ଘରୁ ବାହାରିବା ତ ଦୂରର କଥା, ଦୈନନ୍ଦିନ ଜୀବନ ମଧ୍ୟ ଦୁର୍ବିସହ ହୋଇପଡ଼ିଛି ।ତେବେ ଏକ ଆଶ୍ୱସ୍ତିର ଖବର ହେଉଛି, ସୁବର୍ଣ୍ଣରେଖା ନଦୀର ଜଳସ୍ତର ଧୀରେ ଧୀରେ କମୁଛି । ରାଜଘାଟ ନିକଟରେ ବିପଦ ସଙ୍କେତ ୧୦.୩୬ ମିଟର ରହିଥିବା ବେଳେ, ଆଜି ଜଳସ୍ତର ହ୍ରାସ ପାଇ ୯.୭୦ ମିଟରରେ ପ୍ରବାହିତ ହେଉଛି । କିନ୍ତୁ ଜଳସ୍ତର କମିଥିଲେ ମଧ୍ୟ ଲୋକଙ୍କ ସମସ୍ୟା ଏବେ ବି କମିନାହିଁ । ଭୋଗରାଇ ବ୍ଲକର ୫ଟି ପଞ୍ଚାୟତର ପ୍ରାୟ ୧୨୦ଟି ଗାଁ ଏବେ ବି ପାଣିଘେରରେ ରହିଛି ।ବିଶେଷ କରି ନଦୀକୂଳିଆ କୁମ୍ଭୀରଗଡ଼ି ପଞ୍ଚାୟତର କୁହ୍ଲା ଗାଁର ସ୍ଥିତି ଚିନ୍ତାଜନକ। ଗତ ୩ ଦିନ ଧରି ଗାଁ ଲୋକେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛନ୍ତି । ଏପଟେ ବନ୍ୟା ପାଣି ଭିତରେ ରହିବା ସହ ଖାଦ୍ୟ ପାଇଁ ମଧ୍ୟ ଲୋକଙ୍କୁ ସଂଘର୍ଷ କରିବାକୁ ପଡୁଛି। ତିନି ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ ମାତ୍ର ଥରେ ଚୁଡ଼ା ଏବଂ ଥରେ ରନ୍ଧା ଖାଦ୍ୟ ଦିଆଯାଇଥିବା ଅଭିଯୋଗ ହୋଇଛି ।

# ବାଳିକା ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଅଧିକାରୀଙ୍କୁ ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ



ଠାକୁରମୁଣ୍ଡା,(ସବ୍ୟୁ): ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଏନ.ସି.ସି. ଆସୋସିଏଟ ଅଫିସର ରଶ୍ମିରେଖା ମାଝୀଙ୍କୁ ଶିକ୍ଷା ଓ ଯୁବ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ ୨୦୨୬ ପ୍ରଦାନ କରାଯାଇଛି।ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା।ସମ୍ମାନ ଗ୍ରହଣ କରି ରଶ୍ମିରେଖା ମାଝୀ କହିଲେ, ଏହି ସମ୍ମାନ ମୋର ଏକାକୀ ନୁହେଁ। ଏହା ମୋ ବିଦ୍ୟାଳୟ, ମୋ କ୍ୟାଡେଟ ଓ ସହକର୍ମୀମାନଙ୍କର। ଏହି କାର୍ଯ୍ୟକ୍ରମରେ ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସ, ବରିଷ୍ଠ ନେତା ସୁର ରାଉତରାୟ, ପଦ୍ମଶ୍ରୀ ଡାକ୍ତର ଅଶୋକ ମହାପାତ୍ର ସଭାପତି ଓଆରଜିଏସଏଫ ସତ୍ୟବ୍ରତ ନାୟକ ତଥା ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ।ଓଡ଼ିଶାର ୧୧ ଜଣ ପ୍ରତିନିଧିଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା ।

# ଆମାଜନ ଷ୍ଟୋରରେ ରାକ୍ଷୀର ସମ୍ଭାର

କରଞ୍ଜିଆ,(ସବ୍ୟୁ): ରକ୍ଷା ବନ୍ଧନର ଅବସରକୁ ସ୍ମରଣୀୟ କରିବା ପାଇଁ ରାକ୍ଷୀ, ଆକର୍ଷଣୀୟ ଉପହାର ଓ ପାର୍ବଣ ସାମଗ୍ରୀଗୁଡ଼ିକୁ ଏକାଠି କରିଛି ଆମାଜନ ଡଟ୍ ଇନ୍ । ରାକ୍ଷୀ ଓ ପର୍ସନାଲାଇଜ୍ଡ ହାମ୍ପରଠାରୁ ଆରମ୍ଭ କରି ସ୍ୱାଦିଷ୍ଟ ମିଠା ଉପହାର, ଚକୋଲେଟ ଓ ନୂତନ ଟେକ୍ ଗ୍ୟାଜେଟ ସମେତ ଆମାଜନର ରକ୍ଷା ବନ୍ଧନ ଷ୍ଟୋର ପ୍ରତ୍ୟେକ ଭାଇଭଉଣୀଙ୍କ ପାଇଁ ଉପହାର ବିକଳ୍ପର ଏକ ବିସ୍ତୃତ ଶୃଙ୍ଖଳା ଉପଲବ୍ଧ କରିଛି । ଗ୍ରାହକମାନେ ଏହି ଷ୍ଟୋରରେ ବିବା, ଲିବାସ, ମାନ୍ୟବର, ମେବିଲାଇନ୍, କାଲଭିନ୍ କ୍ଲେନ୍, ସେଟାଫିଲ୍, ସାମସଙ୍ଗ, ଏଲଜି, ଜେବିଏଲ୍, ସୋନି, ଫୁଜିଫିଲ୍ମ ଇନଷ୍ଟାକ୍ସ, ଫୁଲ ଏବଂ ଅନ୍ୟାନ୍ୟ ପ୍ରମୁଖ ବ୍ରାଣ୍ଡ ସହିତ ଉତ୍ସବକାଳୀନ ଆବଶ୍ୟକୀୟ ସାମଗ୍ରୀ ଅନ୍ୱେଷଣ କରିପାରିବେ । ଏହାସହିତ, ପ୍ରାଇମ୍ ସଦସ୍ୟମାନେ ଦେଶବ୍ୟାପୀ କିଛି ଘଂଟା ମଧ୍ୟରେ, ସେହି ଦିନ କିମ୍ବା ପରବର୍ତ୍ତୀ ଦିନ ବିତରଣ କରାଯାଉଥିବା ୨ ଲକ୍ଷରୁ ଅଧିକ ଉତ୍ପାଦ ଉପରେ ଅତିରିକ୍ତ ୫% ସଂଚୟ ସହିତ ଅଧିକ ମୂଲ୍ୟ ଅନଲକ୍ କରିପାରିବେ । ସ୍ୱତନ୍ତ୍ର ରାକ୍ଷୀ, କେବଳ ୧ ଟଙ୍କାରେ ରୋଲି ଚାଓ୍ୱଲ କନ୍ଦୋ, ମିଠା, ଉପହାର ଏବଂ ଉତ୍ସବକାଳୀନ ଆବଶ୍ୟକୀୟ ସାମଗ୍ରୀ ରହିଛି।

# ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ନିଶାମୁକ୍ତି ଅଭିଯାନ




ବେତନଟୀ ,(ସବ୍ୟୁ): ନିଶାମୁକ୍ତ ଭାରତ ଗଠନ ଲକ୍ଷ୍ୟରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବୈଶିଙ୍ଗା ସେବା କେନ୍ଦ୍ର ତରଫରୁ ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ 'ନିଶା ମୁକ୍ତି ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତଥା ଇଂରାଜୀ ପ୍ରାଧ୍ୟାପକ ବିରେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି , ମୁଖ୍ୟବକ୍ତା ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶବିଦ୍ୟାଳୟର ବେତନଟୀ ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ବନିତା ଭଉଣୀ , ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ବୈଶିଙ୍ଗା ସେବା କେନ୍ଦ୍ର ସଞ୍ଚାଳିକା ଅନୁପମା ଭଉଣୀ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ନୈବେଦ୍ୟ ଅର୍ପଣ କରି 'ନିଶା ମୁକ୍ତି ଅଭିଯାନ'ର ଆଲୋଚନା ଚକ୍ର କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ । ଅଧ୍ୟକ୍ଷ ଶ୍ରୀଯୁକ୍ତ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ନିଶାରୁ ଦୂରେଇ ନିଜ ଜୀବନରେ ଆତ୍ମବିଶ୍ୱାସ ଜାଗ୍ରତ କରିବା ନିମନ୍ତେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ । ନିଶା କେବଳ ବ୍ୟକ୍ତିର ସ୍ୱାସ୍ଥ୍ୟକୁ ନୁହେଁ, ପରିବାର, ସମାଜ ଓ ଜାତିର ଭବିଷ୍ୟତକୁ ମଧ୍ୟ କ୍ଷତିଗ୍ରସ୍ତ କରିଥାଏ । ତେଣୁ ଏହି ନିଶାକୁ ଦୂରେଇ ନିଜକୁ ଭଗବତ ବିଶ୍ୱାସୀ ହେବା ନିମନ୍ତେ ମୁଖ୍ୟ ଅତିଥି ବଡସାହି ବିଧାୟକ ସନାତନ ବିଜୁଳି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ । ମୁଖ୍ୟବକ୍ତା ବ୍ରହ୍ମାକୁମାରୀ ବନିତା ଭଉଣୀ ସମାଜରୁ ନିଶା ସେବନର କୁପ୍ରଭାବ ଦୂର କରି ସୁସ୍ଥ, ସଚେତନ ଓ ମୂଲ୍ୟବୋଧ ସମ୍ପନ୍ନ ସମାଜ ଗଠନ ନିମନ୍ତେ ଉପସ୍ଥିତ ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଅତିଥିଙ୍କୁ ବାର୍ତ୍ତା ପ୍ରଦାନ କରିଥିଲେ । ଏହି ବାର୍ତ୍ତାକୁ ଆଗକୁ ନେବାକୁ ବ୍ରହ୍ମାକୁମାରୀ ଅନୁପମା ଭଉଣୀ କହିବା ସହ ରାଜଯୋଗ ଅଭ୍ୟାସ ମଧ୍ୟ କରାଇଥିଲେ । ଏହାପରେ ସମସ୍ତ ଅତିଥି ବିଦ୍ୟାଳୟ ପରିସରରେ ଥିବା ଜାତିର ପିତା ମହାତ୍ମାଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କରିବା ସହ ବ୍ରହ୍ମାକୁମାରୀ ଭଉଣୀ ମାନେ ନିଶା ମୁକ୍ତ ସମାଜ ଗଠନ ନିମନ୍ତେ ସାମୁହିକ ପ୍ରତିଜ୍ଞା କରାଇଥିଲେ । ସମସ୍ତ ଅତିଥିଙ୍କ ଦ୍ୱାରା କଲେଜ ପରିସରରେ ବୃକ୍ଷ ରୋପଣ ମଧ୍ୟ କରାଯାଇଥିଲା । ଏହା ସହ କଲେଜର ଏନଏସଏସ ବିଭାଗ ତରଫରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମାଜ ସଚେତନଅବଲମ୍ବୀ ବିଭିନ୍ନ ସ୍ଲୋଗାନ ପ୍ରଦାନ ପୂର୍ବକ ଏକ ରାଲି ବଜାର ପରିକ୍ରମା କରିଥିଲା । ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମାକୁମାର ସତ୍ୟପ୍ରକାଶ ଭାଇ ମଞ୍ଚ ପରିଚାଳନା କରିଥିବା ବେଳେ କଲେଜର ବରିଷ୍ଠ ଅଧାପକ ବିଜୟ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଉଦ୍ୟୋଗୀ ଦିବସ ପାଳିତ




ବାଲେଶ୍ୱର,(ସବ୍ୟୁ): ଫକୀରମୋହନ(ଏଫଏମ) ବିଶ୍ୱବିଦ୍ୟାଳୟରେ ବିଶ୍ୱ ଉଦ୍ୟୋଗୀ ଦିବସ-୨୦୨୬ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତି ଉଦ୍ୟମ ପ୍ରସ୍ଫୁଟନ ପ୍ରତିଷ୍ଠାନ (ଏଫ୍‌ଏମ୍‌ୟୁ-ଟିବିଆଇ) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବସୃଜନ, ଷ୍ଟାର୍ଟଅପ୍ ସଂସ୍କୃତି ଓ ଉଦ୍ୟୋଗୀତାକୁ ଏକ ସମ୍ଭାବନାମୟ କର୍ମଜୀବନ ଭାବେ ଗ୍ରହଣ କରିବାର ବାର୍ତ୍ତା ପ୍ରଦାନ କରିଥିଲା।ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦ୍ୟୋଗୀ, ଶିଳ୍ପ ବିଶେଷଜ୍ଞ, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେବା ସହ ନୂତନ ପିଢ଼ିକୁ ନବସୃଜନ ଓ ରୋଜଗାର ସୃଷ୍ଟି ଦିଗରେ ପ୍ରେରଣା ଯୋଗାଇଥିଲେ ଏବଂ ବିକଶିତ ଭାରତର ସ୍ୱପ୍ନ ଓ ଜାତୀୟ ଶିକ୍ଷା ନୀତି-୨୦୨୦ର ଲକ୍ଷ୍ୟ ଅନୁରୂପ ଉଦ୍ୟୋଗୀତାର ପରିବେଶ ସୃଷ୍ଟି ପ୍ରତି ଅବଗତ କରାଇଥିଲା। ବ୍ୟବସାୟ ପରିଚାଳନା ବିଭାଗର ପ୍ରଫେସର ତଥା ପିଏମ୍‌ଆଇଆର ସଂଯୋଜିକା ପ୍ରଫେସର ପଦ୍ମଲିତା ରାଉତରାୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟୋଗୀ ଚିନ୍ତାଧାରାର ବିକାଶର ଆବଶ୍ୟକତା ଉପରେ ଆଲୋକପାତ କରି ସେମାନଙ୍କୁ ନବସୃଜନଭିତ୍ତିକ ସୁଯୋଗକୁ ଆପଣେଇବାକୁ ଆହ୍ୱାନ କରିଥିଲେ। କର୍ମଜୀବନ ଭାବେ ଉଦ୍ୟୋଗୀତା ଶୀର୍ଷକ ପ୍ରେରଣାଦାୟକ ଅଧିବେଶନରେ ଗୋକ୍ରେନ୍ ଇଣ୍ଡଷ୍ଟ୍ରିଜ୍‌ର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଡକ୍ଟର ରାମାନୁଜ ପଣ୍ଡା ନିଜର ଉଦ୍ୟୋଗୀ ଯାତ୍ରା, ବାସ୍ତବ ଅନୁଭୂତି ଓ ସଫଳତାର କାହାଣୀ ବାଣ୍ଟି ଛାତ୍ରଛାତ୍ରୀଙ୍କୁ ନିଜ ଚିନ୍ତାଧାରାକୁ ସଫଳ ଉଦ୍ୟମରେ ପରିଣତ କରିବା ପାଇଁ ପ୍ରେରିତ କରିଥିଲେ। ଗୋକ୍ରେନ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରକଳ୍ପ ମୁଖ୍ୟ -ଅଭିଷେକ ମଣି ଯୋଗଦେଇ ଷ୍ଟାର୍ଟଅପ୍ ପରିବେଶ ଓ ନବସୃଜନଭିତ୍ତିକ ଶିଳ୍ପକ୍ଷେତ୍ରରେ ରହିଥିବା ନୂତନ ସମ୍ଭାବନା ସମ୍ପର୍କରେ ଆଲୋଚନା କରିଥିଲେ।ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇ ନୋଲେକ୍ସନ୍ ଇନୋଭେସନ୍ ଆଣ୍ଡ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରିୟଦର୍ଶୀ ଷଡ଼ଙ୍ଗୀ ଉଦ୍ୟୋଗୀତା: ଆଜିର ଆହ୍ୱାନ ଶୀର୍ଷକ ବକ୍ତବ୍ୟରେ ଯୁବପିଢ଼ିକୁ କେବଳ ଚାକିରି ଖୋଜୁଥିବା ବ୍ୟକ୍ତି ନୁହେଁ, ବରଂ ସୁଯୋଗ ସୃଷ୍ଟିକାରୀ ହେବାକୁ ଆହ୍ୱାନ ଜଣାଇଥିଲେ।ଏହି ଅବସରରେ ଏଫ୍‌ଏମ୍‌ୟୁ-ଟିବିଆଇର ସଂଯୋଜକ ତଥା ଗବେଷଣା ଓ ବିକାଶ ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପରିଡ଼ା ଉଦ୍ୟମ ପ୍ରସ୍ଫୁଟନ, ମାର୍ଗଦର୍ଶନ, ଶିଳ୍ପ ସହଭାଗିତା ଓ ନବସୃଜନଭିତ୍ତିକ ପଦକ୍ଷେପ ମାଧ୍ୟମରେ ଯୁବ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ଦିଗରେ ବିଶ୍ୱବିଦ୍ୟାଳୟର ନିରନ୍ତର ପ୍ରୟାସ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆନ୍ତଃବିଭାଗୀୟ ନବସୃଜନ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା-୨୦୨୬ର ପୁରସ୍କାର ଓ ପ୍ରମାଣପତ୍ର ବିତରଣ କରାଯାଇଥିଲା। ପ୍ରତିଯୋଗିତାରେ ଶିକ୍ଷା ସ୍ନାତକୋତ୍ତର ବିଭାଗର ପୁରଞ୍ଜୟ ସାହୁ ଓ-ବଜ୍ରା ବହୁମୁଖୀ ଡ୍ରୋନ୍ ପାଇଁ ପ୍ରଥମ, ବାଣିଜ୍ୟ ସ୍ନାତକୋତ୍ତର ବିଭାଗର ସଂଘମିତ୍ରା ମହାନ୍ତି ରିକ୍ଲେମ୍ ପାଇଁ ଦ୍ୱିତୀୟ ଏବଂ ବିଏସ୍‌ବିଟି ବିଭାଗର ହେମରାଣୀ ଚୌଧୁରୀ ସ୍ମାର୍ଟ ଜୈବକ୍ଷୟକ୍ଷମ ଫିଲ୍ମ ପାଇଁ ତୃତୀୟ ପୁରସ୍କାର ହାସଲ କରିଥିଲେ। ଉପସ୍ଥିତ ଅତିଥିମାନେ ବିଜେତାମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଆରମ୍ଭରେ ଏଫ୍‌ଏମ୍‌ୟୁ-ଟିବିଆଇର ମୁଖ୍ୟପରିଚାଳନା ଅଧିକାରୀ ସୁନେହ୍ଲ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ପାଦକୀୟ

# ବିରୋଧୀ ଦଳର ଦେଶଭକ୍ତି କାହିଁ ?

ମୁଖ୍ୟ ବିରୋଧୀ ଦଳର, ଅର୍ଥାତ୍ କଂଗ୍ରେସ ଦଳର ଭକ୍ତିଭାବ କୁଆଡ଼େ ଗଲା ? ସବୁବେଳେ ଜାତିରଜନକ ମହାତ୍ମା ଗାନ୍ଧିଙ୍କୁ ବଡ଼ ବୋଲି ଦର୍ଶାଇ ଆସିଥିବା ଏହି ସର୍ବ ପୁରାତନ ଦଳ ଗାନ୍ଧିଜୀଙ୍କ ନାମ ବା ପ୍ରତିମୂର୍ତ୍ତିକୁ ଗୁରୁତ୍ୱ ଦେଇ ଆସୁଥିଲେ ମଧ୍ୟ ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶକୁ ହତାଦର କରି ଆସିଛନ୍ତି ବୋଲି ଅଭିଯୋଗ ହୋଇଥାଏ । ଏପରିକି ସ୍ୱାଧୀନତା ପ୍ରାପ୍ତି ପରେ କଂଗ୍ରେସ ଦଳକୁ ଏକ ରାଜନୀତିକ ଦଳ ଭାବେ ବ୍ୟବହାର ନ କରିବାକୁ ଗାନ୍ଧିଜୀ ଚାହିଁଥିଲେ । ମାତ୍ର କ୍ଷମତା ଲାଳସାରେ କଂଗ୍ରେସ ଦଳ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରିଥିଲା । ଏବେ 'ବନ୍ଦେ ମାତରମ୍' ପରି ଜାତୀୟ ଗାନକୁ ନେଇ କଂଗ୍ରେସ ଦଳର ଅବମାନନା କରାଯିବା ଅର୍ଥାତ୍ ଏହି ଗୀତର ଛଅଟି ପଦ ମଧ୍ୟରୁ ମାତ୍ର ଦୁଇଟି ପଦ ବୋଲାଯିବା ଲାଗି କଂଗ୍ରେସ ଦଳ ନିଷ୍ପତ୍ତି କରିଥିବାରୁ ଏ ନେଇ ସମୁଦାୟ ଭାରତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ରାଜ୍ୟସଭାରେ ଗତ ତା ୨୯/୦୭/ ୨୦୨୬ରେ ରାଷ୍ଟ୍ରୀୟ ଗାନ 'ବନ୍ଦେ ମାତରମ୍' ବୋଲାଯିବା ବେଳେ ବାଧା ସୃଷ୍ଟି କଲେ ତିନି ବର୍ଷର ଜେଲଦଣ୍ଡ କିମ୍ବା ଜରିମାନା ପ୍ରଭୃତିକୁ ନେଇ ପ୍ରସ୍ତୁତ ବିଧେୟକ ବା ବିଲ୍‌ଟି ପାରିତ ହୋଇଥିଲା । ଅଥଚ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ସେତିକି ବେଳେ କକ୍ଷତ୍ୟାଗ କରା ଯାଇଥିଲା । ଜଣେ ହେଲେ ବିରୋଧୀ ଦଳର ସାଂସଦ ରାଜ୍ୟସଭାରେ ସେତେବେଳେ ଉପସ୍ଥିତ ନଥିଲେ । କୁଆଡ଼େ ଗଲା କଂଗ୍ରେସ ବା ବିରୋଧୀ ଦଳର ଦେଶଭକ୍ତି ? କୁଆଡ଼େ ଗଲା ସେମାନଙ୍କ ନୀତି ଓ ଆଦର୍ଶ ? ଭାରତମାତାଙ୍କ ପ୍ରତି ଏହା ଥିଲା ଘୋର ଅମର୍ଯ୍ୟାଦା ଓ ଅପମାନ ।

ଭାରତରେ କଂଗ୍ରେସ ଦଳ କେବଳ ତୁଷ୍ଟୀକରଣ ରାଜନୀତି କରି ଆସୁଥିଲା ଏବଂ ନିର୍ଦ୍ଦିଷ୍ଟ ଏକ ସଂପ୍ରଦାୟ ଓ ନିର୍ଦ୍ଦିଷ୍ଟ ଏକ ପଡୋଶୀ ରାଜ୍ୟକୁ ସମର୍ଥନ କରି ଆସୁଥିଲା । ଜାମ୍ମୁ ଓ କାଶ୍ମୀର ମଧ୍ୟ ଭାରତରେ ନ ମିଶୁ ବୋଲି କ୍ଷମତାସୀନ କଂଗ୍ରେସ ଦଳ ଚହୁଁଥିଲା । ୧୯୩୭ରେ କଂଗ୍ରେସ ବଙ୍କିମଚନ୍ଦ୍ରଙ୍କଦ୍ୱାରା ରଚିତ ଏହି 'ବନ୍ଦେ ମାତରମ୍'କୁ ଦୁଇ ଭାଗରେ ବିଭକ୍ତ କରିଥିଲା ଏବଂ ମୁସଲମାନମାନଙ୍କ ତୁଷ୍ଟୀକରଣ ପାଇଁ କଂଗ୍ରେସ ଏପରି କରିଥିବାରୁ ତଦ୍ୱାରା ଭାରତ ବିଭାଜନର ମୂଳଦୁଆ ପଡ଼ିଥିଲା ବୋଲି ମଧ୍ୟ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କଂଗ୍ରେସ ଦଳକୁ କଟାକ୍ଷ କରି କହିଛନ୍ତି । ସେ କହିଛନ୍ତି ଯେ 'ବନ୍ଦେ ମାତରମ୍' ଗୀତର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ଯେତେବେଳେ ସାରା ଭାରତରେ ପାଳନ କରାଯାଉଛି, ନରେନ୍ଦ୍ର ମୋଦିଙ୍କ ସରକାର ଏହି ଐତିହାସିକ ତ୍ରୁଟିକୁ ସୁଧାରିବାକୁ ନିଷ୍ପତ୍ତି ନେଇଛନ୍ତି । ଏଥି ସହ ଜାତୀୟ ଏକତାକୁ ମଜବୁତ କରିବାକୁ ସରକାର ଚାହୁଁଛନ୍ତି । ଏହାକୁ ଆଇନଗତ ସୁରକ୍ଷା ଦେବାକୁ ମଧ୍ୟ ସରକାର ଚାହୁଁଛନ୍ତି ବୋଲି ଶ୍ରୀ ଶାହ କହିଛନ୍ତି ।

**ଓଡ଼ିଶାରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ' ମଧ୍ୟ ରାଜ୍ୟର ପ୍ରାଦେଶିକ ସଙ୍ଗୀତ । ଏହି ସମ୍ପୂର୍ଣ୍ଣ ସଙ୍ଗୀତଟିରେ ଓଡ଼ିଶାର ଓ ଓଡ଼ିଆଙ୍କ ପ୍ରକୃତି ଓ ସୌନ୍ଦର୍ଯ୍ୟ ପ୍ରତି ଶ୍ରୋତାମାନେ ଆକୃଷ୍ଟ ହୋଇଥା'ନ୍ତି । ରାଜ୍ୟ ସରକାର ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନମାନଙ୍କରେ ଏହି ସଙ୍ଗୀତକୁ ବୋଲା ଯିବା ଲାଗି ନିୟମ ପ୍ରଣୟନ କରିବା ଉଚିତ ।**

ପ୍ରକୃତରେ ରବିନ୍ଦ୍ରନାଥ ଠାକୁରଙ୍କ 'ଜନଗଣ ମନ ଅଧିନାୟକ' ରାଷ୍ଟ୍ରୀୟ ସଙ୍ଗୀତ ଗାନ ପୂର୍ବରୁ ବଙ୍କିମଚନ୍ଦ୍ରଙ୍କ 'ବନ୍ଦେ ମାତରମ୍' ସଙ୍ଗୀତକୁ ସମ୍ପୂର୍ଣ୍ଣ ଭାବେ ବୋଲା ଯାଉଥିବାବେଳେ ଆମମାନଙ୍କ ମଧ୍ୟରେ ଦେଶଭକ୍ତିର ଯେଉଁ ଉନ୍ମାଦନା ସୃଷ୍ଟି ହୋଇଥାଏ, ତାହା ଅତୁଳନୀୟ । ସ୍କୁଲ ପିଲାମାନେ ଏହି ଦୁଇଟି ଗୀତ ବୋଲିବା ବେଳେ ଶ୍ରୋତାମାନେ ମୁଗ୍ଧ ହେଉଥିବା ପରିଲକ୍ଷିତ ହୋଇଥାଏ ।

ଓଡ଼ିଶାରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ' ମଧ୍ୟ ରାଜ୍ୟର ପ୍ରାଦେଶିକ ସଙ୍ଗୀତ । ଏହି ସମ୍ପୂର୍ଣ୍ଣ ସଙ୍ଗୀତଟିରେ ଓଡ଼ିଶାର ଓ ଓଡ଼ିଆଙ୍କ ପ୍ରକୃତି ଓ ସୌନ୍ଦର୍ଯ୍ୟ ପ୍ରତି ଶ୍ରୋତାମାନେ ଆକୃଷ୍ଟ ହୋଇଥା'ନ୍ତି । ରାଜ୍ୟ ସରକାର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନମାନଙ୍କରେ ଏହି ସଙ୍ଗୀତକୁ ବୋଲା ଯିବା ଲାଗି ନିୟମ ପ୍ରଣୟନ କରିବା ଉଚିତ ।

**ଆପଣମାନେ ଯଦି ସମଗ୍ର ପୃଥିବୀର ସାହିତ୍ୟ ଅଧ୍ୟୟନ କରିବାକୁ ଚାହାଁନ୍ତି ତାହାହେଲେ ତହିଁରେ ଜଗତର କେହି ବାଧା ଦେଇପାରିବେ ନାହିଁ । କିନ୍ତୁ ଇଂରାଜୀ ସାହିତ୍ୟ ଅଧ୍ୟୟନ କରିବାରେ କମ୍ ସମୟ ଖର୍ଚ୍ଚ କରିବାକୁ ଆପଣମାନଙ୍କୁ ମୋର ଅନୁରୋଧ କରିବାର କାରଣ ଏହି ଯେ ଆପଣମାନେ ନିଜ ମାତୃଭାଷା ଅଧ୍ୟୟନ କଲେ ଅଧିକ ସ୍ୱାଭାବିକ ରୀତିରେ ସେହି ଉପକାର ପାଇପାରିବେ ।**

(ମହାତ୍ମା ଗାନ୍ଧି)

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସମ୍ବିଧାନରେ ଲୋକତନ୍ତ୍ରର ମହତ୍ତ୍ୱ



**କିଶୋର ଚନ୍ଦ୍ର ଜେନା**

ଲୋକତନ୍ତ୍ରରେ ସାଧାରଣତଃ ସମ୍ବିଧାନ ଶାସକ ପକ୍ଷକୁ ଉଚିତ ମାର୍ଗ ଦେଖାଇଥାଏ ଏବଂ ବିପକ୍ଷ ପକ୍ଷକୁ ସକରାତ୍ମକ ଆଲୋଚନାର ଅବସର ପ୍ରଦାନ କରେ । କିନ୍ତୁ ବର୍ତ୍ତମାନ ଦେଖାଯାଉଛି ଯେ ସମୟର ସ୍ରୋତରେ ରାଜନୀତିରେ ଜନକଲ୍ୟାଣରୂପକ ସାଂସ୍କୃତିକ ଧାରା ନିମ୍ନଗାମୀ ଆଡ଼କୁ ଗତି କରୁଛି ।

ଭାରତ ସ୍ୱାଧୀନ ହେବାପରେ ୨୬ ଜାନୁୟାରୀ ୧୯୫୦ରେ ଦେଶର ନିଜସ୍ୱ ସମ୍ବିଧାନ ପ୍ରଚଳିତ ହୋଇଥିଲା । ପ୍ରତ୍ୟେକ ନାଗରିକଙ୍କୁ ସମାନତା, ସମତା ଏବଂ ଗାରିମାମୟ ବା ଉଜ୍ଜ୍ୱଳମୟ ଜୀବନଯାପନ କରିବାର ପ୍ରକ୍ରିୟାକୁ ମଧ୍ୟ ଏଥିରେ ଅର୍ନ୍ତଭୁକ୍ତ କରାଗଲା । ଏହାକୁ ଚଳେଇବା ପାଇଁ ଦେଶରୁ ନିର୍ବାଚିତ ସାଂସଦମାନଙ୍କୁ ସଂରଚନାର ଉତ୍ତରଦାୟିତ୍ୱ ମଧ୍ୟ ନ୍ୟସ୍ତ କରାଗଲା । ଏହା ବ୍ୟତିରେକ ଆମର ଏହି ବିବିଧତାପୂର୍ଣ୍ଣ ରାଷ୍ଟ୍ରର ସଂଚଳନ ଏବଂ ପୁର୍ନନିର୍ମାଣର ଦାୟିତ୍ୱ ମଧ୍ୟ ମିଳିଲା । ଇଂରେଜମାନେ ଦେଶକୁ ଶୋଷଣ କରିବା ହେତୁ, ଦେଶର ଆର୍ଥିକ ମେରୁଦଣ୍ଡ ଅତ୍ୟନ୍ତ ଦୁର୍ବଳ ହୋଇ ଯାଇଥିଲା। ଅଥଚ ଭାରତର ପରମ୍ପରାଗତ ଜ୍ଞାନ, ତ୍ୟାଗ, ସାଂସ୍କୃତିକ ବୈଭବ ପ୍ରଭୃତିକୁ କେହି ଅଲଗା କରିପାରି ନଥିଲେ । ପରିଣାମସ୍ୱରୂପ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଯେତେ ରାଷ୍ଟ୍ର ସ୍ୱାଧୀନତା ଲାଭ କରିବାକୁ ସକ୍ଷମ ହୋଇଥିଲେ, ତନ୍ମଧ୍ୟରୁ ଭାରତ ଓ ତା'ର ବୈଭବ ଏବଂ ସମ୍ବିଧାନକୁ ସଶକ୍ତ କରିବାରେ ଅଗ୍ରଣୀ ସ୍ଥାନ ହାସଲ କରିବାରେ ସକ୍ଷମ ହେଲା ଏବଂ ସମ୍ବିଧାନକୁ ସଂଚାଳନ କରିବାରେ ଦୃଢ଼ ସ୍ଥିତି ହାସଲ କଲା । ଲୋକତନ୍ତ୍ରରେ ସମ୍ବିଧାନ ଉଚିତ ମାର୍ଗ ଦେଖାଏ ଏବଂ ବିପକ୍ଷକୁ ବିକଳ୍ପ ଧାରା ସହିତ ସକାରାତ୍ମକ ଆଲୋଚନାର ମାର୍ଗ ଓ ଅବସର ମଧ୍ୟ ପ୍ରଦାନ କରେ, ଯାହାଦ୍ୱାରା ପୁଣି ଏହା କ୍ଷମତା ହାସଲ କରିବାରେ ସକ୍ଷମ ହୁଏ । ୨୬ ନଭେମ୍ବର ୧୯୪୯ରେ ଡଃ ରାଜେନ୍ଦ୍ର ପ୍ରସାଦଙ୍କର ମହତ୍ତ୍ୱପୂର୍ଣ୍ଣ ଉକ୍ତି ଏହିପରି ଥିଲା, 'ରାଷ୍ଟ୍ରହିତ ଏବଂ ଜନକଲ୍ୟାଣ ସଂଜ୍ଞା ନିରୂପଣର ମହତ୍ତ୍ୱପୂର୍ଣ୍ଣ ମାନଦଣ୍ଡ ହେଉଛି ଦେଶର ଶାସନତନ୍ତ୍ରର ସୁପରିଚାଳନା ଏବଂ ଏହାକୁ କ୍ରିୟାନ୍ୱୟନ କରିବାରେ ଲୋକଙ୍କ ମାନଦଣ୍ଡ । ଯଦି ଚୟନିତ ପ୍ରତିନିଧିମାନେ ଚରିତ୍ରବାନ ଏବଂ ସଚ୍ଚୋଟ ହେବେ, ତେବେ ସମ୍ବିଧାନର କାର୍ଯ୍ୟକ୍ରମମାନଙ୍କରେ ଯେତେ ତ୍ରୁଟି ଥିଲେ ମଧ୍ୟ, ତାହା ଲୋକମାନଙ୍କର ଆଶା ଓ ଆକାଙ୍‌କ୍ଷା ଏବଂ ଜନକଲ୍ୟାଣ ରୂପକ ବିଭିନ୍ନ ମାନଦଣ୍ଡକୁ ସଫଳ କରିବାରେ ନିଶ୍ଚିତ ସଫଳ ହେବ ।' ଏହାପୂର୍ବରୁ ୨୫ ନଭେମ୍ବର, ୧୯୪୯ରେ ଡଃ ଆମ୍ବେଦକର ସତର୍କ କରାଇଦେଇଥିଲେ ଯେ ସମ୍ବିଧାନ ସମତା ଏବଂ ସମାନତା ଉପରେ ଜୋର ଦେବ, କିନ୍ତୁ ସାମାଜିକ, ଆର୍ଥିକ ଏବଂ ସାଂସ୍କୃତିକ ଜୀବନରେ ଦୀର୍ଘ ସମୟ ଧରି ଚଳିଆସିଥିବା ବିରୋଧାଭାସ ଅନେକ ଅବରୋଧ ଉତ୍ପନ୍ନ କରିପାରେ । ଏପରି ସ୍ଥିତିରେ, ସାମ୍ବିଧାନିକ ଲୋକତନ୍ତ୍ରକୁ ବ୍ୟବହାରିକ ଭାବେ ଚଳିଆସୁଥିବା ଅଲୌକତାନ୍ତ୍ରିକ ପରମ୍ପରାକୁ ସାମ୍ନା କରିବାକୁ ପଡ଼ିବ । ଏଠାରେ ସ୍ପଷ୍ଟ କରାଯାଇପାରେ କି ସାଧାରଣ ଜନତାଙ୍କୁ ପାଇଁ ଉଦ୍ଦିଷ୍ଟ ରାଜନୈତିକ ନେତୃତ୍ୱର ଦାୟିତ୍ୱ ହେଉଛି ଏହି ଦୂରତାକୁ ସମାପ୍ତ କରିବା । ସମ୍ବିଧାନର ଆତ୍ମାକୁ ଭଲ ଭାବରେ ବିଶ୍ଳେଷଣ କରି ଏହାକୁ ଭଲ ଭାବରେ କାର୍ଯ୍ୟ କରିବାର ସମସ୍ତ ଆବଶ୍ୟକ ତତ୍ତ୍ୱ ଏହି ମହାନୁଭବମାନଙ୍କ ଭାଷଣରେ ପ୍ରତିଫଳିତ ହୁଏ ।

ଦେଶରେ ଏବେବି ଏକ ପିଢ଼ି ବିଦ୍ୟମାନ ଅଛନ୍ତି, ଯେଉଁମାନେ ବର୍ଷ ୧୯୫୨ ପରଠାରୁ ସବୁ ନିର୍ବାଚନ ଦେଖିଛନ୍ତି ଏବଂ ନିର୍ବାଚନର ସବୁ ପରିବର୍ତ୍ତନର ସାକ୍ଷୀ ମଧ୍ୟ ରହି ଆସିଛନ୍ତି । ଯେଉଁମାନେ କି ସବୁ ଅପବାଦକୁ ପଛରେ ପକାଇ ତ୍ୟାଗ ଏବଂ ଜନକଲ୍ୟାଣ ସଂସ୍କୃତି ଉପରେ ଜୋର ଦେଇଛନ୍ତି । ସଂସଦର କାର୍ଯ୍ୟାବଳୀଗୁଡ଼ିକ ପ୍ରାରମ୍ଭିକ ବର୍ଷଗୁଡ଼ିକ ଯେଉଁ ଶାଳୀନତାରେ ଚାଲିଥିଲା ତାହା ବର୍ତ୍ତମାନର ନୂତନ ପିଢ଼ି ପାଇଁ ଅନୁକରଣୀୟ ଅଟେ । ପକ୍ଷ ଏବଂ ବିପକ୍ଷ ଦଳ ମଧ୍ୟରେ କୌଣସି ପ୍ରକାର କଟୁତା ଓ ମତଭେଦ ମଧ୍ୟ ଦେଖିବାକୁ ମିଳେ ନାହିଁ । ଏହା ମନେ ରଖିବାକୁ ପଡ଼ିବ ଯେ ରାଷ୍ଟ୍ରସେବା ସର୍ବୋପରି । ଦେଶ ହିତ ଓ ଲୋକ କଲ୍ୟାଣ ଭାବଧାରା ରୂପକ ଗଙ୍ଗା ଦେଶରେ ପ୍ରଭାବିତ ହେବ ଯେତେବେଳେ ସମସ୍ତ ଦଳ ନିଜ ସ୍ୱାର୍ଥ ଏବଂ ରାଜନୈତିକ ଭାବଧାରା ଉପରକୁ ଉଠି ଏକ ଭାବନାରେ କାର୍ଯ୍ୟ କରିବେ । ଯେତେବେଳ ପର୍ଯ୍ୟନ୍ତ ଲୋକକଲ୍ୟାଣର ଭାବନାକୁ ରାଜନୈତିକ ବିଚାରଧାରା ଏବଂ ନିଜ ସ୍ୱାର୍ଥର ଉପରେ ନ ରଖା ହେବ, ସେତେବେଳ ପର୍ଯ୍ୟନ୍ତ ସମ୍ବିଧାନର ମୂଳତତ୍ତ୍ୱ ଏବଂ ଲୋକତନ୍ତ୍ରର ଆତ୍ମାକୁ ଜୀବିତ ରଖିବା ଅସମ୍ଭବ ବୋଲି ମନେ ହେବ ।

**ବର୍ତ୍ତମାନ ସମୟରେ ପରସ୍ପର ଦୋଷାରୋପ କରିବା, ସମ୍ବିଧାନକୁ ବାରମ୍ବାର ବିଘଟନ କରିବା, ନିଜ ସ୍ୱାର୍ଥ ସାଧନ ପାଇଁ ତର୍କ ବିତର୍କରେ ଆଶ୍ରୟ ନେବା କ'ଣ ଜନମତର ପରିପନ୍ଥୀ ନୁହେଁ କି? ତେଣୁ ଆସନ୍ତୁ, ସମ୍ବିଧାନର ମୂଲ୍ୟ ଏବଂ ଲୋକତନ୍ତ୍ରର ଆତ୍ମାକୁ ସମ୍ମାନ ପ୍ରଦାନ କରି ଜୟଗାନ କରିବା 'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା'ର ସେହି ଅମରବାଣୀକୁ।**

ଦେଶରେ କଠିନ ପରିସ୍ଥିତିରେ ମଧ୍ୟ ସମ୍ବିଧାନରେ ଲୋକତନ୍ତ୍ରର ମୂଳ ଭାବନାକୁ ସମ୍ମାନ ଜଣାଇ ବର୍ଷ ୧୯୭୭ର ନିର୍ବାଚନରେ ଅଣକଂଗ୍ରେସ ଦଳ ପ୍ରଥମ ଶାସନ ଗାଦି ହାସଲ କରିଛି । ଶାସନର କାର୍ଯ୍ୟ ହସ୍ତାନ୍ତର ମଧ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଛି । ଜୟ ପ୍ରକାଶ ନାରାୟଣଙ୍କ ଆହ୍ୱାନକ୍ରମେ ଇନ୍ଦିରା ଗାନ୍ଧିଙ୍କ ବିରୋଧରେ ଜନମତ ପ୍ରକାଶ ପାଇଲା । ୨୫ ଜୁନ୍ ୧୯୭୫ରେ ଇନ୍ଦିରା ଗାନ୍ଧିଙ୍କ ଦ୍ୱାରା ଲଗାଯାଇଥିବା ଜରୁରୀକାଳୀନ ପରିସ୍ଥିତି ଏବଂ ସମ୍ବିଧାନର ଆତ୍ମାକୁ ନଷ୍ଟ କର କ୍ଷତବିକ୍ଷତର ଲକ୍ଷ୍ୟକୁ ଅଚିରେ ଲୋକମାନଙ୍କ ଜନମତ ଦ୍ୱାରା ଧ୍ୱଂସ କରାଯାଇଥିଲା । ଲୋକମାନଙ୍କର ମତ ହିଁ ସର୍ବଶ୍ରେଷ୍ଠ ଅସ୍ତ୍ର । ସମ୍ବିଧାନରେ ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ପାଇଁ ଏବଂ ଲୋକମାନଙ୍କ ଦ୍ୱାରା । ଏହାପରେ ସମ୍ବିଧାନ ବିଶ୍ୱ ସମ୍ମୁଖରେ ଆହୁରି ସଶକ୍ତ ହେବାରେ ଗୌରବ ହାସଲ କରିଥିଲା। ନିର୍ବାଚନରେ ସାଧାରଣ ଜନତା ଉତ୍ତର ଦାୟିତ୍ୱର ସମ୍ବେଦନଶୀଳତାକୁ ସ୍ପଷ୍ଟ ଭାବରେ ଆକଳନ କରିପାରିଥିଲେ ଏବଂ ଜନମତ ଦ୍ୱାରା ଏହାର ଉଚିତ ଜବାବ ଦେଇଥିଲେ । ଜନମତ ହିଁ ଲୋକମାନଙ୍କର ଅଭେଦ୍ୟ ଅସ୍ତ୍ର ଯାହାଦ୍ୱାରା ଜନତା ଏକଛତ୍ରବାଦ, ଅଲୌକିକ-ତାନ୍ତ୍ରିକ ତତ୍ତ୍ୱକୁ ନଷ୍ଟ କରିବାର ସାମର୍ଥ୍ୟ ରଖେ । ଏହାକୁ ସେତେବେଳେ ଆମେରିକାର ରାଷ୍ଟ୍ରପତି ଜିମି କ୍ୟାଟରଙ୍କ ସମେତ ଅନେକ ରାଷ୍ଟ୍ରର ଜନନାୟକ ଭୂୟସୀ ପ୍ରଶଂସା କରିଥିଲେ । ଏହାପରେ ନୂତନ ସରକାର ପ୍ରତିଷ୍ଠିତ ହୋଇଥିଲା ଏବଂ ଅଢ଼େଇ ମାସରେ ପତନ ମଧ୍ୟ ଘଟିଥିଲା । ଏମାନେ ସତ୍ତା ଦଖଲ କଲେ କିନ୍ତୁ ସ୍ଥିତିକୁ ସମ୍ଭାଳି ନ ପାରିବାରୁ ପରବର୍ତ୍ତୀ ନିର୍ବାଚନରେ ପୁଣି ଜନତା ଇନ୍ଦିରା ଗାନ୍ଧିଙ୍କୁ ଶାସନ ଗାଦିରେ ବସାଇ ଥିଲେ ।

ସମ୍ବିଧାନ ଦ୍ୱାରା ସ୍ଥାପିତ ବିଧି ହିଁ ନିର୍ଣ୍ଣାୟକ ନିର୍ଣ୍ଣୟ ଗ୍ରହଣ କରେ । ଜନକଲ୍ୟାଣର ମାର୍ଗ ହିଁ ଲୋକତନ୍ତ୍ରର ମାର୍ଗ ବା ଲକ୍ଷ୍ୟ । ସମ୍ବିଧାନର ବିଧି ବ୍ୟବସ୍ଥାରେ ରହି ଲୋକତନ୍ତ୍ରର ଲକ୍ଷ୍ୟ ବା ମାର୍ଗ ପ୍ରସ୍ତୁତ ହୁଏ । ଅଲୋକତାନ୍ତ୍ରିକ ତତ୍ତ୍ୱ ଏବଂ ତଥ୍ୟ କେବେହେଲେ ଲୋକତନ୍ତ୍ରକୁ ନିୟନ୍ତ୍ରିତ କରିପାରେନା । ଯେତେବେଳେ ଏହି ଅଲୋକତନ୍ତ୍ର ବା ତତ୍ତ୍ୱ ଲୋକତନ୍ତ୍ରର ତତ୍ତ୍ୱରେ ଭାରି ପଡ଼େ ସେତେବେଳେ ସମ୍ବିଧାନରେ ସଂକଟ ଉତ୍ପନ୍ନ ହୁଏ ଏବଂ ଏହି ସଂକଟର ଝଡ଼କୁ ଶାନ୍ତ ଓ ସ୍ଥିରତା ଦିଏ ଲୋକମତ ବା ନିର୍ବାଚନର ଜନମତ ।

ସେତେବେଳେ ପକ୍ଷ ଏବଂ ବିପକ୍ଷ ମଧ୍ୟରେ କୌଣସି ପ୍ରକାର କଟୁତା, ରାଜନୈତିକ ମତଭେଦ ଆଦି ତତ୍ତ୍ୱର ଉଦାହରଣ ଦେଖିବାକୁ ମିଳୁ ନଥିଲା । ସମ୍ବିଧାନ ବିଶେଷଜ୍ଞ ଡ. ସୁଭାଷ କଶ୍ୟପ ନିଜର ଏକ ପୁସ୍ତକରେ ଲେଖିଛନ୍ତି ଯେ, ରାଜ ଗୋପାଲାଚାରୀଙ୍କ ଦ୍ୱାରା ଗୋଟିଏ ସଂଶୋଧନ ପ୍ରସ୍ତାବ ଆଗତରେ ପଣ୍ଡିତ ନେହରୁ ଏବଂ ତାଙ୍କ ଭିତରେ ଏକ ସମ୍ବାଦ ଉପରେ ଟିପ୍ପଣୀ ଆଜି ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ଦିଗ୍‌ଦର୍ଶନ ପ୍ରଦାନ କରେ । ଯେତେବେଳେ ନେହରୁ ରାଜ ଗୋପାଲାଚାରୀଙ୍କୁ କହିଥିଲେ ଯେ ବହୁମତ ମୋ ସାଥିରେ ଅଛି, ସେତେବେଳେ ସେ ଉତ୍ତର ଦେଇଥିଲେ ଯେ ନିଶ୍ଚିତ ଭାବରେ ବହୁମତ ଆପଣଙ୍କ ସାଥିରେ ଥାଇପାରେ କିନ୍ତୁ ତର୍କ ମୋ ସାଥିରେ ଅଛି । ତେଣୁ ସେତେବେଳେ ନେହରୁ ରାଜଗୋପାଲାଚାରୀଙ୍କ ଦୃଢ଼ ତର୍କ ପାଖରେ ମୁଣ୍ଡ ନୂଆଁଇ ତର୍କ ଆଧାରରେ ସଂଶୋଧନ ବିଧେୟକକୁ ବିଧିରେ ପରିଣତ କରାଇଥିଲେ । ତେଣୁ ଏବେ ମଧ୍ୟ ଏ ପ୍ରକାର ଆଦର୍ଶ ସମ୍ବିଧାନର ଗରିମାର ଜୟଗାନ କରୁଛି ଏବଂ କରୁଥିବ ମଧ୍ୟ । ଅଟଳ ବିହାରୀ ବାଜପେୟୀଙ୍କର ଗୋଟିଏ ଭୋଟରେ ସରକାରର ପତନ ତାଙ୍କ ଆଦର୍ଶ ଏବଂ ସଚ୍ଚୋଟ ପଣିଆ ଗାରିମାକୁ ଆଜି ମଧ୍ୟ ମନେପକାଇ ଦିଏ । ଏହି ପରିପ୍ରେକ୍ଷୀରେ ଅନେକ ଉଦାହରଣକୁ ମନେ ପକାଯାଇ ପାରିବ ଯାହା ଦଳଗତ ବିଚାରଧାରା ଉପରକୁ ଉଠି ଦେଶର ହିତ ଓ ଜନକଲ୍ୟାଣର ହିତ ସାଧନ ପାଇଁ ସଦାସର୍ବଦା ପ୍ରେରିତ କରେ । କିନ୍ତୁ ଆଜି ଆମ୍ଭେ କେଉଁଠାରେ ? ପରସ୍ପର ପ୍ରତି କଠୋର ମନୋଭାବ, ଘୃଣା ଆଦି ଜଘନ୍ୟ ଦୃଶ୍ୟ ସମ୍ବିଧାନ ପ୍ରକୋଷ୍ଠରେ ବାରମ୍ବାର ଦେଖିବାକୁ ମିଳୁଛି । ଏହା ସମ୍ବିଧାନର ମହତ୍ତ୍ୱ, ଉଦ୍ଦେଶ୍ୟ ଓ ଜନକଲ୍ୟାଣ ଉଦ୍ଦେଶ୍ୟର ପରିପନ୍ଥୀ ନୁହଁ କି ? ଏହା କ'ଣ ଡଃ ଆମ୍ବେଦକର, ରାଜ ଗୋପାଲାଚାରୀ, ସର୍ଦ୍ଦାର ପଟେଲ ଏବଂ ଅନ୍ୟାନ୍ୟ ସମ୍ବିଧାନ ପ୍ରତିଷ୍ଠାତାଙ୍କ ପ୍ରତି ଅସମ୍ମାନ ନୁହେଁ କି? ତେଣୁ ବର୍ତ୍ତମାନ ସମୟରେ ପରସ୍ପର ଦୋଷାରୋପ କରିବା, ସମ୍ବିଧାନକୁ ବାରମ୍ବାର ବିଘଟନ କରିବା, ନିଜ ସ୍ୱାର୍ଥ ସାଧନ ପାଇଁ ତର୍କ ବିତର୍କରେ ଆଶ୍ରୟ ନେବା କ'ଣ ଜନମତର ପରିପନ୍ଥୀ ନୁହେଁ କି? ତେଣୁ ଆସନ୍ତୁ, ସମ୍ବିଧାନର ମୂଲ୍ୟ ଏବଂ ଲୋକତନ୍ତ୍ରର ଆତ୍ମାକୁ ସମ୍ମାନ ପ୍ରଦାନ କରି ଜୟଗାନ କରିବା 'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା'ର ସେହି ଅମରବାଣୀକୁ।

**ଜଗନ୍ନାଥ ନଗର**
**ମୋ-୯୪୩୭୦୪୧୩୦୦**

# ଶିଶୁଙ୍କ ପାଇଁ ବର୍ଷାଦିନିଆ ଥଣ୍ଡା ଜ୍ୱର



**ପ୍ରଫେସର ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ**

ମୌସୁମୀ ବର୍ଷା, ଲଗାଣ ବର୍ଷା ସମୟରେ ପିଲାମାନେ ଅନେକ ଶାରୀରିକ ସମସ୍ୟାକୁ ସାମ୍ନା କରିଥାନ୍ତି । ବର୍ଷା ଦିନଟି ବାସ୍ତବରେ ଆନନ୍ଦଦାୟକ ହୋଇଥିଲେ ମଧ୍ୟ ସତର୍କତା ଅବଲମ୍ବନ କଲେ ଏହା ପିଲାମାନଙ୍କ ପାଇଁ କୌଣସି ଜଟିଳ ରୋଗ ବାଧକର କାରଣ ହେବ ନାହିଁ । ବର୍ଷା ଦିନେ ମଶା, ମାଛିଙ୍କ ବଂଶବୃଦ୍ଧି ଘଟିଥାଏ । ଫଳରେ ବିଭିନ୍ନ ଭାଇରସ ଦ୍ୱାରା ପିଲାଙ୍କ ଠାରେ ଋତୁଜନିତ ଥଣ୍ଡା ଜ୍ୱର (ଫ୍ଲୁ), ଜଣ୍ଡିସ୍, ନିମୋନିଆ, ଡାଇରିଆ, ଡିସେଣ୍ଟ୍ରି, ଟାଇଫଏଡ଼, ଡେଙ୍ଗୁ ଓ ମ୍ୟାଲେରିଆ ଆଦି ରୋଗ ହୋଇଥାଏ । ଜ୍ୱର, ଛିଙ୍କ, ଥଣ୍ଡା, ମୁଣ୍ଡବିନ୍ଧା, ଗୋଡ଼ହାତ ବିନ୍ଧା ଓ ହାଲିଆ ଲାଗିବା ହେଉଛି ଋତୁଜନିତ ଥଣ୍ଡା ଜ୍ୱରର ଲକ୍ଷଣ । କମନ କୋଲଡ଼ ସାଧାରଣତଃ ତିନିରୁ ପାଞ୍ଚ ଦିନ ମଧ୍ୟରେ ଭଲ ହୋଇଯାଏ । ଓଆରଏସ ପାଣି, ପାରାସିଟାମଲ ଓ ସାଧାରଣ ଥଣ୍ଡା ଔଷଧରେ ଏହି ରୋଗ ଭଲ ହୋଇଥାଏ । ସିଜିନାଲ ଫ୍ଲୁ କିନ୍ତୁ ପୁଷ୍ଟିହୀନ ଓ ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବା ପିଲାଙ୍କ ପାଇଁ ମାରାତ୍ମକ ହୋଇପାରେ । ଏପରି ସ୍ଥଳେ ତୁରନ୍ତ ଶିଶୁ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଉଚିତ ।

ବର୍ଷାଦିନେ ବିଶେଷକରି ନବଜାତ ପିଲାମାନଙ୍କୁ ଜଣ୍ଡିସ ହେବାର ଦେଖା ଦେଇଥାଏ । ଜଣ୍ଡିସକୁ ନେଇ ସଚେତନତାର ଅଭାବରୁ ଅଭିଭାବକମାନେ ଅସ୍ତବ୍ୟସ୍ତ ହୋଇପଡ଼ିଥାନ୍ତି ଓ ଧୈର୍ଯ୍ୟହରା ହୋଇ ସେମାନେ ଚିକିତ୍ସା ବିଳମ୍ବିତ କରିଥାନ୍ତି କିମ୍ବା ଅବହେଳା ମଧ୍ୟ କରିଥାନ୍ତି। ତେବେ ମୂଳ କଥା ହେଉଛି ସାଧାରଣତଃ ହେପାଟାଇଟିସ ଏ, ବା ଇ, ଦ୍ୱାରା ଏହା ହୋଇଥାଏ । ମା'ଙ୍କ ବ୍ଲଡ଼ଗ୍ରୁପ ଯଦି 'ଓ' ଏବଂ ପିଲାର 'ଏ' କିମ୍ବା 'ବି' ଅଥବା ମା'ର ନେଗେଟିଭ ଓ ପିଲାର ପଜିଟିଭ ବା ମା'ର ଥାଇରଏଡ଼ କି ଅନ୍ୟ ଜନ୍ମଗତ ରୋଗ ଥିବ କିମ୍ବା ଶିଶୁର ଅପରିପକ୍ୱ ଜନ୍ମ ହୋଇଥିବ ତେବେ ଜଣ୍ଡିସ ହେବାର ଆଶଙ୍କା ଅଧିକ । ଏହାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ । ଏଥିରେ ପିଲାକୁ ହସ୍ପିଟାଲରେ ରଖି ଚିକିତ୍ସା କରିବା ଉଚିତ ।

ସାଧାରଣତଃ ବର୍ଷାଦିନକୁ ନେଇ ବା ଲଗାଣ ବର୍ଷାକୁ ନେଇ ସେପରି କିଛି ଆତଙ୍କିତ ହେବାର କାରଣ ନାହିଁ । ତେବେ ବର୍ଷା ଦିନେ ସର୍ବନିମ୍ନ ସ୍ୱାସ୍ଥ୍ୟ ସତର୍କତା ଅବଲମ୍ବନ କଲେ ପିଲାଟି ପାଇଁ ଏହି ଋତୁ କଷ୍ଟଦାୟକ ନହୋଇ ବରଂ ଆନନ୍ଦଦାୟକ ସାବ୍ୟସ୍ତ ହୋଇପାରିବ । ବର୍ଷାଦିନରେ ପିଲାଙ୍କ ହାତକୁ ବାରମ୍ବାର ଧୋଇ ସଫା କରିବା ସହ ସେମାନଙ୍କୁ ଫୁଟାପାଣି ପିଆଇବା, ଗରମ ଘରରନ୍ଧା ଖାଦ୍ୟ ଖୁଆଇବା, ଘର ଓ ଘରର ଚାରିପଟକୁ ପରିଚ୍ଛନ୍ନ ରଖିବା, ମଶାରି ଲଗାଇ ଶୁଆଇବା, ଫୁଲ ସାର୍ଟ ବା ଫୁଲ ପ୍ୟାଣ୍ଟ ପିନ୍ଧାଇବା ଦରକାର । ବର୍ଷାଋତୁ ଆରମ୍ଭରେ ଫ୍ଲୁ ଟିକା ଏବଂ ଡାକ୍ତରଙ୍କ ପରାମର୍ଶରେ ହେପାଟାଇଟିସ ଏ ଏବଂ ଟାଇଫଏଡ଼ ଟିକା ନେବା ଉଚିତ । ସର୍ବ ପ୍ରଥମେ ପିଲାଟିକୁ କୌଣସି ରୋଗ ଯନ୍ତ୍ରଣା ହେଲେ ନିଶ୍ଚିନ୍ତ ଭାବେ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ଏବଂ ସବୁ କ୍ଷେତ୍ରରେ ସରକାରୀ ଡାକ୍ତରଖାନାର ସୁଯୋଗ ହିଁ ନିଅନ୍ତୁ । **ପିଲାଟିର ରୋଗ ପ୍ରତିରୋଧକ ଶକ୍ତି କିପରି ବୃଦ୍ଧି ପାଇବ ସେ ଦିଗକୁ ଅନେକ ଅଭିଭାବକ ଅଣଦେଖା କରିଥାନ୍ତି, ଯାହାଦ୍ୱାରା ପିଲାବେଳୁ ସେମାନେ ଅନେକ ରୋଗର ପରିପାର୍ଶ୍ୱିକ ପ୍ରତିକ୍ରିୟା ଓ ଯନ୍ତ୍ରଣାକୁ ସାମ୍ନା କରିଥାନ୍ତି । ପିଲାଙ୍କୁ ନିୟମିତ ସବୁଜ ପନିପରିବା ଓ ଫଳ ଦେବା ଉଚିତ ।** ଏଥିସହ ଜଙ୍କ୍‌ଫୁଡରୁ ଦୂରେଇ ରଖିବା ବିଧେୟ । ସେମାନଙ୍କୁ ଖେଳକୁଦ କରାଇବା ଦ୍ୱାରା ଖାଦ୍ୟ ହଜମ ହେବା ସହିତ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ିଥାଏ ।

ପିଲାମାନଙ୍କୁ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଘରୋଇ ଉପଚାର କରିବା ଅନୁପଯୁକ୍ତ ବୋଲି ଆମେ କହୁନାହୁଁ । ଘରୋଇ ଉପଚାର ସବୁଠାରୁ ଭଲ । ବର୍ଷା ଦିନରେ ଚର୍ମରୋଗ ଅଧିକ ଦେଖାଯାଏ । ସେଥିପାଇଁ ଘରେ ନଡ଼ିଆ ତେଲ ଲଗାଇ ପାରିବେ । ହଳଦୀ ଲଗାଇବା ସହିତ ସକାଳେ କଞ୍ଚା ହଳଦୀ ଖାଇବା ଦ୍ୱାରା ଶରୀରରୁ କୃମି ନାଶ ହୋଇଥାଏ । କିନ୍ତୁ ସବୁବେଳେ ଘରୋଇ ଉପଚାରକୁ ପ୍ରାଧାନ୍ୟ ନ ଦେଇ ଦେହ ଅଧିକ ଖରାପ ହେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ସବୁବେଳେ କୌଣସି ପ୍ରକାର ଦେଶୀୟ ଚିକିତ୍ସା ବା ଗୁଣୀ ଗାରେଡ଼ି ଚିକିତ୍ସା ଗ୍ରହଣ ନକରି ବରଂ ନିକଟସ୍ଥ ସରକାରୀ ଡାକ୍ତରଖାନା ବା ଶିଶୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ସରକାର ଶିଶୁ ରୋଗ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବିଚାର କରି ପିଲାଟିର ସମସ୍ତ ପ୍ରକାର ଡାକ୍ତରୀ ପରାମର୍ଶ, ପରୀକ୍ଷା ନିରୀକ୍ଷା, ଟିକା ଓ ଔଷଧ ମାଗଣାରେ ପ୍ରଦାନ କରୁଛନ୍ତି ଏହାର ସୁଯୋଗ ନିଅନ୍ତୁ । ପିଲାଟିର ସ୍ୱାସ୍ଥ୍ୟ ଦିଗକୁ ଦେଖି ଅଧୈର୍ଯ୍ୟ ନହୋଇ ପିଲାଟିକୁ ବରଂ ଧୈର୍ଯ୍ୟ ଦିଅନ୍ତୁ ଏବଂ ଭଗବାନଙ୍କ ଉପରେ ଭରସା ରଖନ୍ତୁ । ଆପଣଙ୍କ ସର୍ବନିମ୍ନ ସତର୍କତା, ଦୃଢ଼ ବିଶ୍ୱାସ, ଡାକ୍ତରଙ୍କ ଉପରେ ଭରସା ଓ ଡାକ୍ତରୀ ଚିକିତ୍ସା ସମ୍ବନ୍ଧିତ ପ୍ରଣାଳୀ ଗ୍ରହଣ କଲେ ପିଲାଟି ନିରୋଗ ହୋଇପାରିବ ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର**

## ସମ୍ପାଦକଙ୍କୁ ପତ୍ର

### ବନ୍ୟାର ସ୍ଥାୟୀ ପ୍ରତିକାର ହେଉ

ମହାଶୟ,
ଉପକୂଳବର୍ତ୍ତୀ ଓଡ଼ିଶାରେ ବନ୍ୟା ଓ ବାତ୍ୟା ଚିର ସହଚର । ପ୍ରତିବର୍ଷ ବର୍ଷା ଋତୁରେ ମୌସୁମୀ ବର୍ଷା ବା ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ବାରମ୍ବାର ବନ୍ୟା ଆସି ରାଜ୍ୟର ବିଭିନ୍ନ ନଦୀର ଜଳପତନ ବୃଦ୍ଧି କରାଇ ବନ୍ୟା ତାଣ୍ଡବ ରଚନା କରେ ।

ବହୁ ଧନ, ଜନ, ସମ୍ପତ୍ତି ନଷ୍ଟ ହୁଏ । ବନ୍ୟା ବିପନ୍ନଙ୍କୁ ରିଲିଫ୍ ସାମଗ୍ରୀ ଯୋଗାଇ ଦେବା ସହିତ କ୍ଷୟକ୍ଷତି ଭରଣା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଚୁର ଅର୍ଥ ବିନିଯୋଗ କରନ୍ତି । ଦିନ ଥିଲା ଯେତେବେଳେ ବର୍ଷା ଋତୁ ଆସିଲେ ବନ୍ୟା ନିଶ୍ଚୟ ହେବ ବୋଲି ଆଶଙ୍କା କରାଯାଉ ଥିଲା ।

କିନ୍ତୁ ଏବେ ପରିସ୍ଥିତି ବଦଳିଯାଇଛି । ରାଜ୍ୟର ବିଭିନ୍ନ ନଦୀ ଉପରେ ବହୁମୂଖୀ ନଦୀବନ୍ଧ ଯୋଜନା ଫଳରେ ଉଦବୃତ୍ତ ଜଳକୁ ରୋକାଯାଇ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଇ ପାରୁଛି ଓ ବନ୍ୟାର ପ୍ରକୋପ ହ୍ରାସ କରାଯାଇ ପାରୁଛି । ସର୍ଭେ ପରେ କ୍ଷତିଗ୍ରସ୍ତ ଘରଦ୍ୱାର ଓ ଘାଇ ହୋଇଥିବା ଦୁର୍ବଳ ନଦୀ ବନ୍ଧକୁ ମରାମତି ବା ପୁନଃ ନିର୍ମାଣ କରା ଯାଉଛି । କିନ୍ତୁ ପୁଣି ବନ୍ୟା ଆସିଲେ ସେଇ ସବୁ ଘରଦ୍ୱାର ଓ ରାସ୍ତା ପୁଣି ଜଳମଗ୍ନ ହେଉଛି ।

ଏମିତି ହେବାର ମୁଖ୍ୟ କାରଣ, ଆବଶ୍ୟକ ପରିମାଣର ଅର୍ଥ ମିଳୁ ନାହିଁ । ଯେତିକି ସହାୟତା ମିଳେ ସିଂହଭାଗ ଅର୍ଥ ବାଟମାରଣା ହୁଏ, ଯେଉଁଥିପାଇଁ ସୁଦୃଢ଼ ଘର ଓ ବନ୍ୟା ରୋଧକ ଶକ୍ତ ରାସ୍ତା ନିର୍ମାଣ ହୋଇ ପାରୁ ନାହିଁ । ମହାନଦୀ ସମେତ ବିଭିନ୍ନ ନଦୀ ଉପରେ ସୁଦୃଢ଼ ନଦୀ ବନ୍ଧ ନିର୍ମାଣ ହେଲେ ବନ୍ୟାକୁ ନିଶ୍ଚୟ ରୋକାଯାଇ ପାରିବ । ଘରଦ୍ୱାର, ଧନ, ଜନ, ଶସ୍ୟକ୍ଷେତ୍ର, ପ୍ରାଣୀ ସମ୍ପଦ କିଛି ବି କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିବ ନାହିଁ । ତେଣୁ ଶକ୍ତିଶାଳୀ ନଦୀ ବନ୍ଧ, ରାସ୍ତା ଓ ସୁଦୃଢ଼ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉ । ନଚେତ୍ ପ୍ରତିବର୍ଷ ବନ୍ୟା ଆସି ଏହିଭଳି ଧନଜୀବନ ନାଶ କରି ଚାଲିଥିବ । ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ପଦକ୍ଷେପ ନିଆଯାଉ ।

**ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ**
**ଖରସ୍ରୋତା ମହାବିଦ୍ୟାଳୟ**
**ସିଂହପୁର, ଯାଜପୁର**

**ପାଠକମାନେ ନିଜ ନିଜର ସୁଚିନ୍ତିତ ମତାମତ, ଏହି ପୃଷ୍ଠାରେ ଦିଆଯାଇଥିବା ଇ-ମେଲରେ ପଠାଇ ପାରିବେ । ଏହି ସ୍ତମ୍ଭରେ ସ୍ଥାନିତ ହେଉଥିବା ସମସ୍ତ ମତାମତ, ତଥ୍ୟ ଆଦି ପାଠକମାନଙ୍କର ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନୀରବିଲେ...

ଦିଆଯାଇଥିଲା ଗାର୍ଡ ଅଫ୍ ଅନର । ସ୍ୱର୍ଗତ ପ୍ରଣବଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏକ୍ସରେ ଉଲ୍ଲେଖ କରିଛନ୍ତି, ନିଜର କାଳଜୟୀ କଣ୍ଠସ୍ୱରରେ ସମଗ୍ର ଓଡ଼ିଶାକୁ ବିମୋହିତ କରିଥିବା ମହାନ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ପରଲୋକ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ । ଜୟଦେବ ପୁରସ୍କାର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଏବଂ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଭଳି ଅନେକ ସମ୍ମାନରେ ଭୂଷିତ ଏହି ଅତୁଳନୀୟ ସଙ୍ଗୀତ ସାଧକଙ୍କ ଦେହାନ୍ତ ଓଡ଼ିଆ କଳା ଓ ସଂସ୍କୃତି ଜଗତରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିଛି । ତାଙ୍କର ସୁମଧୁର ସ୍ୱରର ମୂର୍ଚ୍ଛନା ଓ କାଳଜୟୀ ସଙ୍ଗୀତ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଚିରକାଳ ଅମର ହୋଇ ରହିବ । ଏହି ଦୁଃଖଦ ସମୟରେ ମୁଁ ଶୋକସନ୍ତପ୍ତ ପରିବାରବର୍ଗ ଓ ଅସଂଖ୍ୟ ପ୍ରଶଂସକଙ୍କୁ ଗଭୀର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ସଦଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।

୧୯୩୮ ମସିହା ଜାନୁଆରୀ ୨୦ରେ ଜନ୍ମିତ ପ୍ରଣବ ପଟ୍ଟନାୟକଙ୍କ ସଙ୍ଗୀତ ଯାତ୍ରା ଆରମ୍ଭ ହୋଇଥିଲା ୧୯୫୮ ମସିହାରେ ମା' ଚଳଚ୍ଚିତ୍ରରୁ । ଏହାର ପ୍ରଥମ ଗୀତ ବେଦନା ସାଗର ତୀରେ... ତାଙ୍କୁ ରାତାରାତି ଲୋକପ୍ରିୟତା ଆଣିଦେଇଥିଲା । ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ଲାଲମୋହନ ପଟ୍ଟନାୟକଙ୍କ ପୁଅ ହୋଇ ମଧ୍ୟ ସେ ରାଜନୀତି ଅପେକ୍ଷା ସଙ୍ଗୀତକୁ ନିଜର ଶ୍ରେଷ୍ଠ ପରିଚୟ ଭାବେ ବାଛିଥିଲେ । ଯେତେବେଳେ ବି ରେଡିଓ କିମ୍ବା ଟେଲିଭିଜନରେ ବାଜିଉଠେ, ମୁଁ କେଉଁ ସହରର ଶହରୀ, ମୁଁ ଜାଣି ପାରେନା..., ଶ୍ରୋତାଟିଏ ମୁହୂର୍ତ୍ତକ ପାଇଁ ନିଜ ସ୍ମୃତି ଭିତରେ ହଜିଯାଏ । ଏହି ସ୍ୱର ଥିଲା ଓଡ଼ିଶାର ଗର୍ବ, ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କର । ୮୮ ବର୍ଷର ଏହି ସଫଳ ଜୀବନ ଆଜି ଶେଷ ହୋଇଥାଇପାରେ, କିନ୍ତୁ ତାଙ୍କର ପ୍ରତିଟି ଗୀତ ଆଜି ବି ଜୀବନ୍ତ ।

ସ୍ୱର୍ଗତ ପ୍ରଣବ କେବଳ ଚଳଚ୍ଚିତ୍ର ସଙ୍ଗୀତରେ ସୀମିତ ନଥିଲେ । ସେ ଥିଲେ ଏକାଧାରରେ ଜଣେ ଶାସ୍ତ୍ରୀୟ ସଙ୍ଗୀତଜ୍ଞ, ଗଜଲ୍ ଗାୟକ ଏବଂ ଭଜନ ସମ୍ରାଟ । ତାଙ୍କ କଣ୍ଠରେ ଭଜନ ରେ ଆତ୍ମନ୍ ନିଦ୍ରା ପରିହରି... କିମ୍ବା କେଉଁ ନାମ ଧରି ଡାକିବି ତୁମକୁ... ଶୁଣିଲେ ଭକ୍ତଟିଏ ଆପେ ଆପେ ଭାବବିହ୍ୱଳ ହୋଇପଡେ । ତାଙ୍କର ସ୍ୱରରେ ଏକ ଅଜବ ଯାଦୁ ଥିଲା, ଯାହା ଦୁଃଖୀକୁ ଶାନ୍ତି ଏବଂ ପ୍ରେମୀକୁ ଉତ୍ସାହ ଦେଉଥିଲା ।

ତାଙ୍କ ଗୀତଗୁଡ଼ିକ କେବଳ ଗୀତ ନଥିଲା, ବରଂ ଜୀବନର ଏକ ଏକ ଅନୁଭୂତି ଥିଲା । ପୁଣି ସେଇ ଶ୍ରାବଣରେ... ବର୍ଷାର ପ୍ରତିଟି ବୁନ୍ଦାରେ ବିରହର ସ୍ୱର ଭରି ଦେଇଥିଲେ । ଏଇ ଜୀବନଟା ଏକ ନାଟକ... ଜୀବନର ଦର୍ଶନକୁ ସଙ୍ଗୀତ ମାଧ୍ୟମରେ ସରଳ ଭାବେ ପ୍ରକାଶ କରିଥିଲେ । 'ମୁଁ ପ୍ରିୟତମା ସେ ତୋ...' ରୋମାଣ୍ଟିକ୍ ସଙ୍ଗୀତର ଏକ ନିଆରା ପରିଭାଷା ଲେଖିଥିଲେ ।

ଓଡ଼ିଶା ସରକାରଙ୍କ ପକ୍ଷରୁ ସେ ସାତଥର ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ସମ୍ମାନରେ ସମ୍ମାନିତ ହୋଇଥିଲେ । ସଙ୍ଗୀତ ଜଗତକୁ ତାଙ୍କର ଅବଦାନ ପାଇଁ ତାଙ୍କୁ ରାଜ୍ୟର ସର୍ବୋଚ୍ଚ ଚଳଚ୍ଚିତ୍ର ସମ୍ମାନ ଜୟଦେବ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା । ଅକ୍ଷୟ ମହାନ୍ତି, ସିକନ୍ଦର ଆଲାମ ଏବଂ ପ୍ରଣବ ପଟ୍ଟନାୟକ-ଏହି ତିନିଜଣଙ୍କୁ ଓଡ଼ିଆ ସଙ୍ଗୀତର ତ୍ରିମୂର୍ତ୍ତି ବୋଲି କୁହାଯାଏ । ଆଜି ପ୍ରଣବଙ୍କ ବିଦାୟ ସହିତ ଏକ ସ୍ୱର୍ଣ୍ଣିମ ଯୁଗର ଅନ୍ତ ଘଟିଛି । ସେ ଶାରୀରିକ ଭାବେ ଆମ ଗହଣରେ ନଥିଲେ ମଧ୍ୟ, ତାଙ୍କର ଶହ ଶହ ସୁମଧୁର ଗୀତ ମାଧ୍ୟମରେ ସେ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ସବୁଦିନ ପାଇଁ ଜୀବିତ ରହିବେ । ତାଙ୍କର ସେଇ ହସହସ ମୁହଁ ଏବଂ ଶାନ୍ତ ବ୍ୟକ୍ତିତ୍ୱ ସବୁଦିନ ମନେ ରହିବ ।

## ପେଲେଟ୍ ଗନ୍...

ରାହୁଲ ଆଜି ସଂସଦ ମାର୍ଗ ଥାନାରେ ପହଞ୍ଚିଥିଲେ । ସେଠାରେ ପହଞ୍ଚି ସେ ଏତଲା ରୁଜୁ ପାଇଁ ଅଡ଼ି ବସିଥିଲେ । ମାତ୍ର ପୋଲିସ ଏତଲା ରୁଜୁ ନକରି ଡିସିପିଙ୍କୁ ସାକ୍ଷାତ କରିବାକୁ କହିଥିଲା । ଏହାପରେ ଡିସିପି ତୁରନ୍ତ ସେଠାକୁ ଆସିଥିଲେ ଓ ରାହୁଲଙ୍କ ସହ ଆଲୋଚନା କରିଥିଲେ । ଏତଲା ରୁଜୁ ନହେବା ଯାଏଁ ଥାନା ସମ୍ମୁଖରେ ଧାରଣା ଦେବେ ବୋଲି କହି ରାହୁଲ ସେଠାରେ ଧାରଣା ଦେବା ଆରମ୍ଭ କରିଥିଲେ । ରାହୁଲ ଧାରଣାରେ ବସିଥିବାବେଳେ ପ୍ରିୟଙ୍କା ଗାନ୍ଧି, କୁମାରୀ ଶୈଳେଜା ଓ ଜୟରାମ ରମେଶ ପ୍ରମୁଖ ସେଠାରେ ପହଞ୍ଚିଥିଲେ । ରାହୁଲ ଅଭିଯୋଗ କରିଥିଲେ ଯେ ଯନ୍ତରମନ୍ତର ପ୍ରଦର୍ଶନ ବେଳେ ଦିଲ୍ଲୀର କିଛି ପୋଲିସ ପେଲେଟ ଗନ୍ ବ୍ୟବହାର କରିଥିଲେ । ଏଥିରେ ଅନେକ ଛାତ୍ର ଆହତ ହୋଇଥିଲେ । ଆହତ ହୋଇଥିବା ଛାତ୍ର ଓ ତାଙ୍କ ଶରୀରରୁ ବାହାରିଥିବା ପେଲେଟ ଗନ୍‌ର ବୁଲେଟ୍ ସହ ରାହୁଲ ଥାନାରେ ପହଞ୍ଚିଥିଲେ । ଏହା ସହ ସେ ମେଡିକାଲ ରିପୋର୍ଟ ମଧ୍ୟ ଦେଖାଇଥିଲେ । ମାତ୍ର ପୋଲିସ ଏତଲା ରୁଜୁ କରି ନଥିଲା । ରାହୁଲ ଆଶ୍ଚର୍ଯ୍ୟଜନକ ଭାବେ ଏଭଳି ପଦକ୍ଷେପ ନେଇଥିଲେ । ଶେଷରେ ପୋଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୧୧୮, ୧୨୫ ଅନୁଯାୟୀ ମାମଲା ରୁଜୁ କରିଛି ।

## ଆଇପିଏସ୍...

ପୋଲିସ ଆଇଜି ଭାବେ ନିଯୁକ୍ତି ଦିଆଯାଇଛି । ୨୦୦୭ ଆଇପିଏସ୍ ଅଫିସର ନୀତି ଶେଖରଙ୍କୁ ପୋଲିସ ମୁଖ୍ୟାଳୟ ଆଇଜି ଭାବେ ବଦଳି କରାଯାଇଥିଲାବେଳେ ୨୦୦୯ ବ୍ୟାଚ୍‌ର ଆଇପିଏସ୍ ଅଫିସର ଚରଣ ସିଂ ମିନାଙ୍କୁ ଉତ୍ତରାଞ୍ଚଳ ଡିଆଇଜି ଭାବେ ନିଯୁକ୍ତି ଦିଆଯାଇଛି । କେନ୍ଦ୍ରୀୟ ଡେପୁଟେସନ୍‌ରୁ ଫେରି ଗୃହ ବିଭାଗରେ ଯୋଗ ଦେଇଥିବା ୨୦୧୦ର ଆଇପିଏସ୍ ଅଫିସର ଆଶିଷ କୁମାର ସିଂହଙ୍କୁ ଉତ୍ତର-କେନ୍ଦ୍ରାଞ୍ଚଳ ଡିଆଇଜି ଭାବେ ନିଯୁକ୍ତି ମିଳିଛି ।

## ୨୭୮୦...

ଏବଂ ଭିତ୍ତିଭୂମି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏହି ପ୍ରକଳ୍ପଗୁଡ଼ିକ ଅନୁଗୁଳ, ବଲାଙ୍ଗୀର, କଟକ, ଢେଙ୍କାନାଳ, ଗଞ୍ଜାମ, କେନ୍ଦୁଝର, ଖୋର୍ଦ୍ଧା, ନୟାଗଡ଼, ନୂଆପଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରତିଷ୍ଠା ହେବ । ଅନୁମୋଦିତ ପ୍ରକଳ୍ପ ମଧ୍ୟରେ ରହିଛି ହଳଦୀରାମ ସ୍ନାକ୍ସ ଫୁଡ୍ ପ୍ରା.ଲିଃ.ର ୫୦୦ କୋଟି ଟଙ୍କାର ସ୍ନାକ୍ସ ପ୍ରକଳ୍ପ, ତିୟୁନାନ୍ୟୁଟ୍ରିୟନ ଗ୍ଲୋବାଲ ପ୍ରା. ଲିଃ.ର ଗୋଖାଦ୍ୟ ପ୍ରକଳ୍ପ, ସାହାନା କ୍ଲୋଥିଙ୍ଗ କମ୍ପାନୀର ରେଡିମେଡ୍ ପୋଷାକ ପ୍ରକଳ୍ପ, ପ୍ରତିମା ଆଗ୍ରୋସ୍ ସ୍ପିନିଂ ମିଲ୍‌ର କଟନ୍ ୟାର୍ଣ୍ଣ ପ୍ରକଳ୍ପ, ପ୍ୟାସଲ୍ କେମିକାଲ୍ସର ଫସଫରସ୍ ଜନିତ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହାଛଡ଼ା ନ୍ୟୁ ଜେନେରେସନ ମ୍ୟାନୁଫ୍ୟାକ୍ଚରିଂ ପ୍ରା.ଲିଃ. ହସ୍‌ଭାନ୍ ରସାୟନ ପ୍ରା.ଲିଃ., ସତ୍ୟସୁନ୍ଦର ହେଲଥ୍ ବଡି ଲିଃ, ଶର୍ମା ଏସ୍‌ଜିଏସ୍ ଟେକ୍‌ନୋଲୋଜି ଲିଃ, ଏମ୍. ମିନେରାଲ୍ସ ଆଣ୍ଡ ମେଟାଲ୍ସ ପ୍ରା. ଲିଃ., ଜଗନ୍ନାଥ ଇସ୍ପାତ ପ୍ରା.ଲିଃ., ଏନ୍‌କେଏସ୍ ଆର୍ଥବିଲ୍ଡ ଲିଃ., ଏମ୍‌ସିଏଲ୍‌ର ଘରୋଇ ରେଲ୍‌ୱେ ସ୍ଲାଇଡିଂ ଆଦି ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି ।

## ଗୁରୁଜାଙ୍ଗ...

ସନାତନ ଧର୍ମର ଦୀପ୍ତିମନ୍ତ ମାର୍ଗଦର୍ଶକ । ଆଜିର ଆଧୁନିକ ଯୁଗରେ ସୁଖ-ସୁବିଧା ତ୍ୟାଗ କରି ସେ କନ୍ଧମାଳର ଦୁର୍ଗମ ଓ ଘଞ୍ଚ ଜଙ୍ଗଲରେ ରହି ଅସହାୟ ବନବାସୀଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ସେଠାରେ ଚକାପାଦ ଓ ଜଲେଶପଟ୍ଟା ଆଶ୍ରମ ଏବଂ କନ୍ୟା ଗୁରୁକୁଳ ପ୍ରତିଷ୍ଠା କରି ବନବାସୀ ଝିଅମାନଙ୍କୁ ସଂସ୍କୃତ ଶିକ୍ଷା ଓ ସଂସ୍କାରରେ ସ୍ୱାବଲମ୍ବୀ କରି ଗଢ଼ିତୋଳିଥିଲେ । ତାଙ୍କ ଦ୍ୱାରା ବୁଣାଯାଇଥିବା ସଂସ୍କୃତିର ମଞ୍ଜି ଆଜି ମହାଦ୍ରୁମରେ ପରିଣତ ହୋଇଛି ଏବଂ ଧର୍ମାନ୍ତରୀକରଣ ବିରୋଧରେ ସେ ଆରମ୍ଭ କରିଥିବା ସଚେତନତା ସମଗ୍ର ରାଜ୍ୟରେ ଏକ ଜାଗ୍ରତ ସନାତନୀ ସଙ୍କଳ୍ପ ଭାବେ ଛିଡ଼ା ହୋଇଛି । ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହେଉଛନ୍ତି ଆମ ସମାଜର 'ଗୁରୁ, ଗ୍ରନ୍ଥ ଏବଂ ଗରିମା' ବୋଲି ସେ କହିଥିଲେ ।

ସ୍ୱାମୀଜୀଙ୍କ ଅତୁଳନୀୟ ତ୍ୟାଗ ଓ ସେବାକୁ ସମ୍ମାନ ଜଣାଇ ରାଜ୍ୟ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । 'ଫୁଲବାଣୀ ସରକାରୀ ମେଡିକାଲ କଲେଜଦକୁ 'ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ମେଡିକାଲ କଲେଜଦ ଭାବେ ନାମିତ କରାଯାଇଛି । ଏହାସହ ସ୍ୱାମୀଜୀଙ୍କ କର୍ମପୀଠ ଜଲେଶପଟ୍ଟା ଆଶ୍ରମ, ଆଶ୍ରମ ସ୍କୁଲ ଓ କନ୍ୟାଶ୍ରମର ବିକାଶ ଏବଂ ଐତିହ୍ୟ ସଂରକ୍ଷଣ ପାଇଁ 'ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା' (ଈMଗଅ) ପାଣ୍ଠିରୁ ୧୩ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏଥିମଧ୍ୟରୁ ୫ କୋଟି ଟଙ୍କା ବିନିଯୋଗରେ ଛାତ୍ରୀମାନଙ୍କ ପାଇଁ ୩୦୦ ଆସନ ବିଶିଷ୍ଟ ଛାତ୍ରୀ ନିବାସ, ୩ କୋଟି ଟଙ୍କାରେ ଐତିହ୍ୟ ସ୍ଥଳର ସଂରକ୍ଷଣ ଏବଂ ପାନୀୟ ଜଳ ଯୋଗାଣ ପାଇଁ ଏକ ମେଗା ରିଭର ଲିଫ୍ଟ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ।

୨୦୦୮ ମସିହା ଜନ୍ମାଷ୍ଟମୀ ରାତ୍ରିରେ ସ୍ୱାମୀଜୀଙ୍କ ନିର୍ମମ ହତ୍ୟାକାଣ୍ଡକୁ ମନେପକାଇ ମୁଖ୍ୟମନ୍ତ୍ରୀ ତତ୍କାଳୀନ ସରକାରଙ୍କ ବିଫଳତା, ଅବହେଳା ଓ ତୁଷ୍ଟୀକରଣ ରାଜନୀତିକୁ କଡ଼ା ସମାଲୋଚନା କରିଛନ୍ତି । ସ୍ୱାମୀଜୀଙ୍କ ହତ୍ୟାକାଣ୍ଡର ତଦନ୍ତ ପାଇଁ ଗଠିତ ଜଷ୍ଟିସ୍ ମହାପାତ୍ର କମିଶନ୍ ଏବଂ ଜଷ୍ଟିସ୍ ନାଇଡୁ କମିଶନ୍‌ଙ୍କ ରିପୋର୍ଟ ଓ ଫାଇଲ୍ ଲୋକସେବା ଭବନରୁ ଗାଏବ ହେବା ଅପରାଧୀଙ୍କୁ ବଞ୍ଚାଇବାର ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ଥିଲା ବୋଲି ସେ ଅଭିଯୋଗ କରିଛନ୍ତି । ଏହି ମଞ୍ଚରୁ ମୁଖ୍ୟମନ୍ତ୍ରୀ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ଦୃଢ଼ ଆଶ୍ୱାସନା ଦେଇଛନ୍ତି ଯେ, ସ୍ୱାମୀଜୀଙ୍କ ରକ୍ତର ପ୍ରତ୍ୟେକ ଟୋପାକୁ ନ୍ୟାୟ ମିଳିବ ଏବଂ ସତ୍ୟର ଉନ୍ମୋଚନ ନିଶ୍ଚିତ ହେବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ସଦାସର୍ବଦା ସ୍ୱାମୀଜୀଙ୍କ ସେବା ଓ ସନାତନୀ ନିଷ୍ଠାକୁ ଗଭୀର ସମ୍ମାନ ଜଣାଇ ଆସିଥିବା କଥା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୋଦୀଜୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶଦ ଆଦର୍ଶ ଭିତରେ ସ୍ୱାମୀଜୀଙ୍କ ଅନ୍ତ୍ୟୋଦୟ ବିଚାରଧାରା ହିଁ ନିହିତ ରହିଛି । ଶେଷରେ ଆଜିର ଯୁବପିଢ଼ି ନିଜର ମୂଳ ଶିକ୍ଷା, ସଂସ୍କୃତି, ବେଦ, ସଂସ୍କୃତ, ଗୋ-ସଂରକ୍ଷଣ ଓ ସନାତନୀ ପରମ୍ପରା ସହ ଯୋଡ଼ିହୋଇ ଦେଶଭକ୍ତି ଓ ସାହସର ସହ ସମାଜ ଗଠନରେ ଅଂଶଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ବାଚସ୍ପତି ସୁରମା ପାଢ଼ୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଆଧ୍ୟାତ୍ମିକ ଓ ସାମାଜିକ ଅବଦାନର ସ୍ମୃତିଚାରଣ କରିବା ସହ ତାଙ୍କ ପ୍ରଦର୍ଶିତ ମାର୍ଗରେ ଚାଲିବାକୁ ସମାଜକୁ ଆହ୍ୱାନ ଦେଇଥିଲେ । ଆଜିର ଯୁବ ସମାଜ ନିଜ ମୂଳ ଶିକ୍ଷା, ନୈତିକତା ଓ ସନାତନ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସ୍ୱାମୀଜୀଙ୍କ ତ୍ୟାଗ ଓ ସଂଗ୍ରାମରୁ ପ୍ରେରଣା ନେବା ଆବଶ୍ୟକ । ବୋଲି ସେ କହିଥିଲେ । ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଏହି ସମାରୋହରେ ଯୋଗଦେଇ ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଜୀଙ୍କ ଜନ୍ମପୀଠ ଗୁରୁଜାଙ୍ଗକୁ 'ଐତିହ୍ୟ ଗ୍ରାମଦ ଏବଂ ଗୁରୁଜାଙ୍ଗ ପଞ୍ଚାୟତକୁ 'ଆଦର୍ଶ ପଞ୍ଚାୟତଦ ଭାବେ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ ଏହି ଯୁଗାନ୍ତକାରୀ ନିଷ୍ପତ୍ତି ସ୍ୱାମୀଜୀଙ୍କ ଅମର ସ୍ମୃତି ପ୍ରତି ଏକ ଯଥାର୍ଥ ସମ୍ମାନ ଏବଂ ଏହା ଦ୍ୱାରା ଅଞ୍ଚଳର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଗୌରବ ଆହୁରି ବୃଦ୍ଧି ପାଇବ ।

ନିଜ ବକ୍ତବ୍ୟରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସ୍ୱାମୀଜୀ କେବଳ ଜଣେ ସନ୍ନ୍ୟାସୀ ନଥିଲେ, ସେ ଥିଲେ ବନବାସୀ ଅଞ୍ଚଳରେ ଶିକ୍ଷା, ସଂସ୍କାର ଓ ସାମାଜିକ ଜାଗରଣର ମୁଖ୍ୟ ପୁରୋଧା । କନ୍ଧମାଳ ଭଳି ଦୁର୍ଗମ ଅଞ୍ଚଳରେ ରହି ବନବାସୀ ଭାଇଭଉଣୀଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କ ଆତ୍ମସମ୍ମାନକୁ ଫେରାଇ ଆଣିବାରେ ତାଙ୍କର ଯୋଗଦାନ ଅତୁଳନୀୟ । ସେ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ, ସ୍ୱାମୀଜୀ ଜଲେଶପଟ୍ଟା ଓ ଚକାପାଦ ଆଶ୍ରମ ମାଧ୍ୟମରେ ବନବାସୀ କନ୍ୟାମାନଙ୍କୁ ସଂସ୍କୃତ ଶିକ୍ଷା ଓ ନୈତିକ ମୂଲ୍ୟବୋଧରେ ଦୀକ୍ଷିତ କରି ଯେଉଁ ସାମାଜିକ ବିପ୍ଳବ ଆରମ୍ଭ କରିଥିଲେ, ତାହା ଆଜିର ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ । ରାଜ୍ୟ ସରକାରଙ୍କ ଦ୍ୱାରା ଗୁରୁଜାଙ୍ଗର ବିକାଶ ପାଇଁ ନିଆଯାଇଥିବା ଏହି ପଦକ୍ଷେପ ସ୍ୱାମୀଜୀଙ୍କ ଆଦର୍ଶ ଓ ସେବା ମନୋଭାବକୁ ଆଗକୁ ନେବାରେ ସହାୟକ ହେବ । ଏହି ପବିତ୍ର ଜନ୍ମ ଶତବାର୍ଷିକୀ ମହୋତ୍ସବରେ ପଞ୍ଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସାଂସଦ ରୁଦ୍ର ନାରାୟଣ ପାଣି, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଏବଂ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ସ୍ୱାମୀ ଜୀବନ ମୁକ୍ତାନନ୍ଦ ଜୀ, ସ୍ୱାମୀ ସଚ୍ଚିଦାନନ୍ଦ ଜୀ ମହାରାଜଙ୍କ ସମେତ ବହୁ ସାଧୁସନ୍ଥ, ମାନ୍ୟଗଣ୍ୟ ଅତିଥି ଓ ରାଜ୍ୟର କୋଣ-ଅନୁକୋଣରୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।


**LOST**

I, Satyabrata Mohanty, has lost my original Sale Deed bearing Doc. No. 11121103483 dt. 14.11.2011 executed Hi-tech Estate Promoters & Pvt Ltd, in favour of Satyabrata Mohanty in respect of Flat No. G/D-6/01 Ground floor, Block-D/6 at Hitech Plaza, I had not mortgaged the Said Flat anywhere nor obtained any money from any person.

**AFFIDAVIT**

By Virtue of an Affidavit sworn before Executive magistrate Nimapara.on the dated 24.10.2025 I Manoj Majhi. Aadhaar no 858579608601.S/o - Ram Chandra Majhi. At-Chadeigaon.P/o- Tampalo.P/s-Charichhak. Sabik P/s- Nimapara. Dist-Puri. Odisha. Pin-752110. Declare that I have changed my name from Manoj Majhi to Saroja Kumar Majhi. Henceforth. He shall be known as Saroja Kumar Majhi for all purposes.

Sd/- Saroja Kumar Majhi

**AFFIDAVIT**

BY VIRTUE OF AN AFFIDAVIT SWORN BEFORE THE EXECUTIVE MAGISTRATE NIMAPARA DATED. 4.8.2026 I GOLAKA BIHARI DAS, SON OF GHANASHYAM DAS OF VILLAGE - ORAPATA, PO-BRAHMAKUNDI, PS- CHARICHHAK, DIST-PURI, ODISHA, PIN-752113 MY TRUE AND CORRECT NAME IS GOLAKA BIHARI DAS WHICH HAS BEEN CORRECTLY MENTIONED IN MY EDUCATION CERTIFICATE AND PENSION PAYMENT ORDER BUT IN MY AADHAAR CARD BEARING NO-2787 2881 4122 MY NAME HAS BEEN MENTIONED AS GOLEK BIHARI DAS INSTEAD OF GOLAKA BIHARI DAS BOTH ARE SAME AND ONE PERSON WHO IS MYSELF.

13001/1620/2627

**KATAKA MUNICIPAL CORPORATION**

**"e" PROCUREMENT NOTICE**

Tender Call Notice No. 8061 (PW) Date.21.08.2026

Tender ID : 2026_ORULB_132333

Date and Time schedule :

| Start | End | Opening |
|---|---|---|
| 11.00 AM on dt. 21.08.2026 | 5.00 PM on dt.29.08.2026 | 11:00 A.M. on dt.31.08.2026 |

Tender Details : can be seen from the procurement portal: www.tendersorissa.gov.in

Sd/- Executive Engineer
City Division-III, KMC

OIPR : 13001/13031/1/26-27/0056

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ସିନିୟର ଡିଏସଟିଇ (କୋ)/ଖଡ଼ଗପୁର - ୭୨୧ ୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛି ଏବଂ ଏହା ୧୨:୦୦ ଘଣ୍ଟାରେ ଖୋଲାଯିବ । **ଟେଣ୍ଡର ନୋଟିସ ନଂ:**ଏସଟି-ଓଟି-ଏଏଫଡିଏଏସ-କେଜିପି । **କାର୍ଯ୍ୟର ବର୍ଣ୍ଣନା:** ଖଡ଼ଗପୁର ଡିଭିଜନର ବିଭିନ୍ନ ଷ୍ଟେସନରେ ଆକାଂକ୍ଷା ଚିହ୍ନଟ ସୁଚିଙ୍ଗ୍ ବ୍ୟବସ୍ଥା ସହିତ ଅଣ-ଆରଡିଏସଓ ପ୍ରକାରର ସ୍ୱୟଂଚାଳିତ ଅଗ୍ନି ଚିହ୍ନଟ ଏବଂ ଆଲାର୍ମ ସିଷ୍ଟମ (ଏଏଫଡିଏଏସ) ଆରଡିଏସଓ ଅନୁମୋଦିତ ସ୍ୱୟଂଚାଳିତ ଅଗ୍ନି ଚିହ୍ନଟ ଏବଂ ଆଲାର୍ମ ସିଷ୍ଟମ ସହିତ ବଦଳାଯିବା ପାଇଁ କାର୍ଯ୍ୟର ଏସଟି ଅଂଶ । **ଟେଣ୍ଡର ମୂଲ୍ୟ:** ଟ. ୨,୬୧,୩୪,୩୨୪.୦୦/- । ଇଏମଡି: ଟ. ୫,୨୨,୭୦୦.୦୦ /- । **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ:** ନାହିଁ । **ଖୋଲିବା ତାରିଖ:** ୧୫/୦୯/୨୦୨୬, **ଦାଖଲ ତାରିଖ:** ୧୫/୦୯/୨୦୨୬ ର ୧୨ ଘଣ୍ଟା ପର୍ଯ୍ୟନ୍ତ ସମାପ୍ତି ଅବଧି: ୬ ମାସ । ଆଗ୍ରହୀ ଟେଣ୍ଡରମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ବର୍ଣ୍ଣନା ପାଇଁ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-646)

**Government of Odisha**

25001/993/2627

**" e " Procurement Notice**

Bid Identification No. : Online-AGL-18 of 2026-2027

| | | |
|---|---|---|
| 1. | Name of the Work | Road Works |
| 2. | Estimated Cost. | Rs. 54.23 to 99.05 Lakhs |
| 3. | Period of Completion | 3(Three) Calendar Months |
| 4. | Date & time of availability of bid | From 02.09.2026. to 18.09.2026 upto 5.00 P.M |
| 5. | Last Date/time for receipt of bids In the portal | 18.09.2026 upto 05.00 P.M. |
| 6. | Name & Address of the OIT | Executive Engineer, Rural Works Division, Anugola |

Further details can be seen from the Govt, website www.tendersorissa.gov.in

Sd/- Executive Engineer
R.W. Division,
Anugola.

OIPR : 25009/25096/1/26-27/0015

**GOVERNMENT OF ODISHA**

**"e" PROCUREMENT NOTICE, Rajgangpur Municipality**

Bid Identification No. - EO/RGP/03 of 2026-27

e-mail ID- rajgangpurm.hud@nic.in

13001/1626/2627 No.3367, Dated.20.08.2026

| | | |
|---|---|---|
| 1) | Total Number of Work | 02 no. of Work (Extension of Artificial Immersion Pond & Improvement of Road Surrounding to Artificial Immersion Pond.) |
| 2) | Approximate Estimated Cost | 11.40 Lakhs to 19.48 Lakhs |
| 3) | Period of Completion | 45 Days |
| 4) | Date & time of availability of the bid documents in the portal | 21.08.2026 at 11.00 A.M. to 31.08.2026 up to 4.00 P.M. |
| 5) | Last date of receipt of Bids in the portal | 31.08.2026 up to 4.00 P.M. (On line) |
| 6) | Bids Receipt online shall be opened on | 01.09.2026 at 11.00 A.M. (On Line) |
| 7) | Name & address of the Officer Inviting Bid | Executive Officer, Rajgangpur Municipality |
| 8) | The Bidders have to participate in ONLINE bidding only; further details can be seen from the e-procurement portal. http://tendersodisha.gov.in | |

Sd/- Executive Officer
Rajgangpur Municipality

OIPR : 13001/13094/1/26-27/0003

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ରବିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/1608/2627
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୨୮ **ବିଜ୍ଞାପନ** ତା : ୧୧.୮.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ-ଏଲ୍.ଆଇ.ଜି-ବି-୪୦ (LIG-B-40) ଖୋର୍ଦ୍ଧା, ସୁବୁଲଙ୍ଗ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ସନତ୍ କୁମାର ପଟ୍ଟନାୟକ, ପିତା-ଶ୍ରୀ ପ୍ରାଣବଲ୍ଲଭ ପଟ୍ଟନାୟକ, ସା-ବର୍କ୍ସି ଲେନ୍, ପୋ/ଥାନା/ଜିଲ୍ଲା-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ସନତ୍ କୁମାର ପଟ୍ଟନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଭାସ୍କର ଆଚାର୍ଯ୍ୟ, ପିତା-ସ୍ୱର୍ଗତ ଅନନ୍ତ ଆଚାର୍ଯ୍ୟ, ସା-ଶ୍ରୀକ୍ଷେତ୍ର କଲୋନୀ, ପୋ-ପୁରୀ, ଥାନା- ସି ବିଚ୍, ଜିଲ୍ଲା-ପୁରୀଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/26-27/0212

34001/685/2627

**ODISHA CONSTRUCTION CORPORATION LTD.**

(A Govt. of Odisha Undertaking)

CENTRAL WORKSHOP, RASULGARH, Bhubaneswar-751010 (Odisha)

Tel- 0674:2580107, Email: smppmcws@gmail.com

(GSTIN-21AAACO2571K2ZM)

Tender call Notice No. OCC/CWS/PROC/LSIP-06(V-I)/ 29 /2026-27 dtd.21.08.2026.

Type of work : Supply of Single Reduction worm reducer for 25T Gantry Crane of Lower Suktel Irrigation Project.
Total No. of work : 01 (One).
Period of supply : 60 (Sixty) days.

| Procurement Officer | Tender Call Notice | Cost of Tender document (Including GST) | Sale of tender document | Submission of tender document (as per TCN) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/CWS/ PROC/LSIP-06(V-I)/ 29/2026-27 dtd. 21.08.2026 | Rs. 4720/- (Non-refundable) | 22.08.2026 10.00 AM to 31.08.2026 1.00 PM | 22.08.2026 10.00 AM to 31.08.2026 3.30 PM |

Date of opening of the Tender : 31.08.2026 at 4.00 P.M.

Further details can be seen from the website (www.odishaconstruction.com) Amendment/corrigendum/cancellation, if any shall be posted on-line only (OCCL website).

Sd/- Senior Manager (Mech.)-I
OCC Ltd., Bhubaneswar

OIPR : 34001/34163/1/26-27/0014

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**RWS&S DIVISION, NABARANGPUR**

25001/1001/2627 E-Mail: eerwssngp@gmail.com

Bid Identification No. 08/RWSS-NGP/2026-27/Date : 20-08-2026

The Executive Engineer. RWS&S Division. Nabarangpur on behalf of the Governor of Odisha invites Percentage Rate Bids in Single cover (PI contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of work | SUPPLYING OF DRINKING WATER TO GOVT. (SSD) GIRL'S HIGH SCHOOL, BIJRAGUDA UNDER TENTULIKHUNTI BLOCK PERTAININ TO NABARANGPUR DISTRICT. |
| 2 | Time period for completion | One(I) Month. |
| 3 | Estimated Cost. | Rs. 32.00 Lakhs |
| 4 | Total Nos of works | 1 Nos. |
| 5 | Tender cost | Rs.6,000.00/- Each. |
| 6 | Class of Contractor | "C & B" |
| 7 | Availability of Bid document in the web site | Dt.25.08.2026 at 01.00 hours to 02.09.2026 up to 17.00 hours. |
| 8 | Last Date of Seeking clarification | During the Office hours of 01.09.2026 up to 01.00 hours |
| 9 | Date of Opening of Bid | Dt. 03.09.2026 at 11.00 AM |

*Note: The amount put to tender is exclusive of GST. The intending bidders should offer their rates which shall be exclusive of GST applicable as per norms. GST applicable on works contract shall be paid over the bill amount at the time of payment of bill.*

Further details can be seen in the bidding documents which is available in the e-procurement portal https/www.tendersorissa.gov.in Subsequent corrigendum if required shall be appeared in the web site Authority reserves the right to reject any or all tenders without assigning any reason thereof.

Sd/- Superintending Engineer
R.W.S&S Division, Nabarangpur

OIPR : 25001/25028/1/26-27/0009

**ହୋମି ଭାଭା ବିଜ୍ଞାନ ଶିକ୍ଷା କେନ୍ଦ୍ର**

ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ୍ ରିସର୍ଚ୍ଚ

ଜାତୀୟ ଅଲିମ୍ପିଆଡ୍ କାର୍ଯ୍ୟକ୍ରମ ୨୦୨୬-୨୦୨୭

ଆଷ୍ଟ୍ରୋନମୀ, ଜୀବବିଜ୍ଞାନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଜୁନିୟର ସାଇନ୍ସ

ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ନଭେମ୍ବର ୨୧ ଏବଂ ୨୨, ୨୦୨୬ ରେ ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଫିଜିକ୍ସ ଟିଚର୍ସ (IAPT) ଦ୍ୱାରା ପରିଚାଳିତ ଅନୁରୂପ ଜାତୀୟ ମାନକ ପରୀକ୍ଷା (NSEs) (ବିଜ୍ଞାନ ବିଷୟ ପାଇଁ) ରେ ଉପସ୍ଥିତ ରହିବାକୁ ପଡିବ।

NSE ରେ ଯୋଗ୍ୟତା ହେଉଛି ୨୦୨୭ ର ଅନୁରୂପ **ଆନ୍ତର୍ଜାତୀୟ ଅଲିମ୍ପିଆଡ୍** ରେ ଅଂଶଗ୍ରହଣ ପାଇଁ ପ୍ରଥମ ପଦକ୍ଷେପ ।

ନାମଲେଖା ପାଇଁ :
NSEs: https://www.iapt.org.in (ଅଗଷ୍ଟ ୨୧ – ସେପ୍ଟେମ୍ବର ୧୪, ୨୦୨୬)

ଅଧିକ ବିବରଣୀ ପାଇଁ: https://olympiads.hbcse.tifr.res.in https://www.iapt.org.in

cbc 48143/11/0005/2627

ଭାରତ ସରକାର
କମ୍ପାନୀ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ ପ୍ରକ୍ରିୟାକରଣ କେନ୍ଦ୍ର କର୍ପୋରେଟ୍ ପ୍ରସ୍ଥାନ (C-PACE)
IICA ବିଲଡିଂ, ୭ମ ମହଲା,
ପ୍ଲଟ୍ ପି-୬,୭,୮, ସେକ୍ଟର-୫, IMT ମାନେସର,
ଗୁରଗାଁଓ, ହରିୟାଣା – ୧୨୨୦୫୦
ଇମେଲ: roc.cpace@mca.gov.in

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE)
IICA Building, 7th Floor,
Plot P-6,7,8, Sector-5, IMT Manesar,
Gurgaon, Haryana - 122050.
Email: roc.cpace@mca.gov.in

ଫର୍ମ ନଂ.STK --୬
ସାର୍ବଜନୀନ ନୋଟିସ୍
କମ୍ପାନୀ ଆଇନ, ୨୦୧୩ ର ଧାରା ୨୪୮ ର ଉପ-ଧାରା (୨) ଏବଂ ଉପ-ଧାରା (୪) ଏବଂ
କମ୍ପାନୀଗୁଡ଼ିକର ନିୟମ ୭ (କମ୍ପାନୀ ପଞ୍ଜିକାରରୁ କମ୍ପାନୀଗୁଡ଼ିକର ନାମ ଅପସାରଣ) ନିୟମ, ୨୦୧୬ ଅନୁସାରେ

ସାର୍ବଜନୀନ : ROC/C-PACE/STK-୨/୨୪୮(୨)/୨୦୨୬-୨୭/୧୦୫୮ ତାରିଖ: ୧୧/୦୮/୨୦୨୬

ସନ୍ଦର୍ଭ :
ଏହି ପ୍ରସଙ୍ଗରେ କମ୍ପାନୀ ଆଇନ, ୨୦୧୩ ର ଧାରା ୨୪୮ ଅନୁଯାୟୀ ଓଡ଼ିଶା ରାଜ୍ୟର (୬) କମ୍ପାନୀର ନାମ କାଟିଲ କିମ୍ବା ଅପସାରଣ :

| କ୍ର.ନଂ | କାର୍ଯ୍ୟ ପ୍ରକାର | ସିଆଇଏନ | କମ୍ପାନୀ ନାମ |
|---|---|---|---|
| ୧ | ଏସି୫୦୬୮୨୧୨ | ୟୁ୪୭୨୧୯ଓଡି୨୦୨୫ପିଟିସି୦୪୮୬୩୮ | ନା ପାଇଲଟ୍ସ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏସି୪୩୫୨୨୧୫ | ୟୁ୬୮୨୦୦ଓଡି୨୦୨୫ପିଟିସି୦୪୮୦୨୬ | ବେଟରବାଏ ଆବୋଡ ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏସି୪୮୩୮୫୩୫ | ୟୁ୬୮୨୦୦ଓଡି୨୦୨୪ପିଟିସି୦୪୫୪୫୨ | ସୁନିକୀର୍ ବିଲ୍ଡଟେକ୍ ପ୍ରାଇଭେଟ୍ ଲିମିଟେଡ୍ |
| ୪ | ଏସି୪୯୬୬୭୨୮ | ୟୁ୬୩୦୯୦ଓଆର୨୦୨୧ପିଟିସି୦୩୭୯୪୬ | ବିମାଇରୋଜ୍ ଟ୍ରାନ୍ସପୋର୍ଟ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୫ | ଏସି୪୯୦୨୪୬୩ | ୟୁ୨୨୩୦୦ଓଆର୨୦୨୦ପିଟିସି୦୩୪୭୧୧ | ବିଲ୍ଲନୀ ଫିକ୍ସିସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୬ | ଏସି୪୮୭୦୧୩୬ | ୟୁ୮୫୧୧୦ଓଆର୨୦୦୩ପିଟିସି୦୦୭୨୫୦ | ବ୍ଲାକ ଡାଇମଣ୍ଡ ହସ୍ପିଟାଲ ପ୍ରାଇଭେଟ୍ ଲିମିଟେଡ୍ |

୨. ଏଥିମଧ୍ୟରୁ ସୂଚନା ଦିଆଯାଉଛି ଯେ କମ୍ପାନୀ ରେଜିଷ୍ଟ୍ରାର କମ୍ପାନୀ ଆଇନ, ୨୦୧୩ ର ଧାରା ୨୪୮(୨) ଅନୁଯାୟୀ କମ୍ପାନୀ ରେଜିଷ୍ଟରରୁ ସେମାନଙ୍କର ନାମ (ଗୁଡ଼ିକ) ବାଦ ଦେବା ପାଇଁ ଉପରୋକ୍ତ କମ୍ପାନୀଗୁଡ଼ିକ ଠାରୁ ଆବେଦନ ଗ୍ରହଣ କରିଥିଲେ । ଏହି ଆଧାରରେ ଯେ ସେମାନେ ସେମାନଙ୍କର ପ୍ରତିଷ୍ଠାର ଗୋଟିଏ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଏହି ଆଧାରରେ ଯେ କମ୍ପାନୀ (ଗୁଡ଼ିକ) ପୂର୍ବ ଦୁଇ ଆର୍ଥିକ ବର୍ଷ ପାଇଁ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ କରୁନାହାଁନ୍ତି ଏବଂ କମ୍ପାନୀ ଆଇନ, ୨୦୧୩ ର ଧାରା ୪୫୫ ଅନୁଯାୟୀ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ପାଇବା ପାଇଁ ଏପରି ସମୟ ମଧ୍ୟରେ କୌଣସି ଆବେଦନ କରିନାହାଁନ୍ତି କିମ୍ବା କମ୍ପାନୀ (ଗୁଡ଼ିକ) ସ୍ୱାଗତପତ୍ରରେ ନିଷ୍କ୍ରିୟ କମ୍ପାନୀ/ସଦସ୍ୟତାର ସ୍ଥିତି ପାଇଛନ୍ତି । ଏକ କମ୍ପାନୀର ପ୍ରତିଷ୍ଠା ସମୟରେ ସେମାନେ ଯେଉଁ ସବସ୍କ୍ରିପସନ୍ ଦେବାକୁ ପ୍ରତିବଦ୍ଧ ହୋଇଥିଲେ ତାହା ଦେଇନାହାଁନ୍ତି ଏବଂ ଏହି ପ୍ରଭାବରେ ଏକ ଶହ ଅଶୀ ଦିନ ମଧ୍ୟରେ ଏକ ଘୋଷଣାପତ୍ର ଦାଖଲ କରାଯାଇନାହିଁ । ଧାରା ୧୦ଅ ର ଉପଧାରା (୧) ଅନୁଯାୟୀ ଏହାର ଅନ୍ତର୍ଭୁକ୍ତିକରଣ /ଧାରା ୧୨ ର ଉପଧାରା(୯) ଅନୁଯାୟୀ କରାଯାଇଥିବା ଭୌତିକ ଯାଞ୍ଚ ପରେ ପ୍ରକାଶିତ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ କରିନାହାଁନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବରେ ଏହାର/ସେମାନଙ୍କର ପଞ୍ଜିକରଣ ଜାରି ରଖିବାକୁ ଚାହାଁନ୍ତି ନାହିଁ ଏବଂ ତେଣୁ, କମ୍ପାନୀ ପଞ୍ଜିକାରରୁ ଏହାର/ସେମାନଙ୍କର ନାମ ବାଦ ଦେବା/ବାଦ୍ ଦେବା ପାଇଁ ଅନୁରୋଧ କରିଛନ୍ତି ।
୩. ତଦନୁସାରେ, କମ୍ପାନୀ ପଞ୍ଜିକାର କମ୍ପାନୀ ପଞ୍ଜିକାରରୁ ଉପରୋକ୍ତ କମ୍ପାନୀଗୁଡ଼ିକର ନାମ ବାଦ ଦେବା କିମ୍ବା ବାଦ୍ ଦେବା ପାଇଁ ପ୍ରସ୍ତାବ ଦେଇଛନ୍ତି ।
୪. କମ୍ପାନୀ ପଞ୍ଜିକାରରୁ ପ୍ରସ୍ତାବିତ କମ୍ପାନୀଗୁଡ଼ିକର ନାମ ବାଦ ଦେବା କିମ୍ବା ବାଦ୍ ଦେବା ଉପରେ ଆପତ୍ତି କରୁଥିବା ଯେକୌଣସି ବ୍ୟକ୍ତି ଏହି ସୂଚନା ପ୍ରକାଶନ ତାରିଖରୁ ତିରିଶ ଦିନ ମଧ୍ୟରେ ଉପରେ ଉଲ୍ଲେଖ କରାଯାଇଥିବା କାର୍ଯ୍ୟାଳୟ ଠିକଣାରେ ତାଙ୍କର ଆପତ୍ତି ପଠାଇପାରିବେ ।

ଉଦ୍ଧକାନ ଟିର୍କି
କେନ୍ଦ୍ରୀ ରେଜିଷ୍ଟ୍ରାର
ତ୍ୱରିତ କର୍ପୋରେଟ୍ ପ୍ରସ୍ଥାନ ପ୍ରକ୍ରିୟାକରଣ କେନ୍ଦ୍ର

CBC 07123/11/0477/2627

34001/680/2627 ID: ee.randbjyp@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER.**
**JAYAPUR (R&B) DIVISION. JAYAPUR**

**e-Procurement Notice**

Bid Identification No. S E (R&B)- 14/2026-27/JYP(K)

No. 4751 Date. 14.08.26

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

| | | |
|---|---|---|
| 1. | Name of the Work | Electrical Work as mentioned in DTCN. |
| 2. | No. of Works | 1 No. |
| 3. | Estimated Cost | Rs.7.24 Lakh |
| 4. | Period of completion | 1 (One) Month |
| 5. | Date & Time of Bidding | From 11.00 hours of 21.08.2026 Up-to 10.00 hours of 28.08.2026 |
| 6. | Last date & time for receipt of bids in portal | 10.00 hours of 28.08.2026. |
| 7. | Bids received online shall be opened on | 11.00 hours of 28.08.2026. |
| 8. | Name and address of the officer inviting Bid | Superintending Engineer, Jayapur (R&B) Division, Jayapur |

Further details can be seen from the www.tendersodisha.gov.in

Sd/- Superintending Engineer
Jayapur (R&B) Division

OIPR : 34001/34027/1/26-27/0015

34001/683/2627

Government of Odisha

E-mail ID : eerbkbj@rediffmail.com

**OFFICE OF THE SUPERINTENDING ENGINEER**
**KANTABANJI (R&B) DIVISION**

Bid Identification No.02 / KBJ / 2026-27

The **Superintending Engineer, Kantabanji (R&B)** Division on behalf of Governor of Odisha invites Percentage Rate bid for Civil work detailed in the table below in **Single & Double Cover** system in ONLINE MODE from the Class of Contractors mentioned in **Serial No-3** registered with the State Government and contractors of equivalent Grade / Class registered with Central Government / MES / Railways for execution of Civil work. The proof of registration from the appropriate authority shall be enclosed along with the bid.

| | | |
|---|---|---|
| 1) | No. of work | 02 Nos (01 No. Single Cover & 01 No. Double Cover) |
| 2) | Nature of work | STMC Road work |
| 3) | Class of contractor | "B" Class |
| 4) | Approximate value of work | Rs 40.89 Lakh & Rs.72.55 Lakh |
| 5) | Tender cost | Rs. 6,000/-& Rs. 10,000/- |
| 6) | Date and time of vailability of Bid documents in online | From 11:00 AM of Dt. 31.08.2026 up to 05:00 PM of Dt.17.09.2026 |
| 7) | Date of Opening | At 11:30 AM of Dt.18.09.2026 |
| 8) | Other details can be seen in the bidding documents from the e-procurement portal "www.tendersodisha.gov.in" | |
| 9) | The bidders have to participate in ONLINE bidding only. Further details can be seen from the website: www.tendersodisha.gov.in All future corrigendum will be available on ONLINE MODE only. | |

Sd/- Superintending Engineer,
Kantabanji (R&B) Division

OIPR : 34001/34099/1/26-27/0004


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୭୬୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୨, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

# ଭୁବନେଶ୍ୱର ଗଣେଶ ପୂଜା ମହାସଂଘ ପକ୍ଷରୁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର(ସବ୍ୟୁ): ଆଗାମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଭୁବନେଶ୍ୱର ଗଣେଶ ପୂଜା ମହାସଂଘ ପକ୍ଷରୁ ବୈଠକରେ ବିଭିନ୍ନ ଅନୁଷ୍ଠାନର ସମସ୍ୟା ଉପସ୍ଥାପନ କରିଥିଲେ, ଯାହାର ସମାଧାନ ପାଇଁ ମଧ ଆଲୋଚନା ହୋଇଛି । ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରର ବିଭିନ୍ନ କ୍ଲବର କର୍ମକର୍ତ୍ତାମାନଙ୍କ ମଧ୍ୟରେ ଏକ ଭାଇଚାରା ସମ୍ପର୍କ ପ୍ରତିଷ୍ଠା କରିବାର ଏହା ଏକ ଛୋଟ ପ୍ରୟାସ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ଯୋଗଦେବା ସହ ସମସ୍ତ କ୍ଲବର ସମସ୍ୟା ସମାଧାନ କିପରି ସରକାରଙ୍କ ସହ ଆଲୋଚନା କରାଯାଇ ସମଧାନ କାରାଯିବ ସେ ଦିଗରେ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଭୁବନେଶ୍ୱର ଗଣେଶ ପୂଜା ମହାସଂଘର ଆବାହକ ଅମରେଶ ଜେନା ନିଜ ବକ୍ତବ୍ୟରେ କହିଛନ୍ତି, ଭୁବନେଶ୍ୱର ଗଣେଶ ପୂଜା ମହାସଂଘ ଭୁବନେଶ୍ୱର ପୂଜା ପାର୍ବଣ ଶାନ୍ତି ଶୃଙ୍ଖଳାର ସହିତ କିପରି ସମାପନ କାରାଯିବ ସେ ଦିଗରେ ଦୃଢ଼ ଭାବରେ କାର୍ଯ୍ୟ କରିବା ସହ ଭୁବନେଶ୍ୱରର ବିଭିନ୍ନ ଅନୁଷ୍ଠାନମାନଙ୍କ ମଧ୍ୟରେ ଏକ ସୁସମ୍ପର୍କ ସ୍ଥାପନ କରିବାର ସର୍ବଶ୍ରେଷ୍ଠ ମାଧମ । ଏହି ଅବସରରେ ଓଡ଼ି ଫର ଭୁବନେଶ୍ୱର ସଂପାଦକ ନରେନ ସାହୁ, ସହ ସମ୍ପାଦକ ଉମାନାଥ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି ଯୁବ ନେତା




ରଶ୍ମୀ ରଞ୍ଜନ ମହାପାତ୍ର, ସଞ୍ଜୀବ ସ୍ୱାଇଁ,ସୁଶାନ୍ତ ସାହୁ, ଶିବ ସୁଆର, ସଞ୍ଜୟ ଆଚାରୀ, ଶିବାନନ୍ଦ ପଣ୍ଡା, ବିବେକ କୁମାର ସ୍ୱାଇଁ, ସମେତ ବିଭିନ୍ନ କ୍ଲବର ସଭାପତି ସମ୍ପାଦକ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

## ୨ବାଇକ୍ ଲୁଟେରା ଗିରଫ

କଟକ,(ସବ୍ୟୁ): ମର୍କତନଗର ଥାନା ପୁଲିସ ଏକ ବାଇକ ଲୁଟ୍ ମାମଲାରେ ଦୁଇ ଦୁର୍ବୃତ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ପୁରୀ ସହରର ପ୍ରଭୁଦତ୍ତ ସାହୁ(୨୧) ଓ କେନ୍ଦ୍ରାପଡ଼ା ଆଳିର ସୌମ୍ୟରଞ୍ଜନ ଭୂୟାଁ(୨୧) । ପୁଲିସ ସେମାନଙ୍କ ନିକଟରୁ ଚୋରି ହୋଇଥିବା ଏକ ବାଇକ ଜବତ କରିଛି । ପୁଲିସ ସୂଚନା ଅନୁଯାୟୀ, ସିଡିଏ ସେକ୍ଟର ୬ରେ ଥିବା ଏକ ଘରୋଇ ସ୍କୁଲ ନିକଟରେ ଜଣେ ବ୍ୟକ୍ତି ଗଲା ୨୦ ତାରିଖରେ ନିଜର ବାଇକ୍ ପାର୍କ କରିଥିଲେ । ଏହି ବାଇକକୁ ଉପରୋକ୍ତ ଦୁଇ ଦୁର୍ବୃତ୍ତ ଚୋରି କରିନେଇଥିଲେ । ଏ ନେଇ ସେ ମର୍କତନଗର ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଅଭିଯୋଗ ଆଧାରରେ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଚୋରି ହୋଇଥିବା ବାଇକ୍ ଜବତ ହୋଇଛି ।

# ଅଜୟ ହାୟର ସେକେଣ୍ଡାରୀ ସ୍କୁଲର ବାର୍ଷିକ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ଅଜୟ ହାଇଅର ସେକେଣ୍ଡାରୀ ସ୍କୁଲର ବାର୍ଷିକ ଉତ୍ସବ ମୁଖ୍ୟଅତିଥି ଭାବେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ଅତିଥି ଭାବେ ଭାଇସ୍ ଚାନ୍ସେଲର୍ ଡ. ରବି ନାରାୟଣ ଶତପଥୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହିତ ଶୃଙ୍ଖଳା, ନୈତିକତା ଓ ମାନବିକ ମୂଲ୍ୟବୋଧକୁ ଜୀବନରେ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ଚେୟାରମ୍ୟାନ୍ ବ୍ରହ୍ମାନନ୍ଦ ମଙ୍ଗରାଜ ଏବଂ ଡାଇରେକ୍ଟର୍ ଇତିଶ୍ମିତା ସ୍ୱାଇଁ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଶିକ୍ଷାନୁଷ୍ଠାନର ଉନ୍ନତି କାମନା କରିଥିଲେ। ସ୍କୁଲର ପ୍ରିନ୍ସିପାଲ୍ ଡ. ସନ୍ତୋଷ କୁମାର ପଣ୍ଡା ବାର୍ଷିକ




ବିବରଣୀ ପ୍ରଦାନ କରି ଶିକ୍ଷା, କ୍ରୀଡ଼ା ଓ ବିଭିନ୍ନ ସହପାଠ୍ୟକ୍ରମ କ୍ଷେତ୍ରରେ ବିଦ୍ୟାଳୟର ସଫଳତା ସମ୍ପର୍କରେ ଅବଗତ କରାଇଥିଲେ। ଭାଇସ୍ ପ୍ରିନ୍ସିପାଲ୍ ଲକ୍ଷ୍ମୀକାନ୍ତ ମିଶ୍ର ଏବଂ ଆଡମିନିଷ୍ଟ୍ରେଟିଭ୍ ଅଫିସର୍ ମୃତ୍ୟୁଞ୍ଜୟ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ବାର୍ଷିକ ଉତ୍ସବ ଛାତ୍ରଛାତ୍ରୀ, ଅଭିଭାବକ ଓ ଅତିଥିମାନଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦର ପରିବେଶ ସୃଷ୍ଟି କରିଥିଲା।

# ନୂଆପଡା ଶିଶୁ ବିଦ୍ୟା ମନ୍ଦିରରେ ନିଶାନିବାରଣ ସଚେତନତା

କଟକ, (ସ୍ୱପ୍ର) : ଗୁରୁବାର ସ୍ଥାନୀୟ ନୂଆପଡା ବାଲିସାହୀ ସ୍ଥିତ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଜାପିତା ବ୍ରହ୍ମାକୁମାରୀ, କଟକ ବିଭାଗ ତରଫରୁ ୬ଷ୍ଠ ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ କୁମାର ରାଉତରାୟ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ପିଲାମାନଙ୍କୁ ନିଶାର ବ୍ୟବହାର କିପରି ମଣିଷ ଜୀବନକୁ ଧ୍ୱଂସାଭିମୁଖୀ କରାଏ



ଶିଶୁ ମାନଙ୍କୁ ନେଇ ଏକ ନିଶାନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମାକୁମାରୀର ସୁବାସ ଚନ୍ଦ୍ର ମଲ୍ଲିକ, ବି.କେ ଲଳିତ କୁମାର, ବି.କେ ବୈଜୟନ୍ତୀ, ବି.କେ ମଞ୍ଜୁଳା, ବି.କେ ସସ୍ମିତା, ବି.କେ ସ୍ଥିତି ଓ ବିଦ୍ୟାଳୟର ସଭାପତି ଡଃ ପ୍ରଭାତ ସେ ବିଷୟରେ ସଚେତନ କରାଇଥିଲେ । ସମାଜକୁ ଏକ ନିଶାମୁକ୍ତ ସମାଜ ଗଢିବାରେ ଆମ ଭବିଷ୍ୟତର ଦାୟଦ ମାନେ ଅଗ୍ରଣୀ ଯୋଦ୍ଧା ସାଜିବା ସହ ନିଜକୁ ସର୍ବଦା ନିଶା ଠାରୁ ଦୂରେଇ ରଖିବା ଏ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ଆୟେରଜକ ମଣ୍ଡଳୀ ମତ ପ୍ରକାଶ କରିଥିଲେ ।

# ଅନ୍ନଦାତାଙ୍କୁ ସମ୍ମାନ ନ ଦେଲେ କଂଗ୍ରେସ ଆନ୍ଦୋଳନ କରିବ: ଭକ୍ତ

ଭୁବନେଶ୍ୱର,(ସବ୍ୟୁ): କଂଗ୍ରେସ ଭବନଠାରେ କିଷାନ କଂଗ୍ରେସ ପକ୍ଷରୁ ଏବଂ ସଭାପତି ଅଭୟ ସାହୁଙ୍କ ନେତୃତ୍ୱରେ ସମସ୍ତ ଜିଲ୍ଲାର କିଷାନ କଂଗ୍ରେସ ନେତୃବୃନ୍ଦଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଓପିସିସି ସଭାପତି ଭକ୍ତ ଚରଣ ଦାସ, ଓଡିଶା କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇ, ସହ ପ୍ରଭାରୀ ଜେଙ୍ଗୀ କୁସୁମ କୁମାର ଏବଂ ମୟୂରା ଜୟକୁମାର ସମ୍ମାନିତ ଅତିଥିରୂପେ ଯୋଗଦେଇ କିଷାନ କଂଗ୍ରେସକୁ ଶକ୍ତିଶାଳୀ କରିବା ସହ କୃଷକ ମାନଙ୍କ ହିତରେ ଲଢେଇ କରିବା ପାଇଁ ଦିଗଦର୍ଶନ ଦେଇଥିଲେ । କିଷାନ କଂଗ୍ରେସର କାର୍ଯ୍ୟକ୍ରମରେ ବିଭିନ୍ନ ବିଷୟ ଗୁଡିକ ଆଲୋଚିତ ହୋଇଥିଲା । ରାଜ୍ୟର ମୋଟ ଜନସଂଖ୍ୟାର ୬୫ ଭାଗ ଚାଷୀ । ଏଥିରୁ ୮୨ ପ୍ରତିଶତ ହେଲେ ଭାଗଚାଷୀ । ସର୍ବମୋଟ ଚାଷ ଜମି ୬୧ ହେକଟର । ଏବେ ସୁଦ୍ଧା ମାତ୍ର ଜଳସେଚନ ୨୬ ପ୍ରତିଶତ । ରାଜ୍ୟ ଅଭିବୃଦ୍ଧିରେ କୃଷିର ଅବଦାନ ୧୮.୯% । କିନ୍ତୁ ଦୁର୍ଭାଗ୍ୟର କଥା ବିଜେ ଓ ବିଜେପି ସରକାରର ୨୬ ବର୍ଷ ଶାସନ କାଳରେ ଚାଷୀ ସବୁଠାରୁ କ୍ଷତିଗ୍ରସ୍ତ, ଚାଷ ବିପର୍ଯ୍ୟସ୍ତ । ରାଜ୍ୟରେ ବର୍ତ୍ତମାନ ୧୦ ଲକ୍ଷ ହେକଟରୁ ଅଧିକ ଜମି ପଡ଼ିଆ ପଡିଲାଣି । ୫ ଲକ୍ଷ ହେକଟରରୁ ଅଧିକ ଚାଷପୋଯୋଗୀ ଜମି ବିଲଡର କବଜାରେ ଓ ବାହାର କମ୍ପାନୀ ମାନଙ୍କୁ ଏହି ଜମି ଶାଗମାଛ ଦରରେ ବିକ୍ରି କରାଯାଉଛି । ୩୦ ଲକ୍ଷରୁ ଅଧିକ ଲୋକ ବେସହରା ହୋଇ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି । ଦୁଇ ବର୍ଷରେ ଡବଲ ଇଞ୍ଜିନ ସରକାର ୧ ଲକ୍ଷ ୩୮ ହଜାର କୋଟି ଟଙ୍କା ଋଣ ଭାରରେ ଉବୁଟୁବୁ । ପନିପରିବା ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର ନାହିଁ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୧୭ ଟି କୃଷି ଯୋଜନାରେ ବାଟବାରଣା ହୋଇଛି ।

ପିସିସିର ଦାବି ରହିଛି ଯେ ପ୍ରାୟ ୧୮ ଲକ୍ଷ ଚାଷୀ, ଅଥଚ ପଞ୍ଜିକରଣ ବର୍ତ୍ତମାନ ୫ ଲକ୍ଷ ୫୧ ହଜାର । ଏଗ୍ରିଷ୍ଟାକ ସମସ୍ୟା ଦୂର କରାଯାଇ ୨୦୨୬ ଖରିଫ ଧାନ ବିକ୍ରୟ ପାଇଁ ଚାଷୀ ପଞ୍ଜିକରଣ ସମୟସୀମା ଅଗଷ୍ଟ ୩୧ ତାରିଖ ପରିବର୍ତ୍ତେ ସେପେଟମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ । ୧୦ ଲକ୍ଷ ଭାଗଚାଷୀଙ୍କ ପାଇଁ ଭାଗଚାଷୀ ଆଇନ ପ୍ରଣୟନ ଓ ସୁରକ୍ଷା ନିମନ୍ତେ ଯୋଜନା ପ୍ରଣୟନ କରାଯାଉ ।ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ରାଜ୍ୟରେ ୩୦ ଲକ୍ଷ ଋଣୀ ଓ ଅଣଋଣୀ ଚାଷୀଙ୍କୁ ବୀମାଭୁକ୍ତ କରାଯାଉ । ତୁରନ୍ତ ସାର ସଂକଟ ଦୂର କରାଯାଇ ଆବଶ୍ୟକ ପରିମାଣର ସାର ଠିକ ସମୟରେ ନିର୍ଦ୍ଧାରିତ ମୂଲ୍ୟରେ ଚାଷୀଙ୍କୁ ଯୋଗାଇ ଦେବା ସହିତ ସାର କଳାବଜାରୀ ରୋକଯାଉ । କିଷାନ କଂଗ୍ରେସର ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଓପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କା ସୁରେଶ ରାଉତରାୟ, ପଞ୍ଚାନନ କାନୁନଗୋ, ସନ୍ତୋଷ ସିଂ ସାଲୁଜା, କାର୍ତ୍ତିକ ବରାଳ, ଅରୁଣ ଜେନା, ସ୍ଥିତିକଣ୍ଠ ମହାନ୍ତି, ସ୍ମୃତି ରଞ୍ଜନ ସ୍ୱାଇଁ, ନିମାଇଁ ଚରଣ ଜେନା ଓ ଦାଶରଥି ସାହୁ ମଞ୍ଚାସିନ ଥିବାବେଳେ ଶତାଧିକ କିଷାନ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ଚାକିରି କରାଇ ଦେବାକୁ କହି ୫.୭୫ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଆଇସିଏଆର୍-ଏନ୍ଆର୍ଆର୍ଆଇରେ ଆକାଉଣ୍ଟାଣ୍ଟ ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ପୀତବାସ ପଣ୍ଡା ୫.୭୫ଲକ୍ଷ ଟଙ୍କା ଠକି ନେଇଥିଲେ । ଭରତପୁର ଥାନାରେ ବାସୁଦେବ ଦାସ ଅଭିଯୋଗ କରିବା ପରେ ପୋଲିସ ପୀତବାସକୁ ଗିରଫ କରି କୋର୍ଟଚାଲାଣ କରିଛି । ବାସୁଦେବଙ୍କ ଝିଅକୁ ଆକାଉଣ୍ଟାଣ୍ଟ ଚାକିରି ଦେବାପାଇଁ ୧୨ଲକ୍ଷ ୧୦ ହଜାର ଟଙ୍କା ନେବା ପରେ ଅଭିଯୁକ୍ତ ତାଙ୍କୁ ଏକ ଅଫର ଲେଟର ଦେଇଥିଲା । ଖାଲି ଅଫର ଲେଟର ନୁହେଁ ଦରମା ବାବଦକୁ ଅଗ୍ରୀମ ଭାବେ ପର୍ଯ୍ୟାୟ କ୍ରମେ ୬ଲକ୍ଷ ୩୫ ହଜାର ଟଙ୍କା ଫେରାଇଥିଲେ । ଠକେଇ ସମ୍ପର୍କରେ ଅଭିଯୋଗକାରୀ ଜାଣିବା ପରେ ବଳକା ୫ଲକ୍ଷ ୭୫ ହଜାର ଟଙ୍କା ଫେରାଇବାକୁ କହିଥିଲେ । ଅଭିଯୁକ୍ତ ଆଜିକାଲି କହି ସମୟ ଗଡାଇ ଚାଲିଥିଲା । ଯେଉଁ ଚେକ୍ ଦେଇଥିଲା ତାହା ବାଉନ୍ସ ହୋଇଗଲା । ଗତ ୧୧ ତାରିଖରେ ଉଭୟଙ୍କ ମଧ୍ୟରେ ଦେଖାସାକ୍ଷାତ ହେବାରୁ ଅଭିଯୁକ୍ତ ଅବଶିଷ୍ଟ ଟଙ୍କା ଦେବାକୁ ରୋକ୍ଠୋକ୍ ମନା କରିଦେଇଥିଲା । ଉପାୟଶୂନ୍ୟ ହୋଇ ବାସୁଦେବ ଦାସ ଭରତପୁର ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଠକେଇର ସତ୍ୟାସତ୍ୟ ପ୍ରମାଣ ପାଇବା ପରେ ଅଭିଯୁକ୍ତ ପୀତବାସ ପଣ୍ଡାକୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ପୂର୍ବତନ ଉପ ନଗରପାଳ ରାମ ଅବତାରଙ୍କ ପରଲୋକ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ସହରର ବରିଷ୍ଠ ନାଗରିକ, ପୂର୍ବତନ ଉପନଗରପାଳ ବ୍ୟବସାୟୀ ମହାସଂଘ ସଭାପତି ତଥା ବିଶିଷ୍ଟ ସମାଜସେବୀ ରାମ ଅବତାରଙ୍କ ଶୁକ୍ରବାର ମଧ୍ୟାହ୍ନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୭ବର୍ଷ ବୟସ ହୋଇଥିଲା। ସେ ଗତ କିଛି ଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ଖୋର୍ଦ୍ଧା ସହରର ବ୍ୟବସାୟୀ ମହଲ, ବିଭିନ୍ନ ସାମାଜିକ ଓ ଧାର୍ମିକ ସଂଗଠନ ସମେତ ସାଧାରଣ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ରାମ ଅବତାର ୧୯୩୯ ମସିହା ଅକ୍ଟୋବର ୫ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସେ ସ୍ୱର୍ଗତ ଭିକାରୀଲାଲଙ୍କ ପୁତ୍ର ଥିଲେ। ମିଷ୍ଟଭାଷୀ, ମେଳାପୀ, ପରୋପକାରୀ ଓ ସରଳ ମନୋଭାବର ବ୍ୟକ୍ତି ଭାବେ ସେ ଖୋର୍ଦ୍ଧା ସହରରେ ବେଶ୍ ପରିଚିତ ଥିଲେ। ବିଭିନ୍ନ ସାମାଜିକ, ଧାର୍ମିକ ଓ ବ୍ୟବସାୟିକ ସଂଗଠନ ସହିତ ଦୀର୍ଘବର୍ଷ ଧରି ସେ ସକ୍ରିୟ ଭାବେ ଜଡ଼ିତ ରହିବା ସହିତ ସମାଜସେବାରେ ନିଜକୁ ନିୟୋଜିତ ରଖିଥିଲେ।

୧୯୭୯ ମସିହାରୁ ୧୯୮୩ ମସିହା ପର୍ଯ୍ୟନ୍ତ ସେ ତତ୍କାଳୀନ



ଖୋର୍ଦ୍ଧା ବିଜ୍ଞାପିତ ଅଂଚଳ ପରିଷଦର ଉପନଗରପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ କାର୍ଯ୍ୟକାଳରେ ଖୋର୍ଦ୍ଧା ସହରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସହରର ସାମଗ୍ରିକ ବିକାଶ ଓ ଜନସାଧାରଣଙ୍କ ସମସ୍ୟା ସମାଧାନ ଦିଗରେ ତାଙ୍କ ଅବଦାନ ଉଲ୍ଲେଖନୀୟ ଥିଲା। ରାଜ୍ୟର ପ୍ରମୁଖ ଐତିହାସିକ ଓ ଧାର୍ମିକ ପୀଠ ମା' ବରୁଣେଇ ମନ୍ଦିର ପରିଚାଳନା କମିଟିର ଟ୍ରଷ୍ଟି ଭାବେ ମଧ ସେ ୧୯୮୦ରୁ ୧୯୮୬ ମସିହା ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ମୃତ୍ୟୁ ସମ୍ବାଦ ପାଇ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବ୍ୟବସାୟୀ ମହାସଂଘର ପୂର୍ବତନ ସଭାପତି ଶାରଦା ଚରଣ ପଟ୍ଟନାୟକ, ଚେମ୍ବର ଅଫ୍ କମର୍ସର ସଭାପତି ମଦନ ମୋହନ ରାମ, ଜିତେନ୍ଦ୍ର କୁମାର ଭଞ୍ଜ, ଜ୍ୟୋତି ପ୍ରସାଦ ରାମ, ସୁଧାକର ତ୍ରିପାଠୀ, ଚନ୍ଦ୍ରଶେଖର ମହାରଣା, ମାନସ ରଞ୍ଜନ ପଟ୍ଟନାୟକ, ପି. ନନ୍ଦକିଶୋର ପାତ୍ରଙ୍କ ସମେତ ୧୩ ନମ୍ବର ୱାର୍ଡ ମେମ୍ବରଙ୍କ ପ୍ରତିନିଧି ରାଜେଶ ପ୍ରଧାନ ଓ ୧୮ ନମ୍ବର ୱାର୍ଡ ମେମ୍ବରଙ୍କ ପ୍ରତିନିଧି ବଦ୍ରିନାରାୟଣ ସାହୁ ପ୍ରମୁଖ ଖୋର୍ଦ୍ଧା ମେନ୍‌ରୋଡ ସ୍ଥିତ ତାଙ୍କ ବାସଭବନରେ ପହଁଚି ଶେଷ ଦର୍ଶନ କରିଥିଲେ।

## ଆସୁଛି ରକ୍ଷାବନ୍ଧନ : ମହିଳାଙ୍କୁ ସଶକ୍ତ କରୁଛି ଟିପିସିଓଡିଏଲ

ଭୁବନେଶ୍ୱର,(ସବ୍ୟୁ): ପାଖେଇ ଆସୁଛି ଭାଇ ଭଉଣୀଙ୍କ ସ୍ନେହର ପ୍ରତୀକର ପର୍ବ ପବିତ୍ର ରକ୍ଷା ବନ୍ଧନ ।ଏହି ଉପଲକ୍ଷେ ଟିପିସିଓଡିଏଲ ଓଡିଶାର ପାରମ୍ପରିକ ଶିଳ୍ପ - ପଟ୍ଟଚିତ୍ର, ଡୋକ୍ରା ଓ ତାଳପତ୍ର ଶିଳ୍ପ ବ୍ୟବହାର କରି ପ୍ରାକୃତିକ ଓ ପରିବେଶ ଅନୁକୂଳ ରାକ୍ଷୀ ତିଆରିରେ ଗ୍ରାମୀଣ ମହିଳା ଓ ଶିଳ୍ପୀଙ୍କୁ ସହଯୋଗ କରୁଛି । ଏହି ହାତ ତିଆରି ରାଖିଗୁଡିକ ଖୋର୍ଦ୍ଧା ଜିଲ୍ଲାର ବଳିଆନ୍ତା ଆର୍ଟ କ୍ଲଷ୍ଟର୍ ଓ ଢେଙ୍କାନାଳ ଜିଲ୍ଲାର ସପ୍ତଶଯ୍ୟା ହେରିଟେଜ ଭିଲେଜର ଶିଳ୍ପୀମାନଙ୍କ




ଦ୍ୱାରା ପ୍ରସ୍ତୁତ ହୋଇଛି । କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ପରିବେଶ ଅନୁକୂଳ ରାକ୍ଷୀଗୁଡ଼ିକୁ ପ୍ରଦର୍ଶନ କରିବା ପାଇଁ ଭୁବନେଶ୍ୱରର ସ୍ଥିତ ଟିପିସିଓଡିଏଲର ଟେକ୍ନୋଲୋଜି ସେଣ୍ଟର୍ ପରିସରରେ ଏକ ସ୍ୱତନ୍ତ୍ର ଷ୍ଟଲ୍ ସ୍ଥାପନ କରାଯାଇଥିଲା । ଶହ ଶହ ଲୋକ ଷ୍ଟଲ୍ ପରିଦର୍ଶନ କରିଥିଲେ ଏବଂ ଏହି ସୁନ୍ଦର ହସ୍ତଶିଳ୍ପ ରାଖିଗୁଡ଼ିକୁ ଦେଖି ଖୁସି ବ୍ୟକ୍ତ କରିଥିଲେ । ଟିପିସିଓଡିଏଲ ଦ୍ୱାରା ଦିଆଯାଉଥିବା ପ୍ରଶିକ୍ଷଣ, ଦକ୍ଷତା ବିକାଶ ଓ ବଜାର ସଂଯୋଜନ ସହଯୋଗରେ ୩୦୦ ରୁ ଅଧିକ ମହିଳା ଲୋକକଳାର ତାଲିମ ନେବା ସହ ସ୍ୱାବଲମ୍ବୀ ହୋଇ ପାରିଛନ୍ତି । ଏହି ପ୍ରୟାସ ଗ୍ରାମୀଣ ମହିଳାଙ୍କୁ ଉଦ୍ୟମୀତା ରାସ୍ତାରେ ଆଗେଇ ନେବା ସହ ଓଡିଶାର ପାରମ୍ପରିକ କଳାକୁ ପୁନରୁଜ୍ଜୀବିତ କରୁଛି ।

# ବିଶୁଦ୍ଧାନନ୍ଦ ନଗର ଗୋଷ୍ଠୀ ଉନ୍ନୟନ ପରିଷଦ ପକ୍ଷରୁ ବରିଷ୍ଠ ନାଗରିକ ଦିବସ

ଭୁବନେଶ୍ୱର (ସବ୍ୟୁ): ବିଶୁଦ୍ଧାନନ୍ଦ ନଗରସ୍ଥିତ ଗୋଷ୍ଠି ଉନୟନ ପରିଷଦ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ହୋଇଯାଇଛି, ଏଥିରେ ମୁଖ୍ୟ ଅତିଥି ଭାବେ ଡକ୍ଟର କୈଳାସ ଚନ୍ଦ୍ର ପ୍ରଧାନ ଯୋଗଦେଇ ବର୍ତ୍ତମାନ ସମାଜରେ କିପରି ବରିଷ୍ଠ ନାଗରିକ ମାନେ ଅବହେଳିତ ଅବସ୍ଥାରେ ରହୁଛନ୍ତି ସେଥିପ୍ରତି ପିଲାମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ, ଆଜିର ଯୁବକ ପରବର୍ତ୍ତୀ ସମୟରେ ବରିଷ୍ଠ ନାଗରିକ ହେବେ ତେଣୁ ସେମାନେ ବି ସତର୍କ ରହିବାକୁ ପରାମର୍ଶ ଦେଇଥିଲେ, ବିଶିଷ୍ଟ ସମାଜସେବୀ ଅକ୍ଷୟ କୁମାର ବେହେରା ଯେପରି ବାପା ମାଆମାନେ ଅନ୍ଧଭଳି ସେମାନଙ୍କର କଷ୍ଟ ଅର୍ଜିତ ସମସ୍ତ ସମ୍ପତ୍ତି ପିଲାମାନଙ୍କୁ ଦେଇ ଦାଣ୍ଡର ଭିକାରୀ ହେଉଛନ୍ତି ତେଣୁ ସେମାନେ




ନିଜ ପାଇଁ ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ କଥା ଛଳରେ କହିଥିଲେ, ସାହିତିକ୍ୟ ନିହାର ରଞ୍ଜନ ସାହୁ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଯୋଜନା ସମ୍ବାଧରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭାସ୍କର ବାରିକ, ଗୋବର୍ଦ୍ଧନ ନାୟକ ଓ ବିଜୟ ମାଝୀ ସହଯୋଗିତା କରିଥିଲେ।

# ଶ୍ରୀବଳଦେବଜୀଉଙ୍କ ପାଇଁ, ଶ୍ରୀକ୍ଷେତ୍ରରୁ ରାକ୍ଷୀ ପଠାଇବେ ଭଉଣୀ ସୁଭଦ୍ରା

ଭୁବନେଶ୍ୱର (ସବ୍ୟୁ): ଶ୍ରୀକ୍ଷେତ୍ରରୁ ମାଆ ସୁଭଦ୍ରାଙ୍କ ରାକ୍ଷୀ ତୁଳସୀ କ୍ଷେତ୍ର ବଡଭାଇ ବଳିଆରଭୁଜ ରେବତିକାନ୍ତ ବଳଦେବଜୀଉଙ୍କ ପାଖକୁ ଯିବାପାଇଁ ପ୍ରସ୍ତୁତି ପର୍ବ



ଆରମ୍ଭହୋଇଛି ଓ ଶ୍ରୀଜଗନ୍ନାଥ ପାଟସେବା ବିକାଶପରିଷଦ ନୂଆବଜାର ପୋତାପୋଖରୀ, କଟକ, ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ, ମାଆ ସୁଭଦ୍ରାଙ୍କ ବାଡଗ୍ରାହୀ ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର ଏବଂ ଜଗନ୍ନାଥ ପାଟସେବା ବିକାଶ ପରିଷଦର ବରିଷ୍ଠ ସଦସ୍ୟ ହିମାଂଶୁ ଶେଖର ସାହୁ ଏକ ପ୍ରେସବାର୍ତ୍ତାରେ କହିଛନ୍ତି ଯେ, ଆସନ୍ତା ୨୩ତାରିଖ ଦିନ ୧ଟା ୩୦ମିନଟ ସମୟରେ ହାଇଟେକ୍ ଗ୍ରୁପର ମ୍ୟାନେଜିଂ ଟ୍ରଷ୍ଟି ତଥା ସିଇଓ ସୁରେଶ କୁମାର ପାଣିଗ୍ରାହୀ ଏବଂ ହିମାଂଶୁ କୁମାର ସାହୁ ପୁରୀ ଗୋବଦ୍ଧନପୀଠ ଶଙ୍କରାଚାର୍ଯ୍ୟଙ୍କ ପାଖରେ ପହଞ୍ଚି ସେଠାରୁ ପବିତ୍ର ରାକ୍ଷୀ ଗ୍ରହଣ କରିବା ସହ, ୪ଟା ୧୫ମିନଟ ସମୟରେ ହାଇଟେକ୍ ମେଡିକାଲ୍ ସମ୍ମୁଖସ୍ଥ ଗଣେଶ ମନ୍ଦିରରେ ପହଞ୍ଚିବେ ଓ ଏହାପରେ ଯାତ୍ରା କରି ପ୍ରତାପ ନଗରୀସ୍ଥିତ ଡାକୁଲେଇ ପୀଠରେ ରାତ୍ରୀଯାପନ କରିବା ସହ, ପରଦିନ ସକାଳ ୯ଟା ସମୟରେ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର ଓ ସୁରେଶ ପାଣିଗ୍ରାହୀ ଉଭୟ ଏକ ସୁସଜ୍ଜିତ ରଥରେ ଡାକୁଲେଇ ପୀଠରୁ ଯାତ୍ରା ଶୁଭାରମ୍ଭ କରି ନୂଆବଜାର ପାଟସେବା ବିକାଶ ପରିଷଦରେ ଦିବା ୧୦ ଘଣ୍ଟା ସମୟରେ ପହଞ୍ଚିବେ ଓ ଶିଖରପୁର ଛକରେ ଏହି ଭବ୍ୟ ଶୋଭାଯାତ୍ରାକୁ ହଜାର ହଜାର ଶ୍ରଦ୍ଧାଳୁ ସମ୍ବର୍ଦ୍ଧନା ପ୍ରଦାନ କରିବା ପରେ, ଦିନ ୧୨ଟା ୩୦ରେ କେନ୍ଦ୍ରାପଡାସ୍ଥିତ ବଡ଼ଭାଇ ଶ୍ରୀବଳଦେବଜୀଉ ମନ୍ଦିରରେ ରାକ୍ଷୀ ପ୍ରଦାନ କରାଯିବ ଓ ଏହି ରାକ୍ଷୀଯାତ୍ରା ଦୀର୍ଘ ୨୨ବର୍ଷ ଧରି ଆୟୋଜନ ହୋଇ ଆସୁଅଛି ଏବଂ ପୁରୀରୁ କେନ୍ଦ୍ରାପଡା ଏହି ଆଧ୍ୟାତ୍ମିକ ଯାତ୍ରାକୁ ଲକ୍ଷାଧିକ ଲୋକ ଦର୍ଶନ କରିବେ ବୋଲି ହାଇଟେକ୍ ଗ୍ରୁପ ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ଏବଂ ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି ।

## ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ

# ମେଗା ରିଟେଲ୍ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ

ଭୁବନେଶ୍ୱର (ସବ୍ୟୁ) : ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ବଲପୁର କ୍ଷେତ୍ର ପକ୍ଷରୁ ଝାରସୁଗୁଡା ଠାରେ ନ୍ୟାଶନାଲ ମେଗା




ରିଟେଲ୍ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଗ୍ରାହକ, ବ୍ୟବସାୟୀ ଓ ବ୍ୟାଙ୍କ ଅଧିକାରୀମାନେ ଯୋଗଦେଇଥିଲେ। ସାଧାରଣ ଲୋକମାନଙ୍କୁ ବିଭିନ୍ନ ରିଟେଲ୍ ଋଣ ସୁବିଧା ସମ୍ପର୍କରେ ସଚେତନ କରାଇବା ଏବଂ ଆବଶ୍ୟକତା ଅନୁଯାୟୀ ସହଜ ଓ ସୁବିଧାଜନକ ଋଣ ସେବା ଯୋଗାଇଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅଭିଯାନରେ ଗୃହ ଋଣ, ଗାଡି ଋଣ, ବ୍ୟକ୍ତିଗତ ଋଣ, ଶିକ୍ଷା ଋଣ, ବନ୍ଧକ ଋଣ, ପେନ୍‌ସନ୍ ଲୋନ୍ ଏବଂ ସ୍ୱର୍ଣ୍ଣ ଋଣ ଭଳି ବିଭିନ୍ନ ଋଣ ଉତ୍ପାଦକୁ ସାମିଲ କରାଯାଇଥିଲା। ଏହି ଅବସରରେ ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରିଜ୍‌ର ସଭାପତି ତଥା ମୁଖ୍ୟ ଅତିଥି ହୀରାଲାଲ ଲୋକଚନ୍ଦାନୀ ଏବଂ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍‌ର ପାଟ୍ରନ୍ ସଦସ୍ୟ ବାଲ୍ ଗୋବିନ୍ଦ ମିଶ୍ର ଉପସ୍ଥିତ ଥିଲେ। ବ୍ୟାଙ୍କର ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ନିରଜ ରଞ୍ଜନ ତାଙ୍କ ବକ୍ତବ୍ୟରେ ଗ୍ରାହକ କୈନ୍ଦ୍ରିକ ଋଣ ସେବା ଏବଂ ସମାଜର ବିଭିନ୍ନ ବର୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ବ୍ୟାଙ୍କର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲା ଯୋଗ୍ୟ ହିତାଧିକାରୀଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରିବା। ଏହା ଗ୍ରାହକଙ୍କ ଆବଶ୍ୟକତାକୁ ସମୟୋଚିତ ଭାବେ ଋଣ ସହାୟତାରେ ପରିଣତ କରିବା ସହିତ ବ୍ୟାଙ୍କର ଗ୍ରାହକ ସେବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ଏହି ମେଗା ରିଟେଲ୍ କ୍ରେଡିଟ୍ ଆଉଟ୍‌ରିଚ୍ ମାଧ୍ୟମରେ ଝାରସୁଗୁଡା ଲୋକମାନଙ୍କର ଆର୍ଥିକ ସହାୟତା ପୂରଣରେ ଜଣେ ବିଶ୍ୱସନୀୟ ଆର୍ଥିକ ସହଯୋଗୀ ଭାବେ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୂମିକା ଆହୁରି ସୁଦୃଢ଼ ହୋଇଛି।

### ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ଶୋକ

# ଓଡ଼ିଶାର ସଙ୍ଗୀତ ଜଗତରେ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହେଲା : ଧର୍ମେନ୍ଦ୍ର

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ କହିଛନ୍ତି, ଶ୍ରୀ ପଟ୍ଟନାୟକଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଦୀର୍ଘ ଦଶନ୍ଧି ଧରି ନିଜର ସୁମଧୁର କଣ୍ଠ, ଭାବପୂର୍ଣ୍ଣ ଗାୟନ ଶୈଳୀ ମାଧ୍ୟମରେ ସେ ଅନେକ ଶ୍ରୋତାଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଥିଲେ । ତାଙ୍କ ବିୟୋଗରେ ଓଡ଼ିଶାର ସଙ୍ଗୀତ ଓ ସଂସ୍କୃତି ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହେଲା । ଓଡ଼ିଆ ସଙ୍ଗୀତ ଓ ଚଳଚ୍ଚିତ୍ର ସଙ୍ଗୀତ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ଏବଂ ଚିରସ୍ମରଣୀୟ ହୋଇ ରହିବ । ଶ୍ରୀ ପ୍ରଧାନ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# ଜେନ୍-ଜି ଭୁଲ ନୁହଁନ୍ତି

## ସେମାନଙ୍କ ଭାବନାକୁ ବୁଝିବା ଆବଶ୍ୟକ: ଜେନେରାଲ୍ ନରଭାଣେ

**ନୂଆଦିଲ୍ଲୀ:** ଯୁବପିଢ଼ି (ଜେନ୍-ଜି)ଙ୍କ ଚିନ୍ତାଧାରାକୁ ସୀଧାସଳଖ ପ୍ରତ୍ୟାଖ୍ୟାନ ନକରି ସେମାନଙ୍କ ସହ ଆଲୋଚନା କରିବା ଏବଂ ସେମାନଙ୍କ ଦୃଷ୍ଟିକୋଣକୁ ବୁଝିବାକୁ ଚେଷ୍ଟା କରିବା ଆବଶ୍ୟକ ବୋଲି ଶୁକ୍ରବାର ଦିନ ଏକ ସାକ୍ଷାତକାରରେ ପୂର୍ବତନ ସେନାଧକ୍ଷ ଜେନେରାଲ୍ ମନୋଜ ମୁକୁନ୍ଦ ନରବଣେ ଏହି ମତପ୍ରକାଶ କରିଛନ୍ତି। ପ୍ରତ୍ୟେକ ପିଢ଼ିର ଚିନ୍ତାଧାରା ଅଲଗା ହୋଇଥାଏ ଏବଂ ଜେନ୍-ଜିଙ୍କର ଚିନ୍ତା କରିବାର ଶୈଳୀ ଭିନ୍ନ ହୋଇପାରେ, ମାତ୍ର ତାହା ସେମାନଙ୍କୁ ଭୁଲ୍ ବୋଲି ପ୍ରମାଣିତ କରେନାହିଁ ବୋଲି ସେ କହିଛନ୍ତି। ବରିଷ୍ଠ ନାଗରିକମାନେ ଯୁବପିଢ଼ିଙ୍କ ଉତ୍ସାହ ଓ ଶକ୍ତିକୁ ବୁଝି ତାହାର ସଠିକ୍ ବିନିଯୋଗ କରିବା ଉଚିତ୍। ସମୟ ଅନୁସାରେ ଚିନ୍ତାଧାରାରେ ପରିବର୍ତ୍ତନ ସେ ଆହୁରି କହିଛନ୍ତି ଯେ, ପୂର୍ବ ପିଢ଼ିରେ ଜଣେ ବ୍ୟକ୍ତି ଗୋଟିଏ ଗାଡ଼ି କିଣି ସାରା ଜୀବନ ବ୍ୟବହାର କରୁଥିଲେ, ମାତ୍ର ବର୍ତ୍ତମାନର ଯୁବକମାନେ ପ୍ରତି ୫ ବର୍ଷରେ ଗାଡ଼ି ବଦଳାଉଛନ୍ତି। ଏହାର ଅର୍ଥ ସେମାନେ ଖରାପ ନୁହଁନ୍ତି, ବରଂ ସମୟ ଅନୁସାରେ ଚିନ୍ତାଧାରାରେ ପରିବର୍ତ୍ତନ ଆସିଛି। ସେହିପରି ନୂତନ ପିଢ଼ି ଦେଶର କୌଣସି କ୍ଷତି ଚାହାଁନ୍ତି ନାହିଁ, ବରଂ ସେମାନେ ଯାହା କରୁଛନ୍ତି ତାହା ଦେଶର ଭଲ ପାଇଁ କରୁଛନ୍ତି ବୋଲି ଭାବନ୍ତି। ସେମାନଙ୍କୁ ଗାଳିଗୁଲଜ ନକରି, ଯଦି ସେମାନଙ୍କ ଚିନ୍ତାଧାରାରେ କିଛି ତ୍ରୁଟି ରହିଛି ତେବେ ବରିଷ୍ଠ ଗୁରୁଜନ ଭାବେ ତାହାକୁ ସୁଧାରିବା ଆମର ଦାୟିତ୍ୱ। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ



୨୫ ତାରିଖରେ ଲଦାଖର କାର୍ଗିଲସ୍ଥିତ ମିନିମାର୍ଗ ଚେକ୍ପୋଷ୍ଟରେ ଜଣେ ମହିଳା ପର୍ଯ୍ୟଟକ ସେନାବାହିନୀର ଯାତାୟାତ କଟକଣାକୁ ନେଇ ସୁରକ୍ଷାକର୍ମୀଙ୍କ ସହ ଯୁକ୍ତିତର୍କ କରିବାର ଭିଡିଓ ଭାଇରାଲ୍ ହୋଇଥିଲା। ସେଠାରେ ସେ ନିଜକୁ "ଜେନ୍-ଜି" ବୋଲି ଦର୍ଶାଇ ସେନାର ନିୟମକୁ ବିରୋଧ କରିଥିଲେ, ଯଦ୍ୱାରା ଅନେକ ପୂର୍ବତନ ସେନାଧକ୍ଷ ଓ କମାଣ୍ଡର ଏହାକୁ ନିନ୍ଦା କରିଥିଲେ। ପୂର୍ବତନ ସେନାଧକ୍ଷ ଭି.କେ. ସିଂହ, ଲେଫ୍ଟନାଣ୍ଟ ଜେନେରାଲ୍ କେ.ଜେ.ଏସ୍. ଧିଲୋନ୍ ଏବଂ ସତୀଶ ଦୁଆ ସେନାର ତ୍ୟାଗ ଓ ସମର୍ପଣ ପ୍ରତି ଆକ୍ଷେପ ନକରିବାକୁ ଚେତାବନୀ ଦେଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ମହିଳା ଜଣକ ନିଜର ଭୁଲ୍ ସ୍ୱୀକାର କରି କ୍ଷମା ପ୍ରାର୍ଥନା କରିଥିଲେ।

## ଗୁଜରାଟରେ ବିଷାକ୍ତ ମଦ ପିଇ ୭ ମୃତ



**ଅହମଦାବାଦ:** ମଦ ବିକ୍ରି ଓ ପିଇବା ଉପରେ କଟକଣା ଥିବା ଗୁଜରାଟରେ ବିଷାକ୍ତ ମଦ ପିଇ ୭ ଜଣଙ୍କ ମୃତ୍ୟୁ ପରେ ପ୍ରଶାସନ ଓ ସରକାରଙ୍କ ପାଇଁ ନୂଆ ଚିନ୍ତା ସୃଷ୍ଟି ହୋଇଛି। ଘଟଣା ପରେ ନକଲି କିମ୍ବା ଅବୈଧ ମଦ ଯୋଗାଣ ରୋକିବା ଏବଂ ଏହାର ଉତ୍ସ ଚିହ୍ନଟ କରିବା ଉପରେ ଜୋର ଦିଆଯାଉଛି। ଗୁଜରାଟରେ ମଦ ନିଷେଧ ଆଇନ ଲାଗୁ ଥିବା ସତ୍ତ୍ୱେ ଏପରି ଘଟଣା ଘଟିବାକୁ ନେଇ ପ୍ରଶାସନିକ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠିଛି।ଅହମଦାବାଦ ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ବିଷାକ୍ତ ମଦ ପିଇଥିବା କିଛି ଲୋକ ଅସୁସ୍ଥ ହୋଇପଡ଼ିଥିଲେ। ପରେ ଚିକିତ୍ସା ସମୟରେ ୭ ଜଣଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ କୁହାଯାଇଛି। ଘଟଣା ପରେ ପୁଲିସ ଓ ସମ୍ପୃକ୍ତ ବିଭାଗ ତଦନ୍ତ ଆରମ୍ଭ କରିଛନ୍ତି। ଏହି ନକଲି ମଦରେ ୩୮.୫୯ ପ୍ରତିଶତ ମିଥାନଲ ଥିବା ଜଣାପଡ଼ିଛି, ଯାହା ଅତ୍ୟନ୍ତ ବିଷାକ୍ତ। ଘଟଣା ପରେ ଅବୈଧ ମଦ କାରବାର ଉପରେ ନଜର ରଖିବା ସହ ବିଭିନ୍ନ ଯୋଗାଣ ବ୍ୟବସ୍ଥାର ଯାଞ୍ଚ କରାଯାଉଛି। ଏହା ସହିତ ମଦର ଉତ୍ସ ଓ ପରିଚୟ ନିଶ୍ଚିତ କରିବା ପାଇଁ ବାରକୋଡ୍ ଭଳି ବ୍ୟବସ୍ଥାର ଆବଶ୍ୟକତା ନେଇ ମଧ୍ୟ ଚର୍ଚ୍ଚା ହୋଇଛି।

## ନାଇଜେରିଆରେ ଡଙ୍ଗା ବୁଡ଼ି ୫୦ରୁ ଅଧିକ ମୃତ

**ଆବୁଜା:** ନାଇଜେରିଆର ଉତ୍ତର-ପଶ୍ଚିମ ସୋକୋଟୋ ରାଜ୍ୟରେ ଡଙ୍ଗା ବୁଡ଼ି ଅତି କମ୍ରେ ୫୦ ଜଣଙ୍କ ମୃତ୍ୟୁ ହୋଇଛି। ଗୋରାଉ ଅଞ୍ଚଳ ନିକଟ ଗୋରୋନ୍ୟୋ ପାଖ ନଦୀରେ ଗୁରୁବାର ଏହି ଦୁର୍ଘଟଣା ଘଟିଥିବା ଅଧିକାରୀମାନେ କହିଛନ୍ତି। ମୃତକଙ୍କ ମଧ୍ୟରେ ପ୍ରାୟ ୪୦ ଜଣ ଶିଶୁ ଥିବା ଜଣାପଡ଼ିଛି। ତେବେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ରହିଛି।ଜାତୀୟ ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣର ଆଞ୍ଚଳିକ ଅଧିକାରୀ ଅବଦୁଲକାଦିର ୟୁସୁଫ୍ କହିଛନ୍ତି ଯେ, ଡଙ୍ଗାଟିରେ ୮୦ରୁ ଅଧିକ ଲୋକ ଥିଲେ। ସେମାନେ ଚାଷ କାମ ପାଇଁ ଗୋରାଉ ଅଞ୍ଚଳର ଚାଷଜମି ଆଡ଼କୁ ଯାଉଥିଲେ। ଧାନ ଅମଳ ପାଇଁ ଯାଉଥିବା ଚାଷୀ ଓ ଶ୍ରମିକମାନେ ଡଙ୍ଗାରେ ଥିଲେ। ଅତ୍ୟଧିକ ଲୋକ ଥିବାରୁ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ିଯାଇଥିବା ପ୍ରାଥମିକ ଭାବେ କୁହାଯାଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହ ଜରୁରିକାଳୀନ ଉଦ୍ଧାରକାରୀ ଦଳ ନଦୀରେ ଖୋଜାଖୋଜି ଆରମ୍ଭ କରିଥିଲେ।

## ସାଂସଦ ପୁଅଙ୍କ କାର ଧକ୍କାରେ ଓଡ଼ିଆ ଯୁବତୀଙ୍କ ମୃତ୍ୟୁ

**ହାଇଦ୍ରାବାଦ:** ହାଇଦ୍ରାବାଦର ମାଧପୁର ଅଞ୍ଚଳରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଆଷ୍ଟନ୍ ମାର୍ଟିନ୍ (ଏକ ପ୍ରସିଦ୍ଧ ବ୍ରିଟିଶ୍ ଲଗଜରୀ ସ୍ପୋର୍ଟସ୍ ) କାର ଧକ୍କାରେ ଜଣେ ୨୬ ବର୍ଷୀୟ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବତୀ ମୟୂରଭଞ୍ଜର ଭାରତୀ ମୁଖୀ ଥିବା ଜଣାପଡ଼ିଛି। ଭାରତୀ ଲାଇଫଷ୍ଟାଇଲ ସୋ 'ରୁମର ସେଲ୍ସ ଏକ୍ସଜିକ୍ୟୁଟିଭ୍ ଭାବେ କାମ କରୁଥିଲେ। ସୂଚନାଯୋଗ୍ୟ, ଦୁର୍ଘଟଣା ଘଟାଇଥିବା ଆଷ୍ଟନ୍ ମାର୍ଟିନ୍ କାରକୁ ଲିଙ୍ଗାମନେନି ସଞ୍ଜୁଷ ଚଲାଉଥିବା ଜଣାପଡ଼ିଛି। ସଞ୍ଜୁଷଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି। ତାଙ୍କ ବିରୋଧରେ ଅବହେଳା ଓ ଦ୍ରୁତଗତିରେ ଗାଡ଼ି ଚଲାଉଥିବା ଅଭିଯୋଗ ହୋଇଛି। ମାଧପୁର ପୁଲିସ ଭାରତୀୟନ୍ୟାୟ ସଂହିତାର ଧାରା ୧୦୬(୧) ଅନୁଯାୟୀ ମାମଲା ରୁଜୁ କରି କାର୍ ଜବତ କରିଛି ଏବଂ ଅଭିଯୁକ୍ତଙ୍କୁ ନୋଟିସ୍ ଜାରି କରି ତଦନ୍ତ ଜାରି ରଖିଛି। ସଞ୍ଜୁଷ ରାଜ୍ୟସଭା ସାଂସଦ ଲିଙ୍ଗାମନେନି ରମେଶଙ୍କ ପୁଅ ଥିବା ଜଣାପଡ଼ିଛି।

## ସିବିଏସ୍ଇର ଅନସ୍କ୍ରିନ ମାର୍କିଂରେ ସ୍ଥାୟୀ ସମାଧାନ ହେଉ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ:** ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର ଅନସ୍କ୍ରିନ ମାର୍କିଂ (ଓଏସ୍ଏମ୍) ବ୍ୟବସ୍ଥାରେ ଦେଖାଦେଇଥିବା ପ୍ରଯୁକ୍ତିଗତ ତ୍ରୁଟିର ସ୍ଥାୟୀ ସମାଧାନ କରିବାକୁ କେନ୍ଦ୍ର ସରକାର ଓ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ)ଙ୍କୁ କହିଛନ୍ତି ସୁପ୍ରିମକୋର୍ଟ। ଶୁକ୍ରବାର ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କୁ ନେଇ ଗଠିତ ପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୨୫ ଅଗଷ୍ଟରେ ହେବ। ଓଏସ୍ଏମ୍ ମାଧ୍ୟମରେ ଖାତା ଡିଜିଟାଲ୍ ଭାବେ ମୂଲ୍ୟାୟନ କରାଯାଉଥିବା ବେଳେ ଚଳିତ ବର୍ଷ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଏହାକୁ ନେଇ ଅନେକ ଅଭିଯୋଗ ଆସିଥିଲା। ମୂଲ୍ୟାୟନରେ ତ୍ରୁଟି ଯୋଗୁଁ କିଛି ଛାତ୍ରଛାତ୍ରୀଙ୍କ ଫଳାଫଳ ଖରାପ ହୋଇଥିବା ଏବଂ ଏହା ସେମାନଙ୍କ ଉଚ୍ଚଶିକ୍ଷାରେ ନାମଲେଖାକୁ ପ୍ରଭାବିତ କରିଥିବା ଅଭିଯୋଗ କରି ଆବେଦନ



ହୋଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା ଅଦାଲତରେ ଉପସ୍ଥିତ ଥିଲେ। ସରକାର ଏହି ପ୍ରସଙ୍ଗରେ ଏକ ନୋଟ୍ ପ୍ରସ୍ତୁତ କରିଥିବା ସେ କହିଥିଲେ। ତେବେ ଏହାକୁ ଅଦାଲତରେ ଦାଖଲ କରିବା ପୂର୍ବରୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଆବଶ୍ୟକ ବୋଲି ସେ କହିଥିଲେ। ଏହାପରେ ସୋମବାର ସୁଦ୍ଧା ସରକାରଙ୍କ ପକ୍ଷ ଜଣାଇବାକୁ ପୀଠ କହିଥିଲେ।ସରକାରଙ୍କ ଅନୁସାରେ, ମୂଲ୍ୟାୟନକୁ ନେଇ ଅଭିଯୋଗ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ସପ୍ତାହର ପୁନଃମୂଲ୍ୟାୟନ ସୁଯୋଗ ଦିଆଯାଇଥିଲା ଏବଂ ପ୍ରାୟ ୧.୬୮ ଲକ୍ଷ ଛାତ୍ରଛାତ୍ରୀ ଏଥିରୁ ଲାଭ ପାଇଛନ୍ତି। କିନ୍ତୁ ଆବେଦନକାରୀଙ୍କ ପକ୍ଷର ଓକିଲ ରାକେଶ ଖିଞ୍ଜୋଲା କହିଥିଲେ, ଏହି ସଂଖ୍ୟା ପର୍ଯ୍ୟାପ୍ତ ନୁହେଁ। ପ୍ରାୟ ୩ ଲକ୍ଷ ଛାତ୍ରଛାତ୍ରୀ କମ୍ପାର୍ଟମେଣ୍ଟ ପରୀକ୍ଷା ଦେଇଥିବାରୁ ଏବଂ ଅନେକ ଛାତ୍ରଛାତ୍ରୀ ସମୟସୀମା ବିଷୟରେ ଜାଣି ନ ଥିବାରୁ ପୁନଃମୂଲ୍ୟାୟନ ପାଇଁ ଆଉ ଏକ ସପ୍ତାହ ସୁଯୋଗ ଦେବାକୁ ସେ ଦାବି କରିଥିଲେ। ଯେଉଁ ଛାତ୍ରଛାତ୍ରୀ ଆବଶ୍ୟକ ଦସ୍ତାବିଜ ଦେଇପାରି ନ ଥିଲେ କିମ୍ବା ପ୍ରଯୁକ୍ତିଗତ ସମସ୍ୟା ଯୋଗୁଁ ଆବେଦନ କରିପାରି ନ ଥିଲେ, ସେମାନଙ୍କ ତଥ୍ୟ ଦେବାକୁ ମଧ୍ୟ ଖଣ୍ଡପୀଠ ଆବେଦନକାରୀଙ୍କୁ କହିଛନ୍ତି। ଏଥି ସହ ଓଏସ୍ଏମ୍ ସମସ୍ୟାର ସ୍ଥାୟୀ ସମାଧାନ ଦରକାର ବୋଲି କୋର୍ଟ କହିଛନ୍ତି।

## ଭାରତ ପାଇଁ ବିପଦ ପାକ ଓ ଚୀନ

**ନୂଆଦିଲ୍ଲୀ:** ଭାରତ ପାଇଁ ପାକିସ୍ତାନ ତୁରନ୍ତ ସୁରକ୍ଷା ବିପଦ ହୋଇଥିବାବେଳେ ଚୀନ୍ ଏକ ଦୀର୍ଘକାଳୀନ ପ୍ରତିଦ୍ୱନ୍ଦ୍ୱୀ ବୋଲି କହିଛନ୍ତି ପୂର୍ବତନ ସେନାମୁଖ୍ୟ ଜେନେରାଲ ମନୋଜ ନରବଣେ। ଶୁକ୍ରବାର ପ୍ରକାଶିତ ଏକ ରିପୋର୍ଟରେ ଭାରତର ସୁରକ୍ଷା ପରିବେଶ ଓ ଦୁଇ ପଡ଼ୋଶୀ ଦେଶ ସହ ସମ୍ପର୍କ ନେଇ ତାଙ୍କ ମତାମତକୁ ଗୁରୁତ୍ୱ ଦିଆଯାଇଛି।ନରବଣେଙ୍କ ମତରେ, ପାକିସ୍ତାନ ସହ ଭାରତର ସୁରକ୍ଷା ସମସ୍ୟା ଏବେ ମଧ୍ୟ ତୁରନ୍ତ ଓ ପ୍ରତ୍ୟକ୍ଷ। ଅନ୍ୟପଟେ ଚୀନ୍କୁ ସେ ଏପରି ଏକ ଦେଶ ଭାବେ ଦେଖିଛନ୍ତି, ଯାହା ସହ ଭାରତର ପ୍ରତିଯୋଗିତା ଦୀର୍ଘ ସମୟ ଧରି ଚାଲିପାରେ। ତେଣୁ ଦୁଇ ଦେଶରୁ ଆସୁଥିବା ଚ୍ୟାଲେଞ୍ଜକୁ ଏକା ଭାବେ ଦେଖିବା ପରିବର୍ତ୍ତେ ତାହାର ସ୍ୱରୂପ ଅନୁଯାୟୀ ମୁକାବିଲା କରିବା ଆବଶ୍ୟକ ବୋଲି ତାଙ୍କ ମତରୁ ସ୍ପଷ୍ଟ ହୋଇଛି। ପୂର୍ବତନ ସେନାମୁଖ୍ୟଙ୍କ ଏହି ମତାମତ ଭାରତର ସୁରକ୍ଷା ରଣନୀତିରେ ଦୁଇ ପଡ଼ୋଶୀ ଦେଶର ଭିନ୍ନ ଭିନ୍ନ ଭୂମିକାକୁ ଦର୍ଶାଉଛି। ପାକିସ୍ତାନ ସହ ଭାରତର ଦୀର୍ଘଦିନର ସୀମା ଓ ସୁରକ୍ଷା ସମ୍ପର୍କିତ ସମସ୍ୟା ରହିଛି। ଚୀନ୍ ସହ ମଧ୍ୟ ସୀମା ବିବାଦ ରହିଥିବାବେଳେ ଦୁଇ ଦେଶ ମଧ୍ୟରେ ଅର୍ଥନୀତି, ପ୍ରଯୁକ୍ତି ଓ ସାମରିକ କ୍ଷେତ୍ରରେ ପ୍ରତିଯୋଗିତା ରହିଛି। ନରବଣେ ଭାରତୀୟ ସେନାର ମୁଖ୍ୟ ଭାବେ ୨୦୨୦ରୁ ୨୦୨୨ ପର୍ଯ୍ୟନ୍ତ ଦାୟିତ୍ୱରେ ଥିଲେ। ତାଙ୍କ କାର୍ଯ୍ୟକାଳରେ ଚୀନ୍ ସହ ପୂର୍ବ ଲଦାଖ ସୀମା ବିବାଦ ଏବଂ ପାକିସ୍ତାନ ସୀମାର ସୁରକ୍ଷା ପ୍ରସଙ୍ଗ ଭାରତୀୟ ସୁରକ୍ଷା ବ୍ୟବସ୍ଥା ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା। ଏହି ପୃଷ୍ଠଭୂମିରେ ତାଙ୍କ ମତାମତକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଦେଖାଯାଉଛି।

## ତିଆନାନମେନ୍ ସ୍କୋୟାର୍ ସ୍ମାରକୀ ଆୟୋଜକ ଦୋଷୀ ସାବ୍ୟସ୍ତ

**ହଂକଂ:** ୧୯୮୯ ମସିହାର ତିଆନାନମେନ୍ ସ୍କୋୟାର୍ ଗଣହତ୍ୟା ସ୍ମରଣୋତ୍ସବର ଦୁଇଜଣ ପ୍ରମୁଖ ଆୟୋଜକଙ୍କୁ ଚୀନର କମ୍ୟୁନିଷ୍ଟ ଶାସନ ବିରୋଧରେ ଉତ୍ତେଜନା ସୃଷ୍ଟି କରିବା ଅଭିଯୋଗରେ ଶୁକ୍ରବାର ଦୋଷୀ ସାବ୍ୟସ୍ତ କରାଯାଇଛି। "ହଂକଂ ଆଲାଏନ୍ସ"ର ପୂର୍ବତନ ନେତା ଲି ଚିଉକ୍-ୟାନ୍ ଏବଂ ଚୌ ହାଙ୍ଗ-ତୁଙ୍ଗଙ୍କୁ ଚୀନ୍ ଦ୍ୱାରା ଲାଗୁ କରାଯାଇଥିବା ଜାତୀୟ ସୁରକ୍ଷା ଆଇନ ଅଧୀନରେ ବିଚାରପତିମାନେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାରେ ସେମାନଙ୍କୁ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାଦେଶ ହୋଇପାରେ। ଅଦାଲତଙ୍କ ଅନୁସାରେ, ଏହି ସଂଗଠନର "ଏକଚାଟିଆ ଶାସନର ଅନ୍ତ" ଆହ୍ୱାନ କେବଳ ସମ୍ବିଧାନ ଅଧୀନରେ ବହୁଦଳୀୟ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ନଥିଲା, ବରଂ କମ୍ୟୁନିଷ୍ଟ ପାର୍ଟିର ଶାସନକୁ ଉଚ୍ଛେଦ କରିବା ପାଇଁ ଉଦ୍ଦିଷ୍ଟ ଥିଲା।

## ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା

**ମୁମ୍ବାଇ:** ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନ୍ସୁରାନ୍ସ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଏକ ସମ୍ପୂର୍ଣ୍ଣ ଟର୍ମ ପ୍ଲାନ୍ 'ଆଇସିଆଇସିଆଇ ପ୍ରୁ ଆଇପ୍ରୋଟେକଫ ସ୍ମାର୍ଟ ହର୍'ର ଶୁଭାରମ୍ଭ କରିଛି । ଜୀବନ ବିମା ସହିତ ସ୍ୱାସ୍ଥ୍ୟ ଓ ୱେଲନେସ୍ ଲାଭକୁ ଯୋଡ଼ି ମହିଳାମାନଙ୍କର ବଦଳୁଥିବା ସୁରକ୍ଷା ଓ ସ୍ୱାସ୍ଥ୍ୟ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ଯୋଜନାଟି ପ୍ରସ୍ତୁତ କରାଯାଇଛି । ଏହି ଶୁଭାରମ୍ଭ ସମ୍ପର୍କରେ ମତାମତ ଦେଇ ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନ୍ସୁରାନ୍ସର ଚିଫ୍ ପ୍ରୋଡକଫ ଅଫିସର୍ ବିକାଶ ଗୁପ୍ତା କହିଛନ୍ତି, ଭାରତୀୟ ମହିଳାମାନେ ଅନେକ ଭୂମିକା ନିର୍ବାହ କରନ୍ତି। ଫଳରେ, ସେମାନଙ୍କର ଆର୍ଥିକ ଯୋଜନା ଆବଶ୍ୟକତା ଭିନ୍ନ ହୋଇଥାଏ ଏବଂ ଜୀବନର ବିଭିନ୍ନ ପର୍ଯ୍ୟାୟରେ ଏହା ବଦଳିଥାଏଛ 'ଆଇସିଆଇସିଆଇ ପ୍ରୁ ଆଇପ୍ରୋଟେକଫ ସ୍ମାର୍ଟ ହର୍' ମହିଳାମାନଙ୍କର ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଓ ୱେଲନେସ୍ ଆବଶ୍ୟକତାକୁ ପୂରଣ କରିବା ସହିତ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇବା ପାଇଁ ପ୍ରସ୍ତୁତ କରାଯାଇଛି ।


## ମିଆଁମାର ବୌଦ୍ଧ ପୀଠରେ ବିମାନ ଆକ୍ରମଣ: ୧୪ ଶିବିରାର୍ଥୀଙ୍କ ମୃତ୍ୟୁ

**ବ୍ୟାଙ୍କକ୍:** ମ୍ୟାମାରର କେନ୍ଦ୍ରୀୟ ସାଗାଇଂ ଅଞ୍ଚଳରେ ଏକ ବୌଦ୍ଧ ମଠ ଉପରେ ଶୁକ୍ରବାର ସକାଳେ ହୋଇଥିବା ବିମାନ ଆକ୍ରମଣରେ ଧ୍ୟାନ ଶିବିରରେ ଯୋଗ ଦେଇଥିବା ୧୪ ଜଣଙ୍କ ମୃତ୍ୟୁ ହୋଇଛି। ଆଉ ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ମ୍ୟାମାରର ସାଗାଇଂ ଅଞ୍ଚଳ ମ୍ୟାଁଗ୍ ଟାଉନସିପ୍ର ସ୍ୱେଲ୍ ଲେ ଓହ ଗାଁରେ ଏହି ଘଟଣା ଘଟିଛି। ଏହି ଗାଁ ମାଣ୍ଡାଲେଠାରୁ ପ୍ରାୟ ୭୫ କିଲୋମିଟର ପଶ୍ଚିମରେ ଅବସ୍ଥିତ। ଶୁକ୍ରବାର ସକାଳ ପ୍ରାୟ ୯ଟାରେ ଏହି ଆକ୍ରମଣ ହୋଇଥିବା ସ୍ଥାନୀୟ ଅଧିକାରୀ ଓ ବାସିନ୍ଦାଙ୍କ ସୂତ୍ରରୁ ଜଣାପଡ଼ିଛି।ମ୍ୟାଁଗ୍ ଟାଉନସିପ୍ର ସିଭିଲ୍ ଡିଫେନ୍ସ ଆଣ୍ଡ ସିକ୍ୟୁରିଟି ଅର୍ଗାନାଇଜେସନ୍ (ସିଡିଏସ୍ଓଏମ୍)ର ମୁଖପାତ୍ର ନୱେ ଓ କହିଛନ୍ତି, ଏକ ଯୁଦ୍ଧବିମାନ ମଠ ପରିସରକୁ ବୋମା ମାଡ଼ କରିଥିଲା। ଏଥିରେ ୩ ଜଣ ମହିଳାଙ୍କ ସମେତ ୧୪ ଜଣ ପ୍ରାଣ ହରାଇଛନ୍ତି ଏବଂ ୨୦ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ସୂତ୍ର ଅନୁସାରେ, ମଠରେ ଏକ ସପ୍ତାହବ୍ୟାପୀ ଧ୍ୟାନ ଶିବିର ଚାଲିଥିଲା।



ଅନ୍ୟ ଏକ ସ୍ଥାନୀୟ ରିପୋର୍ଟ ଅନୁସାରେ, ଆକ୍ରମଣ ସମୟରେ ମଠରେ ପାଖାପାଖି ୭୦ ଜଣ ବନ୍ୟାପ୍ରଭାବିତ ଲୋକ ମଧ୍ୟ ଆଶ୍ରୟ ନେଇଥିଲେ। ଆକ୍ରମଣରେ ଯୁଦ୍ଧବିମାନ ଦୁଇଟି ବୋମା ପକାଇଥିବା ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି। ଦୁଇ ବୋମା ମଧ୍ୟରେ ପ୍ରାୟ ୧୫ ମିନିଟ୍ର ବ୍ୟବଧାନ ଥିଲା। ଦ୍ୱିତୀୟ ବୋମା ମଠ ନିକଟରେ ଥିବା ଏକ ଘରକୁ କ୍ଷତିଗ୍ରସ୍ତ କରିଥିଲା। ସେହି ଘରେ ଧ୍ୟାନ ଶିବିର ପାଇଁ ୧୦୦ରୁ ଅଧିକ ଲୋକ ଏକାଠି ହୋଇଥିଲେ। ଆକ୍ରମଣ ପରେ ମୃତକଙ୍କ ଅନ୍ତିମ ସଂସ୍କାର କରି ବଞ୍ଚିଥିବା ଲୋକେ ନିକଟସ୍ଥ ଅଞ୍ଚଳକୁ ପଳାଇଥିବା ଜଣାପଡ଼ିଛି।ମ୍ୟାମାରରେ ୨୦୨୧ ଫେବ୍ରୁଆରିରେ ସାମରିକ ଅଭ୍ୟୁତ୍ଥାନ ପରେ ଦୀର୍ଘଦିନ ଧରି ସଂଘର୍ଷ ଚାଲିଛି।

## ଆଲାସ୍କାରେ ଚାର୍ଟର ବିମାନ ଦୁର୍ଘଟଣାଗ୍ରସ୍ତ, ୮ ଜଣଙ୍କ ମୃତ୍ୟୁ



**ୱାସିଂଟନ:** ଆମେରିକାର ଆଲାସ୍କାରେ ଗୁରୁବାର ଏକ ଚାର୍ଟର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ବିମାନରେ ଥିବା ସମସ୍ତ ୮ ଜଣଙ୍କ ମୃତ୍ୟୁ ହୋଇଛି। ପଶ୍ଚିମ ଆଲାସ୍କାର ଦୁର୍ଗମ କେପ୍ ନ୍ୟୁଏନହାମ୍ ଅଞ୍ଚଳ ନିକଟରେ ଏହି ଦୁର୍ଘଟଣା ଘଟିଛି। ଆମେରିକୀୟ ସାମରିକ କର୍ତ୍ତୃପକ୍ଷ ଓ ଅନ୍ୟ ଅଧିକାରୀମାନେ ଏହି ଘଟଣାର ସୂଚନା ଦେଇଛନ୍ତି।ରିପୋର୍ଟ ଅନୁସାରେ, ସିକ୍ୟୁରିଟି ଏଭିଏସନ୍ ପକ୍ଷରୁ ପରିଚାଳିତ ଦୁଇ ଇଞ୍ଜିନ୍ ବିଶିଷ୍ଟ ସେସ୍ନା ୪୪୧ ବିମାନଟି ଆଲାସ୍କାର ଆଙ୍କୋରେଜ୍ରୁ କେପ୍ ନ୍ୟୁଏନହାମ୍ ଅଭିମୁଖେ ଉଡ଼ାଣ ଭରିଥିଲା। ବିମାନରେ ୨ ଜଣ ପାଇଲଟ୍ ଓ ୬ ଜଣ ଯାତ୍ରୀ ଥିଲେ। କେପ୍ ନ୍ୟୁଏନହାମ୍ରେ ପହଞ୍ଚିବା ପୂର୍ବରୁ ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟା ୧୫ରେ କେପ୍ ନ୍ୟୁଏନହାମ୍ ବିମାନବନ୍ଦର ନିକଟରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ବିମାନବନ୍ଦର ଏକ ଦୁର୍ଗମ ଆମେରିକୀୟ ବାୟୁସେନା ଅଞ୍ଚଳରେ ରହିଛି।ଅଞ୍ଚଳଟି ଅତ୍ୟନ୍ତ ଦୁର୍ଗମ ହୋଇଥିବାରୁ ଦୁର୍ଘଟଣା ପରେ ଉଦ୍ଧାର କାର୍ଯ୍ୟ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା। ଘଟଣାର ସୂଚନା ମିଳିବା ପରେ ଆଲାସ୍କା ରେସ୍କ୍ୟୁ କୋଅର୍ଡିନେସନ୍ ସେଣ୍ଟର ପକ୍ଷରୁ ଉଦ୍ଧାର ଅଭିଯାନ ଆରମ୍ଭ କରାଯାଇଥିଲା। ପରେ ଉଦ୍ଧାରକାରୀ ଦଳ ବିମାନରେ କେହି ବଞ୍ଚି ନ ଥିବା ନିଶ୍ଚିତ କରିଥିଲେ। ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଆମେରିକାର ଫେଡେରାଲ୍ ଏଭିଏସନ୍ ଆଡମିନିଷ୍ଟ୍ରେସନ୍ (ଏଫ୍ଏଏ) ଓ ନ୍ୟାସନାଲ୍ ଟ୍ରାନ୍ସପୋର୍ଟେସନ୍ ସେଫ୍ଟି ବୋର୍ଡ (ଏନ୍ଟିଏସ୍ବି) ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ଜେଲରୁ ହସ୍ପିଟାଲ! ଇମ୍ରାନଙ୍କ ସ୍ୱାସ୍ଥ୍ୟକୁ ନେଇ ବଢ଼ିଲା ଚିନ୍ତା

**ଇସ୍ଲାମବାଦ:** ପାକିସ୍ତାନର ରାଜନୀତିରେ ପୁଣି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ। ଦୀର୍ଘ ଦିନ ଧରି ଜେଲରେ ଥିବା ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଉଠୁଥିବା ପ୍ରଶ୍ନ ମଧ୍ୟରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ତାଙ୍କୁ ଅଧରାତିରେ ହସ୍ପିଟାଲକୁ ନିଆଯାଇଛି। ଏହି ଘଟଣା କେବଳ ପାକିସ୍ତାନରେ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଚର୍ଚ୍ଚା ସୃଷ୍ଟି କରିଛି । ପାକିସ୍ତାନ ତେହେରିକ-ଏ-ଇନସାଫ୍ (ପିଟିଆଇ) ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଇମ୍ରାନ ଖାନଙ୍କୁ ଆଡିଆଲା ଜେଲରୁ ଇସଲାମାବାଦର ପ୍ରସିଦ୍ଧ ଶିଫା ଇଣ୍ଟରନ୍ୟାସନାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୁପ୍ରିମକୋର୍ଟ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେବା ପରେ ଏହି ପଦକ୍ଷେପ ନିଆଯାଇଛି। ତେବେ ପରୀକ୍ଷା ପରେ ତାଙ୍କୁ ପୁଣି ଜେଲକୁ ଫେରାଇ



ନିଆଯିବ ନା ହସ୍ପିଟାଲରେ ଚିକିତ୍ସାଧୀନ ରଖାଯିବ, ସେ ନେଇ ଏପର୍ଯ୍ୟନ୍ତ ସ୍ପଷ୍ଟତା ଆସିନାହିଁ।ଇମ୍ରାନଙ୍କ ପରିବାର ଏବଂ ତାଙ୍କ ଦଳ ବାରମ୍ବାର ଦାବି କରିଆସୁଛନ୍ତି ଯେ, ଜେଲରେ ତାଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ମିଳୁନାହିଁ। ବିଶେଷ କରି ତାଙ୍କ ଦୃଷ୍ଟିଶକ୍ତିକୁ ନେଇ ଚିନ୍ତା ବଢ଼ିଛି। ପରିବାର ପକ୍ଷରୁ ଦାବି କରାଯାଇଥିଲା ଯେ, ତାଙ୍କ ଡାହାଣ ଆଖିର ପ୍ରାୟ ୮୫ ପ୍ରତିଶତ ଦୃଷ୍ଟିଶକ୍ତି କ୍ଷତିଗ୍ରସ୍ତ ହୋଇଛି। ଯଦିଓ ସରକାର ଏହି ଦାବିକୁ ଖଣ୍ଡନ କରି କହିଥିଲେ ଯେ, ଚିକିତ୍ସା ପରେ ତାଙ୍କ ଅବସ୍ଥାରେ ଉଲ୍ଲେଖନୀୟ ସୁଧାର ଆସିଛି । ଏପଟେ ସରକାର ମଧ୍ୟ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପୂର୍ଣ୍ଣ ଭାବେ ପାଳନ କରାଯାଉଛି। ଆବଶ୍ୟକ ପଡ଼ିଲେ ଇମ୍ରାନଙ୍କୁ ବିଦେଶରେ ମଧ୍ୟ ଚିକିତ୍ସା ପାଇଁ ପଠାଇବା ନେଇ ବିଚାର କରାଯାଇପାରେ ବୋଲି ସରକାରୀ ମନ୍ତ୍ରୀ ସୂଚନା ଦେଇଛନ୍ତି ।ଏକଦା ପାକିସ୍ତାନ କ୍ରିକେଟର ତଥା ପୂର୍ବ ପିଏମ ଇମ୍ରାନ ଖାନ ୨୦୨୨ ମସିହାରେ ଅନାସ୍ଥା ପ୍ରସ୍ତାବ ମାଧ୍ୟମରେ କ୍ଷମତା ହରାଇଥିଲେ। ଏହାପରେ ଦୁର୍ନୀତି ସମେତ ବିଭିନ୍ନ ମାମଲାରେ ଜଡ଼ିତ ହୋଇ ୨୦୨୩ ମସିହାରୁ ସେ ଜେଲରେ ଅଛନ୍ତି। ତେବେ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ଚାଲିଥିବା ଏହି ନୂଆ ଅଧ୍ୟାୟ ପାକିସ୍ତାନର ରାଜନୀତିକ ମାହୋଲକୁ ପୁଣି ଥରେ ସରଗରମ କରିଦେଇଛି। ଏବେ ସମସ୍ତଙ୍କ ନଜର ରହିଛି ମେଡିକାଲ ବୋର୍ଡର ରିପୋର୍ଟ ଓ ତା'ପରେ ନିଆଯିବାକୁ ଥିବା ସରକାରୀ ନିଷ୍ପତ୍ତି ଉପରେ।

## ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍

# ପଦକ ନିଶ୍ଚିତ କଲେ ତ୍ରିଶା-ଗାୟତ୍ରୀ



ନୂଆଦିଲ୍ଲୀ,୨୧।୮ (ଏଜେନ୍ସି): ତ୍ରିଶା ଜଲି ଓ ଗାୟତ୍ରୀ ଗୋପିଚାନ୍ଦଙ୍କ ଯୋଡି ବିଡବ୍ଲ୍ୟୁଏଫ ବିଶ୍ୱ ଚାମ୍ପିଅନସିପରେ ଇତିହାସ ରଚିଛନ୍ତି । ମହିଳା ଡବଲ୍ସରେ ଭାରତ ପଦକ ଜିତିବା ନିଶ୍ଚିତ ହୋଇଛି । ତ୍ରିଶା ଓ ଗାୟତ୍ରୀ ଭାରତ ପାଇଁ ପଦକ ନିଶ୍ଚିତ କରିଛନ୍ତି । ମହିଳା ଡବଲ୍ସ କ୍ୱାର୍ଟରରେ ତ୍ରିଶା ଓ ଗାୟତ୍ରୀ ଚୀନର ଚତୁର୍ଥ ସିଡ ଜିଆ ୟିଫାନ ଓ ଝାଙ୍ଗସୁ ଜିଆନଙ୍କୁ ୧୬-୨୧, ୨୧-୧୫, ୨୧-୧୩ ଗେମରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଚାମ୍ପିଅନ ହେବାଠାରୁ ଏହି ବିଜୟ କୌଣସି ଗୁଣରେ କମ ନଥିଲା । କାରଣ ୨୦୧୧ ପରେ ବିଡବ୍ଲ୍ୟୁଏଫ ବିଶ୍ୱ ଚାମ୍ପିଅନସିପର ମହିଳା ଡବଲ୍ସରେ ଭାରତର ପଦକ ନିଶ୍ଚିତ ହୋଇଛି । ୨୦୧୧ରେ ଶେଷଥର ପାଇଁ ଅଶ୍ୱିନୀ ପୋନ୍ନାପ୍ପା ଓ ଜ୍ୱାଲା ଗୁଟ୍ଟା ଦେଶ ପାଇଁ ପଦକ ଜିତିଥିଲେ ।

୧୫ ବର୍ଷ ପରେ ତ୍ରିଶା ଓ ଗାୟତ୍ରୀ ଭାରତ ପାଇଁ ପଦକ ନିଶ୍ଚିତ କରି ଗୌରବ ଆଣିଛନ୍ତି । ଯଦି ଉଭୟ ସେମିଫାଇନାଲରେ ବିଜୟ ହୁଅନ୍ତି ତେବେ ପଦକ ରଙ୍ଗ ବଦଳିବ । ନଚେତ ଉଭୟ ପ୍ରତିଯୋଗୀ ଅତିକମରେ ବ୍ରୋଞ୍ଜ ପଦକ ହାସଲ କରିବେ ।





ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ସିଲଭର ମିଟ୍ ପ୍ରତିଯୋଗିତା ଆରମ୍ଭର ଦିନକ ପୂର୍ବରୁ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ ତଥା କ୍ରୀଡା ପ୍ରତିଯୋଗିତାର ମାସ୍କଟ ଓଲି ସହ କୁନି କ୍ରୀଡାବିତଙ୍କ ସେଲଫି ।

# ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ୍:ୟୁନିଟ୍-୩ ହାଇସ୍କୁଲ ବିଜୟ

ଭୁବନେଶ୍ୱର,୨୧।୮ (ସବ୍ୟୁ): ସ୍ଥାନୀୟ ୟୁନିଟ୍-୧ ଫୁଟବଲ ଷ୍ଟାଡିୟମରେ ଭୁବନେଶ୍ୱରର ପରିଚିତ କ୍ରୀଡା ସଂଘ ୟୁନିଟ୍-୬ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ୩୫ତମ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ୟୁନିଟ୍-୩ ସରକାରି ହାଇସ୍କୁଲ ବିଜୟୀ ହୋଇଛି । ଅନୁଷ୍ଠିତ ମ୍ୟାଚରେ ୟୁନିଟ୍-୩ ହାଇସ୍କୁଲ ବିକାଶ ଆବାସିକ ବିଦ୍ୟାଳୟକୁ ଭେଟିଥିଲା । ଏହି ମ୍ୟାଚରେ ୟୁନିଟ୍-୩ ହାଇସ୍କୁଲ ୭-୦ ଗୋଲରେ ବିକାଶ ଆବାଶିକ ବିଦ୍ୟାଳୟକୁ ଧରାଶାୟୀ କରିଛି । ୟୁନିଟ୍-୩ର ଶଙ୍କାଇ ମାରାଣ୍ଡି ସର୍ବାଧିକ ୪ଟି ଗୋଲ, ଗୋରା ବରଡା ୨ଟି ଓ ପରମାନନ୍ଦ ସମଦ ଗୋଟିଏ ଗୋଲ କରି ଦଳକୁ ବିଜୟୀ କରିଥିଲେ । ଭୁବନେଶ୍ୱର ଆଥଲେଟିକ୍ ଆସୋସିଏନର ବରିଷ୍ଠ ସଦସ୍ୟ ପ୍ରିୟନାଥ ମିଶ୍ର ଅତିଥି ଭାବେ ଶଙ୍କାଇ ମାରାଣ୍ଡିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ ।

ଦ୍ୱିତୀୟ ମ୍ୟାଚରେ ନାରାୟଣ ସ୍କୁଲ ୨-୧ ଗୋଲରେ କିଟ ଇଣ୍ଟରନ୍ୟାସନାଲ ସ୍କୁଲକୁ ହରାଇଛି । ନାରାୟଣ ସ୍କୁଲର ବିରାଜ ରାଜ ବେହେରା ଦୁଇଟି ଏବଂ କିଂଟର କରନ ମହାପାତ୍ର ଗୋଲସ୍କୋର କରିଥିଲେ । ଅତିଥି ଗୌର ପ୍ରସାଦ ନନ୍ଦ କରନ ମହାପାତ୍ରଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ ।

## ଓଡ଼ିଶା ରାଜ୍ୟ ୟୁ-୧୭ ଓପନ୍ ରେଟେଡ୍ ଚେସ୍

# ଟାଇଟଲ ଦୌଡ଼ ରୋମାଞ୍ଚକର

ରାଉରକେଲା,୨୧।୮ (ସବ୍ୟୁ): ଓଡ଼ିଶା ରାଜ୍ୟ ଅଣ୍ଡର୍-୧୭ ଓପନ୍ ଏବଂ ଗାର୍ଲ୍ସ ରେଟେଡ୍ ଚେସ୍ ଚାମ୍ପିଅନସିପ୍ ୨୦୨୬ର ଦ୍ୱିତୀୟ ଦିନରେ ଉଭୟ ବର୍ଗର ଅଗ୍ରଣୀ ବୋର୍ଡଗୁଡ଼ିକରେ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଏବଂ କଡ଼ା ମୁକାବିଲାର ଖେଳ ଦେଖିବାକୁ ମିଳିଥିଲା । ଚାମ୍ପିଅନସିପ୍ ୨୦ ରୁ ୨୩ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ରାଉରକେଲାର ବିର୍ସା ମୁଣ୍ଡା ଆଥଲେଟିକ୍ସ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି, ଯେଉଁଠାରେ ଯୁବ ଖେଳାଳିମାନେ ପ୍ରଥମ ଚାଲରୁ ୯୦ ମିନିଟ୍ ସହିତ ୩୦ ସେକେଣ୍ଡ ଇନ୍‌କ୍ରିମେଣ୍ଟର କ୍ଲାସିକାଲ୍ ଟାଇମ୍ କଣ୍ଟ୍ରୋଲ୍ ଅଧୀନରେ ପ୍ରତିଯୋଗିତା କରୁଛନ୍ତି । ଚତୁର୍ଥ ରାଉଣ୍ଡର ଫଳାଫଳ ଲିଡରବୋର୍ଡକୁ ଗୁରୁତ୍ୱପୂର୍ଣ୍ଣ ଭାବେ ପ୍ରଭାବିତ କରିଛି । ଗାର୍ଲ୍ସ ବିଭାଗରେ ଶ୍ରଦ୍ଧା ସ୍ମରଣିକା ନନ୍ଦ ଚାରି ପଏଣ୍ଟର ପରିପୂର୍ଣ୍ଣ ସ୍କୋର ସହ ଏକକ ଅଗ୍ରଣୀ ହୋଇଛନ୍ତି, ଯେତେବେଳେ ପ୍ରତ୍ୟାଶା ଜେନା, ନୈନିକା ସାହୁ ଏବଂ ବାହୁବଳେନ୍ଦ୍ରଣୀ କାମାକ୍ଷ୍ୟା ୩ ପଏଣ୍ଟ ସହ ପଛରେ ରହିଛନ୍ତି । ଓପନ୍ ବିଭାଗରେ ଲଳିତ ରଞ୍ଜନ ସାହୁ ଏବଂ ଆୟୁଷ ଆର୍ଯ୍ୟନ ମହାପାତ୍ର ଚାରି ରାଉଣ୍ଡ ପରେ ପ୍ରତ୍ୟେକେ ଚାରି ପଏଣ୍ଟ ହାସଲ କରି ଯୁଗ୍ମ ଅଗ୍ରଣୀ ଭାବେ ଉଭା ହୋଇଛନ୍ତି । ବରିଷ୍ଠ ସାମ୍ବାଦିକ କୁଞ୍ଜ ବିହାରୀ ରାଉତ ଏବଂ ଶିଶିର ମହାନ୍ତି ଚତୁର୍ଥ ରାଉଣ୍ଡ ସମୟରେ ଭେନ୍ୟୁ ପରିଦର୍ଶନ କରି ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଚାମ୍ପିଅନସିପ୍ ଓଡ଼ିଶାର ପ୍ରତିଭାଶାଳୀ ଅଣ୍ଡର୍-୧୭ ଖେଳାଳିମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଯୋଗାଇ ଚାଲିଛି, ଯେଉଁଠାରେ ଶୀର୍ଷ ପ୍ରଦର୍ଶନକାରୀମାନେ ଆଗାମୀ ନ୍ୟାସନାଲ୍ ଅଣ୍ଡର୍-୧୭ ଓପନ୍ ଏବଂ ଗାର୍ଲ୍ସ ଚେସ୍ ଚାମ୍ପିଅନସିପରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ପାଇଁ ଚୟନ ଲକ୍ଷ୍ୟରେ ଅଛନ୍ତି ।

# ୨୨ ବର୍ଷ ପରେ ଦୋଶମୁକ୍ତ ହେଲେ ଜ୍ୟାକବ



ନୂଆଦିଲ୍ଲୀ,୨୧।୮ (ଏଜେନ୍ସି): ନକଲି ୟୁକେ ଇମିଗ୍ରେସନ ଷ୍ଟାମ୍ପ, ବେଆଇନ ଅନ୍ତର୍ଜାତୀୟ ଆର୍ଥିକ କାରବାର ଅଭିଯୋଗରେ ତାଙ୍କ କ୍ରିକେଟ କ୍ୟାରିୟର ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା । ଖେଳାଳି କୋଟାରେ ରେଳବାଇରେ ଯେଉଁ ଚାକିରି ଖଣ୍ଡକ ମିଳିଥିଲା ତାହା ବି ଚାଲିଗଲା । ଏବେ ୨୨ ବର୍ଷ ପରେ କୋର୍ଟ ତାଙ୍କ ରାୟ ଶୁଣାଇଇଛନ୍ତି । କ୍ରିକେଟର ଜ୍ୟାକବ ମାର୍ଟିନଙ୍କ ବିରୋଧରେ ହୋଇଥିବା ସମସ୍ତ ଅଭିଯୋଗ ପ୍ରମାଣିତ ହୋଇପାରିନାହିଁ । ତେଣୁ ସେ ଦୋଷମୁକ୍ତ । ଏହି ମାମଲାରେ ପଟିଆଲା ହାଉସକୋର୍ଟ ଦୋଷମୁକ୍ତ କରିବା ପରେ ମିଡିଆ ଆଗରେ ଦୁଃଖ କହିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ଜ୍ୟାକବ ମାର୍ଟିନ । ୨୨ ବର୍ଷ ଧରି ଚାଲିଥିବା ଏକ ଅପରାଧିକ ମାମଲାରେ ମାର୍ଟିନଙ୍କୁ ଦୋଷମୁକ୍ତ କରାଯାଇଛି । ୨୦୦୪ ମସିହାରେ ଦାଖଲ ହୋଇଥିବା ଏକ ଏଫଆଇଆର ଆଧାରରେ ତାଙ୍କ ବିରୋଧରେ ଜାଲିଆତି, ଠକେଇ, ଷଡଯନ୍ତ୍ର ଏବଂ ପାସପୋର୍ଟ ଆଇନ ଅଧିନରେ ମାମଲା ରୁଜୁ ହୋଇଥିଲା । ଅଭିଯୋଗ ଗୁଡିକ ପ୍ରମାଣ କରିବା ପାଇଁ ଆବଶ୍ୟକ ବିଶ୍ୱାସନୀୟ ପ୍ରମାଣ ମିଳିନଥିବାରୁ କୋର୍ଟ ତାଙ୍କ ସମସ୍ତ ଅଭିଯୋଗରୁ ମୁକ୍ତ କରିଛନ୍ତି । ତାଙ୍କ ବିରୋଧରେ ହୋଇଥିବା ମାମଲାରେ ଧାରା ୪୨୦, ୪୬୮, ୪୭୧ ଏବଂ ୧୨୦ ବି ସହ ପାସପୋର୍ଟ ଆଇନଧାରା ୧୨ ଅଧିନରେ ଅଭିଯୋଗ କରାଯାଇଥିଲା । କିନ୍ତୁ ଶୁଣାଣି ସମୟରେ ମାର୍ଟିନଙ୍କ ବିରୋଧରେ ଆର୍ଥିକ କାର ବାର ନେଇ ଠୋସ ପ୍ରମାଣ ମିଳିନଥିଲା । ମାମଲାର ଅନେକ ସାକ୍ଷୀ ମଧ୍ୟ ତାଙ୍କ ବିରୋଧରେ ଥିବା ଅଭିଯୋଗକୁ ସ୍ପଷ୍ଟ ଭାବେ ସମର୍ଥନ କରିପାରିନଥିଲେ ।

୨୦୦୪ରେ ତାଙ୍କର ଏକ ଦଳ ଇଂଲଣ୍ଡଗସ୍ତରେ ଯାଇଥିଲା । ଦଳର ପ୍ରାୟ ସମସ୍ତ ସଦସ୍ୟ ଭାରତ ଫେରିଥିବା ବେଳେ ଜଣେ ଖେଳାଳି ବ୍ରିଟେନରେ ଅଧିକ ଦିନ ରହିଯାଇଥିଲେ । ମାର୍ଟିନଙ୍କ କହିବା ଅନୁସାରେ ଖେଳାଳିଙ୍କ ଭିଷାର ବୈଧତା ୬ ମାସ ଥିଲା । କିନ୍ତୁ ଖେଳାଳି ଜଣକ ବ୍ରିଟେନରେ ଅଧିକ ସମୟ ରହିଯାଇଥିଲା । ପରେ ଜଣେ ବ୍ୟକ୍ତିଙ୍କ ସହାୟତାରେ ପାସପୋର୍ଟରେ ଜାଲି ଇମିଗ୍ରେସନ ଷ୍ଟାମ୍ପ ଲଗାଇ ଭାରତ ଫେରିଥିବା ଅଭିଯୋଗ ହୋଇଥିଲା । ଭାରତ ଫେରିବା ପରେ ଦିଲ୍ଲୀର ଆଇଜି ବିମାନବନ୍ଦରରେ ଧରାଯାଇ ପଚାର ଉଚରା କରାଯାଇଥିଲା । ମୂଳ ଏଫଆଇଆରରେ ତାଙ୍କ ନାଁ ନଥିଲା । କିନ୍ତୁ ପରବର୍ତ୍ତୀ ତଦନ୍ତ ସମୟରେ ତାଙ୍କ ମାମଲାରେ ସାମିଲ କରାଯାଇଥିଲା । ଜଣେ ଅନ୍ତର୍ଜାତୀୟ କ୍ରିକେଟର ଭାବେ ତାଙ୍କ ପରିଚୟ ଯୋଗୁଁ ତାଙ୍କ ନାଁ ମାମଲାରେ ଜାଣିଶୁଣି ସାମିଲ କରାଯାଇଥିବା ସେ କହିଛନ୍ତି । ୨୨ ଧରି ଚାଲିଥିବା ମାମଲା ତାଙ୍କ ଜୀବନରେ ବହୁ ଚାପ ସୃଷ୍ଟି କରିଥିବା ମାର୍ଟିନ କହିଛନ୍ତି । ଏହି ମାମଲା ଯୋଗୁଁ ସେ ରେଳବାଇ ଚାକିରି ହରାଇଥିଲେ । ଦୀର୍ଘ ସମୟ ଧରି ଏହି ମାମଲାର କୌଣସି ସ୍ପଷ୍ଟ ସମାଧାନ ନମିଳିବାରୁ ସେ ମାନସିକ ଚାପରେ ରହିଥିଲେ ବୋଲି କହିଛନ୍ତି । ମାର୍ଟିନଙ୍କ ପାଇଁ ଏହି ରାୟ ଜୀବନର ଏକ ନୂଆ ଅଧ୍ୟାୟ ବୋଲି କୁହାଯାଉଛି ।

## ଫାଓ ଦ୍ୱିତୀୟ ଡିଭିଜନ ଲିଗ୍

# ଲାଲବାଗ, ଉଦୟ କ୍ଲବ ବିଜୟୀ



ଭୁବନେଶ୍ୱର,୨୧।୮ (ସବ୍ୟୁ): ଫାଓ ଦ୍ୱିତୀୟ ଡିଭିଜନ ଲିଗର ତୃତୀୟ ଦିନ ଅନୁଷ୍ଠିତ ଦୁଇଟି ମ୍ୟାଚରେ ଲାଲବାଗ କ୍ଲବ ଏବଂ ଉଦୟ କ୍ଲବ ବିଜୟୀ ହୋଇଛନ୍ତି । ପଞ୍ଚମ ମ୍ୟାଚରେ ଲାଲବାଗ୍ କ୍ଲବ ୨-୧ ଗୋଲରେ ଏସବିଆଇ ସ୍ପୋର୍ଟ୍ସ କ୍ଲବକୁ ପରାଜିତ କରିଥିଲା । ମ୍ୟାଚର ନବମ ମିନିଟରେ ଏସବିଆଇର କୃଷ୍ଣ ଚନ୍ଦ୍ର ମୁର୍ମୁ ଗୋଲ ସ୍କୋର କରିଥିଲେ । ଲାଲବାଗ ପକ୍ଷରୁ ୨୦ତମ ମିନିଟରେ ଉଦୟ ସାମଲ ଏବଂ ୩୦ତମ ମିନିଟରେ ରକି ସାମଲ ଗୋଲ କରିବାରୁ ଦଳ ଅଗ୍ରଣୀ ସହ ୨-୧ ବ୍ୟବଧାନରେ ବିଜୟୀଲାଭ କରିଥିଲା । ଏହି ବିଜୟ ସହ ଲାଲବାଗ କ୍ଲବକୁ ୩ ପଏଣ୍ଟ ମିଳିଛି ।

ଷଷ୍ଠ ମ୍ୟାଚରେ ଉଦୟ କ୍ଲବକୁ ଭେଟିଥିଲା ଅର୍ବାନ ଆଡଭେଞ୍ଚର କ୍ଲବ । ଏହି ମ୍ୟାଚରେ ଉଦୟ କ୍ଲବ ୨-୧ ଗୋଲରେ ଅର୍ବାନ ଆଡଭେଞ୍ଚର କ୍ଲବକୁ ହରାଇଥିଲା । ଉଦୟ କ୍ଲବର ସୌମ୍ୟ ରଞ୍ଜନ ରାଉତ ୨୬ଓ ୫୧ତମ ମିନିଟରେ ଦୁଇଟି ତଥା ଅର୍ବାନ ଆଡଭେଞ୍ଚର କ୍ଲବର ପରାଶୁ ହାଂସଦା ୨୧ ମିନିଟ ଗୋଲ କରିଥିଲେ ।

# ଟେଷ୍ଟ ନଂ. ୩ ସ୍ଥାନ ପାଇଁ ପଡ଼ିକାଲ ଉପଯୁକ୍ତ

ନୂଆଦିଲ୍ଲୀ,୨୧।୮ (ଏଜେନ୍ସି): ୨୦୨୧ରେ, ସେତେବେଳେ ୨୧ ବର୍ଷୀୟ ଦେବଦତ୍ତ ପଡିକାଲ ଶ୍ରୀଲଙ୍କାର ଏକ ହ୍ୱାଇଟ୍-ବଲ୍ ଟୁରରେ ଦଳ ସହ ଥିଲେ । କିନ୍ତୁ ଖେଳିବାକୁ ସୁଯୋଗ ପାଇନଥିଲେ । ସେଠାରେ ନିଜର ଏକମାତ୍ର ଦିନିକିଆ ଖେଳିଥିବା କୃଷ୍ଣପ୍ପା ଗୌତମ ତାଙ୍କୁ ଏପରି ବ୍ୟବହାର କରୁଥିବା ମନେ ପକାଇଛନ୍ତି, ଯେପରି ସେ ସେଠାରେ ଖେଳିବାକୁ ଯୋଗ୍ୟ ଥିଲେ । "୨୦୨୧ରେ ଯେତେବେଳେ ଆମେ ଏକାଠି ଶ୍ରୀଲଙ୍କାରେ ଥିଲୁ, ସେ ଖେଳିବାର କୌଣସି ସୁଯୋଗ ପାଇନଥିଲେ । କିନ୍ତୁ ସବୁବେଳେ ସକ୍ରିୟ ଥିଲା । ସେ ଖେଳକୁ ପଢୁଥିଲେ । ସେ ଭାବୁଥିଲେ, 'ଯଦି ଏହି ଫିଲ୍ଡ ଥାଏ, ତେବେ ବୋଲର କେଉଁ ପ୍ରକାରର ବଲ୍ ପକାଇବ? ସେ ସେତେବେଳେ ମଧ୍ୟ ଖେଳକୁ ପଢୁଥିଲେ, ଏବଂ ଏବେ ସେ ଖେଳକୁ ଆହୁରି ଭଲ ଭାବେ ବୁଝୁଛନ୍ତି । ପାଞ୍ଚ ବର୍ଷ ପରେ, ଗାଲେରେ, ସେହି ଉତ୍ସୁକତା ତାଙ୍କର ପ୍ରଥମ ଟେଷ୍ଟ ଶତକ ଏବଂ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତର ୧୬୫ ରନର ବିଜୟରେ ତାଙ୍କ ସ୍ମୃତି ତାଜା ହେଲା । ପଡିକଲ ଶ୍ରୀଲଙ୍କାରେ ଭଲ ପ୍ରସ୍ତୁତି ସହ, ଅଧିକ ଶକ୍ତିଶାଳୀ ଶରୀର ଏବଂ ସେ କେଉଁ ପ୍ରକାରର କ୍ରିକେଟର ହେବାକୁ ଚାହୁଁଥିଲେ ତାହାର ଅଧିକ ସ୍ପଷ୍ଟ ଧାରଣା ସହ ପହଞ୍ଚିଥିଲେ । କର୍ଣ୍ଣାଟକ ଇନଷ୍ଟ୍ୟୁଟି ଅଫ୍ କ୍ରିକେଟରେ ପଡିକଲଙ୍କ କୋଚ୍ ମହମ୍ମଦ ନସୀରୁଦ୍ଦିନ ପରଦା ପଛରେ ହୋଇଥିବା ପରିଶ୍ରମକୁ ଦେଖିଥିଲେ ।

"ଭାରତର ଶ୍ରୀଲଙ୍କା ଗସ୍ତ ପୂର୍ବରୁ, ଆମର ଏକ ଆଲୋଚନା ହୋଇଥିଲା, ଏବଂ ସେ କହିଥିଲେ ଯେ ମୁଁ ଯେଉଁଠି ବି ସୁଯୋଗ ପାଇବି, ଯେଉଁ ନମ୍ବରରେ ବି ବ୍ୟାଟିଂ କରିବି, ମୋତେ ପ୍ରଦର୍ଶନ କରିବାକୁ ଏବଂ ସୁଯୋଗକୁ ହାତଛଡ଼ା ନକରିବାକୁ ପଡ଼ିବ ବୋଲି ପଡ଼ିକାଲ କହିଥିଲେ ।

ଟେଷ୍ଟରେ, ପ୍ରାୟ ୭୦ ପ୍ରତିଶତ ଆକ୍ରମଣ ସ୍ପିନ୍ ହୋଇଥାଏ, ତେଣୁ ପ୍ରତ୍ୟେକ ସେସନରେ ଆମେ ନିଶ୍ଚିତ କରୁଥିଲୁ ଯେ ବିଭିନ୍ନ ପ୍ରକାରର ସ୍ପିନରଙ୍କୁ ସାମ୍ନା କରିବୁ । ଆମ ପାଖରେ ଲମ୍ବା ସ୍ପିନର, ଛୋଟ ଉଚ୍ଚତାର ସ୍ପିନର ଏବଂ ସାମାନ୍ୟ ଦ୍ରୁତ ଗତିର ସ୍ପିନର ଥିଲେ । ଆମେ ଏହା ମଧ୍ୟ ନିଶ୍ଚିତ କରୁଥିଲୁ ଯେ ପ୍ରତ୍ୟେକ ସେସନରେ ଦୁଇରୁ ତିନି ଜଣ ବାମହାତୀ ସ୍ପିନର ରହନ୍ତୁ । ସେ ଏହିପରି ଭାବେ ପ୍ରସ୍ତୁତି ନେଇଥିଲେ ।

"ପ୍ରଥମ ଇନିଂସର ଆରମ୍ଭରେ, ସେ ଜୟସୂର୍ଯ୍ୟଙ୍କ ବିପକ୍ଷରେ ଏକ ଛକା ମାରିଥିଲେ । ତାହା କେବଳ ଫିଲ୍ଡକୁ ଛିନ୍ନଭିନ୍ନ କରିବା ନିଶ୍ଚିତ କରିବା ପାଇଁ ଥିଲା । ଏହା ପରେ, ସେ ଗୋଟିଏ ଏବଂ ଦୁଇ ରନ୍ ନେଇ ଏବଂ ମଝିରେ ମଝିରେ ବାଉଣ୍ଡାରୀ ମାରି ନିଜ ଇନିଂସ ଗଢ଼ିବା ଆରମ୍ଭ କରିଥିଲେ । ଏଥିସହ ନଂ.୩ ସ୍ଥାନରେ ଭାରତ ପାଇଁ ଜଣେ ନିର୍ଭରଯୋଗ୍ୟ ବ୍ୟାଟର ଭାବେ ନିଜକୁ ପ୍ରମାଣିତ କରିପାରିଛନ୍ତି ।





ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଲାସିଫାଇଡ଼ ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

# କଳିଙ୍ଗରେ ଲନ୍ ବଲ୍ କୋର୍ଟ କେବେ?: କ୍ରୀଡ଼ାମନ୍ତ୍ରୀଙ୍କୁ ଦାବି ଜଣାଇଲା ରାଜ୍ୟ ସଂଘ

ଭୁବନେଶ୍ୱର,୨୧।୮ (ସବ୍ୟୁ): ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତା ଏବଂ ସଫଳତା ପଥରେ ଅଗ୍ରସର ଥିବା ଲନ୍ ବଲ୍ ଖେଳର ଏକ ଭିତ୍ତିଭୂମୀ ରାଜଧାନୀରେ ପ୍ରତିଷ୍ଠା ପାଇଁ ଅହେତୁକ ବିଳମ୍ବ ହେଉଥିବାରୁ ଏ ନେଇ ଓଡ଼ିଶା ରାଜ୍ୟ ବୋଲିଂ ସଂଘ (ଓଏସ୍ୱିଏ) ପକ୍ଷରୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି । ଶୁକ୍ରବାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ତାଙ୍କ ବାସଭବନରେ ଭେଟି ଓଏସ୍ୱିଏ ସମ୍ପାଦକ ସୁମିତ ରଂଜନ ପୁରୋହିତ, ଖୋର୍ଦ୍ଧା ଜିଲ୍ଲା ବୋଲିଂ ସଂଘ ସମ୍ପାଦକ ସୁରେଶ ସ୍ୱାଇଁ, ଖେଳାଳିରୁ ପ୍ରଶିକ୍ଷକ ହୋଇଥିବା କୈଳାଶ ମାଝୀ ରାଜ୍ୟ ସଂଘର ସଫଳତା, ଖେଳାଳିଙ୍କ ପ୍ରଦର୍ଶନର ତାଲିକା ପ୍ରଦାନ ପୂର୍ବକ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ରେ ଏକ ଲନ୍ ବଲ୍ କୋର୍ଟ ନିର୍ମାଣ ପାଇଁ ଦାବି କରିଥିଲେ । ମନ୍ତ୍ରୀ ଏ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ନେବାକୁ ସକରାତ୍ମକ ସଙ୍କେତ ଦେଇଥିଲେ ।

ସୂଚନାଯୋଗ୍ୟ କିଛି ବର୍ଷ ତଳେ ଓଡ଼ିଶା ସରକାର ଘୋଷଣା କରିଥିଲେ ଭୁବନେଶ୍ୱର ଓ ବଲାଙ୍ଗୀରଠାରେ ଲନ୍ ବଲ୍ କୋର୍ଟ ନିର୍ମାଣ କରାଯିବ । ଚଳିତ ବର୍ଷ ଜାନୁଆରି ମାସରେ ବଲାଙ୍ଗୀରଠାରେ ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ ସ୍ତରର ଲନ୍ ବଲ୍ କୋର୍ଟକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦ୍ଘାଟନ କରିଥିଲେ । ୨୦୨୪ ମସିହାରେ କଳିଙ୍ଗ ଷ୍ଟାଡିୟମ୍ ଲନ୍ ଟେନିସ୍ କୋର୍ଟ ପରିସରରେ ଅସ୍ଥାୟୀ ଲନ୍ ବଲ୍ କୋର୍ଟ ସହିତ ରାଜ୍ୟ ପ୍ରତିଯୋଗିତା ମଧ୍ୟ ସଫଳତାର ସହ ଆୟୋଜିତ ହୋଇଥିଲା । ତେବେ କଳିଙ୍ଗ କଂପ୍ଲେକ୍ସ ପରିସରରେ ଏକ ଆନୁଷ୍ଠାନିକ ସ୍ଥାୟୀ



ଲନ୍ ବଲ୍ କୋର୍ଟ ପାଇଁ ସରକାର ରଖିଥିବା ପ୍ରସ୍ତାବ ଶୀତଳ ଭଣ୍ଡାରକୁ ଚାଲିଯାଇଥିବାରୁ ରାଜଧାନୀରେ ଖେଳାଳିମାନେ ଅଭ୍ୟାସରୁ ବଞ୍ଚିତ ହେଉଛନ୍ତି ଏବଂ ଆୟୋଜକମାନେ ମଧ୍ୟ ଭିତ୍ତିଭୂମି ପ୍ରତିବଂଧକର ସମ୍ମୁଖୀନ ହେଉଛନ୍ତି । ରାଜ୍ୟ ପ୍ରତିଯୋଗିତାରେ ବଲାଙ୍ଗୀର ଖେଳାଳିଙ୍କ ଆଧିପତ୍ୟ ରହିଥିଲେ ମଧ୍ୟ ଖୋର୍ଦ୍ଧା ଜିଲ୍ଲା ଖେଳାଳି ପ୍ରଥମ ଥର ଚଳିତ ବର୍ଷ ୨ ପଦକ ଜିତି ନୂଆ ଧାରା ଆରମ୍ଭ କରିଥିଲେ । କିନ୍ତୁ ସ୍ଥାୟୀ ଲନ୍ ବଲ୍ ଭିତ୍ତିଭୂମିର ଅଭାବ କାରଣରୁ ଏହି ଖେଳ ରାଜଧାନୀରେ ବିଶେଷ ଅଗ୍ରଗତିର ପ୍ରଭାବ ପକାଇପାରିନାହିଁ । ଦ୍ୱିତୀୟତଃ ମାତ୍ର ୬ ବର୍ଷର ଯାତ୍ରା ଭିତରେ ରାଜ୍ୟରେ ଲନ୍ ବଲ୍ ଖେଳ ଜାତୀୟ କ୍ରୀଡ଼ା ଓ ଜାତୀୟ ପ୍ରତିଯୋଗିତା ପଦକ ଜିତିପାରିଥିବାରୁ ଏହା ବିଶେଷ ଭାବେ ଦୃଷ୍ଟି ଆକର୍ଷଣର ହକ୍‌ଦାର ହୋଇଛି । ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଅନେକ ଖେଳରେ ଓଡ଼ିଶା ଜାତୀୟ ପଦକ ପାଇଁ ସଂଘର୍ଷ କରୁଥିବାବେଳେ ଓଡ଼ିଶା ଲନ୍ ବଲ୍ ଦଳ ୨୦୨୪ରେ ଗୋଆ ଜାତୀୟ କ୍ରୀଡ଼ାରୁ ୩ କାଂସ୍ୟ ଏବଂ ୨୦୨୫ ଉତ୍ତରାଖଣ୍ଡ ଜାତୀୟ କ୍ରୀଡ଼ାରୁ ୨ ରୌପ୍ୟ ପଦକ ଜିତିଥିଲା । ଏପରିକି ବିଗତ ଦୁଇ ଜାତୀୟ ଲନ୍ ବଲ୍ ପ୍ରତିଯୋଗିତାରୁ ୨ ରୌପ୍ୟ ଏବଂ ୮ କାଂସ୍ୟ ପଦକ ଜିତି କ୍ରମାଗତ ସଫଳତା ଅର୍ଜନ କରିଚାଲିଛି । ଏହି କ୍ରମରେ ରାଜ୍ୟର ପ୍ରଥମ ଲନ୍ ବଲ୍ ଖେଳାଳି ଭାବେ ରାଜେଶ୍ୱରୀ ସେଠ୍ ଚଳିତ ବର୍ଷ ଏସୀୟ ପ୍ରତିଯୋଗିତା ଲାଗି ଭାରତୀୟ ଦଳରେ ସ୍ଥାନ ପାଇବା ଏବଂ ରୋଶନୀ ସାହୁ ସମ୍ଭାବ୍ୟ ଦଳରେ ସୁଯୋଗ ପାଇବା ଉଲ୍ଲେଖନୀୟ ଅଗ୍ରଗତିର ସଙ୍କେତ ଥିଲା । ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ କଳିଙ୍ଗ ଷ୍ଟାଡିୟମ୍ରେ ତୁରନ୍ତ ଲନ୍ ବଲ୍ କୋର୍ଟ ପ୍ରତିଷ୍ଠା କରିବାକୁ ଓଏସ୍ୱିଏ ସମ୍ପାଦକ ଶ୍ରୀ ପୁରୋହିତ ଦାବି କରିଛନ୍ତି ।

ସମୟ ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod IOS

Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି